


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

**ଜିଲ୍ଲା ପ୍ରତିନିଧି ଆବଶ୍ୟକ**

ଦୈନିକ 'ସଂଚାର' ଓ 'ସଂଚାର ଡିଜିଟାଲ' ପାଇଁ ନିମ୍ନଲିଖିତ ଜିଲ୍ଲା ପାଇଁ 'ଜିଲ୍ଲା ପ୍ରତିନିଧି' ଆବଶ୍ୟକ। ଅନ୍ୟୁନ ତିନି ବର୍ଷର ଅଭିଜ୍ଞତା ଥିବା ସାମ୍ବାଦିକମାନେ ଆବେଦନ କରିପାରିବେ। ଆଗ୍ରହୀ ବ୍ୟକ୍ତି ୭ ଦିନ ମଧ୍ୟରେ ଆବେଦନ କରିପାରିବେ। ଜିଲ୍ଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ, ଯାଜପୁର, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୁଳ।

**ଯୋଗାଯୋଗ**

Mail :- sancharodisha@gmail.com
Whatsapp :- +91 8093008776

Vol. 33 | ISSUE 264 | ଭାଗ ୩୩ | ସଂଖ୍ୟା ୨୬୪ Wednesday 17 December 2025 | Page 8 Rs. 5.00 ● ଭୁବନେଶ୍ୱର ବୁଧବାର ୧୭ ଡିସେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

### ଘନ କୁହୁଡ଼ି ହେଲା କାଳ

# ଜୀଅନ୍ତା ଜଳିଗଲେ ଯାତ୍ରୀ

**ଯମୁନା ଏକ୍ସପ୍ରେସ ୱେରେ ସିରିଜ୍ ଦୁର୍ଘଟଣା**

**୧୩ ମୃତ, ୬୦ରୁ ଅଧିକ ଆହତ**



ନୂଆଦିଲ୍ଲୀ,୧୬।୧୨: ଯମୁନା ଏକ୍ସପ୍ରେସ ୱେରେ ଭୟଙ୍କର ଦୁର୍ଘଟଣା। ଜଳିଗଲା ବସ ଏବଂ କାର। ଘନ କୁହୁଡି ଯୋଗୁଁ ମଥୁରାରେ ଭୟଙ୍କର ଦୁର୍ଘଟଣା ହୋଇଛି। ଫଳରେ ୧୩ଜଣ ପ୍ରାଣ ହରାଇଥିବା ସୂଚନା ମିଳିଛି। ଏହାସହ ୬୦ରୁ ଅଧିକ ଆହତ ହୋଇଛନ୍ତି।

ସୂଚନାନୁସାରେ, ସୋମବାର ବିଳମ୍ବିତ ରାତ୍ରରେ ମଥୁରା ଦେଇ ଯାଇଥିବା ଯମୁନା ଏକ୍ସପ୍ରେସରେ ଭୟଙ୍କର ଦୁର୍ଘଟଣା ହୋଇଛି। ଆଗ୍ରାରୁ ନୋଏଡା ଅଭିମୁଖେ ଯାଉଥିବା ୬ଟି ବସ୍ ଏବଂ ଦୁଇଟି କାର୍ ପରସ୍ପର ସହ ଧକ୍କା ହୋଇଥିଲେ। ପ୍ରବଳ କୁହୁଡି ପାଇଁ ଦୁର୍ଘଟଣା ଘଟିଥିଲା। ତେବେ ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ବାହାନ ଗୁଡିକରେ ନିଆଁ ଲାଗିଯାଇଥିଲା। ସୂଚନା ପାଇବା ପରେ ଘଟଣାସ୍ଥଳରେ ଦମକଳ ବାହିନୀ ଏବଂ ପୋଲିସ ପକ୍ଷରୁ ଉଦ୍ଧାରକାର୍ଯ୍ୟ ଜାରି ରହିଛି। ମଥୁରା ପୁଲିସର କହିବାନୁସାରେ, ଏକ୍ସପ୍ରେସ ୱେରେ ଭୟଙ୍କର ଦୁର୍ଘଟଣା ଘଟିଛି। ଅଗ୍ନିକାଣ୍ଡ ଘଟିବା ପରେ କିଛି ଯାତ୍ରୀ ବସରୁ ➪ପୃଷ୍ଠା-୬

### ଓଡ଼ିଶା ଫାର୍ମା ସମ୍ମିଳନୀ

# ୬୨୬୩ କୋଟିର ୪୫ ଏମ୍‌ଓୟୁ

**ଓଡ଼ିଶା ଫାର୍ମାସ୍ୟୁଟିକାଲ ଓ ମେଡିକାଲ ଡିଭାଇସ ନୀତି-୨୦୨୫ର ଶୁଭାରମ୍ଭ**

**୩୮,୪୦୬ ନିଯୁକ୍ତି ସୃଷ୍ଟି ସମ୍ଭାବନା**

**ଖୋର୍ଦ୍ଧାରେ ଫାର୍ମା ପାର୍କ ଓ ମେଡିକାଲ ଡିଭାଇସ ପାର୍କ ପାଇଁ ଶିଳାନ୍ୟାସ**

**ଫାର୍ମା କ୍ଷେତ୍ରରେ ନୂତନ ଶିଖର ଛୁଇଁବ ଓଡ଼ିଶା: ମୁଖ୍ୟମନ୍ତ୍ରୀ**



ଭୁବନେଶ୍ୱର,୧୬।୧୨(ସଂଚାର ବ୍ୟୁରୋ): ଗୁଣାତ୍ମକ ଔଷଧ ଉତ୍ପାଦନ ଓ ଚିକିତ୍ସା ପାଇଁ ଉନ୍ନତ ମାନର ଡିଭାଇସ ପ୍ରସ୍ତୁତ କରି ଓଡ଼ିଶା-ପୂର୍ବ ଭାରତର ଏକ ପ୍ରମୁଖ ଫାର୍ମା କେନ୍ଦ୍ର ଭାବେ ଉଭା ହେବା ପାଇଁ ପ୍ରସ୍ତୁତ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏଠାରେ ଆୟୋଜିତ ଓଡ଼ିଶା ଫାର୍ମା ସମ୍ମିଳନୀ ୨୦୨୫କୁ ସମ୍ବୋଧନ କରିବା ଅବସରରେ ମତ ବ୍ୟକ୍ତ କରିଛନ୍ତି।

ଉକ୍ତ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ସମୁଦାୟ ୬,୨୬୩ କୋଟି ଟଙ୍କାର ୪୫ଟି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହା ରାଜ୍ୟରେ ସମୁଦାୟ ୩୮,୪୦୬ ନିଯୁକ୍ତି ସୃଷ୍ଟି କରିବ। ସେଥିମଧ୍ୟରୁ ଫର୍ମାସ୍ୟୁଟିକାଲ୍ସ ପାଇଁ ୩୨ଟି ବୁଝାମଣାପତ୍ର, ମେଡିକାଲ ଉପକରଣ ପାଇଁ ୧୨ଟି ବୁଝାମଣାପତ୍ର ଓ ଏକ ଲ୍ୟାଣ୍ଡମାର୍କ ଶିଳ୍ପ ପାର୍କ ପ୍ରତିଷ୍ଠା ପାଇଁ ଆଉ ଗୋଟିଏ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଫର୍ମାସ୍ୟୁଟିକାଲ ଓ ମେଡିକାଲ ଡିଭାଇସ ନୀତି-୨୦୨୫ର ଶୁଭାରମ୍ଭ କରିବା ସହ ଖୋର୍ଦ୍ଧାରେ ଏକ ଉତ୍ସର୍ଗୀକୃତ ଫାର୍ମା ପାର୍କ ଓ ଏକ ମେଡିକାଲ ଡିଭାଇସେସ୍ ପାର୍କ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାକୁ ନିବେଶକମାନଙ୍କ ପ୍ରଥମ ପସନ୍ଦର ରାଜ୍ୟ କରିବା ସକାଶେ ସରକାର ସମସ୍ତ ପ୍ରକାର ଆବଶ୍ୟକତାକୁ ପୂରଣ କରୁଛନ୍ତି। ଏଥିସହ ରାଜ୍ୟରେ ଅଣପାରମ୍ପରିକ ଉଦ୍ୟୋଗକୁ ମଧ ବିକାଶ କରିବା ପାଇଁ ସେ ପ୍ରତିଶ୍ରୁତିବଦ୍ଧ। ଓଡ଼ିଶା ବର୍ତ୍ତମାନ ପୁଞ୍ଜି ନିବେଶ ପାଇଁ ଦେଶର ସବୁଠାରୁ ଉତ୍କୃଷ୍ଟ ରାଜ୍ୟ ମଧ୍ୟରୁ ଗୋଟିଏ। ରାଜ୍ୟର ଶିଳ୍ପ ଇକୋସିଷ୍ଟମ ଦେଶର ସର୍ବୋତ୍ତମ ପରିବେଶ ମଧ୍ୟରେ ଅନ୍ୟତମ। ଅନ୍ୟାନ୍ୟ ଶିଳ୍ପ ସହ ଔଷଧ ଉତ୍ପାଦନରେ ମଧ ଓଡିଶାକୁ ଏକ ପ୍ରମୁଖ କେନ୍ଦ୍ର କରିବା ସରକାରଙ୍କ ଲକ୍ଷ୍ୟ। ଧାତୁ, ଖଣିଜ ଓ ରାସାୟନିକ କ୍ଷେତ୍ରଗୁଡିକ ହେଉଛି ଓଡ଼ିଶାରେ ଶିଳ୍ପର ମେରୁଦଣ୍ଡ। କିନ୍ତୁ ରାଜ୍ୟର ସମ୍ବଳକୁ ଲୋକାଭିମୁଖୀ କରିବା ପାଇଁ ଆମକୁ ଆହୁରି ଆଗକୁ ଯିବାକୁ ପଡ଼ିବ। ତେଣୁ ଆମେ ଭିତ୍ତିଭୂମି, ନବସୃଜନ ଶକ୍ତି ଓ ଜ୍ଞାନଭିତ୍ତିକ ଅର୍ଥନୀତି ଉପରେ ଅଧିକ ଗୁରୁତ୍ୱ ଦେଉଛୁ। ଗତ ଦେଢ଼ ବର୍ଷ ମଧ୍ୟରେ ରାଜ୍ୟରେ ଶିଳ୍ପର ବ୍ୟାପକ ବିବିଧକରଣ ହୋଇଛି। ଓଡ଼ିଶାରେ କେମିକାଲ୍ସ, ପେଟ୍ରୋକେମିକାଲ୍ସ, ଗ୍ରୀନ ଏନର୍ଜି, ଫିନଟେକ୍, ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର, ➪ପୃଷ୍ଠା-୬

# ଉପଭୋକ୍ତାଙ୍କଠୁ ଆଦାୟ ହେଉଛି ଜିଜିଆ କର



**ସବୁ ଜାଣି ନିରବ ରହୁଛନ୍ତି ସରକାର ଓ ଓଇଆରସି**

**ଅତିରିକ୍ତ ସୁରକ୍ଷା ଜମା ପ୍ରତ୍ୟାହାର ପାଇଁ ଦାବି**

**ଆୟୋଗଙ୍କ ହସ୍ତକ୍ଷେପ ଦାବି କଲା ଉପଭୋକ୍ତା ମହାସଂଘ**

ଭୁବନେଶ୍ୱର,୧୫।୧୨(ସଂଚାର ବ୍ୟୁରୋ): ବଣ୍ଟନ କମ୍ପାନୀ ଜରିଆରେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ବିଦ୍ୟୁତ ଉପଭୋକ୍ତାଙ୍କଠାରୁ ଆଦାୟ କରୁଥିବା ଅତିରିକ୍ତ ସୁରକ୍ଷା ଜମା ବା ଏଏସଡି ଗ୍ରାହକଙ୍କ ଉପରେ ଜିଜିଆ କର ସଦୃଶ। ୩୦ ଦିନ ମଧ୍ୟରେ ଏଏସଡି ଦାଖଲ ନ କଲେ ବିଦ୍ୟୁତ ଯୋଗାଣ ଆଇନ ଅନୁଯାୟୀ ୧୦ ପ୍ରତିଶତ ସୁଧ ସହ ଜୋରିମାନା ଆଦାୟ କରାଯିବ ବୋଲି ଧମକ ଦିଆଯାଉଛି। ଘରୋଇକରଣ ପରେ ବାରମ୍ବାର ବିଦ୍ୟୁତ ସଂସ୍କାର ନାଁରେ ଗ୍ରାହକଙ୍କ ତଣ୍ଟି ଚିପି ଟଙ୍କା ଆଦାୟ କରାଯାଉଛି। କମ୍ପାନୀ ଓ ଓଇଆରସିର ଏଭଳି ଦାଦାଗିର ନେଇ ରାଜ୍ୟ ସରକାର ସବୁ ଜାଣି ମଧ ନିରବ ରହିବା ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ୧୯୯୪-୯୫ରେ ରାଜ୍ୟରେ ବିଦ୍ୟୁତ୍ ସଂସ୍କାର ଆରମ୍ଭ ହୋଇଥିଲା। ସାଧାରଣ ଖାଉଟିଙ୍କୁ ସରକାର ପ୍ରତିଶ୍ରୁତି ଦେଇଥିଲେ ଏହି ସଂସ୍କାର ଫଳରେ ରାଜ୍ୟବାସୀ ଶସ୍ତା ଓ ସୁଲଭ ମୂଲ୍ୟରେ ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଜୁଳି ସେବା ପାଇପାରିବେ। କିନ୍ତୁ ବିଡ଼ମ୍ବନାର କଥା, ବିଜୁଳି ଏବେ ବଣ୍ଟନ କମ୍ପାନୀମାନଙ୍କ ପାଇଁ ଏକ ନେଉଟିଆ କିଆରି ଭଳି ହୋଇଛି। ରାଜ୍ୟବାସୀଙ୍କଠାରୁ ପାଖାପାଖି ୨ ହଜାର କୋଟି ଟଙ୍କା ଲୁଟ୍ କରି ଆମେରିକୀୟ କମ୍ପାନୀ ଏଇଏସ ଓଡ଼ିଶା ଛାଡ଼ି ପଳାଇଗଲା। ସରକାର ଏଇଏସ୍‌ଠାରୁ ଟଙ୍କା ଆଦାୟ କରିପାରିଲେ ନାହିଁ। ରିଲାଏନ୍ସ ପାୱାର ମଧ ଦୀର୍ଘ ୧୫ ବର୍ଷ ଧରି ଗ୍ରାହକଙ୍କଠାରୁ ୬ ହଜାର କୋଟିରୁ ଅଧିକ ଟଙ୍କା ଲୁଟ କରି ଓଡ଼ିଶା ଛାଡ଼ି ପଳାଇଲା। ପୁଣି ଦିନଦ୍ୱିପ୍ରହରେ ଗ୍ରାହକଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ୨୦୨୦ରୁ ଟାଟା ପାୱାର ହାତରେ ଓଡ଼ିଶାର ୧ କୋଟି ଗ୍ରାହକଙ୍କୁ ଲୁଟିବା ପାଇଁ ସରକାର ଛାଡ଼ିଦେଇଛନ୍ତି। ଆଜି ତା'ର ପରିଣାମ ଭୋଗୁଛନ୍ତି ରାଜ୍ୟବାସୀ। ଏଭଳି ଅଭିଯୋଗ କରିଛନ୍ତି ଓଡ଼ିଶା ବିଦ୍ୟୁତ ଉପଭୋକ୍ତା ମହାସଂଘ।

ମହାସଂଘ ଅଧକ୍ଷ ପଞ୍ଚାନନ କାନୁନଗୋ ଓ ସାଧାରଣ ସମ୍ପାଦକ ରବି ବେହେରା ଅଭିଯୋଗ କରିଛନ୍ତି ଯେ ଆଇନର ଧମକ ଦେଇ କମ୍ପାନୀ ସାଧାରଣ ଗ୍ରାହକଙ୍କୁ ଲୁଟ୍ କରୁଛି ଓ ତାଙ୍କର ବିଦ୍ୟୁତ୍ ସଂଯୋଗ କାଟି ଦେଉଛି। ୬ ହଜାରରୁ ଉର୍ଦ୍ଧ୍ୱ କୋଟି ଟଙ୍କା ବାକି ପଡ଼ିଥିବା ସତ୍ତ୍ୱେ ସରକାର କୌଣସି ପଦକ୍ଷେପ ନେଉନାହାଁନ୍ତି। ଜାତୀୟ ହାରଠାରୁ ଅଧିକ ଦାମ ଦେଇ ଓଡ଼ିଶାର ବିଜୁଳି ଗ୍ରାହକ ➪ପୃଷ୍ଠା-୬

### ଟ୍ରେଡିଂ ନାଁରେ ଠକିଥିଲେ ୨୦ କୋଟି

## ଠକ ଦମ୍ପତିଙ୍କୁ ବାନ୍ଧିଲା କ୍ରାଇମ୍‌ବ୍ରାଞ୍ଚ୍

ଭୁବନେଶ୍ୱର,୧୬।୧୨(ସଂଚାର ବ୍ୟୁରୋ): ସ୍ୱାମୀ ଚନ୍ଦ୍ରଶେଖର ସାହୁ ଓ ପତ୍ନୀ ଝରଣା ସାହୁଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ ଟିମ୍। ଶେୟାର ଟ୍ରେଡିଂ ଆଳରେ କମ୍ପାନୀ ଖୋଲିଠକିଥିଲେ ଉଭୟ ଦମ୍ପତି। ମାସକ ମଧ୍ୟରେ ଇନଭେଷ୍ଟମେଣ୍ଟ



ଉପରେ ଡବଲ ମୁନାଫା ଦେବାକୁ ଲୋଭ ଦେଖାଇ ସେମାନେ ୨୦ କୋଟି ଟଙ୍କା ଠକିନେଇଥିଲେ। ଏବାବଦରେ ସେମାନେ ଠକିଥିବା ଟଙ୍କାକୁ ବିଭିନ୍ନ ରିଟେଲ ମାର୍ଟ ବିଜନେସ, ଫିସ ଫାର୍ମିଂ, ହୋଟେଲ ବିଜନେସ ସହ ରିୟଲ ଇଷ୍ଟେଟରେ ମଧ ନିବେଶ କରିଥିଲେ। ଏମଏସ ଏଭରିଚ୍ ଭେଞ୍ଚର ପ୍ରାଇଭେଟ ଲିମିଟେଡ ନାଁରେ ଅଫିସ ଖୋଲି ଅନେକ ଲୋକଙ୍କୁ ଏଭଳି ଶେୟାର ଟ୍ରେଡିଂ ଆଳରେ ଚୁନା ଲଗାଇଥିଲେ ଏହି ଦମ୍ପତି। ଉଭୟଙ୍କୁ ଗିରଫ ପରେ କ୍ରାଇମ୍ ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପକ୍ଷରୁ କୋର୍ଟ ଚାଲାଣ କରାଯାଇଛି। ଚନ୍ଦ୍ରଶେଖର ଓ ➪ପୃଷ୍ଠା-୬

### କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶା ବିଜେପିର ପ୍ରତିନିଧି ଦଳ

# ଉଷୁନା ଚାଉଳ ଉଠାଣ ବୃଦ୍ଧି ଉପରେ ଧର୍ମେନ୍ଦ୍ରଙ୍କ ଜୋର୍



**ଧାନ ସଂଗ୍ରହ ପରିମାଣ ବୃଦ୍ଧି ପାଇଁ ଧନ୍ୟବାଦ**

**ମଜବୁତ ହେବ ଏନ୍‌ଏଫ୍‌ଏସ୍‌ସି**

ନୂଆଦିଲ୍ଲୀ,୧୬।୧୨(ସଂଚାର ବ୍ୟୁରୋ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଓଡ଼ିଶାର ସାଂସଦ, ବିଧାୟକ ତଥା ବିଜେପିର ଏକ ପ୍ରତିନିଧି ଦଳ ଆଜି ନୂଆଦିଲ୍ଲୀଠାରେ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଭେଟିଛନ୍ତି। ଓଡ଼ିଶାର ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରେ ଉଷୁନା ଚାଉଳ ଉଠାଣ ପରିମାଣ ୨୦ ଲକ୍ଷ ମେଟ୍ରିକ ଟନ୍‌ରୁ ବଢ଼ାଇ ୨୫ ଲକ୍ଷ ମେଟ୍ରିକ ଟନ କରିବା ପାଇଁ ଅନୁରୋଧ କରିଛନ୍ତି। ଏ ସମ୍ପର୍କିତ ଏକ ପତ୍ର ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି, ଯେଉଁଥିରେ ଉଲ୍ଲେଖ ରହିଛି ୨୦୨୪-୨୫ ବର୍ଷ ପାଇଁ ➪ପୃଷ୍ଠା-୬

# ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ ହେଲା ଧଉଳି ଗଣଦୁଷ୍କର୍ମ ମାମଲା



**ମୁଖ୍ୟ ଅଭିଯୁକ୍ତ ଜୋକର୍ ହାପି ଫେରାର୍**

**ଅଭିଯୁକ୍ତ ମୋବାଇଲରେ ପୀଡ଼ିତାଙ୍କ ଅନ୍‌ସିନ ଭିଡିଓ!**

ଭୁବନେଶ୍ୱର,୧୬।୧୨(ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ଧଉଳି ଗଣଦୁଷ୍କର୍ମ ମାମଲାରେ ଅଭିଯୁକ୍ତଙ୍କ ପାଇଁ ବଢ଼ିଲା ଅଡୁଆ। ରେଡ଼ ଫ୍ଲାଗ ଅନ୍ତର୍ଭୁକ୍ତ ହେଲା ଦୟା ନଦୀପଠାରେ ଘଟିଥିବା ଏହି ଗଣଦୁଷ୍କର୍ମ ମାମଲା। କ୍ରାଇମବ୍ରାଞ୍ଚ ଡିଜିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଘଟଣାର ତଦନ୍ତ ହେବ। ମଙ୍ଗଳବାର କ୍ରାଇମ ସିନ୍ ସହ ଧଉଳି ଥାନାକୁ ଯାଇ ତଦନ୍ତର ଅଗ୍ରଗତି ସମ୍ପର୍କରେ ବୁଝିଥିଲେ ମହିଳା କମିଶନ ଓ ଶିଶୁ କମିଶନ। ମୁଖ୍ୟ ଅଭିଯୁକ୍ତକୁ ତୁରନ୍ତ ଗିରଫ ପାଇଁ ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ। ସେପଟେ ➪ପୃଷ୍ଠା-୬

# ମୋହନ ଭାଙ୍ଗିବେ ନବୀନଙ୍କ ଗଡ଼

ଭୁବନେଶ୍ୱର,୧୬।୧୨(ସଂଚାର ବ୍ୟୁରୋ): ଗତ ସାଧାରଣ ନିର୍ବାଚନରେ ଗଂଜାମ ଜିଲ୍ଲାରେ ବିଜେଡି ମାଟି କାମୁଡି ପଡିଥିଲା। ଏକଦା ଏହି ଜିଲ୍ଲା ଥିଲା ବିଜେଡିର ଦୁର୍ଗ। ଗୋଟିଏ ଦୁଇଟି ଆସନକୁ ଛାଡିଦେଲେ ଅନ୍ୟ କୌଣସି ଆସନରେ ବିରୋଧୀ ହାତ ମାରିପାରୁନଥିଲେ। ହେଲେ ଗତ ସାଧାରଣ ନିର୍ବାଚନରେ ଖେଳ ପୂରା ଓଲଟିଗଲା। ଆଉ ଏବେ ପୀତବାସ ପଣ୍ଡା ହତ୍ୟା ମାମଲାରେ ବିକ୍ରମ ପଣ୍ଡା ଜେଲ ଯିବା ପରେ ଜିଲ୍ଲାରେ ସଂଗଠନର ମଙ୍ଗ ଧରିବାକୁ କେହି ନାହାଁନ୍ତି। ଏହାର ସୁଯୋଗ ନେଇ ବିଜେପି ପୂରା ଜିଲ୍ଲାକୁ ନିଜର ଗଡ କରିବାକୁ ଯୋଜନା ଆରମ୍ଭ କରିଦେଇଛନ୍ତି। ଗତ ଦେଢ ବର୍ଷ ଭିତରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ୪ ଥର ଗଞ୍ଜାମ ଗସ୍ତ କରିଥିବା ବେଳେ ଆସନ୍ତାକାଲି ପୁଣି ଥରେ ଯିବାର କାର୍ଯ୍ୟକ୍ରମ ରହିଛି।

ବିଜୁ ପଟ୍ଟନାୟକଙ୍କ ଦେହାନ୍ତ ପରେ ନବୀନ ପଟ୍ଟନାୟକ ଆସିକା ଲୋକସଭା ଉପନିର୍ବାଚନରୁ ନିଜର ରାଜନୈତିକ କ୍ୟାରିଅର ଏହି ଗଞ୍ଜାମ



ଜିଲ୍ଲାରୁ ଆରମ୍ଭ କରିଥିଲେ। ସେବେଠାରୁ ଏହାକୁ ନବୀନଙ୍କ ହୋମ ଡିଷ୍ଟ୍ରିକ୍ଟ ବୋଲି କୁହାଯାଉଛି। ବିଜେପି ସହ ମେଣ୍ଟ ଭାଙ୍ଗିବା ପରେ ବିଜେଡି ଗଞ୍ଜାମ ରାଜନୀତିକୁ ସମ୍ପୂର୍ଣ୍ଣ ଭାବେ ନିଜ ଦଖଲରେ ରଖିଥିଲା। ୨୦୦୯ରେ ବିଜେଡି ଗଞ୍ଜାମର ୧୩ ବିଧାନସଭା ଆସନରୁ ୧୨ଟିରେ ଜିତିଥିଲା। ୨୦୧୪ରେ କଂଗ୍ରେସ କି ବିଜେପି କେହି ବି ଖାତା ଖୋଲିପାରିନଥିଲେ। ୨୦୧୯ରେ ଗଂଜାମରୁ ବିଧାନସଭାକୁ ବିଜେଡିର ପ୍ରତିନିଧିତ୍ୱ କରୁଥିଲେ ୧୧ଜଣ। ୨୦୨୪ରେ ଖେଳ ପୂରା ଓଲଟି ଯାଇଛି। ଏବେ ➪ପୃଷ୍ଠା-୬

### ଆଇପିଏଲ୍ ମିନି ଅକ୍ସନ୍

# ଗ୍ରୀନ୍ ସବୁଠୁ ଦାମୀ ବିଦେଶୀ ଖେଳାଳି

**୨୫.୨୦ କୋଟିରେ କିଣିଲା କେକେଆର୍**

**ପ୍ରଶାନ୍ତ ଓ କାର୍ତ୍ତିକ ଦାମୀ ଅନ୍‌କ୍ୟାପ୍‌ଡ ଖେଳାଳି**



ଆବୁଧାବି,୧୬।୧୨(ସଂଚାର ବ୍ୟୁରୋ): ଆଇପିଏଲ୍‌ର ୨୦୨୬ ସଂସ୍କରଣ ସକାଶେ ଆଜି ମିନି ଅକ୍ସନ୍ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଅଷ୍ଟ୍ରେଲୀୟ ଅଲ୍‌ରାଉଣ୍ଡର୍ କ୍ୟାମେରନ୍ ଗ୍ରୀନ୍ ରେକର୍ଡ ମୂଲ୍ୟ ପାଇଛନ୍ତି। ତାଙ୍କୁ ବଲିଉଡ୍ ସୁପର୍‌ଷ୍ଟାର୍ ଶାହରୁଖ୍ ଖାନ୍‌ଙ୍କ ମାଲିକାନାରେ ଥିବା କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍) ୨୫.୨୦ କୋଟି ଟଙ୍କାରେ ଖରିଦ୍ କରିଛି। ଏହି ନିଲାମୀ ପ୍ରକ୍ରିୟାରେ ଚେନ୍ନାଇ ସୁପର୍ କିଙ୍ଗ୍‌ସ ଯଥେଷ୍ଟ ମୁକାବିଲା କରିଥିଲେ ହେଁ ଶେଷରେ ଗ୍ରୀନ୍‌ଙ୍କୁ କେକେଆର୍ ନିଜ ଦଳରେ ସାମିଲ୍ କରିଛି। ଫଳତଃ ଗ୍ରୀନ୍ ଆଇପିଏଲ୍ ଇତିହାସରେ ବିଦେଶୀ ଖେଳାଳିଙ୍କ ମଧ୍ୟରେ ସର୍ବାଧିକ ମୂଲ୍ୟ ପାଇଛନ୍ତି। ସେହିପରି ପ୍ରଶାନ୍ତ ବୀର ଓ ➪ପୃଷ୍ଠା-୬



**କାନ ଡେରିଆ**

ପରଧନ ନେଇ ମଙ୍ଗଳ ଓଷାକୁ
ନେତାଏ ପାଳନ କଲେ
ଚବିଶି ବର୍ଷରେ
ସାହସ ହେଲାନି
ଦୁଇ ବର୍ଷେ କରିନେଲେ
ତିନି ଗୁଣେ
ଦୁଃଖୀ ହେଲେ...
ଗ୍ରାଉଣ୍ଡରେ ସିଏ ଚା କପେ ଦେଇ
ଲୁହ ଗଡ଼ାଇବେ ଭଲେ।

■ ଦେବାଶିଷ

# ଅସନ୍ତୁଷ୍ଟ କଂଗ୍ରେସିଆ ଏବେ କଟକମୁହାଁ

**ନୂଆବର୍ଷରେ ମୋକିମଙ୍କ ପାୱାର ଶୋ'**

**ପୌର ନିର୍ବାଚନକୁ ଟାର୍ଗେଟ୍**



ଭୁବନେଶ୍ୱର,୧୫।୧୨(ସଂଚାର ବ୍ୟୁରୋ): କଂଗ୍ରେସ ଦଳରେ ଥିବା ଅସନ୍ତୁଷ୍ଟ ନେତାମାନେ ଏବେ କଟକ ମୁହାଁ ହୋଇଛନ୍ତି। ପୂର୍ବତନ ବିଧାୟକ ମହମ୍ମଦ ମୋକିମ ନୂଆଦଳ ଗଠନର ସୂଚନା ପାଇବାପରେ ସେମାନେ ଏବେ ନୂଆ ନେତା ସନ୍ଧାନରେ ଅଛନ୍ତି। ମୋକିମ ମଧ କଂଗ୍ରେସର ଅସନ୍ତୁଷ୍ଟଙ୍କୁ ସ୍ୱାଗତ କରି ନିଜ ପଟକୁ ନେବାପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି।

କଂଗ୍ରେସ ଦଳରେ ଏବେ ଧିରେ ଧିରେ ଅସନ୍ତୁଷ୍ଟଙ୍କ ସଂଖ୍ୟା ବଢ଼ିବାରେ ଲାଗିଛନ୍ତି। ନୂଆପଡା ଉପନିର୍ବାଚନ ପରେ ଏହା ଆହୁରି ଜଟିଳ ହେବାରେ ଲାଗିଛନ୍ତି। ଭକ୍ତଙ୍କ ସପକ୍ଷରେ ଏବେ ପ୍ରାୟତଃ କୌଣସି ବରିଷ୍ଠ ନେତା ନାହାନ୍ତି। ମୋକିମଙ୍କୁ ବହିଷ୍କାର ପ୍ରସଙ୍ଗରେ ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନାଙ୍କ ଭଳି ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତିମାନେ କେହିହେଲେ ଭକ୍ତଙ୍କ ପାଇଁ ପଦୁଟିଏ କହୁନାହାନ୍ତି। ବରଂ ଭକ୍ତଙ୍କ କାର୍ଯ୍ୟକୁ ବୁଲେଇ ବଙ୍କେଇ ସମାଲୋଚନା କରିବାରେ ଲାଗିଛନ୍ତି। ତେଣେ ମୋକିମ ତାଙ୍କର ନୂଆ ଦଳ ଗଠନ ପାଇଁ ଜୋରଦାର ପ୍ରସ୍ତୁତ ଚଳାଇଛନ୍ତି। କଂଗ୍ରେସରୁ ବିଦା ହେବାପରେ ସେ ପ୍ରାୟତଃ ମୁକ୍ତ ହୋଇଯାଇଥିବାରୁ ନୂଆଦଳ ଗଠନରେ କୌଣସି ଅସୁବିଧା ନହିଁ। ନୂଆବର୍ଷରେ ମୋକିମ ନୂଆଦଳ ଗଠନ କରି ପାୱାର ସୋ ଦେଖାଇବେ ବୋଲି ଆଲୋଚନା ଜୋର ଧରିଥିବାବେଳେ ତାଙ୍କ ନିକଟରେ ଧିରେ ଧିରେ କଂଗ୍ରେସ ଅସନ୍ତୁଷ୍ଟଙ୍କ ଭିଡ ବଢ଼ିବାରେ ଲାଗିଛି। ବିଶେଷକରି ଯେଉଁମାନେ ଭକ୍ତଙ୍କ ଅଧିନରେ କାମ କରିବାକୁ ରାଜି ନ ହୋଇ ବିକଳ୍ପ ଖୋଜୁଥିଲେ ସେମାନଙ୍କ ପାଇଁ ଏବେ ସୁଯୋଗ ଆସିଯାଇଛି।

ଅନ୍ୟ ପକ୍ଷରେ କେତେକ କଂଗ୍ରେସ ନେତା ଭକ୍ତଙ୍କ ଉପରେ ଚାପ ସୃଷ୍ଟି ପାଇଁ ଏବେ ମୋକିମଙ୍କ ସହିତ ଯୋଗାଯୋଗରେ ➪ପୃଷ୍ଠା-୬

### ଭକ୍ତଙ୍କ ଔଦ୍ଧତ୍ୟକୁ ନେଇ ଚର୍ଚ୍ଚା



**ମୋକିମ୍‌ଙ୍କ ଚିଠିରେ ବିଜେପି ଭାଷା**

ଭକ୍ତଙ୍କୁ ଟକ୍କର ଦେଇ ମୋକିମ କଂଗ୍ରେସରୁ ବିଦା ହେବା ପରେ ଏବେ କଂଗ୍ରେସରେ ଭକ୍ତଙ୍କ ଔଦ୍ଧତ୍ୟକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। କଂଗ୍ରେସ ନେତାଙ୍କୁ ଅଟକାଇ ଦଳକୁ ଶକ୍ତିଶାଳୀ କରିବା ବଦଳରେ ଭକ୍ତ ଯେଭଳି ବିଜେପିର ଲୋକ ବୋଲି କହି ତାଚ୍ଛଲ୍ୟ କରୁଛନ୍ତି, ତାକୁ ଅନେକେ ଗ୍ରହଣ କରିପାରୁନାହାନ୍ତି। ମୋକିମ ଦେଇଥିବା ପତ୍ରଟି ବିଜେପି ନେତା ଲେଖିଛନ୍ତି ବୋଲି ଭକ୍ତ କହିବା ସହ ଓଡ଼ିଶାରେ ଭୋଟ ଚୋରି ଆଲୋଚନା ଫସର ଫାଟିବା ନେଇ ଏହି ପୂର୍ବତନ ବିଧାୟକଙ୍କୁ ଦାୟୀ କରିଛନ୍ତି। ଭକ୍ତଙ୍କ ଏଭଳି ବ୍ୟବହାର ଯୋଗୁଁ ନୂଆପଡ଼ା ଆସନରେ ଦଳ ଜିଣିପାରିଲା ନାହିଁ ବୋଲି କିଛି ନେତା ଖୋଲାଖୋଲି ଭାବେ କହୁଥିବା ବେଳେ ଆଉ କିଛି ବରିଷ୍ଠ ନେତା ମଉକା ଦେଖି ଭକ୍ତଙ୍କୁ ସମାଲୋଚନା କରିବାକୁ ପଛାଉନାହାନ୍ତି। କଂଗ୍ରେସର କିଛି କର୍ମୀଙ୍କ କହିବାନୁଯାୟୀ, ଭକ୍ତ ଦଳର ଅନେକ ବରିଷ୍ଠଙ୍କୁ ମଉକା ଦେଖି ଦୂରେଇଦେବାରେ ଲାଗିଛନ୍ତି। ଅତୀତରେ ଯେଉଁମାନେ ଆନ୍ଦୋଳନ ଓ ହରତାଳ କରି ଦଳକୁ ବଞ୍ଚାଇ ରଖିଥିଲେ ସେମାନେ ଧୀରେ ନିଖୋଜ ହେଉଥିବା ବେଳେ ଭକ୍ତ ନିଜର ଅନୁଗତଙ୍କୁ ଆଣି ପ୍ରଦେଶ କଂଗ୍ରେସରେ ଥଇଥାନ କରିବାରେ ଲାଗିଛନ୍ତି। ବିଭିନ୍ନ ଶାଖାରେ ଏବେ ଭକ୍ତଙ୍କ ଅନୁଗତ ଅଛନ୍ତି। ସେମାନଙ୍କ ବଳରେ ନୂଆପଡ଼ା ଉପନିର୍ବାଚନ ସମୟରେ ଭକ୍ତ ନିରଞ୍ଜନ, ଜୟଦେବ, ସୁର, ପଞ୍ଚାନନ ➪ପୃଷ୍ଠା-୬

## ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ଧନୁ ସଂକ୍ରାନ୍ତି
# ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼



**କେନ୍ଦ୍ରାପଡ଼ା,୧୬।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ତୁଳସୀକ୍ଷେତ୍ରର କ୍ଷେତାଧିପତି ସିଦ୍ଧ ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ଧନୁ ସଂକ୍ରାନ୍ତି ପାଳିତ ହୋଇଯାଇଛି । ଏହି ଅବସରରେ ଧନୁ ସଂକ୍ରାନ୍ତିରେ ପ୍ରଭୁଙ୍କ ପାଖରେ ପହିଲି ଭୋଗ ଆରମ୍ଭ ହୋଇ ଲାଗି ହୋଇଛି ଧନୁମୁଆଁ । ଶାସ୍ତ୍ର ପ୍ରଚଳିତ ପ୍ରଥା ଅନୁଯାୟୀ ମା' ଲକ୍ଷ୍ମୀ ସାଆନ୍ତାଣୀ ଧନୁ ସଂକ୍ରାନ୍ତି ପୂର୍ବ ରାତି ମାସାନ୍ତରେ ନିଜ ପିତ୍ରାଳୟକୁ ଯାତ୍ରା କରିଥାନ୍ତି । ଏହି ଯାତ୍ରା ଏକ ମାସ ଧରି ମକର ସଂକ୍ରାନ୍ତି ପୂର୍ବ ମାସାନ୍ତ ପର୍ଯ୍ୟନ୍ତ ଚାଲିଥାଏ । ଏହି ସମୟରେ ମନ୍ଦିରର ସମସ୍ତ ଦାୟିତ୍ୱ ମାତା ଜଗମତିଙ୍କ ପାଖରେ ଥାଏ । ମା' ଜଗମତି ବ୍ରାହ୍ମ ମୁହୂର୍ତ୍ତରୁ ଉଠି ପୁତ୍ର ବଳରାମ ଓ ଶ୍ରୀକୃଷ୍ଣଙ୍କ ଲାଗି ସମସ୍ତ ବ୍ୟଞ୍ଜନ ପ୍ରସ୍ତୁତ କରି ପୁତ୍ରଙ୍କ ପାଖରେ ପରଷି ଦେଇଥାନ୍ତି । ଏହି ଭୋଗକୁ ପହିଲି ଭୋଗ କୁହାଯାଇଥାଏ । ଆଜି ତୁଳସୀ କ୍ଷେତ୍ରରେ ଏହି ପହିଲି ଭୋଗ ଆରମ୍ଭ ହୋଇ ଯାଇଛି । ମଙ୍ଗଳବାର ଭୋର ଚାରିଟାରୁ ଦ୍ୱାର ଉନ୍ମୁକ୍ତ କରାଯାଇ ଜୟ ମଙ୍ଗଳ ଆଳତି ହୋଇଥିଲା । ପରେ ନୀତିସ୍ନାନ ଓ ବେଶ ବଲ୍ଲଭ ହୋଇଥିଲା । ଏହି ବଲ୍ଲଭ ସମୟରେ ପ୍ରଭୁଙ୍କ ପାଖରେ ପହିଲି ଭୋଗ ଅର୍ପଣ କରାଯାଇଥିଲା । ଏହି ଭୋଗରେ ପୋଡପିଠା, ପକୁଡ଼ି, ତାଲିମ୍, ଲଡୁ ଓ କାକରା ଭୋଗ ଲାଗି କରାଯାଇଥିଲା । ଭୋଗ ସମ୍ପନ୍ନ ପରେ ଆଳତି ହୋଇଥିଲା । ଏହି ଆଳତି ଭୋଗ ଏକ ମାସ ଧରି ଚାଲିବ । ଆଜି ପବିତ୍ର ଧନୁ ସଂକ୍ରାନ୍ତି ଥିବାରୁ ମହାପ୍ରଭୁଙ୍କ ପାଖ ରେ ଧନୁମୁଆଁ ଭୋଗ ଲାଗି କରାଯାଇଥିଲା । ଭୋଗ ସମର୍ପଣ ପରେ ପାର୍ଶ୍ୱ ଦେବଦେବୀଙ୍କର ପାଖରେ ଲାଗି ହୋଇଥିଲା । ମନ୍ଦିର ପରିସରରେ ହଜାର ହଜାର ଭକ୍ତଙ୍କ ଗହଳି ଲାଗିଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ପୋଲିସ୍ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯାଇଥିଲା ବୋଲି ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତ ।

# ଟରନିସ ଇଣ୍ଡିଆ ପକ୍ଷରୁ ଅନ୍ୟା ବ୍ରହ୍ମା ଓ ଅରଭ ବ୍ରହ୍ମା ଶ୍ରେଷ୍ଠ ପ୍ରଦର୍ଶକ ଭାବେ ପୁରସ୍କୃତ



**କଟକ,୧୬।୧୨(ସଂଚାର ବ୍ୟୁରୋ):** ମହାରାଷ୍ଟ୍ର ପୁନେ ସ୍ଥିତ ଟରନିସ ଇଣ୍ଡିଆ ପକ୍ଷରୁ ବିଦ୍ୟାଳୟ ସ୍ତରୀୟ ଜାତୀୟ ବ୍ୟାଣ୍ଡ ଓ ବଂଶୀବାଦକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଖଣ୍ଡଗିରି ସ୍ଥିତ ମଦର୍ଶ ପବ୍ଲିକ ସ୍କୁଲର ଅନ୍ୟା ବ୍ରହ୍ମା ଜାତୀୟ ବ୍ୟାଣ୍ଡ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବେଳେ ବଂଶୀ ବାଦକ ପ୍ରତିଯୋଗିତାରେ ଅରଭ ବ୍ରହ୍ମା ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଏହି ଦୁଇ ଜଣ ଭାଇ ଭଉଣୀଙ୍କୁ ମହାରାଷ୍ଟ୍ର ପୁନେ ସ୍ଥିତ ଟରନିସ ଇଣ୍ଡିଆ ପକ୍ଷରୁ ଶ୍ରେଷ୍ଠ ପ୍ରଦର୍ଶକ ଭାବେ ପୁରସ୍କୃତ କରାଯାଇଛି। ପୂର୍ବରୁ ନଭେମ୍ବର ମାସରେ କୋଲକତା ଠାରେ ଅନୁଷ୍ଠିତ ପୂର୍ବାଞ୍ଚଳ ଜୋନ୍ ସ୍ତରୀୟ ପ୍ରତିଯୋଗିତାରେ ମଧ ଅତି ସୁନ୍ଦର ପ୍ରଦର୍ଶନ କରିଥିଲେ। ପରେ ବିଦ୍ୟାଳୟର ଦଳ ଟାଇରାଣ୍ଟସ ଜାତୀୟ ସ୍ତରକୁ ମନୋନୀତ ହୋଇଥିଲା। ଯେଉଁଥିରେ ଅନ୍ୟା ଓ ଆରଭ ଚିତାକର୍ଷକ ପ୍ରଦର୍ଶନ କରି ବିଦ୍ୟାଳୟ ସହିତ ଘାଟିକିଆ, ଭୁବନେଶ୍ୱର ନିବାସୀ ନିଜ ପିତାମାତାଙ୍କ ସହିତ ପ୍ରଫେସର ଡ଼ା. ନିରଞ୍ଜନ ବ୍ରହ୍ମା, ଜେଜେମା ପ୍ରଫେସର ଡ଼ା ସୁମିତ୍ରା ବ୍ରହ୍ମାଙ୍କ ପାଇଁ ଗୌରବ ଅର୍ଜନ କରିଛନ୍ତି।

# ଅଣ୍ଡର ବାଇପାସ୍ ନିର୍ମାଣ ଦାବିରେ ରାସ୍ତାରୋକ

**ମହାକାଳପଡ଼ା,୧୬।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଜାତୀୟ ରାଜପଥ ୫୩(କ) ମଙ୍ଗଳାଜୋଡ଼ି ନିକଟରେ ଅଣ୍ଡର ବାଇପାସ ନିର୍ମାଣ ନେଇ ମଙ୍ଗଳବାର ମହାକାଳପଡ଼ା ବ୍ଲକର କରଞ୍ଜ, ବଡକୁଳ ଓ ମାର୍ଶାଘାଇ ବ୍ଲକର ଗର୍ଜଙ୍ଗା ଆଦି ତିନି ପଞ୍ଚାୟତର ଲୋକେ ରାସ୍ତାରୋକ ରୋକ୍ କରି ପ୍ରତିବାଦ କରିଥିଲେ । ସୂଚନା ମୁତାବକ ୩ଗୋଟି ପଞ୍ଚାୟତ ର ପ୍ରାୟ ପଚାଶ ହଜାରରୁ ଉର୍ଦ୍ଧ ଲୋକେ ସେମାନଙ୍କ ନିତିଦିନିଆ କାର୍ଯ୍ୟ ପାଇଁ ଏହି ରାସ୍ତା ଉପରେ ନିର୍ଭର କରି ଥାନ୍ତି । ମେଡିକାଲ, ସ୍କୁଲ, କଲେଜ ବ୍ଲକ ଇତ୍ୟାଦିକୁ ଯିବା ଆସିବା ପାଇଁ ଏହି ରାସ୍ତା ହିଁ ପ୍ରମୁଖ ମାଧ୍ୟମ । ଏଠାରେ ଅଣ୍ଡର ପାସ୍ ନିର୍ମାଣ ନହେଲେ ଅନେକ ସମୟରେ ଜୀବନ ହାନି ଘଟିବାର ଆଶଙ୍କା କରି ଲୋକେ ଚଳିତ ମାସ ପହିଲାରେ ଏନଏଚ ପିଡି ଚଣ୍ଡିଖୋଲ ଓ ଜିଲ୍ଲାପାଳ କେନ୍ଦ୍ରାପଡ଼ାଙ୍କୁ ଲିଖିତ ଅଭିଯୋଗ କରିଥିଲେ। ସାଂସଦ



କେନ୍ଦ୍ରାପଡ଼ା, ବିଧାୟକ ମହାକାଳପଡ଼ା ଙ୍କୁ ମଧ ଲିଖିତ ଅବଗତ କରାଇଥିଲେ ଲୋକେ। ହେଲେ ଲୋକଙ୍କ ଅଭିଯୋଗ ର କୌଣସି ସୁଫଳ ନ ମିଳିବା ଏବଂ କାର୍ଯ୍ୟ ନିର୍ବାହୀ ସଂସ୍ଥା ସମ୍ପୃକ୍ତ ସ୍ଥାନରେ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ପରେ ଲୋକେ ବାଧ ହୋଇ ତାତିଛନ୍ତି। ଆଜି ସକାଳ ପ୍ରାୟ ସକାଳ ୮ଟାରୁ ଅପରାହ୍ନ ୧ଘଟିକା ପର୍ଯ୍ୟନ୍ତ ଆନ୍ଦୋଳନକାରୀ ଅଖଣ୍ଡ ବନ୍ଦ କରିଦେଇଥିଲେ । ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଡା ଆନ୍ଦୋଳନସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ବି ଆନ୍ଦୋଳନକାରୀମାନେ ଜିଦିରେ ଅଟଳ ରହିଥିଲେ। ଏନଏଚ, ଚଣ୍ଡିଖୋଲର ଏପିଡି ମହୋଦୟ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି ମଙ୍ଗଳାଜୋଡ଼ି ନିକଟରେ ଅଣ୍ଡର ବାଇପାସ ନିର୍ମାଣ ପାଇଁ ପୂର୍ଣ୍ଣ ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ହଟିଥିଲା। ତାଙ୍କ କହିବା କଥା ଅଣ୍ଡର ପାସ୍ ନିର୍ମାଣ ଏକ ଲମ୍ବା ପ୍ରକ୍ରିୟା। ଏହା ଅନୁମୋଦନ ହୋଇ ଦିଲ୍ଲୀରୁ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ହେଲେ କେବେ ଏହା ନିର୍ଦ୍ଦିଷ୍ଟ ଭାବେ ହେବ ତାହା ସ୍ପଷ୍ଟଭାବେ କହିହେବ ନାହିଁ।

# କୋମଳ ବୟସରେ ମଦ ବିକ୍ରି କରୁଛନ୍ତି ନାବାଳକ

**ଆଳି,୧୬।୧୨(ସଂଚାର ବ୍ୟୁରୋ):** ଆଳି ବ୍ଲକ ଧୋଷା ଅଞ୍ଚଳରେ ଗୋବିନ୍ଦପୁର ଥିବା ଠିପି ବନ୍ଦ ମଦ ଦୋକାନରେ ମଦ ବିକୁଛି ନାବାଳକ । ଯୋଉ ବୟସରେ ପାଠପଢା ସହ ଖେଳ କୁଦରେ କାଟିବା କଥା କିନ୍ତୁ ବୟସରେ ଜଣେ ନାବାଳକ

## କେବେ ହେବ କାର୍ଯ୍ୟାନୁଷ୍ଠାନ?

ମଦ ଦୋକାନ କ୍ୟାସ କାଉଣ୍ଟରରେ ବସି ଗ୍ରାହକ ମାନଙ୍କୁ ମଦ ଦେବା ସହ ଟଙ୍କା ମଧ ରଖୁଛନ୍ତି । ହଜି ଗଲାଣିକି ମାନବିକତା। ନିଷ୍ଠୁର ହୋଇ ଯାଉଛିକି ଏ ସମାଜ। ଯଦି ନା ତାହାଲେ କାହିଁକି ପଢା ବୟସରେ ମଦ ଦୋକାନ କାଉଣ୍ଟରରେ ବସି ମଦ ବିକ୍ରି କରୁଛନ୍ତି। ପ୍ରତିବାଦ ନ କରି ଗ୍ରାହକ ମାନେ କିପରି ନାବାଳକ ଠୁ କିଣୁଛନ୍ତି



ମଦ। ତାହାହେଲେ କାହିଁକି କାର୍ଯ୍ୟ ଅନୁଷ୍ଠାନ ହେବନି ଠିପି ବନ୍ଦ ମଦ ଦୋକାନ ଉପରେ ? ଗୋଟିଏ ପଟେ ଯୁବ ପିଢ଼ି ମଦ ପିଇ ପଥ ଭ୍ରଷ୍ଟ ହୋଇ ଥିବା ବେଳେ ବାଦ ପଡୁନାହାନ୍ତି ବି କୋମଳ ଶିଶୁ ମାନେ। ଆଳି ଅଞ୍ଚଳରେ ଠିପି ବନ୍ଦ ଓ ଠିପି ଖୋଲା ମଦ ଦୋକାନ ଥିବା ବେଳେ ଗାଁ ଗାଁରେ କିନ୍ତୁ ଚୋରାମଦ ବେପାର ବୃଦ୍ଧି ପାଇବାରେ ଲାଗିଛି। ଏ ବିଷୟରେ ଅବକାରୀ ବିଭାଗ ଅବଗତ ଥିଲେ ମଧ ଆଖିରେ ଅନ୍ଧ ପୁଟୁଳି ବାନ୍ଧି ଅଭିନୟ କରୁଛନ୍ତି ବୋଲି ଲୋକେ କହୁଛନ୍ତି। ଅନ୍ୟ ପଟେ ମଦ ଦୋକାନରେ ନାବାଳକ ଜଣକ ବସି ମଦ ବିକ୍ରି କରିବା ସହ ଟଙ୍କା ମଧ ରଖିବା ସରକାରଙ୍କ ନିୟମକୁ ଖୁଲମ ଖୁଲା ଉଲଙ୍ଘନ କରିଛି। ଦୋକାନ ମାଲିକ ଏଭଳି କରୁଥିବା ବେଳେ ସବୁଜାଣି ନୀରବ ବସିଛି ଅବକାରୀ ବିଭାଗ ଓ ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ । ତେବେ ଏଥି ପ୍ରତି ତୁରନ୍ତ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି ।

# ମଦ ସହ ମୋଟର ସାଇକେଲ ଜବତ, ୫ ଗିରଫ



**କେନ୍ଦ୍ରାପଡ଼ା,୧୬।୧୨(ସଂଚାର ବ୍ୟୁରୋ):** ଏକ ବିଶେଷ ସୂତ୍ରରୁ ଖବର ପାଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ରାଜକନିକା ଓ ମହାକାଳପଡ଼ା ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ମହାକାଳପଡ଼ା ଗ୍ରାମର ବାଦ କିଶୋର ମଳିକ(୫୨)ଙ୍କ ଠାରୁ ୩୨ ଲିଟର ଦେଶୀ ଓ ଅନ୍ତର୍ଯାମୀ ଦାସ(୨୭)ଙ୍କ ଠାରୁ ୪୧ ଲିଟର ଦେଶୀ ମଦ ସମେତ ଗୋଟିଏ ମୋଟର ସାଇକେଲ, ଶିଆପଦା ଗ୍ରାମର ଶରତ ମଳିକ(୩୨)ଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ, କଣ୍ଡିଆହାଟ ଗ୍ରାମର ପ୍ରତାପ ମଳିକ(୪୧)ଙ୍କ ଠାରୁ ୨୧ ଲିଟର ଦେଶୀ ମଦ ଓ ରାମାକାନ୍ତ ମଳିକ(୩୧)ଙ୍କ ଠାରୁ ୨୫ ଲିଟର ଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି । ସେମାନଙ୍କ ପାଖରୁ ସମୁଦାୟ୧୫୧ ଲିଟର ଦେଶୀ ଓ ବିଦେଶୀ ଚୋରାମଦ ସମେତ ଗୋଟିଏ ମୋଟର ସାଇକେଲ ଜବତ କରାଯାଇ୫ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, କଳ୍ପନା ରାଉତ, ସହକାରୀ ଉପ ନିରୀକ୍ଷକ ଜଗନ୍ନାଥ ବେସ୍ରା, ସୁନୀଲ କୁମାର ମିଶ୍ର, ପ୍ରଦୀପ କୁମାର ମଳିକଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

# ଜିଲ୍ଲାପାଳଙ୍କ ସମୀକ୍ଷା ସହ ଚାଷ ଜମି ପରିଦର୍ଶନ



**କେନ୍ଦ୍ରାପଡା,୧୬।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲପାଳ ରଘୁରାମ ଆର ଆୟାର ଜିଲ୍ଲାର ବିଭିନ୍ନ ବ୍ଲକରେ ଥିବା ଚାଷ ଜମି ପରିଦର୍ଶନ କରି ଚାଷୀ ମାନଙ୍କ ସହ ଅସୁବିଧା ସଂପର୍କରେ ଆଲୋଚନା କରିଛନ୍ତି । ଜିଲ୍ଲପାଳ ଶ୍ରୀ ଆୟାର ମଙ୍ଗଳବାର ଡେରାବିଶ ଅଂଚଳରେ ଦେଶପୁର ଗ୍ରାମ ପରିଦର୍ଶନ କରି ସେଠାରେ ହେଉଥିବା ପନିପରିବା ଚାଷ ସହିତ ସୋରିଷ ଚାଷ, ଗହମ ଚାଷ ଏବଂ ଧାନକଟା ପରିଦର୍ଶନ କରିଥିଲେ । ଏଥି ସହିତ ଆଳୁଚାଷ କରିଥିବା ଚାଷୀ ମାନଙ୍କ ସହିତ ଆଲୋଚନା କରି ଜମଧର ନିୟନ୍ତ୍ରିତ ବଜାର କମିଟି ପରିସର ରେ ନୂତନ ଭାବେ ଉଦ୍‌ଘାଟନ ହୋଇଥିବା ଶୀତଳ ଭଣ୍ଡାରରେ ଆଳୁ ରଖିବାକୁ ପରାମର୍ଶ ଦେଇଥିଲେ । ଏଥି ସହିତ ଚାଷୀ ମାନଙ୍କର ବିଭିନ୍ନ ସମସ୍ୟାକୁ ସମାଧାନ କରିବା ପାଇଁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଉମେଶ ଚନ୍ଦ୍ର ମଲିକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ଏହି ପରିଦର୍ଶନ ସମୟରେ ବ୍ଲକ କୃଷି ଅଧିକାରୀ ବନଲତା ବେହେରାଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ ।

# ବିଧାୟକଙ୍କ ଜନ୍ମଦିନ ପାଳନ

**ରାଜନଗର,୧୬।୧୨(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ୍ ପେଣ୍ଠ ଗ୍ରାମର ସର୍ବପୁରାତନ ଶ୍ରୀଶ୍ରୀ ବନବିହାରୀ ଜିଉଙ୍କ ମନ୍ଦିର ପରିସରରେ ରାଜନଗର ବ୍ଲକ୍ ବିଜୁ ଜନତା ଦଳ ପକ୍ଷରୁ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ଜନ୍ମଦିନ ପାଳନ କରାଯାଇଛି। ବ୍ଲକ୍ ବିଜୁ ଜନତା ଦଳ ସଭାପତି ନିରଞ୍ଜନ ରାଉତଙ୍କ ସହିତ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବିଜୟ ନାୟକ, ସରପଞ୍ଚ ଅଶୋକ କୁମାର ମହାନ୍ତି,ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ପରିଡ଼ା, ବରିଷ୍ଠ ନେତା ଦିଲୀପ କୁମାର ପାତ୍ର, ପ୍ରମୋଦ କୁମାର ପ୍ରଧାନ, ସୁରଜ କୁମାର ପୁହାଣ, ଘନଶ୍ୟାମ ବଳ, ରାମଚନ୍ଦ୍ର ନାୟକ,ନରେଶ ଚନ୍ଦ୍ର ରାଉତ,ରଂଜନ କୁମାର ଜେନା ପ୍ରମୁଖ ବିଜେଡି କର୍ମୀ ଯୋଗଦେଇ ମନ୍ଦିରରେ ଦୀପଦାନ କରି କର୍ମୀମାନେ ବିଧାୟକ ଶ୍ରୀ ସାହୁଙ୍କ ସୁଭମନାସୀ ଥିଲେ।



## ଜାତୀୟ ପତାକା ଅସମ୍ମାନ ଘଟଣା
# ଦୁଇ ଜଣଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ

**ରାଜନଗର,୧୬।୧୨(ସଂଚାର ବ୍ୟୁରୋ):** ବହୁଚର୍ଚ୍ଚିତ ସ୍ୱାଧୀନତା ଦିବସରେ ଜାତୀୟ ପତାକାକୁ ଅସ୍ମମାନ ଘଟଣାର ରାୟ ଦୀର୍ଘ ୨୧ ବର୍ଷ ପରେ ଆସିଛି। ଏହି ଘଟଣାରେ ରାୟ ଆସିବା ବେଳକୁ ଜଣେ ଅଭିଯୁକ୍ତଙ୍କର ମୃତ୍ୟୁ ହୋଇସାରିଛି। ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଦୁଇ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ରାୟ ନ୍ୟାୟଧୀଶ ଶୁଣାଇଛନ୍ତି। ୩ ଜଣ ମହିଳାଙ୍କୁ ନିର୍ଦୋଶରେ ଖଲାସ କରାଯାଇଛି।

ରାଜନଗର ବ୍ଲକ କୃଷ୍ଣନଗର ପଞ୍ଚାୟତ କନକନଗର ବୀଣାପାଣି ପ୍ରାଥମିକ ବିଦ୍ୟାଳୟରେ ୨୦୦୪ ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସରେ ପତାକା ଉତ୍ତୋଳନ କରାଯାଇଥିଲା। ସକାଳ ୭ଟା ୩୦ ରେ ଛାତ୍ରଛାତ୍ରୀ, ଗ୍ରାମବାସୀଙ୍କ ଉପଷ୍ଟିତରେ ପତାକା ଉତ୍ତୋଳନ ସାରିବା ପରେ ହଠାତ ବିଦ୍ୟାଳୟ କ୍ୟାମ୍ପସକୁ ୬ ଜଣ ପ୍ରବେଶ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ପତାକା ଉତ୍ତୋଳନ ହୋଇଥିବା ବାଉଁଶ ଉପାଡିବାକୁ କହିଥିଲେ। ପ୍ରଧାନଶିକ୍ଷକ ନଉଠାଇବାରୁ ଅଭିଯୁକ୍ତମାନେ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ବାଉଁଶ ସହ ପତାକା ଉପାଡି ଫିଙ୍ଗିବା ସହ ଜାତୀୟ ପତାକାକୁ ଗୋଡରେ ଦଳିଥିଲେ। ଏହି ଘଟଣା ଜାତୀୟ ସ୍ତରରେ ଆଲୋଡନ ସୃଷ୍ଟି କରିଥିଲା। ବିଦ୍ୟାଳୟର ଇନଚାର୍ଜ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ଦାସ ଏନେଇ ଲିଖିତ ଅଭିଯୋଗ କରିଥିଲେ। ମୁଖ୍ୟ ଅଭିଯୁକ୍ତ ଏସ କେ ମଇଉଦିନଙ୍କର ରାୟ ଆସିବା ବେଳକୁ ମୁତ୍ୟୁ ହୋଇସାରିଛି। ଏସ କେ ଆଇବୁଉଦିନ ଓ ଏସ କେ ନାସିରଉଦିନଙ୍କୁ ମାନ୍ୟବର ରାଜନଗର ଜେଏମଏଫସିର ନ୍ୟାୟଧୀଶ ଶ୍ରୀମତୀ ଶିବାନୀ ମିଶ୍ର ଦୁଇ ବର୍ଷର ସଶ୍ରମ କାରାଦଣ୍ଡ ରାୟ ଶୁଣାଇଛନ୍ତି। ଏହି ଘଟଣାର ଅନ୍ୟ ତିନି ଅଭିଯୁକ୍ତ ଇରାନୀ ବିବି, କଲଶୁନ ବିବି, କାଶ୍ମିରୀ ବିବିଙ୍କୁ ଖଲାସ କରାଯାଇଛି। ସରକାରୀ ଆଇନଜୀବୀ ନଳିନୀକାନ୍ତ ମଙ୍ଗରାଜ ଏହି ମାମଲା ପରିଚାଳନା କରୁଥିଲେ। ସେତେବେଳର ତଦନ୍ତକାରୀ ଅଫିସର ଶୀତିକଣ୍ଠ କାନୁନଗୋ ଆଜି କୋର୍ଟରେ ଉପସ୍ଥିତ ହୋଇ ନିଜର ପକ୍ଷ ରଖିଥିଲେ।

# ଅଟଳ ସେନା ପକ୍ଷରୁ ମଣ୍ଡଳ କାର୍ଯ୍ୟକର୍ତ୍ତା ସମ୍ମିଳନୀ

**ସାଲେପୁର,୧୬।୧୨(ସଂଚାର ବ୍ୟୁରୋ):** ଅଟଳ ସେନା ସାଲେପୁର ମଣ୍ଡଳ ତରଫରୁ ଏକ କାର୍ଯ୍ୟକର୍ତ୍ତା ସମ୍ମିଳନୀ ସାଲେପୁର ନିକଟସ୍ଥ ଶାରଳା ମଣ୍ଡପ ଠାରେ ମଣ୍ଡଳ କାର୍ଯ୍ୟକାରୀ ସଭାପତି ତୁଷାରକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି ।




ଉକ୍ତ ସମ୍ମିଳନୀକୁ ଅଟଳ ସେନା ବୁଦ୍ଧିଜୀବୀ ସଙ୍ଘ ରାଜ୍ୟ ସଭାପତି ଡଃ ଉମେଶ ଚନ୍ଦ୍ର ପତି ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବରେ ସେନାର ଉପଦେଷ୍ଟା ଡଃ ପୂର୍ଣ୍ଣଚନ୍ଦ୍ର ଓଝା ଯୋଗ ଦେଇ ଅଟଳ ସୈନିକମାନଙ୍କୁ ଭୋଗ ବଦଳରେ ତ୍ୟାଗର ପ୍ରତିଯୋଗୀତା କରିବାକୁ ଆହ୍ୱାନ ଦେଇଥିଲେ। ଅଟଳ ସେନା ରାଜ୍ୟ ସଭାପତି ଦିବାକର ପ୍ରଧାନ ଆଗାମୀ ୨୫ ତାରିଖରେ ହେବାକୁ ଥିବା ସେନାର ପ୍ରତିଷ୍ଠା ଦିବସକୁ ପାଳନ କରିବା ସହ ଅଟଳଜୀଙ୍କ ଜୟନ୍ତୀକୁ କିପରି ଭାବରେ ପାଳନ କରାଯିବ ସେ ସମ୍ପର୍କରେ ମାର୍ଗ ଦର୍ଶନ କରିଥିଲେ। ଏଥିରେ ଅନ୍ୟ ମାନଙ୍କ ମଧରେ ଚିନ୍ତନ ପରିଷଦର ଉପାଧକ୍ଷ ପ୍ରଭାତ କିଶୋର ନାୟକ, ସଂଗଠନ ସମ୍ପାଦକ ରବୀନ୍ଦ୍ର କୁମାର ବେହେରା, ଉପଦେଷ୍ଟା ଧ୍ରୁବ ଚରଣ ବେହେରା, ଅବତନ ଷଡ଼ଙ୍ଗୀ, କୋଷାଧକ୍ଷ ପ୍ରଦୀପ୍ତ କୁମାର ବିଶ୍ୱାଳ, ରାଜ୍ୟ ସଂପାଦକ କ୍ଷୀରୋଦ ଚନ୍ଦ୍ର ପ୍ରଧାନ, ମହିଳା ସଂଘ ସଭାନେତ୍ରୀ ମିନତୀ ନାୟକଙ୍କ ସମେତ ପ୍ରମୁଖ ପଞ୍ଚାୟତ ସଭାପତିମାନେ ଉପସ୍ଥିତ ଥିଲେ ।

# ଭିକ୍ଷୁକମାନଙ୍କୁ କମ୍ବଳ ଓ ସହାୟତା ପ୍ରଦାନ କଲେ ଯୁବନେତା



**ମହାକାଳପଡ଼ା,୧୬।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ାର ଆରାଧ ଦେବତା ମହାପ୍ରଭୁ ଶ୍ରୀ ବଳଦେବଜୀଉ ଙ୍କ ମନ୍ଦିର ସାମ୍ନାରେ ଭିକ୍ଷା ବୃତ୍ତି କରି ଜୀବନ କାଟୁଥିବା ଭିନ୍ନକ୍ଷମ ଓ ଅସହାୟ ଲୋକଙ୍କୁ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ଯୁବନେତା ତଥା ଇଂ ଚନ୍ଦ୍ରକାନ୍ତ ସ୍ୱାଇଁ ସହାୟତା ପ୍ରଦାନ କରିଛନ୍ତି। ଚନ୍ଦ୍ରକାନ୍ତ ତାଙ୍କର ଯୁବ ସାଥି ମାନଙ୍କ ସହିତ ଆଜି ସେମାନଙ୍କ ପାଖରେ ପହଞ୍ଚି ଶୀତ ପାଇଁ କମ୍ବଳ, ଖାଦ୍ୟ ଓ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ବିଧାୟକ ଶାରଦାଙ୍କ ତତ୍ତ୍ୱାବଧାନରେ ବଚନ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ



**ନିଶ୍ଚିନ୍ତକୋଇଲି,୧୬।୧୨ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ପିପି କଲେଜ ଖେଳ ପଡ଼ିଆ ପରିସରରେ କଟକ ଜିଲ୍ଲା ସଂସଦ ଆନୁକୂଲ୍ୟରେ ଓ ମାହାଙ୍ଗା ଆଥଲେଟିକ୍ ଆସୋସିଏସନ ସହଯୋଗରେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ବଚନ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ-୨୦୨୫ର ୨ୟ ଦିବସରେ ଅତି ରୋମାଞ୍ଚକର ପରିବେଶ ମଧରେ ଶତାଧିକ ଦର୍ଶକଙ୍କ ଭିଡ଼ ମଧରେ ଅନୁଷ୍ଠିତ ହୋଇଯାଇଛି। ୨ୟ ଦିନର ଏହି ଖେଳକୁ ଜାତୀୟ ଫୁଟବଲ ଖେଳାଳୀ ରଞ୍ଜିତ ଇଗ୍ନୀଶୀୟ ସଟୀକା, କ୍ରୀଡ଼ା ସଂଗଠକ ସହଦେବ ରାଉତ, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର କୁମାର ସାହୁ, ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ଡଃ ତରୁଲତା ଦେବୀ , ବ୍ଲକ ଉପାଧକ୍ଷ ନୃସିଂହଚରଣ ମିଶ୍ର, ପ୍ରମୁଖ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏହି ଖେଳରେ ସିଆର୍‌ଆର୍‌ଆଇ କ୍ଲବ ଓ ଜଲୁକା ଯୁଥ୍ କ୍ଲବ ମଧରେ ଅନୁଷ୍ଠିତ ହୋଇଥିଲା ବେଳେ ସିଆର୍‌ଆର୍‌ଆଇ କ୍ଲବ ଓ ଜଲୁକା ଯୁଥ୍ କ୍ଲବକୁ ୫-୦ ଗୋଲରେ ପରାସ୍ତ କରି ବିଜୟୀ ଲାଭ କରିଥିଲା। ଶ୍ରେଷ୍ଠ ଖେଳାଳୀ ଭାବେ ସାହେବ୍ ସୋରେନ୍‌ଙ୍କୁ ପୁରସ୍କୃତ କରାଯାଇଥିଲା।

# ନାରୀକୈନ୍ଦ୍ରିକ ସଚେତନତା କାର୍ଯ୍ୟକ୍ରମ

**ସାଲେପୁର, ୧୬।୧୨ (ସଂଚାର ବ୍ୟୁରୋ):** ଆଜି ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗ ପକ୍ଷରୁ ଏକ ନାରୀକୈନ୍ଦ୍ରିକ ସଚେତନତା କାର୍ଯ୍ୟକ୍ରମ ପି.ଏମ୍.ଶ୍ରୀ ସାଲେପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡଃ ସଙ୍ଗୀତା ମିଶ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିବାବେଳେ ବିଭାଗୀୟ ମୁଖ୍ୟ ଡଃ ଅଞ୍ଜୁମ୍ ହାସନଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ସ୍ଥାନୀୟ ପି.ଏମ୍.ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କୁ ନାରୀ ସଚେତନତା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଲେପୁର ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀକାନ୍ତ ପରିଡ଼ା, ଶିକ୍ଷକ ଜ୍ଞାନରଞ୍ଜନ ସ୍ୱାଇଁ, ଶିକ୍ଷୟିତ୍ରୀ ଶ୍ୱେତାଲିନ୍ ନନ୍ଦ, କଲ୍ୟାଣୀ ଯାଦବ, ନିବେଦିତା ଖଣ୍ଡୁଆଳ ଓ ମହାବିଦ୍ୟାଳୟ ପକ୍ଷରୁ ଗୌରାଙ୍ଗ ଚରଣ ନାୟକ, ସୁଜାତା ଦାସ ଓ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ପଟ୍ଟାମୁଣ୍ଡାଇ ବ୍ଲକସ୍ତରୀୟ ଶିଶୁ ଉତ୍ସବ-୨୦୨୫

**ପଟ୍ଟାମୁଣ୍ଡାଇ,୧୬।୧୨(ସଂଚାର ବ୍ୟୁରୋ):** ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ( ଓଷ୍ଟା) ଆନୁକୂଲ୍ୟରେ ପଟ୍ଟାମୁଣ୍ଡାଇ ବ୍ଲକ ସ୍ତରୀୟ ଶିଶୁ ଉତ୍ସବ -୨୦୨୫ ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ଓଷ୍ଟା ସଭାପତି ବିଜୟ କୁମାର ଆଚାର୍ଯ୍ୟଙ୍କ ପୌରହିତ୍ୟରେ ଆୟୋଜିତ ଉଦଘାଟନୀ ଉତ୍ସବରେ ସରକାରୀ ବାଳିକା ହାଇସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ଉର୍ମିଳା ଜେନା ମୁଖ୍ୟଅତିଥି, କେନ୍ଦ୍ରାପଡ଼ା ଜିଲ୍ଲା ଓଷ୍ଟା ସଭାପତି ଅଶୋକ ପରିଡା ମୁଖ୍ୟବକ୍ତା, କାଉନସିଲର ଲାସ୍ୟମୟୀ ସାହୁ, ମୋ ସ୍କୁଲ ଅଭିଯାନ ସଭାପତି ଲକ୍ଷ୍ମୀପ୍ରିୟା ମହାନ୍ତି, ଜିଲ୍ଲା ଓଷ୍ଟା ଉପସଭାପତି ମଧୁଛନ୍ଦା ନାଥଶର୍ମା ଓ ସ୍କୁଲ ପରିଚାଳନା କମିଟି ସଭାପତି ଅନୁସୂୟା ବେହେରା ପ୍ରମୁଖ ସମ୍ମାନିତଅତିଥି ଭାବେ ଯୋଗ ଦେଇ ଶିଶୁମାନଙ୍କ ସାର୍ବିକ ବିକାଶ ହେଲେ ଦେଶର ଭବିଷ୍ୟତ ଉଜ୍ଜଳ ହେବ ବୋଲି ମତପ୍ରକାଶ କରିଥିଲେ । ଏଇ ଅବସରରେ ବିଭିନ୍ନ ପ୍ରତିଯୋଗୀତରେ କୃତୀ ପ୍ରତିଯୋଗୀ ମାନଙ୍କୁ ମୁଖ୍ୟଅତିଥି ଓ ଅନ୍ୟାନ୍ୟ ଅତିଥିମାନେ ସିଲଡ଼ ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ।

## ସାଇବର ଠକଙ୍କ ଟାର୍ଗେଟ୍‌ରେ 'ମମତା' ହିତାଧିକାରୀ
# ସାଲେପୁର ବ୍ଲକ ଅଞ୍ଚଳରୁ ୧୦ରୁ ଉର୍ଦ୍ଧ୍ୱ ଠକାମୀର ଶିକାର

**ସାଲେପୁର,୧୬।୧୨(ସଂଚାର ବ୍ୟୁରୋ):** ଏହି କିଛି ଦିନ ହେବ ସାଲେପୁର ବ୍ଲକ ଅଞ୍ଚଳରେ ଗର୍ଭବତୀ ମହିଳାମାନେ ସାଇବର ଠକଙ୍କ ଶୀକାର ହୋଇ ହଜାର ହଜାର ଟଙ୍କା କ୍ଷତିଗ୍ରସ୍ତ ହେଉଛନ୍ତି। ଆଜି ଗୋଟିଏ ଦିନରେ ସାଇବର ଠକମାନେ ସାଲେପୁର ବ୍ଲକ ଅଞ୍ଚଳରେ ୮ଜଣରୁ ଉର୍ଦ୍ଧ୍ୱ ଗର୍ଭବତୀ ମହିଳାଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଠକାମୀ କରିଥିବାନେଇ ଅଭିଯୋଗ ହୋଇଛି। ଏବେ ସାଇବର ଠକଙ୍କ ଟାର୍ଗେଟ୍‌ରେ ମମତା ଓ ସୁଭଦ୍ରା ହିତାଧିକାରୀମାନେ ରହିଛନ୍ତି।

ଅଭିଯୋଗରୁ ପ୍ରକାଶ ଯେ ଏହି କିଛି ଦିନ ହେବ ସାଲେପୁର ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ମମତା ଯୋଜନାରେ ସରକାରୀ ସହାୟତା ପାଉଥିବା ମହିଳାମାନଙ୍କୁ ଠକିଚାଲିଛନ୍ତି ସାଇବର ଠକ। ଗର୍ଭବତୀ ମହିଳାମାନଙ୍କର ଫୋନ୍ ନମ୍ବର ସଂଗ୍ରହ କରି ସାଇବର ଠକମାନେ ନିଜକୁ ହେଡ୍ ଅଫିସର ଅଧିକାରୀ ବୋଲି ବିବେଚିତ କରି ସେମାନଙ୍କୁ ବିଭିନ୍ନ ପ୍ରକାର ଅଧିକ ମାତ୍ରାରେ ସରକାରୀ ଅର୍ଥ ପ୍ରଦାନ କରିବେ ବୋଲି ପ୍ରଲୋଭନ ଦେଖାଇ ଓ.ଟି.ପି. ମାଧମରେ ସେମାନଙ୍କ ଆକାଉଣ୍ଟରୁ ଟଙ୍କା ହଡ଼ପ କରୁଥିବା ନେଇ ଅଭିଯୋଗ ସାମ୍‌ନାକୁ ଆସିଛି। ଆଜକୁ ପ୍ରାୟ ୧୦/୧୫ଦିନ ତଳେ ପିକୋଳ ପଞ୍ଚାୟତ ବୋଦାମଣ୍ଡାଇ ଗ୍ରାମର ପ୍ରଜ୍ଞାପରମିତା ସାହୁଙ୍କ ଆକାଉଣ୍ଟରୁ ଏହି ସାଇବର ଠକମାନେ ୪୮ହଜାର ଟଙ୍କା ଠକି ନେଇଥିବାବେଳେ ଆଜି ସାଲେପୁର ବ୍ଲକ ମିର୍ଜାପୁର ପଞ୍ଚାୟତ ଛୋଟିପଡ଼ା ଗ୍ରାମର ଜ୍ୟୋସ୍ନାରାଣୀ ସାହୁଙ୍କ ଆକାଉଣ୍ଟରୁ ୬ହଜାର ଟଙ୍କା ଯାଇଥିବାବେଳେ ସେହି ପଞ୍ଚାୟତର କାନପୁର ଗ୍ରାମର ଉଷାରାଣୀ ସାହୁଙ୍କ ଆକାଉଣ୍ଟରୁ ୪ହଜାର ୭ଶହ, ଚମ୍ପତି ପଞ୍ଚାୟତର ଗୋପିନାଥପୁର ଗ୍ରାମର ଚାନ୍ଦିନୀ ବେଗମ୍‌ଙ୍କ ଆକାଉଣ୍ଟରୁ ୧୦ହଜାର, ମୁତାରିଫା ପଞ୍ଚାୟତର ରଶ୍ମିତା ସାହୁଙ୍କ ଠାରୁ ୧୦ହଜାର ଟଙ୍କା ନେଇଥିବାବେଳେ ସାଲେପୁର ବ୍ଲକ ଅଞ୍ଚଳରେ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ମମତା ହିତାଧିକାରୀଙ୍କ ଠାରୁ ଏହି ସାଇବର ଠକମାନେ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। କୌଶଳ କରି ସମ୍ପୃକ୍ତ ଠକମାନେ ପ୍ରଥମେ ହିତାଧିକାରୀମାନଙ୍କ ଫୋନ୍ ସଂଗ୍ରହ କରି ସ୍ଥାନୀୟ ଅଞ୍ଚଳର ଆଶା ଦିଦିଙ୍କ ନାମ ପ୍ରକାଶ କରିବା ସହ ହିତାଧିକାରୀଙ୍କ ବିଶ୍ୱାସଭାଜନ ହୋଇ ସମସ୍ତ ସରକାରୀ ଯୋଜନା ଠିକ୍ ଭାବେ ପାଉଛ କି ନାହିଁ, ପଚାରିବାପରେ ତୁମେ ଏତିକି ଟଙ୍କା ଏହି ଆକାଉଣ୍ଟ୍‌କୁ ପଠାଅ, ତୁମେ ଅଧିକ ଟଙ୍କା ପାଇବ ବୋଲି ପ୍ରଲୋଭିତ କରି ଗର୍ଭବତୀ ମହିଳାମାନଙ୍କୁ ଠକି ଚାଲିଛନ୍ତି।

ଏହି ଅଭିଯୋଗ ସାଲେପୁର ସିଡିପିଓଙ୍କ ନିକଟରେ ପହଞ୍ଚିବା ପରେ ସିଡିପିଓ ସୌଦାମିନୀ ପଣ୍ଡା ଏ ସମ୍ପର୍କରେ ସମସ୍ତ ହିତାଧିକାରୀଙ୍କୁ ସଚେତନ କରାଇବା ସହ ମମତା ଯୋଜନା ସମ୍ବନ୍ଧୀୟ ଯଦି କୌଣସି ଫୋନ ହିତାଧିକାରୀଙ୍କ ନିକଟକୁ ଆସେ ତେବେ ସେମାନଙ୍କ ସହ କୌଣସି ବାର୍ତ୍ତାଳପ ନକରି ତୁରନ୍ତ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ଶ୍ରୀମତୀ ପଣ୍ଡା ପରାମର୍ଶ ଦେଇଛନ୍ତି।

# ଗୁପ୍ତେଶ୍ୱର ପୀଠରେ କମ୍ବଳ ବାଣ୍ଟିଲା ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ



**କେନ୍ଦ୍ରାପଡ଼ା,୧୬।୧୨(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲାର ବାବା ଗୁପ୍ତେଶ୍ୱର ପୀଠକୁ ଯାଇଥିଲେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଦସ୍ୟ ମାନେ। ସେଠାରେ ଅନେକ ଅସହାୟ ଲୋକ ଦାନ ପାଇବା ଆଶାରେ ମନ୍ଦିର ସାମ୍ନାରେ ବସି ରହିଥିବା ସେମାନେ ଦେଖିବାକୁ ପାଇଥିଲେ। ପ୍ରବଳ ଥଣ୍ଡାକୁ ଆଖି ଆଗରେ ରଖି ସଭାପତି ଦମନ ମହାନ୍ତି ସମସ୍ତଙ୍କ ପାଇଁ କମ୍ବଳ ର ବ୍ୟବସ୍ଥା କରିଥିଲେ। ଏହି କାର୍ଯ୍ୟକ୍ରମରେ ଦମନ ମହାନ୍ତିଙ୍କ ସମେତ ବିକାଶ ପାତ୍ର, ଅଭୟ ବେହେରା, ଦେବେନ୍ଦ୍ର ନାୟକ, ତପନ ସେନାପତି, ଦିଲ୍ଲୀପ କୁମାର ନାଥ, ଗୌରାଙ୍ଗ ନାୟକ ଓ କଟକ ଜିଲ୍ଲା ପ୍ରତିନିଧି ମକର ବେହେରା ପ୍ରମୁଖ ସାମିଲ ଥିଲେ ।

**AFFIDAVIT**

By virtue of an affidavit sworn before the executive magistrate kendrapara dated 11/12/2025, I Kamala Kanta Parida, S/o - Dusmant Parida,At/Po - Ostapur, Ps-Kendrapara Sadar, Dist -Kendrapara, Pin -754212 declares that, I have changed my name from Kamlakant Parida to Kamala Kanta Parida. Henceforth, I shall be known as Kamala Kanta Parida for all purposes.

**Kamala Kanta Parida**

### ନାବାଳିକା ଗଣଦୁଷ୍କର୍ମ ମାମଲା

# ସରକାରଙ୍କୁ ନବୀନଙ୍କ ଟାର୍ଗେଟ୍



**ଭୁବନେଶ୍ୱର, ୧୬।୧୨ (ସଂଚାର ବ୍ୟୁରୋ):** ଧଉଳିରେ ଜନୈକା ନାବାଳିକାଙ୍କୁ ଗଣଦୁଷ୍କର୍ମ ଘଟଣାରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ରାଜ୍ୟରେ ବର୍ବରତା ଓ ଅରାଜକତ ସୀମା ଟପୁଛି ଏବଂ ରାଜଧାନୀ ଅସୁରକ୍ଷିତ ହୋଇପଡ଼ିଲାଣି ବୋଲି କହିଛନ୍ତି ନବୀନ।

ନବୀନ ଆହୁରି ମଧ୍ୟ କହିଛନ୍ତି ଯେ ଧଉଳି ଘଟଣା ସାରା ରାଜ୍ୟକୁ ବିଚଳିତ କରିଦେବା ପରି ବିଷୟ। ଅପରାଧୀ ଭୟଶୂନ୍ୟ ହେଉଛନ୍ତି। ସରକାର ଲୋକଙ୍କ ପାଖରେ ବିଶ୍ୱାସ ହରାଉଛି। ଆଇନଶୃଙ୍ଖଳା ଆଉ କେତେ ବିପର୍ଯ୍ୟସ୍ତ ହେଲେ ସରକାର ସଜାଗ ହେବେ ବୋଲି ସେ ପ୍ରଶ୍ନ କରିଛନ୍ତି। ଅପରାଧ ରୋକିବା ଦିଗରେ ସରକାରଙ୍କ ଅସମର୍ଥତା କାରଣରୁ ସାଧାରଣ ଜନତା ଏବେ ଭୟଭୀତ ଅବସ୍ଥାରେ ଜୀବନ କାଟୁଛନ୍ତି। ରାଜଧାନୀରେ ମହିଳାଙ୍କ ପାଇଁ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିନପାରିବା ବିଜେପି ସରକାରର ଅପାରଗତା ଓ ସମ୍ବେଦନହୀନ ଆଚରଣକୁ ଦର୍ଶାଉଛି। ମହିଳାଙ୍କ ସୁରକ୍ଷା ସହ ଅପରାଧ ପ୍ରବଣତାକୁ ରୋକିବା ପାଇଁ ସରକାର କଠୋର ପଦକ୍ଷେପ ନିଅନ୍ତୁ। ଘଟଣା ଘଟିବା ପରେ ନୁହେଁ, ବରଂ ପୂର୍ବରୁ ଏହାକୁ ରୋକିବା ଦିଗରେ ସରକାର ତତ୍ପର ହୁଅନ୍ତୁ ବୋଲି ନବୀନ ପରାମର୍ଶ ଦେଇଛନ୍ତି।

## ଇଷ୍ଟର୍ଣ୍ଣ ଜୋନ ପାୱାର ଲିଫ୍ଟିଂରେ ଓଡ଼ିଶାକୁ ୫ ପଦକ

**ଭୁବନେଶ୍ୱର, ୧୬।୧୨ (ସଂଚାର ବ୍ୟୁରୋ):** ଗତ ୯ରୁ ୧୨ ତାରିଖ ପର୍ଯ୍ୟନ୍ତ ହାଓଡ଼ାସ୍ଥିତ ପୁରୁଲିଆ ବ୍ୟାୟାମ ସମିତିଠାରେ ଇଷ୍ଟର୍ଣ୍ଣ ଜୋନ ପାୱାର ଲିଫ୍ଟିଂ ଚାମ୍ପିଅନଶିପ୍ ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ୧୦ ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫ ଜଣ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି। ଏଥିରେ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ରହିଥିବା ବେଳେ ୩ଟି ବ୍ରୋଞ୍ଜ୍ ପଦକ ରହିଛି। ପୁରୁଷ ୭୪ କିଗ୍ରା ଓଜନ ବର୍ଗରେ ଓଡ଼ିଶା ଅଖିଳ ନାଗ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ରାକେଶ କୁମାର ବେହେରା ଦ୍ୱିତୀୟ ସ୍ଥାନ ଦଖଲ କରି ରୌପ୍ୟ ପଦକ ଜିତିଛନ୍ତି। ସେହିପରି ପୁରୁଷ ୮୪ କିଗ୍ରା ଇକ୍ୱିପଡ୍ ବର୍ଗରେ ଶକ୍ତି ରଞ୍ଜନ ବାରିକ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ୍ ଓ ୮୪ କିଗ୍ରା ଓଜନ ବର୍ଗରେ ତନାଲି ମିଶ୍ର ତୃତୀୟ ସ୍ଥାନ ସହ ବ୍ରୋଞ୍ଜ୍ ଓ ୮୪ କିଗ୍ରାରୁ ଉର୍ଦ୍ଧ୍ୱ ଓଜନ ବର୍ଗରେ ଅନ୍ୟତମ ଓଡ଼ିଆ ପ୍ରତିଯୋଗୀ ଅନିତା ବେହେରା ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ପଦକ ବିଜେତାମାନଙ୍କୁ ଓଡ଼ିଶା ପାୱାର ଲିଫ୍ଟିଂ ଆସୋସିଏସନ୍‌ର ଅଧ୍ୟକ୍ଷ ଇଂ. ଚିତ୍ତରଞ୍ଜନ ସ୍ୱାଇଁ ଓ ସମ୍ପାଦକ ଡଃ ହରି ପ୍ରସାଦ ପଟ୍ଟନାୟକ ଶୁଭେଚ୍ଛା ଜଣାଇଥିବା ବେଳେ ସମିତିର ଅନ୍ୟ କର୍ମକର୍ତ୍ତାମାନେ ପ୍ରତିଯୋଗୀମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

### ଗୁଗୁଲ୍‌ର 'ଏଆଇ ଇମ୍ପାକ୍ଟ ସମ୍ମିଟ'ରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

# ଆଗାମୀ ପିଢ଼ିର ଛାତ୍ରଛାତ୍ରୀଙ୍କୁ ଦକ୍ଷ କରିବ ଏଆଇ

- ଗୁଗୁଲ୍ ଇଣ୍ଡିଆ ଉପସଭାପତି ଓ ଗୁଗୁଲ୍ ଟିମ୍ ସହ ପୃଥକ ବୈଠକ
- ବିଭିନ୍ନ କ୍ଷେତ୍ରରେ ସହଯୋଗ ପାଇଁ ଗୁଗୁଲ ସହଯୋଗକୁ ପ୍ରଶଂସା



**ନୂଆଦିଲ୍ଲୀ, ୧୬।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଗୁଗୁଲ୍ ପକ୍ଷରୁ ଆୟୋଜିତ 'ଏଆଇ ଇମ୍ପାକ୍ଟ ସମ୍ମିଟ୍'ରେ ଯୋଗଦେଇ ଭାରତର କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ଷମତାକୁ ପ୍ରୋତ୍ସାହିତ କରିବା ସହ ଦେଶରେ ଏକ 'ଏଆଇ-ପ୍ରସ୍ତୁତ ପିଢ଼ି' ସୃଷ୍ଟି କରିବା ତଥା ଏଆଇ ମାଧ୍ୟମରେ ଆଗାମୀ ପିଢ଼ିର ଛାତ୍ରଛାତ୍ରୀଙ୍କୁ ଦକ୍ଷ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ଦେଶରେ ୪ଟି ଏଆଇ ଉତ୍କର୍ଷ କେନ୍ଦ୍ର ସହ ଗୁଗୁଲ୍‌ର ସହଯୋଗ ଓ ଏଥିପାଇଁ ୮ ମିଲିୟନ୍ ଆମେରିକୀୟ ଡଲାର୍ ବିନିଯୋଗକୁ କେନ୍ଦ୍ର ମନ୍ତ୍ରୀ ପ୍ରଶଂସା କରିଛନ୍ତି। ଏହାଛଡ଼ା ଆଇଆଇଟି ବମ୍ବେରେ 'ଇଣ୍ଡିକ୍ ଲାଙ୍ଗୁଏଜ୍ ଟେକ୍ନୋଲୋଜିଜ୍ ରିସର୍ଚ୍ଚ ହବ୍' ପ୍ରତିଷ୍ଠା ପାଇଁ ଗୁଗୁଲ୍ ପକ୍ଷରୁ ପ୍ରଦତ୍ତ ୨ ମିଲିୟନ୍ ଆମେରିକୀୟ ଡଲାର୍‌ର ଯୋଗଦାନକୁ ମଧ୍ୟ କେନ୍ଦ୍ର ମନ୍ତ୍ରୀ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ 'ଇଣ୍ଡିଆ ଏଆଇ ମିଶନ୍' ସହ ଏହିପରି ରଣନୀତିକ ଶିଳ୍ପ ଭାଗିଦାରୀ ଭାରତକୁ ଏକ ଆନ୍ତର୍ଜାତୀୟ ଏଆଇ ଶକ୍ତିକେନ୍ଦ୍ରରେ ପରିଣତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ। ସେ ଗୁଗୁଲ୍ ଭଳି ବୈଶ୍ୱିକ ସହଯୋଗୀମାନଙ୍କୁ କେବଳ ପାଣ୍ଠି ଯୋଗାଣ ବଦଳରେ ଏଆଇ ଉତ୍କର୍ଷ କେନ୍ଦ୍ରଗୁଡ଼ିକ ସହ ଦୀର୍ଘମିଆଦୀ ସଂସ୍ଥାନିକ ଭାଗିଦାରୀ ସ୍ଥାପନ କରିବାକୁ ମଧ୍ୟ ଆହ୍ୱାନ କରିଛନ୍ତି। ଏହାଦ୍ୱାରା ଭାରତ ବିଶ୍ୱସ୍ତରୀୟ ଏଆଇ ମୂଲ୍ୟ ସୃଷ୍ଟିର ଏକ କେନ୍ଦ୍ର ହୋଇପାରିବ ଓ 'ବିକଶିତ ଭାରତ' ଲକ୍ଷ୍ୟ ହାସଲ ହୋଇପାରିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

ପରେ ଶ୍ରୀ ପ୍ରଧାନ ଗୁଗୁଲ୍ ଇଣ୍ଡିଆର କଣ୍ଟ୍ରି ମ୍ୟାନେଜର ତଥା ଉପସଭାପତି ପ୍ରୀତି ଲୋବାନା ଓ ଗୁଗୁଲ୍ ନେତୃତ୍ୱ ଟିମ୍ ସହ ଏକ ଫଳପ୍ରଦ ବୈଠକ କରିଥିଲେ। ଏହି ଆଲୋଚନାରେ ଡିଜିଟାଲ୍ ବ୍ୟବଧାନକୁ ଦୂର କରିବା, ପ୍ରଯୁକ୍ତିର ଗଣତାନ୍ତ୍ରିକୀକରଣ, ଦେଶର ଦୂରଦୂରାନ୍ତ ଅଞ୍ଚଳରେ ଉନ୍ନତ ଶିକ୍ଷାକୁ ସୁଗମ କରିବା ପାଇଁ ପ୍ରଯୁକ୍ତିର ଉପଯୋଗ ଓ ବଡ଼ ଭାଷା ମଡେଲଗୁଡ଼ିକୁ (ଏଲ୍ଏଲ୍ଏମ୍) 'ଭାରତୀୟ ଭାଷା' ଓ 'ଭାରତୀୟତା' ସହିତ ସମନ୍ୱିତ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହୋଇଥିଲା। ଶ୍ରୀ ପ୍ରଧାନଙ୍କ ଏହି ଉଦ୍ୟମଗୁଡ଼ିକ ପ୍ରଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ଭାରତର ଆଗାମୀ ଯାତ୍ରା ପାଇଁ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।

## ଝିଅ ଦୁଷ୍କର୍ମୀ ବାପାକୁ ଆଜୀବନ କାରାଦଣ୍ଡାଦେଶ

### ଦେଢ଼ ଶହ ଦିନରେ ଝାରସୁଗୁଡା ପୁଲିସକୁ ସଫଳତା

**ଝାରସୁଗୁଡ଼ା, ୧୬।୧୨ (ସଂଚାର ବ୍ୟୁରୋ):** ଝିଅକୁ ଦୁଷ୍କର୍ମ କରିବା ଅଭିଯୋଗରେ ବାପାକୁ ଆଜୀବନ କାରାଦଣ୍ଡାଦେଶ ହୋଇଛି। ଘଟଣା ଘଟିବାର ଦେଢ ଶହ ଦିନ ମଧ୍ୟରେ ଝାରସୁଗୁଡ଼ା ପୁଲିସ ଅଭିଯୁକ୍ତ ବିରୋଧରେ ଚାର୍ଜସିଟ ଦାଖଲ ସହ ପକ୍ସୋ କୋର୍ଟରେ ମାମଲାର ଶୁଣାଣି କରି ଅଭିଯୁକ୍ତକୁ କଠୋର ଦଣ୍ଡାଦେଶ କରାଇପାରିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଝାରସୁଗୁଡ଼ା ପୁଲିସ ମହିଳା ଓ ଶିଶୁଙ୍କ ପ୍ରତି ନିର୍ଯାତନା ଘଟଣାରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଛି ବୋଲି ଏସପି ରାଘବେନ୍ଦ୍ର ଗୁଣ୍ଡାଲା କହିଛନ୍ତି। ସୂଚନାଯୋଗ୍ୟ ଯେ ଗତ ଜୁଲାଇ ୯ରେ ଝାଡ଼ଖଣ୍ଡର କାଣ୍ଡେ ଥାନା ଅଞ୍ଚଳର ଜଣେ ନାବାଳିକା ତା' ବାପା ବିରୋଧରେ ଝାରସୁଗୁଡ଼ା ସଦର ଥାନାରେ ଦୁଷ୍କର୍ମର ଅଭିଯୋଗ ଆଣିଥିଲା। ପୁଲିସ ଘଟଣାକୁ ଗୁରୁତର ସହ ଗ୍ରହଣ କରି ଆଇଆଇସି ସ୍ୱପ୍ନାରାଣୀ ଗୋଚ୍ଛାୟତଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ମାମଲା ରୁଜୁ ହେବାର ୫୪ ଦିନ ମଧ୍ୟରେ ପୁଲିସ ଅଭିଯୁକ୍ତକୁ ଗିରଫ କରି ଏହି ଘଟଣାରେ ଚାର୍ଜସିଟ ଦାଖଲ କରିଥିଲା। ଅଭିଯୁକ୍ତ ବିରୋଧରେ ପକ୍ସୋ ଆଇନ ଓ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଥିଲା। ଝାରସୁଗୁଡା ଏସପିଙ୍କ ତତ୍ତ୍ୱାବଧାନରେ ପୁଲିସ ତଦନ୍ତ କରିବା ସହ ଅଭିଯୁକ୍ତ ବିରୋଧରେ ବଳିଷ୍ଠ ତଥ୍ୟ ପ୍ରମାଣ ସଂଗ୍ରହ କରିଥିଲା।

### ● ମହିଳା ସୁରକ୍ଷା ପ୍ରସଙ୍ଗ

## ଗାଦି ଛାଡ଼ନ୍ତୁ ସରକାର: ବିଜେଡି



**ଭୁବନେଶ୍ୱର, ୧୬।୧୨ (ସଂଚାର ବ୍ୟୁରୋ):** ଧଉଳି ଗଣଦୁଷ୍କର୍ମ ଘଟଣା ଲୋକଲୋଚନକୁ ଆସିବା ପରେ ରାଜ୍ୟରେ ମହିଳା ଯମାନଙ୍କ ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ଅଭିଯୋଗ କରି ବିଜେଡି ରାଜ୍ୟ ବିଜେପି ସରକାର ଉପରେ ବର୍ଷିଛି। ଏଥିସହ ମା'ମାନେ ଝିଅମାନଙ୍କୁ ଏପରି ଜାଗାକୁ ଛାଡ଼ିବା ଉଚିତ୍ ନୁହେଁ ଓ ଝିଅମାନେ ନିଜ ସୁରକ୍ଷା କଥା ନିଜେ ଚିନ୍ତା କରିବା ଉଚିତ ବୋଲି ରାଜ୍ୟ ମହିଳା କମିସନ ଦେଇଥିବା ମନ୍ତବ୍ୟକୁ ମଧ ଦଳ ପକ୍ଷରୁ କଡ଼ା ଭାଷାରେ ନିନ୍ଦା କରାଯାଇଛି। ସେହିପରି ରାଜ୍ୟ ସରକାର ଯଦି ମହିଳାଙ୍କୁ ସୁରକ୍ଷା ଦେବା ସ୍ଥିତିରେ ନାହାନ୍ତି, ତା'ହେଲେ ତୁରନ୍ତ ଗାଦି ଛାଡ଼ନ୍ତୁ ବୋଲି ଦଳ ପକ୍ଷରୁ ଦାବି କରାଯାଇଛି। ଆଜି ସ୍ଥାନୀୟ ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ ପରି ଘଟଣାମାନ ଦିନକୁ ଦିନ ବୃଦ୍ଧି ପାଇବା ସହ ସେମାନଙ୍କ ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଛି। ଗତ ୧୮ ମାସର ବିଜେପି ଶାସନରେ ରାଜ୍ୟରେ ମହିଳାଙ୍କ ବିରୋଧରେ ଅପରାଧ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇ ୪୦ ହଜାର ଟପିସାରିଛି। ଏଥିରୁ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି କେତେ ଦୟନୀୟ ତାହା ସହଜେ ଅନୁମେୟ। ଅପରାଧୀମାନେ ଏବେ ନିର୍ଭୟରେ ଅପରାଧ ଘଟାଉଛନ୍ତି। ଏହାର ଫଳସ୍ୱରୂପ ରାଜଧାନୀ ଭୁବନେଶ୍ୱରରେ ଗତ ୧୭ ମାସରେ ୨୮ ଜଣ ମହିଳା ଦୁଷ୍କର୍ମର ଶିକାର ହୋଇଛନ୍ତି ବୋଲି ଶ୍ରୀମତୀ ଛୁରିଆ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟରେ ମହିଳା ସୁରକ୍ଷା ସ୍ଥିତି ସଙ୍ଗିନ ହୋଇଥିଲେ ବି ଏହାକୁ ନିୟନ୍ତ୍ରଣ କରିବା ସକାଶେ ରାଜ୍ୟ ସରକାର କୌଣସି ତତ୍ପରତା ଦେଖାଉନାହାନ୍ତି। ଗୃହ ବିଭାଗ ଖୋଦ ମୁଖ୍ୟମନ୍ତ୍ରୀଙ୍କ ପାଖରେ ରହିଥିଲେ ବି ସ୍ଥିତିରେ ସୁଧାର ଆସିବା ପରିବର୍ତ୍ତେ ଅଧିକ ବିଗିଡ଼ିବା ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ଅପାରଗ ପଣିଆକୁ ପଦାରେ ପକାଇଦେଇଛି। ରାଜ୍ୟର ମହିଳା କମିଶନର ଉର୍ମିଳା ମହାପାତ୍ର ଦେଇଥିବା ମନ୍ତବ୍ୟ ବି ଦୁର୍ଭାଗ୍ୟଜନକ। ମା'ମାନେ ଏଭଳି ଜାଗାକୁ ଝିଅମାନଙ୍କୁ ଛାଡ଼ିବା ଉଚିତ ନୁହେଁ ଓ ଝିଅମାନେ ନିଜ ସୁରକ୍ଷା କଥା ନିଜେ ଚିନ୍ତା କରିବା ଦରକାର ବୋଲି ସେ କହିଥିଲେ।

## ବିଧାୟକଙ୍କ ଦରମା ବୃଦ୍ଧିକୁ ନବନିର୍ମାଣ କୃଷକ ସଂଗଠନର ବିରୋଧ




**ଭୁବନେଶ୍ୱର, ୧୬।୧୨ (ସଂଚାର ବ୍ୟୁରୋ):** ନିକଟରେ ବିଧାନ ସଭାରେ ପାରିତ ହୋଇଥିବା ବିଲ୍ ଅନୁସାରେ ବିଧାୟକଙ୍କ ମାସିକ ଦରମା ୧ ଲକ୍ଷ ୧୧ ହଜାରରୁ ୩ ଲକ୍ଷ ୪୫ ହଜାର ଟଙ୍କାରେ ପହଞ୍ଚିଥିବ ବେଳେ ମୁଖ୍ୟମନ୍ତ୍ରୀଙ୍କ ଦରମା ୩ ଲକ୍ଷ ୭୪ ହଜାର ହୋଇଛି। ସେହିପରି ପୂର୍ବତନ ବିଧାୟକଙ୍କ ପେନସନ ରାଶି ମଧ ୩୦ ହଜାରରୁ ୮୦ ହଜାର ଟଙ୍କାରେ ପହଞ୍ଚିଥିବା ବେଳେ ଏହି ସଂଶୋଧିତ ଦରମା ଗତ ବର୍ଷ ଜୁନ୍‌ରୁ ପିଛିଲା ଭାବେ ଲାଗୁ ହେବ ବୋଲି କୁହାଯାଇଛି। ତେବେ ଆଇନ ତିଆରି କରିବା ଅଧିକାର ନିଜ ହାତରେ ଥିବାରୁ ବିଧାୟକମାନଙ୍କ ଏପରି ନିଷ୍ପତ୍ତିକୁ ବିରୋଧ କରିଛି ନବନିର୍ମାଣ କୃଷି ସଂଗଠନ। ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଓ ଯୁବ ଛାତ୍ର ରାଜ୍ୟ ସଂଯୋଜକ ମନୱର୍ ଅଲ୍ଲୀଙ୍କ ନେତୃତ୍ୱରେ ନବନିର୍ମାଣର କର୍ମକର୍ତ୍ତାମାନେ ସ୍ଥାନୀୟ ଲୋୟର ପିଏମଜିଠାରେ ଯୋଗଦେଇ ବିକ୍ଷୋଭ କରିବା ସହ ଏପରି ନିଷ୍ପତ୍ତି ରଦ୍ଦ କରିବା ଦାବି ନେଇ ସେମାନେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଦେଇଛନ୍ତି।

ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ସରକାର ଗତ ନିର୍ବାଚନରେ ବାର୍ଦ୍ଧକ୍ୟ ଭତ୍ତା ୩ ହଜାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହା କେବଳ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କ ସକାଶେ ଲାଗୁ ହେଲା। ସେହିପରି ଗତ ୫ ବର୍ଷ ହେଲା ଚାଷୀ ସୁରକ୍ଷା ଭତ୍ତା ବାବଦରେ ୫ ହଜାର ଟଙ୍କା ପ୍ରଦାନ ସକାଶେ ସଂଗଠନ ଦାବି କରିଆସୁଥିଲେ ମଧ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇନାହାନ୍ତି। ସେହିପରି ପାଖାପାଖି ୫୦ ଲକ୍ଷ ଯୁବକ ରାଜ୍ୟ ବାହାରେ ଦାଦନ ଖଟୁଛନ୍ତି। ପାଖାପାଖି ୧୨ ଲକ୍ଷ ବୈଷୟିକ ଜ୍ଞାନସମ୍ପନ୍ନ ଯୁବକ ଚାକିରି ନ ପାଇ ବାରଦୁଆର ଶୁଙ୍ଘିପିଣ୍ଡା ହେଉଛନ୍ତି। ଏପରି ସ୍ଥିତିରେ ରାଜ୍ୟର ବିଧାୟକମାନଙ୍କୁ କାହା ସମସ୍ୟା ଦେଖାଗଲାନି। ଆଇନ ତିଆରି କରିବାର ଅଧିକାର ପାଇଥିବାରୁ ସେମାନେ ନିଜ ଦରମା ଗଣ୍ଡାକ ବଢ଼ାଇଦେଲେ। କିନ୍ତୁ ପାଖାପାଖି ୩ ଗୁଣ ଦରମା ବଢ଼ିବା କ'ଣ ବିବେକାନୁମୋଦିତ ନିଷ୍ପତ୍ତି? ଆଜି ଓଡ଼ିଶା ଉପରେ ୧ ଲକ୍ଷ ୨୬ ହଜାର ୭୯୯ କୋଟି ଋଣ ଭାର ବଢ଼ିଛି। ସେହିପରି ସାଧାରଣ ଲୋକଟିଏ ଦିନକୁ ମାତ୍ର ୫୦୬ ଟଙ୍କା ରୋଜଗାର କରୁଥିବା ବେଳେ କେଉଁ ଆଧାରରେ ଜଣେ ବିଧାୟକ ଦିନକୁ ସାଢ଼େ ୧୧ ହଜାରରୁ ଅଧିକ ଦରମା ପାଇବ ବୋଲି ସଂଗଠନ ପକ୍ଷରୁ ପ୍ରଶ୍ନ କରାଯାଇଛି। ଏହି ବିକ୍ଷୋଭରେ ଅମିତ୍ ଜେନା, ବିଶ୍ୱ ଭୂଷଣ ମହାନ୍ତି, ଏମଡି ମୁନାୱର, ଏମଡି ଇମତିଆଜ, ରୁଦ୍ର ଦାଶ, ଦିବ୍ୟ ରଞ୍ଜନ ସାହୁ ନେତୃତ୍ୱ ନେଇଥିଲେ।

## ସଚିବାଳୟର ଚତୁର୍ଥ ବ୍ୟାଚ୍ ସହାୟକ ଉପବିଭାଗ ଅଧିକାରୀଙ୍କ ପ୍ରଶିକ୍ଷଣ ଶେଷ

**ଭୁବନେଶ୍ୱର, ୧୬।୧୨ (ସଂଚାର ବ୍ୟୁରୋ):** ଓଡ଼ିଶା ସଚିବାଳୟର ଚତୁର୍ଥ ବ୍ୟାଚ୍ ସହାୟକ ଉପବିଭାଗ ଅଧିକାରୀ (ଇଣ୍ଡକସନ୍ ଟ୍ରେନି)ମାନଙ୍କ ସମ୍ବର୍ଦ୍ଧନା ସଭା ସ୍ଥାନୀୟ ଅଶୋକ ନଗରସ୍ଥିତ ସଚିବାଳୟ ପ୍ରଶିକ୍ଷଣ ଅନୁଷ୍ଠାନର ନୂତନ ଗୃହରେ ଅନୁଷ୍ଠିତ ହୋଇଛି। ସ୍ୱରାଷ୍ଟ୍ର ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ପ୍ରଶାସନର ପ୍ରାଣକେନ୍ଦ୍ର ସଚିବାଳୟରେ ଅବସ୍ଥାପିତ ଓଡ଼ିଶା ସଚିବାଳୟ ସେବା ଅଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସରକାରୀ କାର୍ଯ୍ୟରେ ଦକ୍ଷତା, ସ୍ୱଚ୍ଛତା, ସମୟାନୁବର୍ତ୍ତିତା, ପାରଦର୍ଶିତା ଓ ସଦାଚାରିତା ଅବଲମ୍ବନ କରିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷଣ ଅବଧି ମଧ୍ୟରେ ବିଭିନ୍ନ ଜିଲ୍ଲା, ବ୍ଲକ୍, ପୁଲିସ ଷ୍ଟେସନ୍, ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଆଦି ଗସ୍ତ କରି ସେଠାକାର ସରକାରୀ କାର୍ଯ୍ୟଶୈଳୀ ତଥା ସରକାରୀ ଯୋଜନାଗୁଡ଼ିକର ପରିଚାଳନା ସମ୍ପର୍କୀୟ ଜ୍ଞାନ ଆହରଣ କରିବା ପାଇଁ ସେ ଉପଦେଶ ଦେଇଥିଲେ। ଓଡ଼ିଶା ପୁଲିସ ଗୃହନିର୍ମାଣ ଓ କଲ୍ୟାଣ ନିଗମର ମୁଖ୍ୟ ପରିଚାଳନା ଅଧ୍ୟକ୍ଷ ସୌମେନ୍ଦ୍ର ପ୍ରିୟଦର୍ଶୀ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଯୁଗୋପଯୋଗୀ ପ୍ରଶିକ୍ଷଣ ଅନୁଷ୍ଠାନକୁ ନିର୍ମାଣ କରିବାର ଦାୟିତ୍ୱ ଓଡ଼ିଶା ପୁଲିସ ଗୃହ ନିର୍ମାଣ ଓ କଲ୍ୟାଣ ନିଗମକୁ ଦେଇଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏଥିସହ ଅନୁଷ୍ଠାନର ନିର୍ମାଣ କାର୍ଯ୍ୟ ମାତ୍ର ୩ ବର୍ଷ ମଧ୍ୟରେ ସାରିଥିବାରୁ ନିଗମର ଅଧିକାରୀମାନଙ୍କୁ ଶ୍ରୀ ପ୍ରିୟଦର୍ଶୀ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱରାଷ୍ଟ୍ର ବିଭାଗର ଅତିରିକ୍ତ ଶାସନ ସଚିବ ପ୍ରଣତି ଛୋଟରାୟ ସରକାରୀ କାର୍ଯ୍ୟ ଦକ୍ଷତାର ସହ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ନବନିଯୁକ୍ତ ସହାୟକ ଉପବିଭାଗ ଅଧିକାରୀମାନଙ୍କୁ ପ୍ରସ୍ତୁତ କରିବାରେ ପ୍ରଶିକ୍ଷଣ ଅନୁଷ୍ଠାନର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ।

## କମିଶନରେଟ୍ ପୁଲିସ୍ କର୍ମଚାରୀଙ୍କ ସାଧୁତା

### ● ମନିପର୍ସ ଫେରିପାଇଲେ ୱାଟ୍‌କୋ ଅଧିକାରୀ



**ଭୁବନେଶ୍ୱର, ୧୬।୧୨ (ସଂଚାର ବ୍ୟୁରୋ):** କମିଶନରେଟ୍ ପୁଲିସ୍‌ର ଜଣେ ଡ୍ରାଇଭର୍ ଆଜି ତାଙ୍କ ସାଧୁତାର ପରିଚୟ ଦେବା ଫଳରେ ୱାଟ୍‌କୋର ଜନୈକ ବରିଷ୍ଠ ଅଧିକାରୀ ତାଙ୍କ ମନିପର୍ସ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଫେରିପାଇଛନ୍ତି। ମଧୁସୂଦନ ରାଉଳ ନାମକ ଏହି ଡ୍ରାଇଭର୍ ଜଣଙ୍କ ଗତକାଲି ରାତି ପ୍ରାୟ ସାଢ଼େ ୯ଟା ସମୟରେ ଡ୍ୟୁଟିରୁ ଫେରୁଥିବା ସମୟରେ ଜୟଦେବ ବିହାର ଛକରେ ଏକ ମନି ପର୍ସ ଜନୈକ ମୋଟର ସାଇକେଲ୍ ଚାଳକଙ୍କ ପକେଟ୍‌ରୁ ଖସିପଡ଼ିଥିବା ଦେଖିବାକୁ ପାଇଥିଲେ। ପରେ ସ୍ମାର୍ଟ ସିଟି କଣ୍ଟ୍ରୋଲ୍ ରୁମ୍ ସହଯୋଗରେ ଉକ୍ତ ପର୍ସ ମାଲିକଙ୍କୁ ଠାବ କରାଯାଇଥିଲା। ଉକ୍ତ ପର୍ସଟି ୱାଟ୍‌କୋରେ ଆସିଷ୍ଟାଣ୍ଟ ମ୍ୟାନେଜର୍ ଭାବେ କାର୍ଯ୍ୟ କରୁଥିବା ବିଶ୍ୱନାଥ ବେହେରାଙ୍କର ବୋଲି ଜଣାପଡ଼ିଥିଲା। ଉକ୍ତ ପର୍ସରେ ୧୪ ହଜାର ଟଙ୍କା ଥିବା ବେଳେ ଶେଷରେ ବିଶ୍ୱଭୂଷଣ ଏହା ଫେରିପାଇଥିଲେ। ସେ ଏପରି ଏକ ଉଦ୍ୟମ ସକାଶେ ମଧୁସୂଦନଙ୍କୁ ଧନ୍ୟବାଦ ଦେଇଥିବା ବେଳେ ପୁଲିସ୍ କମିଶନର୍ ଏସ. ଦେବଦତ୍ତ ସିଂହ ମଧ୍ୟ ପ୍ରଶଂସା କରିଛନ୍ତି।

## ୮୧.୫୯ ଲକ୍ଷର ଲାଭାଂଶ ପ୍ରଦାନ କଲା ଓଏସ୍‌ଡବ୍ଲ୍ୟୁସି



**ଭୁବନେଶ୍ୱର, ୧୬।୧୨ (ସଂଚାର ବ୍ୟୁରୋ):** ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ (ଓଏସ୍‌ଡବ୍ଲ୍ୟୁସି) ପକ୍ଷରୁ ଆଜି ରାଜ୍ୟ ସରକାରଙ୍କୁ ଲାଭାଂଶ (ଡିଭିଡେଣ୍ଡ୍) ବାବଦ ଅର୍ଥ ପ୍ରଦାନ କରାଯାଇଛି। ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କୁ ୨୦୨୨-୨୩ ବର୍ଷ ପାଇଁ ନିଗମ ପକ୍ଷରୁ ୮୧ ଲକ୍ଷ ୫୯ ହଜାର ୮୪୫ ଟଙ୍କାର ଲାଭାଂଶ ହସ୍ତାନ୍ତର କରାଯାଇଛି। ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ଓ ନିଗମର ପରିଚାଳନା ନିର୍ଦ୍ଦେଶକ ମିହିର ପ୍ରସାଦ ମହାନ୍ତି ଉପସ୍ଥିତ ରହି ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏହି ଲାଭାଂଶ ରାଶି ପ୍ରଦାନ କରିଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ନିଗମର ମୋଟ ଲାଭ ୫ କୋଟି ୪୩ ଲକ୍ଷ ୯୮ ହଜାର ୯୬୫ ଟଙ୍କା ହୋଇଥିବା ବେଳେ ଲାଭର ୩୦ ପ୍ରତିଶତ ହିସାବରେ ମୋଟ ଡିଭିଡେଣ୍ଡ୍ ରାଶି ୧ କୋଟି ୬୩ ଲକ୍ଷ ୧୯ ହଜାର ୬୯୦ ଟଙ୍କା। କାର୍ଯ୍ୟକ୍ରମରେ ସମବାୟ ସମିତି ସମୂହ ନିବନ୍ଧକ ସିଦ୍ଧାର୍ଥ ଦାସ, ସମବାୟ ସ୍ୱତନ୍ତ୍ର ଶାସନ ସଚିବ ଉଷାରାଣୀ ଦାସ, ବ୍ୟକ୍ତିଗତ ସଚିବ ପୀତାମ୍ବର ସାମଲ, ଅତିରିକ୍ତ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ନିଗମ ସଚିବ ରଞ୍ଜିତା ସାହୁ, ବିତ୍ତ ପରାମର୍ଶଦାତା ସ୍ମିତାଞ୍ଜଳି ସ୍ୱାଇଁ, ମୁଖ୍ୟ ସାଧାରଣ ପରିଚାଳକ ତୃପ୍ତି କଲ୍ୟାଣ ସେଠୀ, ଉପସ୍ଥିତ ଥିଲେ।

### ଆସୁଛି ନୂଆବର୍ଷ

## ପୁରୀରେ ସୁରକ୍ଷା ବ୍ୟବସ୍ଥା ନେଇ ଡିଜିଙ୍କ ସମୀକ୍ଷା



**ଭୁବନେଶ୍ୱର, ୧୫।୧୨ (ସଂଚାର ବ୍ୟୁରୋ):** ଆଉ କିଛି ଦିନ ପରେ ବିଦାୟ ନେବ ପୁରୁଣା ବର୍ଷ ୨୦୨୫, ଆଉ ପ୍ରବେଶ କରିବ ୨୦୨୬। ଏହି ଇଂରାଜୀ ନବବର୍ଷ-୨୦୨୬ ଉପଲକ୍ଷେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବା ନେଇ ସମ୍ଭାବନା ରହିଛି। ଏହି ଭକ୍ତମାନଙ୍କ ସୁରକ୍ଷା, ମହାପ୍ରଭୁଙ୍କ ଶୃଙ୍ଖଳିତ ଦର୍ଶନ, ମନ୍ଦିର ସୁରକ୍ଷା, ଟ୍ରାଫିକ ବ୍ୟବସ୍ଥାର ସୁସମନ୍ୱୟ ଓ ସୁପରିଚାଳନା ସଂକ୍ରାନ୍ତରେ ଆଜି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧକ୍ଷତାରେ ସ୍ଥାନୀୟ ଡିଜିଙ୍କ କ୍ୟାମ୍ପ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରାଯାଇଛି। ପୁରୀକୁ ଲକ୍ଷାଧିକ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ସହର ମଧ୍ୟରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ସେହିପରି ଶ୍ରୀମନ୍ଦିର ପରିସରରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ଭିଡ଼ ସୁନିୟନ୍ତ୍ରଣ, ଟ୍ରାଫିକ ଓ ପାର୍କିଂ ବ୍ୟବସ୍ଥାର ସୁପରିଚାଳନା, ସମୁଦ୍ର କୂଳରେ ପାଟ୍ରୋଲିଂ, ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଛକରେ ସିସିଟିଭି ଲଗାଇବା, ହୋଟେଲ ଓ ଲଜ୍‌ରେ ବ୍ୟାପକ ଯାଞ୍ଚ ଭଳି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ସକାଶେ ମଧ ଡିଜିପି ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ନିର୍ଦ୍ଦେଶକ (ଗୁଇନ୍ଦା) ଆରପି କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ନକ୍ସଲବିରୋଧୀ ଅଭିଯାନ) ସଞ୍ଜୀବ ପଣ୍ଡା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଓ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଭୁବନେଶ୍ୱର-କଟକ ପୁଲିସ କମିଶନର ଏସ.ଦେବଦତ୍ତ ସିଂ, ଏଏଏସ୍‌ପି (ସଶସ୍ତ୍ର) ରାଜେଶ କୁମାର, ଡିଆଇଜି (କେନ୍ଦ୍ରାଞ୍ଚଳ) ସତ୍ୟଜିତ ନାଏକ, ଡିସିପି ଭୁବନେଶ୍ୱର ଜଗମୋହନ ମୀନା ଉପସ୍ଥିତ ଥିଲେ।

### ● ବ୍ରହ୍ମଗିରିରେ ନାଳ ଖୋଲାକୁ ନେଇ ଉତ୍ତେଜନା ଘଟଣା

# ୫୦ରୁ ଅଧିକ ମହିଳା ଓ ବୟସ୍କ ଗିରଫ

### ପୂର୍ବତନ ବିଧାୟକଙ୍କୁ ଦାୟୀ କଲେ ଉପାସନା

**ଭୁବନେଶ୍ୱର, ୧୬।୧୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକରେ ନାଳ ପାଣିକୁ ନେଇ ଦୁଇ ଗାଁ ମୁହାଁମୁହିଁ ହୋଇଥିବା ବେଳେ ଗତକାଲି ରାତିରୁ ୫୦ରୁ ଅଧିକ ମହିଳା, ବୟସ୍କ ଓ ଯୁବକ ଗିରଫ ହୋଇଛନ୍ତି। ଦୀର୍ଘ ବର୍ଷ ଧରି ଯେଉଁ ନାଳକୁ ନେଇ ଦୁଇ ଗାଁ ମଧ୍ୟରେ ବିବାଦ ଥିଲା ତାର ସମାଧାନ କରି ପୁରୀ ଜିଲ୍ଲା ପ୍ରଶାସନ ବଳପୂର୍ବକ ନାଳ ଖୋଲିବାକୁ ଚେଷ୍ଟା କରିଥିଲା। ଯାହାକୁ ନେଇ ବିବାଦର ସୂତ୍ରପାତ ହୋଇଥିଲା। ଗତ ୩୦ ବର୍ଷ ଧରି ହରିଦାସ ଓ କୁସୁବେଣ୍ଟି ଗାଁ ମଧ୍ୟରେ ନାଳ ପାଣିକୁ ନେଇ ବିବାଦ ଲାଗି ରହିଥିଲା। ବିବାଦର ସମାଧାନ କରିବା ପରିବର୍ତ୍ତେ ପ୍ରଶାସନ ପକ୍ଷରୁ ଫୋର୍ସ ମାଧ୍ୟମରେ ନାଳ ଖୋଲିବା ସକାଶେ ହୋଇଥିବା ଉଦ୍ୟମକୁ ବ୍ରହ୍ମଗିରିବାସୀ ନିନ୍ଦା କରୁଛନ୍ତି। ସେପଟେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ମଧ୍ୟ ବିବାଦର ସମାଧାନ କିଭଳି ହେବ, ସେନେଇ କ୍ଷତିଗ୍ରସ୍ତ ଲୋକଙ୍କ ସହ ଆଲୋଚନା କରିବା ପରିବର୍ତ୍ତେ ରାଜନୈତିକ ବୟାନ ଦେଉଛନ୍ତି। ସେ ସିଧାସଳଖ ନାଁ ନନେଇ ଗତକାଲିର ଉତ୍ତେଜନା ପାଇଁ ପୂର୍ବତନ ବିଧାୟକ ସଞ୍ଜୟ ଦାସବର୍ମାଙ୍କୁ ଇଙ୍ଗିତ କରିଥିଲେ। ସେ ଅଭିଯୋଗ କରିଥିଲେ ଯେ ଯେତେବେଳେ ବିଜେଡିର ଏହି ଆଗଧାଡ଼ିର ନେତା ସେଠାରେ ବିଧାୟକ ଥିଲେ, ଏହି କେନାଲର ପୁନରୁଦ୍ଧାର ପ୍ରକଳ୍ପ ପାଇଁ ଚିଠି ଲେଖି ଫେଲ୍ ମାରିଥିଲେ। ପ୍ରକଳ୍ପ ପୁନରୁଦ୍ଧାର ପାଇଁ ଗତ ୨୦୧୩ରେ ୭ କୋଟି ଟଙ୍କା ଘୋଷଣା କରାଯାଇଥିଲା। ଏବେ ୨୦୨୫ରେ ସେହି କାର୍ଯ୍ୟ ଆରମ୍ଭ ହେବା ବେଳକୁ ପୂର୍ବତନ ବିଧାୟକ ଏହାକୁ ବିରୋଧ କରୁଛନ୍ତି। ଗରିବ ଅଧିବାସୀଙ୍କୁ ଉସକାଇ ଏହି ପରିସ୍ଥିତି ସେ ସୃଷ୍ଟି କରୁଛନ୍ତି। ମା'ମାନେ ପାଣି ଭିତରେ ପଶି ପୁଲିସକୁ ପଥର ମାଡ଼ କରୁଛନ୍ତି। ନିରୀହ ଲୋକମାନେ ଆଇନକୁ ହାତକୁ ନେଉଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

ସେ ଆକ୍ଷେପ କରିଛନ୍ତି ଯେ ବିଜେଡିର ଏହି ନେତା ୨୦୨୪ରେ ବ୍ରହ୍ମଗିରିରୁ ଲଢ଼ିବାକୁ ଭୟ କଲେ। ସେ ହେଉଛନ୍ତି ପଳାୟନପନ୍ଥୀ ନେତା। ଏବେ ପୁଣି ବ୍ରହ୍ମଗିରିରେ ଅଶାନ୍ତି ସୃଷ୍ଟି କରୁଛନ୍ତି। ତେବେ ସାମ୍ବାଦିକ ସମ୍ମିଳନୀରେ ସେ ପୁଲିସ ପ୍ରଶାସନ ସହ ମିଶି ବ୍ରହ୍ମଗିରିର ବିକାଶ ଦିଗରେ ସହଯୋଗ କରିବାକୁ ଅପିଲ କରିଛନ୍ତି। ହଜାର ହଜାର ଚାଷୀ ସେ ବନ୍ଧ ଯୋଗୁଁ ହଇରାଣ ହେଉଛନ୍ତି। ସେଠାରେ ଉନ୍ନତି ନ ହେବା ଯୋଗୁଁ କୃତ୍ରିମ ବନ୍ୟା ଭଳି ସ୍ଥିତି ମଧ୍ୟ ସୃଷ୍ଟି ହେଉଛି। ଗୋଚର ଜମିରେ ସରକାରୀ କାର୍ଯ୍ୟ କରାଯାଉଛି, ମିଛ କଥା କହି ନିଜ ବିଫଳତାକୁ ଘଣ୍ଟ ଘୋଡ଼ାଇବାକୁ ପୂର୍ବତନ ବିଧାୟକ ଚେଷ୍ଟା କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ତେବେ ଉପାସନାଙ୍କ ଏପରି ରାଜନୈତିକ ବୟାନ ଉପରେ ଶ୍ରୀ ଦାସବର୍ମା କୌଣସି ପ୍ରତିକ୍ରିୟା ଦେଇନାହାଁନ୍ତି।

### ବେଦାନ୍ତ ପକ୍ଷରୁ ବାର୍ଷିକ ଖଣି ସୁରକ୍ଷା ପକ୍ଷ ଆୟୋଜିତ

# 'ଖଣି ସୁରକ୍ଷା ହିଁ ପ୍ରଥମ' ସଂସ୍କୃତିକୁ ସୁଦୃଢ଼ କରିଛି କମ୍ପାନୀ




**ଭୁବନେଶ୍ୱର, ୧୬।୧୨ (ସଂଚାର ବ୍ୟୁରୋ):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ, ଓଡ଼ିଶାର ଜାମଖାନୀ କୋଇଲା ଖଣିରେ ଗତ ୨ରୁ ଆରମ୍ଭ ହୋଇଥିବା ବାର୍ଷିକ ଖଣି ସୁରକ୍ଷା ପକ୍ଷ (ଏଏମ୍ଏସ୍ଏଫ୍) ଗତକାଲି ଶେଷ ହୋଇଛି। ଏପରି ଏକ କାର୍ଯ୍ୟକ୍ରମ ଆୟୋଜନ ଦ୍ୱାରା ବେଦାନ୍ତ ସୁରକ୍ଷିତ ଖନନ ପ୍ରତି ଏହାର ପ୍ରତିବଦ୍ଧତାକୁ ଦୋହରାଇଛି। ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟ (ଡିଜିଏମଏସ) ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୬୦୦ରୁ ଅଧିକ କର୍ମଚାରୀ, ବ୍ୟାବସାୟିକ ସହଯୋଗୀ ଓ ଶ୍ରମିକ ବେଶ୍ ଉତ୍ସାହର ସହଯୋଗ କରିଥିଲେ। କାର୍ଯ୍ୟସ୍ଥଳରେ ନିରାପତ୍ତା ଉପରେ ଗୁରୁତ୍ୱାରୋପ ପୂର୍ବକ କାର୍ଯ୍ୟକ୍ରମଟି 'ଆପ୍ କା ପରିବାର ଆପ୍ କା ଇନ୍ତେଜାର କର ରହା ହୈ' ବିଷୟବସ୍ତୁ ଉପରେ ଧ୍ୟାନକେନ୍ଦ୍ରିତ କରିଥିଲା। ଏହି ବିଷୟବସ୍ତୁ ଅନୁରୂପ ସୁରକ୍ଷା ଯାଞ୍ଚ, ସୁରକ୍ଷା କୁଇଜ୍, ପ୍ରାଥମିକ ଚିକିତ୍ସା ପ୍ରଦର୍ଶନ, ମକ୍ ଡ୍ରିଲ୍, ସଚେତନତା ଅଧିବେଶନ, ପଥପ୍ରାନ୍ତ ନାଟକ ଓ ସୁରକ୍ଷା ଆଲୋଚନା ସମେତ ଅନେକ କାର୍ଯ୍ୟକଳାପ ହାତକୁ ନିଆଯାଇଥିଲା।

ଜଣେ ଆଇଏସ୍‌ଓ (ଆଭ୍ୟନ୍ତରୀଣ ସୁରକ୍ଷା ସଂଗଠନ) ପର୍ଯ୍ୟବେକ୍ଷକ ଓ କୋଲ ଇଣ୍ଡିଆ ଲିମିଟେଡର ସହାୟକ କମ୍ପାନୀ ମହାନଦୀ କୋଲଫିଲ୍ଡସ୍ ଲିମିଟେଡର ବରିଷ୍ଠ ଅଧିକାରୀଙ୍କ ସମେତ ୧୦ ଜଣ ବିଶେଷଜ୍ଞଙ୍କୁ ନେଇ ଗଠିତ ଏକ ବାହ୍ୟ ଏଏମ୍ଏସ୍ଏଫ୍ ଟିମ୍ ଦ୍ୱାରା ବ୍ୟାପକ ସୁରକ୍ଷା ଯାଞ୍ଚ ପ୍ରମୁଖ ଆକର୍ଷଣ ଥିଲା। ଏହି ମୂଲ୍ୟାଙ୍କନ ବେଦାନ୍ତ ଆଲୁମିନିୟମର ଖଣି ଖନନ କାର୍ଯ୍ୟରେ ସର୍ବୋଚ୍ଚ ସୁରକ୍ଷା ମାନକକୁ ବଜାୟ ରଖିବା ଦିଗରେ ଏକ ପଦକ୍ଷେପ ଥିଲା। ଏନେଇ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ଯେ ବେଦାନ୍ତ ଆଲୁମିନିୟମରେ ସୁରକ୍ଷାକୁ ସବୁବେଳେ ପ୍ରାଥମିକତା ଦିଆଯାଇଆସିଛି। ଏଥିପାଇଁ ଆଚରଣଗତ ପରିବର୍ତ୍ତନ ଆଣିବା, ସୁରକ୍ଷାକୁ ଏକ ବ୍ୟକ୍ତିଗତ ଦାୟିତ୍ୱରେ ପରିଣତ କରିବା ପାଇଁ ଲୋକଙ୍କୁ ସଶକ୍ତ କରିବା ହେଉଛି ଆମର ପ୍ରାଥମିକତା। ବାର୍ଷିକ ଖଣି ସୁରକ୍ଷା ପକ୍ଷ ଭଳି ପଦକ୍ଷେପ ଏହି ସଂସ୍କୃତିକୁ ସୁଦୃଢ଼ କରିବାରେ, ଶିକ୍ଷା, ସହଯୋଗ ଏବଂ ନିରନ୍ତର ଉନ୍ନତି ପାଇଁ ମଞ୍ଚ ସୃଷ୍ଟି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। କର୍ମଚାରୀ, ସହଯୋଗୀ ଓ ସମ୍ପ୍ରଦାୟକୁ ନିୟୋଜିତ କରି କମ୍ପାନୀ ଏପରି ଏକ କାର୍ଯ୍ୟସ୍ଥଳୀ ନିର୍ମାଣ କରୁଛି, ଯେଉଁଠାରେ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦିଆଯାଉଛି।

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

# ବିଜୟ ଦିବସ: ଭାରତର ଗର୍ବ

ପ୍ରତିବର୍ଷ ଡିସେମ୍ବର ୧୬ ତାରିଖରେ ଭାରତବାସୀ ବିଜୟ ଦିବସ ପାଳନ କରନ୍ତି। ଏହି ଦିନଟି କେବଳ ଏକ ଯୁଦ୍ଧର ବିଜୟର ସ୍ମୃତି ନୁହେଁ, ବରଂ ଭାରତର ସାହସିକତା, ଐକ୍ୟ ଏବଂ ମାନବିକତାର ପ୍ରତୀକ। ୧୯୭୧ ମସିହାର ଭାରତ-ପାକିସ୍ତାନ ଯୁଦ୍ଧରେ



ଭାରତର ବିଜୟ କେବଳ ସୈନ୍ୟବଳର ପ୍ରମାଣ ନୁହେଁ। ଏହା ଏକ ନୂତନ ରାଷ୍ଟ୍ରକୁ ଜନ୍ମ ଦେଇଥିଲା – ବାଂଲାଦେଶ। ଏହି ଘଟଣା ଭାରତର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଛି, ଯାହା ଆମର ରାଷ୍ଟ୍ରୀୟ ଗର୍ବକୁ ପ୍ରତିଫଳିତ କରୁଛି।

୧୯୭୧ର ଯୁଦ୍ଧର ପୃଷ୍ଠଭୂମି ପୂର୍ବ ପାକିସ୍ତାନରେ ଚାଲିଥିବା ଅତ୍ୟାଚାରରେ ରହିଛି। ପଶ୍ଚିମ ପାକିସ୍ତାନର ସରକାର ପୂର୍ବ ପାକିସ୍ତାନର ବଙ୍ଗାଳୀମାନଙ୍କ ଉପରେ ନିର୍ଯାତନା ଚଳାଇଥିଲେ। ଲକ୍ଷ ଲକ୍ଷ ଶରଣାର୍ଥୀ ଭାରତରେ ଆଶ୍ରୟ ନେଇଥିଲେ। ଏହି ମାନବୀୟ ସଙ୍କଟରେ ଭାରତ ନିରବ ଦର୍ଶକ ହୋଇ ରହିପାରିନଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ଯୁଦ୍ଧରେ ପ୍ରବେଶ କଲା। ମାତ୍ର ୧୩ ଦିନରେ ଭାରତୀୟ ସେନା ପାକିସ୍ତାନକୁ ପରାସ୍ତ କରି ଢାକାରେ ଆତ୍ମସମର୍ପଣ କରାଇଥିଲେ। ଏହି ବିଜୟ ଦୁନିଆର ସବୁଠାରୁ କ୍ଷୁଦ୍ରତମ ଯୁଦ୍ଧଗୁଡ଼ିକ ମଧ୍ୟରୁ ଗୋଟିଏ ଭାବରେ ପରିଚିତ।

ଏହି ଯୁଦ୍ଧରେ ଭାରତୀୟ ସୈନ୍ୟର ବୀରତ୍ୱ ଥିଲା ଅପୂର୍ବ। ଜେନେରାଲ ସାମ ମାନେକଶ, ଲେଫ୍ଟେନାଣ୍ଟ ଜେନେରାଲ ଜଗଜିତ ସିଂହ ଅରୋରାଙ୍କ ପରି ନାୟକମାନଙ୍କ ରଣନୀତି ଏବଂ ସାଧାରଣ ସୈନିକମାନଙ୍କର ସାହସ ବିଜୟର ମୂଳଧାରା ସାଜିଥିଲା। ଆକାଶ ମାର୍ଗରୁ ଭାରତୀୟ ବାୟୁସେନାର ପ୍ରଦର୍ଶନ, ନୌସେନାର ବ୍ଲକେଡ୍ ଏବଂ ସ୍ଥଳସେନାର ଆକ୍ରମଣ ସବୁ ଏକ ସମନ୍ୱିତ ପ୍ରୟାସର ଉଦାହରଣ। ଏହି ଯୁଦ୍ଧରେ ପ୍ରାୟ ୩,୯୦୦ ଭାରତୀୟ ସୈନିକ ଶହୀଦ ହୋଇଥିଲେ, ଯାହାଙ୍କର ବଳିଦାନ ଆମକୁ ସ୍ୱାଧୀନତାର ମୂଲ୍ୟ ମନେ ପକାଇଦିଏ। ଏହା କେବଳ ଭାରତର ବିଜୟ ନୁହେଁ, ବରଂ ମୁକ୍ତି ବାହିନୀର ସହଯୋଗରେ ବାଂଲାଦେଶର ସ୍ୱାଧୀନତାର କାହାଣୀ।

ବିଜୟ ଦିବସ ଭାରତର ଗର୍ବର ପ୍ରତୀକ କାରଣ ଏହା ଆମର ରାଷ୍ଟ୍ରୀୟ ଶକ୍ତିର ପ୍ରଦର୍ଶନ କରେ। ଏହି ଘଟଣା ଦୁନିଆକୁ ଦେଖାଇଥିଲା ଯେ ଭାରତ କେବଳ ପ୍ରତିରକ୍ଷା ନୁହେଁ, ବରଂ ମାନବାଧିକାରର ରକ୍ଷକ। ଆଜିର ଦିନରେ ଏହାର ପ୍ରାସଙ୍ଗିକତା ଅଧିକ। ସୀମାରେ ଚୀନ ଏବଂ ପାକିସ୍ତାନର ଚ୍ୟାଲେଞ୍ଜ, ଆତଙ୍କବାଦର ବିପଦ ଏବଂ ଆଭ୍ୟନ୍ତରୀଣ ଅସ୍ଥିରତା ମଧ୍ୟରେ ବିଜୟ ଦିବସ ଆମକୁ ଐକ୍ୟବଦ୍ଧ ହେବାକୁ ପ୍ରେରଣା ଦିଏ। ଏହା ଯୁବକମାନଙ୍କୁ ସୈନ୍ୟବଳରେ ଯୋଗଦାନ କରିବାକୁ ଉତ୍ସାହିତ କରେ ଏବଂ ରାଷ୍ଟ୍ରପ୍ରେମକୁ ଜାଗ୍ରତ କରେ।

ଆଜି ଡିସେମ୍ବର ୧୬, ୨୦୨୫ରେ ଆମେ ଏହି ଦିବସ ପାଳନ କରୁଥିବା ସମୟରେ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଚିତ୍। ସରକାର ଏହି ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରନ୍ତି, କିନ୍ତୁ ଏହା କେବଳ ଔପଚାରିକତାରେ ସୀମିତ ନରହି ଆମର ଦୈନନ୍ଦିନ ଜୀବନରେ ପ୍ରତିଫଳିତ ହେବା ଉଚିତ। ବିଜୟ ଦିବସ ଆମକୁ ମନେ ପକାଇଦିଏ ଯେ ଭାରତ ଏକ ମହାନ ରାଷ୍ଟ୍ର, ଯାହାର ଗର୍ବ ଆମର ସମସ୍ତଙ୍କର। ଏହା ଆମକୁ ପ୍ରେରଣା ଦେଇ ଭବିଷ୍ୟତର ଚ୍ୟାଲେଞ୍ଜକୁ ମୁକାବିଲା କରିବାକୁ ପ୍ରସ୍ତୁତ କରେ।

# ଆମ ଗତି କୁଆଡେ?

**ଡ଼ ସୁଶାନ୍ତ କୁମାର ପରିଡା**



ଆମ ସମୟ ଏକ ଅସାଧାରଣ ପରିବର୍ତ୍ତନର ସମୟ। ତଥ୍ୟ, ବିକାଶ, ପୁଣ୍ୟ-ପାପ, ଯନ୍ତ୍ର-ଯାନ୍ତ୍ରଣା, ଆଶା-ନିରାଶା-ସବୁକିଛି ଏକାସହ ଦୌଡ଼ୁଛି। ଆମେ ମଧ୍ୟ ସେଇ ଦୌଡ଼ର ଅଂଶ। ପ୍ରତିଦିନ ଉଠିବା, କାମ କରିବା, ଫୋନ ଖୋଲିବା, ଅର୍ଥ ଖୋଜିବା-ଏସବୁ ମଧ୍ୟରେ ଆମେ କେବେ ସମୟ ନେଉନାହୁଁ ଏକ ଗୋଟେ ଛୋଟ ପ୍ରଶ୍ନ ପାଇଁ-

"ଆମ ଗତି କୁଆଡେ?"ଏହା ସାଧାରଣ ପ୍ରଶ୍ନ ନୁହେଁ। ଏହା ଏକ ମଣିଷର ଭିତର ଗଭୀର ସତ୍ୟକୁ ସ୍ପର୍ଶ କରିଥାଏ। ମଣିଷର ଜୀବନ ଏକ ଅନନ୍ତ ଯାତ୍ରା। ଆଜିର ଦିନରେ ମଣିଷ ଆଗକୁ ଦୌଡ଼ୁଛି- ଦିନ ରାତି, ସମୟ ନାହିଁ, ବିରାମ ନାହିଁ। ପ୍ରତିଦିନ ଆମେ ଦୌଡ଼ୁଛୁ-କାମ ପାଇଁ, ପରିବାର ପାଇଁ, ସମ୍ମାନ ପାଇଁ, ନାମ ପାଇଁ। ଯେପରି ଦୌଡ଼ୁଛୁ, ସେପରି ଲାଗେ ଯେ ଜୀବନର ଏକ ପ୍ରତିଯୋଗିତା ଚାଲିଛି। କିନ୍ତୁ ଏହି ଦୌଡ଼ର ମଧ୍ୟରେ ଗୋଟେ ପ୍ରଶ୍ନ ଆମକୁ ବେଳେବେଳେ ଅସ୍ଥିର କରେ-"ଆମ ଗତି କୁଆଡେ?"

ଏହା କେବଳ ଦିଗ ନୁହେଁ, ଏହା ଆମର ଅସ୍ତିତ୍ୱ ଖୋଜିବାର ଗଭୀର ପ୍ରୟାସ ଓ ନିଜକୁ ନିଜେ ବୁଝିବାର ଏକ ଚେଷ୍ଟା।

ଆଜିକାଲି ଆମେ "ବିଜି" ହେବାକୁ ଗର୍ବ କରୁ।

ଦିନ ଭରି କାମ କରିବା, ଫୋନରେ ହଜାର ନୋଟିଫିକେସନ, ମିଟିଂ ଉପରେ ମିଟିଂ-ଯେପରି ଗତି ଅଛି।

କିନ୍ତୁ ଏହି ଗତିରେ ଦୃଢ଼ ଲକ୍ଷ୍ୟ ଅଛି କି? ବିଜି ରହିବା ମାନେ ଅଭିବୃଦ୍ଧି ନୁହେଁ। ତୀବ୍ର ଗତିରେ ଯାଉଥିବା ଗାଡ଼ି ଭଲ, କିନ୍ତୁ ବ୍ରେକ ନଥିଲେ କିମ୍ବା ରାସ୍ତା ନଥିଲେ, ସେଇ ଗାଡ଼ି ଦୂରକୁ ଯିବ, କିନ୍ତୁ "ଠିକ ଜାଗାକୁ" ଯିବ କି? ଆମ ଜୀବନ ମଧ୍ୟ ତେଣୁ ଏହି ପ୍ରଶ୍ନକୁ ଡାକୁଛି-

ଗତି ଅଛି, କିନ୍ତୁ ମୋର ଦିଗ କ'ଣ? ଆମେ ଗତିକୁ ଏତେ ଦ୍ରୁତ କରିଛୁ, ଯେ ଦିଗ ଭୁଲିଯାଉଛୁ। ମୋବାଇଲର ଗତି, ଇଣ୍ଟରନେଟର ଗତି, ଅର୍ଥ କମାଇବାର ଗତି-ସବୁ ବଢ଼ିଛି। କିନ୍ତୁ ଆତ୍ମବୋଧ, କରୁଣା, ମୂଲ୍ୟବୋଧ, ମଣିଷତ୍ୱର ଦିଗ-ସେଗୁଡ଼ିକ କେଉଁଠି? ଆମେ କେବଳ ଦୌଡ଼ୁଛୁ, କିନ୍ତୁ ବୁଝୁନାହିଁ-ଏହି ଦୌଡ଼ କାହା ପାଇଁ? କାହା ଲାଭ? ନିଜର ଶାନ୍ତି କେଉଁଠି?

ଏକ ସମୟରେ ଗୋଟେ ଦାର୍ଶନିକ କହିଥିଲେ-

"ମଣିଷ ଜଗତକୁ ଜିତେ, କିନ୍ତୁ ନିଜକୁ ହାରାଏ।" ଏହି କଥା ଆଜି ବହୁତ ସତ୍ୟ ଲାଗେ। ଆମେ ସବୁ ସାଧନ କରୁଛୁ-କିନ୍ତୁ ନିଜର ଭିତର ଶାନ୍ତି, ସମ୍ବଳ, ସତ୍ୟ,ଏହାକୁ କେତେ ପାଉଛୁ?

ଜୀବନ କେବଳ ଆଗକୁ ଯିବା ପାଇଁ ନୁହେଁ। ଆଗକୁ ଯିବାର ଅର୍ଥ ହେଉଛି,ନିଜକୁ ଉନ୍ନତ କରିବା, ଅନ୍ୟଙ୍କ ପାଇଁ ଭଲ କାମ କରିବା, ନିଜ ମୂଲ୍ୟବୋଧକୁ ଧରିରଖିବା। ଯଦି ଗତି କେବଳ ପଦକ, ପଇସା, ପଦବୀ ପାଇଁ, ତେବେ ସେଇ ଗତି ଶେଷରେ ଖାଲିପଣ ଦେଇଯାଏ।

ଜୀବନର ଗତି ଶକ୍ତି ଦେଏ, ସଫଳତା ଆଣେ। କିନ୍ତୁ ଯେତେବେଳେ ଦିଗ ଭୁଲିଯାଉଛୁ, ସେତେବେଳେ ଗତି ଆମକୁ ଅନ୍ଧକାର ଦିଗକୁ ନେଇଯାଏ। ଯେପରି ଗୋଟେ ନୌକା ତୀବ୍ର ଗତିରେ ଚାଲୁଛି, କିନ୍ତୁ ହଠାତ୍ ଦିଗନିର୍ଦ୍ଦେଶ ନଥିଲେ-ସେଇ ନୌକା କୂଳରେ ନୁହେଁ, ବିପଦରେ ପହଞ୍ଚିବ। ଆମେ ମଧ୍ୟ ସେଇପରି। ଗତି ରହିଛି, କିନ୍ତୁ ମୂଲ୍ୟବୋଧ, ମାନବତା, ନୀତି-ଏହାକୁ ଅନେକବେଳେ ଭୁଲିଯାଉଛୁ। ଆମେ ଦୌଡ଼ୁଛୁ, କିନ୍ତୁ କ'ଣ ପାଇଁ ଦୌଡ଼ୁଛୁ-ଏହି ପ୍ରଶ୍ନ ଆମେ ସବୁବେଳେ ଏଡାଇଯାଉଛୁ। ଦୌଡ଼ିବାର ଅଭ୍ୟାସ ହୋଇଯାଇଛି, କିନ୍ତୁ ଉଦ୍ଦେଶ୍ୟ ସ୍ପଷ୍ଟ ନୁହେଁ।

ଜୀବନର ସତ୍ୟ ଉତ୍ତର ଭିତରେ, ବାହାରେ ନୁହେଁ। ମଣିଷ ପଦାର୍ଥ, ସଫଳତା, ପଦବୀ ପାଇଁ ଦୌଡ଼ୁଛି। କିନ୍ତୁ ଜୀବନର ମୂଳ ପ୍ରଶ୍ନର ଉତ୍ତର ବାହାରେ ନୁହେଁ-ଭିତରେ। ନିଜର ଆତ୍ମା ସହ କଥାହେବାକୁ ଆମେ ଡରୁଛୁ। ନିଜକୁ ପଚାରିବାକୁ ଡରୁଛୁ- ମୁଁ ଯାହା କରୁଛି, ସେଇ କାମ ପ୍ରତି ମୋର ଆସ୍ଥା ଅଛି କି? ମୋର ସଫଳତାରେ ମୋର ଶାନ୍ତି ଅଛି କି? ଯେଦିନ ଏହି ପ୍ରଶ୍ନର ଉତ୍ତର ଆମେ ନିଜେ ଦେଇପାରିବୁ, ସେଦିନ ଆମେ ଆମର ଗତିର ଦିଗ ବୁଝିପାରିବୁ।

ଜୀବନର ଗତି ବଡ଼ ହେବାକୁ ଦରକାର ନୁହେଁ।

ଯଦି ଗତି ମଣିଷକୁ ମଣିଷରୁ ଦୂର କରେ, ତେବେ ସେଇ ଗତିରେ କୌଣସି ମୂଲ୍ୟ ନାହିଁ। କିନ୍ତୁ ଯଦି ଗତି ଆମକୁ ମଣିଷତ୍ୱ, ଦୟା, ଦାୟିତ୍ୱ, ଶାନ୍ତି ଓ ସୃଜନଶୀଳତା ଦିଗକୁ ନେଉଛି-ତେବେ ସେଇ ଗତି ସାର୍ଥକ।

"ଆମ ଗତି କୁଆଡେ?" ଏହା କେବଳ ପ୍ରଶ୍ନ ନୁହେଁ; ଏହା ଆମର ଜୀବନକୁ ଏକ ନୂଆ ଦିଗ ଦେବାର ଆହ୍ୱାନ।

ଆମେ ଯାଉଛୁ କ'ଣ ଭଳି ଜୀବନ ଦିଗକୁ-ଏହାକୁ ଥରେ ଭାବିବା ଆବଶ୍ୟକ। ଗତି ଦୌଡ଼ରେ ନୁହେଁ,ଅର୍ଥରେ। ଯେଉଁଠାରେ ଅର୍ଥ ଅଛି, ସେଠାରେ ମଣିଷତ୍ୱ ଅଛି। ଯେଉଁଠାରେ ମଣିଷତ୍ୱ ଅଛି, ସେଠାରେ ଜୀବନ ସତ୍ୟରେ ଆଗକୁ ବଢ଼େ।ପଥ ବଡ଼ ହେଉ, ଲକ୍ଷ୍ୟ ଶାନ୍ତ ହେଉ, କିନ୍ତୁ ମନର ଯାତ୍ରା ମଣିଷକୁ ସତେ ମହାନ କରେ।

ଯଦି ଆମେ ପ୍ରତିଦିନ ମାତ୍ର ଏକ ମିନିଟ ଭିତରୁ ପଚାରିବା-

"ମୋର ଗତି କୁଆଡେ?" ତାହେଲେ ଆମର ଦିନ, ଆମର ଜୀବନ ଓ ଆମର ମନ ତିନୋଟି ମଧୁର ହୋଇଯିବ।

**ବିଭାଗୀୟ ମୁଖ୍ୟ, ରାଜନୀତି ବିଜ୍ଞାନ ବିଭାଗ**
**ଲୋକନାଥ ମହାବିଦ୍ୟାଳୟ, ପାଟକୁରା, କେନ୍ଦ୍ରାପଡ଼ା**
**ମୋବାଇଲ୍: ୯୪୩୭୨୧୦୪୫୮**

# ଗଣତନ୍ତ୍ରର ଆତ୍ମା ସେବା ଏବଂ ତ୍ୟାଗରେ ନିହିତ



**ଅସିତ ମହାନ୍ତି**

ଏକ ଗରିବ ରାଜ୍ୟରେ ଜଣେ ଧନୀ ରାଜନେତା-ଏହି ବାକ୍ୟଟି ନିଜେ ଏକ ଗଭୀର ବିଡ଼ମ୍ବନା ପ୍ରକାଶ କରେ। ସମ୍ପ୍ରତି, ଓଡ଼ିଶାରେ ବିଧାୟକ ଏବଂ ମନ୍ତ୍ରୀମାନଙ୍କ ଦରମା ଯଥେଷ୍ଟ ବୃଦ୍ଧି କରାଯାଇଥିଲା। ଏହି ନିଷ୍ପତ୍ତି ଏପରି ଏକ ସମୟରେ ଆସିଛି ଯେତେବେଳେ ରାଜ୍ୟର ଏକ ବଡ଼ ଜନସଂଖ୍ୟା ଦାରିଦ୍ର୍ୟ, ବେକାରୀ ଏବଂ ମୌଳିକ ସୁବିଧାର ଅଭାବ ସହିତ ସଂଘର୍ଷ କରୁଛି। ପ୍ରଶ୍ନ ହେଉଛି ସରକାରୀ ଟଙ୍କାର ଏହି ବ୍ୟବହାର କେତେ ଯଥାର୍ଥ। ଏକ ଗଣତନ୍ତ୍ରରେ, ଜନସାଧାରଣ ସେମାନଙ୍କର ସମସ୍ୟା ସମାଧାନ କରିବା, ସେମାନଙ୍କର ଜୀବନଧାରଣର ମାନ ବୃଦ୍ଧି କରିବା ଏବଂ ରାଜ୍ୟକୁ ବିକାଶ ଆଡ଼କୁ ଆଗେଇ ନେବା ପାଇଁ ପ୍ରତିନିଧିମାନଙ୍କୁ ନିର୍ବାଚିତ କରନ୍ତି। କିନ୍ତୁ ଯେତେବେଳେ ସେହି ପ୍ରତିନିଧିମାନେ ନିଜର ଦରମା ଏବଂ ଭତ୍ତା ବୃଦ୍ଧି କରିବାରେ ଅଧିକ ଆଗ୍ରହୀ ହୁଅନ୍ତି, ସେତେବେଳେ ଏହା ଜନସାଧାରଣଙ୍କ ବିଶ୍ୱାସକୁ ବିଶ୍ୱାସଘାତକତା କରୁଥିବା ପରି ମନେହୁଏ।

ଓଡ଼ିଶା ଭଳି ରାଜ୍ୟରେ, ଯେଉଁଠାରେ ବହୁ ସଂଖ୍ୟକ ଲୋକ ଏବେ ବି ଦାରିଦ୍ର୍ୟ ସୀମାରେଖା ତଳେ ବାସ କରନ୍ତି ଏବଂ ଯେଉଁଠାରେ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଭଳି ମୌଳିକ ସେବା ଅପର୍ଯ୍ୟାପ୍ତ, ବିଧାୟକ ଏବଂ ମନ୍ତ୍ରୀମାନଙ୍କ ଦରମାରେ ବିପୁଳ ବୃଦ୍ଧି ଜନସାଧାରଣଙ୍କୁ ଏକ ଅସ୍ୱସ୍ତିକର ବାର୍ତ୍ତା ପଠାଏ। ଏହି ବାର୍ତ୍ତା ହେଉଛି ଯେ କ୍ଷମତାରେ ଥିବା ଲୋକମାନେ ପ୍ରଥମେ ନିଜର ସ୍ୱାର୍ଥ ସୁରକ୍ଷିତ କରିବାକୁ ଚାହାଁନ୍ତି, ଏବଂ ତା'ପରେ ଜନସାଧାରଣଙ୍କ ସମସ୍ୟାର ସମାଧାନ କରିବାକୁ ଚାହାଁନ୍ତି। ଏହି ପରିସ୍ଥିତି ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ଜନସାଧାରଣ ସେବାର ଭାବନାର ବିପରୀତ।

ଇତିହାସ ସାକ୍ଷୀ ଅଛି ଯେ ଓଡ଼ିଶାରେ ଏପରି ନେତା ଅଛନ୍ତି ଯେଉଁମାନେ ଦେଶ ସେବାକୁ ପ୍ରାଥମିକତା ଦେଇଥିଲେ ଏବଂ ବ୍ୟକ୍ତିଗତ ଲାଭକୁ ପରିହାର କରିଥିଲେ। ଦରମା ଏବଂ ଭତ୍ତା ତ୍ୟାଗ କରି ସେମାନେ ପ୍ରଦର୍ଶନ କରିଥିଲେ ଯେ ରାଜନୀତିର ପ୍ରକୃତ ଉଦ୍ଦେଶ୍ୟ ସ୍ୱାର୍ଥ ନୁହେଁ, ସେବା। ଏପରି ନେତାମାନଙ୍କ ତୁଳନାରେ ଆଜିର ପରିସ୍ଥିତି ଦୁଃଖଦାୟକ ମନେହୁଏ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ଘୋଷଣା କରିଛନ୍ତି ଯେ ସେ ବର୍ଦ୍ଧିତ ଦରମା ଗ୍ରହଣ କରିବେ ନାହିଁ। ଏହି ପଦକ୍ଷେପ ନିଶ୍ଚିତ ଭାବରେ ଏକ ନୈତିକ ବାର୍ତ୍ତା ପଠାଏ, କିନ୍ତୁ ପ୍ରଶ୍ନ ହେଉଛି ଯେ ତାଙ୍କର ବିଧାୟକମାନେ ମଧ୍ୟ ଏହି ତ୍ୟାଗର ପଥ ଅନୁସରଣ କରିବେ କି ନାହିଁ।

ବିଧାନସଭାରେ ଏହି ପ୍ରସଙ୍ଗରେ କୌଣସି ଦୃଢ଼ ବିରୋଧ ହୋଇନଥିଲା। ଏହା ମଧ୍ୟ ଏକ ଚିନ୍ତାଜନକ ସଙ୍କେତ ଯେ ଜନପ୍ରତିନିଧିମାନେ ଜନସାଧାରଣଙ୍କ ଭାବନାକୁ ବୁଝିବା ଏବଂ ସେମାନଙ୍କ ପାଇଁ ଠିଆ ହେବା ପରିବର୍ତ୍ତେ ନୀରବ ରହିଛନ୍ତି। ନବୀନ ପଟ୍ଟନାୟକ ସର୍ବସାଧାରଣରେ ଦରମା ବୃଦ୍ଧିକୁ ପ୍ରତ୍ୟାଖ୍ୟାନ କରିଥିବା ପ୍ରକାଶ କରିଥିଲେ, ବିଧାନସଭା ଭିତରେ ଗମ୍ଭୀର ବିତର୍କ ଏବଂ ବିରୋଧର ଅଭାବ ଗଣତାନ୍ତ୍ରିକ ଆଲୋଚନାର ଦୁର୍ବଳତାକୁ ପ୍ରତିଫଳିତ କରେ। ଗଣତନ୍ତ୍ରରେ, ବିଧାନସଭା ଭିତରେ ଲୋକଙ୍କ ସ୍ୱର ପ୍ରତିଧ୍ୱନିତ ହେବା ଉଚିତ, କିନ୍ତୁ ଯେତେବେଳେ କେବଳ କ୍ଷମତା ଏବଂ ସ୍ୱାର୍ଥର ପ୍ରତିଧ୍ୱନ ସେଠାରେ ଶୁଣାଯାଏ, ଏହା ଗଣତନ୍ତ୍ରର ଆତ୍ମାକୁ ଦୁର୍ବଳ କରିଦିଏ। ରାଜନୀତି କେବଳ କ୍ଷମତା ହାସଲ କରିବା ପାଇଁ ହେବା ଉଚିତ୍ ନୁହେଁ। ଏହା ସମାଜର ଦୁର୍ବଳ



ବର୍ଗକୁ ସଶକ୍ତ କରିବା, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧା ଯୋଗାଇବା ଏବଂ ଆର୍ଥିକ ଅସମାନତା ହ୍ରାସ କରିବାର ଏକ ମାଧ୍ୟମ ହେବା ଉଚିତ। ଯେତେବେଳେ ଗରିବ ରାଜ୍ୟର ନେତାମାନେ ସେମାନଙ୍କର ଦରମା ଏବଂ ଭତ୍ତା ବୃଦ୍ଧି କରିବାରେ ବ୍ୟସ୍ତ ହୁଅନ୍ତି, ଏହା ଜନସାଧାରଣଙ୍କ ମଧ୍ୟରେ ଗଭୀର ନିରାଶା ସୃଷ୍ଟି କରେ। ଏହି ପରିସ୍ଥିତି ଜନସାଧାରଣ ସେମାନଙ୍କ ପ୍ରତିନିଧିଙ୍କ ଉପରେ ଯେଉଁ ବିଶ୍ୱାସ ରଖିଛନ୍ତି ତାହାକୁ ଭାଙ୍ଗିଦିଏ।

ଦରମା ବୃଦ୍ଧି ପାଇଁ ଯୁକ୍ତି ପ୍ରାୟତଃ ଏହା ଯେ ବିଧାୟକ ଏବଂ ମନ୍ତ୍ରୀମାନେ ମଧ୍ୟ ଏକ ସମ୍ମାନଜନକ ଜୀବନଯାପନ କରିବା ପାଇଁ ପର୍ଯ୍ୟାପ୍ତ ଦରମା ପାଇବା ଉଚିତ କି? କିନ୍ତୁ ପ୍ରଶ୍ନ ହେଉଛି ଏହି ସମ୍ମାନଜନକ ଜୀବନ ଜନସାଧାରଣଙ୍କ ଖର୍ଚ୍ଚରେ ଆସିବା ଉଚିତ କି? ଯେତେବେଳେ ରାଜ୍ୟର ଲୋକମାନେ ମୌଳିକ ସୁବିଧାରୁ ବଞ୍ଚିତ ହୁଅନ୍ତି, ନେତାଙ୍କ ଦରମା ବୃଦ୍ଧି ନୈତିକ ଭାବରେ ଯଥାର୍ଥ ହୋଇପାରିବ ନାହିଁ। ସେବା ମନୋଭାବ ନେଇ ରାଜନୀତିରେ ପ୍ରବେଶ କରୁଥିବା ଜଣେ ବ୍ୟକ୍ତି ବୁଝିବା ଉଚିତ ଯେ ତାଙ୍କ ଜୀବନ ବ୍ୟକ୍ତିଗତ ବିଳାସ ନୁହେଁ, ବରଂ ଲୋକଙ୍କ ସମସ୍ୟା ସମାଧାନ ପାଇଁ ଉତ୍ସର୍ଗୀକୃତ। ନବୀନ ପଟ୍ଟନାୟକଙ୍କ ଦରମା ବୃଦ୍ଧିକୁ ପ୍ରତ୍ୟାଖ୍ୟାନ ଏକ ପ୍ରତୀକାତ୍ମକ ପଦକ୍ଷେପ। ଏହା ଜନସାଧାରଣଙ୍କୁ ଏକ ବାର୍ତ୍ତା ପଠାଏ ଯେ ରାଜନୀତିରେ ତ୍ୟାଗ ଏବଂ ସେବାର ସ୍ଥାନ ଏବେ ବି ରହିଛି। କିନ୍ତୁ ଏହା ଯଥେଷ୍ଟ ନୁହେଁ। ଯେପର୍ଯ୍ୟନ୍ତ ଅନ୍ୟ ବିଧାୟକ ଏବଂ ମନ୍ତ୍ରୀମାନେ ଏହା ଅନୁସରଣ ନ କରନ୍ତି, ଏହି ପଦକ୍ଷେପ କେବଳ ଏକ ବ୍ୟକ୍ତିଗତ ନିଷ୍ପତ୍ତି ହୋଇ ରହିବ। ଗଣତନ୍ତ୍ର ପାଇଁ ସାମୂହିକ ନୈତିକତା ଆବଶ୍ୟକ। ଯଦି ବିଧାନସଭା ମିଳିତ ଭାବରେ ଦରମା ବୃଦ୍ଧିକୁ ବିରୋଧ କରିଥାନ୍ତା, ତେବେ ଏହା ଲୋକଙ୍କ ପ୍ରତି ପ୍ରକୃତ ଆନୁଗତ୍ୟର ପ୍ରମାଣ ହୋଇଥାନ୍ତା। ଆଜି, ଓଡ଼ିଶାର ଲୋକମାନେ ପଚାରୁଛନ୍ତି ଯେ ସେମାନଙ୍କ ପ୍ରତିନିଧିମାନେ ଯେତେବେଳେ ସେମାନଙ୍କ ପିଲାମାନେ ଶିକ୍ଷାରୁ ବଞ୍ଚିତ ହୁଅନ୍ତି, ଯେତେବେଳେ ଡାକ୍ତରଖାନାରେ ଔଷଧର ଅଭାବ ଥାଏ ଏବଂ ଯେତେବେଳେ ଗାଁରେ ନିଯୁକ୍ତିର ଅଭାବ ଥାଏ, ସେତେବେଳେ ସେମାନଙ୍କର ଦରମା ବୃଦ୍ଧି କରିବାରେ କାହିଁକି ଏତେ ଧ୍ୟାନ ଦିଅନ୍ତି। ଏହି ପ୍ରଶ୍ନ କେବଳ ଓଡ଼ିଶା ପାଇଁ ନୁହେଁ, ସମଗ୍ର ଦେଶ ପାଇଁ। ଯେତେବେଳେ ଜନସାଧାରଣଙ୍କ ସମସ୍ୟାକୁ ପ୍ରାଥମିକତା ଦିଆଯିବ ଏବଂ ନେତାମାନଙ୍କ ବ୍ୟକ୍ତିଗତ ସ୍ୱାର୍ଥକୁ ପୃଷ୍ଠଭୂମିରେ ରଖାଯିବ ସେତେବେଳେ ଗଣତନ୍ତ୍ର କେବଳ ମଜବୁତ ହେବ। ଏକ ଗରିବ ରାଜ୍ୟରେ ଜଣେ ଧନୀ ରାଜନେତାର ଏହି ବିଡ଼ମ୍ବନା ଆମକୁ ରାଜନୀତିର ପ୍ରକୃତ ଉଦ୍ଦେଶ୍ୟ ବିଷୟରେ ବିଚାର କରିବାକୁ ବାଧ କରେ। ଯଦି ରାଜନୀତି ସେବା, ତେବେ ଦରମା ବୃଦ୍ଧି କରିବାର ନିଷ୍ପତ୍ତି ସେବାର ସେହି ଭାବନାର ବିପରୀତ। ଯଦି ରାଜନୀତି ସ୍ୱାର୍ଥ, ତେବେ ଜନସାଧାରଣଙ୍କ ବିଶ୍ୱାସ ଭାଙ୍ଗିଯିବା ନିଶ୍ଚିତ। ଓଡ଼ିଶାର ନେତାମାନେ ବୁଝିବା ଉଚିତ ଯେ ଲୋକମାନେ ସେମାନଙ୍କୁ ସେମାନଙ୍କର ଦରମା ଏବଂ ଭତ୍ତା ବୃଦ୍ଧି କରିବା ପାଇଁ ନୁହେଁ, ବରଂ ସେମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ନିର୍ବାଚିତ କରିଛନ୍ତି।

ଏହି ଲେଖାର ସାର ହେଉଛି ଯେ ଗଣତନ୍ତ୍ରର ଆତ୍ମା ସେବା, ତ୍ୟାଗ ଏବଂ ଲୋକଙ୍କ ପ୍ରତି ବିଶ୍ୱସ୍ତତାରେ ନିହିତ। ଯେପର୍ଯ୍ୟନ୍ତ ନେତାମାନେ ଏହି ମୌଳିକ ଭାବନାକୁ ବୁଝି ନାହାଁନ୍ତି, ସେପର୍ଯ୍ୟନ୍ତ ଗରିବ ରାଜ୍ୟରେ ଜଣେ ଧନୀ ରାଜନେତାର ବିଡ଼ମ୍ବନା ବଜାୟ ରହିବ ଏବଂ ଜନସାଧାରଣଙ୍କ ବିଶ୍ୱାସ କ୍ଷୁର୍ଣ୍ଣ ହେବ।

**ସୁଜନପୁର, ଯାଜପୁର**
**ମୋବାଇଲ୍: ୯୪୩୭୨୮୮୦୨୮**

# ଏମିତି ବି ଏକ ନୋବେଲ



**ବିଜନ କୁମାର ମହାପାତ୍ର**

ବୈଜ୍ଞାନିକ ଆଲଫ୍ରେଡ ନୋବେଲଙ୍କ ନାମରେ ପ୍ରଚଳିତ ନୋବେଲ ପୁରସ୍କାର ବାବଦରେ ସମସ୍ତେ ଅବଗତ ଥିବେ ନିଶ୍ଚୟ। ଅନେକ ହୁଏତ ଅବଗତ ନଥିବେ ଯେ, 'ନୋବେଲ' ନାମ ଥିବା ଆଉ ଗୋଟିଏ ପୁରସ୍କାରର ମଧ୍ୟ ପ୍ରଚଳନ ରହିଛି। ହେଲେ ପ୍ରକୃତ ନୋବେଲ ପୁରସ୍କାର ସହ ଏହି ପୁରସ୍କାରର କୌଣସି ସଂପର୍କ ନାହିଁ। ଏହି ପୁରସ୍କାର 'ଆଇଜି ନୋବେଲ' ଭାବେ ପରିଚିତ। 'ଆଇଜି' ମାନେ 'ଇଗନୋବେଲ୍'। 'ଇଗନୋବେଲ'ର ଅର୍ଥ ହେଉଛି ଅସମ୍ମାନ। ଏକ ପୁରସ୍କାରର ଏଭଳି ନାମକରଣ ଉତ୍ସୁକତା ସୃଷ୍ଟି କରିବା ସ୍ୱାଭାବିକ।

ନାମରୁ ହିଁ ଜଣାପଡୁଛି ଯେ ଏହା ଏକ ବ୍ୟଙ୍ଗାତ୍ମକ ପୁରସ୍କାର। ୧୯୯୧ ମସିହାରେ ଆଇଜି ନୋବେଲ ପୁରସ୍କାରର ପ୍ରଚଳନ କରାଯାଇଥିଲା। ନୋବେଲ ପୁରସ୍କାରର ପ୍ୟାରୋଡି ହେଉଛି ଆଇଜି ନୋବେଲ୍। 'ଅନାଲ୍ସ ଅଫ୍ ଇମ୍ପ୍ରୋବେବଲ ରିସର୍ଚ୍ଚ' ( ଏଆଇଆର୍ ) ନାମକ ଏକ ବ୍ୟଙ୍ଗାତ୍ମକ ବିଜ୍ଞାନ ପତ୍ରିକା ତରଫରୁ ପ୍ରଦାନ କରାଯାଏ ଆଇଜି ନୋବେଲ। ପତ୍ରିକାର ସଂପାଦକ ମାର୍କ ଆବ୍ରାହମ୍ସଙ୍କ ମାନସ ସନ୍ତାନ ହେଉଛି ଆଇଜି ନୋବେଲ। ଏହି ପୁରସ୍କାରର ନୀତି ହେଉଛି - 'ପ୍ରଥମେ ଲୋକଙ୍କୁ ହସାଅ ଓ ପରେ ସେମାନଙ୍କୁ ଚିନ୍ତା କରିବାକୁ ଦିଅ।' ( ଫାଷ୍ଟ ମେକ୍ ପିପୁଲ ଲଫ୍, ଦେନ୍ ମେକ୍ ଦେମ୍ ଥିଙ୍କ୍ )। ଅଜବ, ଅସ୍ୱାଭାବିକ, ପ୍ରଥମରୁ ଅଡୁଆ ଲାଗୁଥିବା ବୈଜ୍ଞାନିକ ଗବେଷଣା ଓ ଉଦ୍ଭାବନ ପାଇଁ ଦିଆଯାଏ ଆଇଜି ନୋବେଲ। ବିଜ୍ଞାନର ଅସ୍ୱାଭାବିକ ଓ କୌତୁକିଆ ଦିଗକୁ ପ୍ରାଧାନ୍ୟ ଦେଉଥିଲେ ମଧ୍ୟ ମନସ୍ତତ୍ତ୍ୱବିତ୍, ବାୟୋଲୋଜି ଭଳି ଅନେକ ବିଷୟ ସହ ଜଡିତ ସମସ୍ୟାକୁ ସାମନାକୁ ଆଣିଥାଏ ଆଇଜି ନୋବେଲ। ଅଜବ ଓ ହାସ୍ୟାସ୍ପଦ ମନେ ହେଉଥିବା ଗବେଷଣା ମଧ୍ୟ କେତେକ କ୍ଷେତ୍ରରେ ଉପାଦେୟ ହୋଇପାରିବ ବୋଲି ଆଇଜି ନୋବେଲ ପୁରସ୍କାରର ପ୍ରବର୍ତ୍ତକ ଏଆଇଆର ପତ୍ରିକା ପକ୍ଷରୁ କୁହାଯାଏ। ଏଭଳି ଏକ ବ୍ୟଙ୍ଗାତ୍ମକ ପୁରସ୍କାରର ସମାଲୋଚକଙ୍କ ସଂଖ୍ୟା କମ୍ ନୁହେଁ। ଏହା ସତ୍ତ୍ୱେ ଆଇଜି ନୋବେଲ ଉପରେ ସମସ୍ତଙ୍କର ନଜର ରହିଥାଏ।

ନୋବେଲ ପୁରସ୍କାର ପ୍ରଦାନ ଉତ୍ସବ ପୂର୍ବରୁ ଅନୁଷ୍ଠିତ ହୁଏ ଆଇଜି ନୋବେଲ ପୁରସ୍କାର ଉତ୍ସବ। ପୂର୍ବରୁ ପୁରସ୍କାର ବିଜେତାମାନଙ୍କ ନାଁ ଘୋଷଣା ସରିଥାଏ। ଅସଲ ନୋବେଲ ପୁରସ୍କାର ଭଳି ଆଇଜି ନୋବେଲ ମଧ୍ୟ ଏକାଧିକ ଶ୍ରେଣୀରେ ଦିଆଯାଏ। ମଜା କଥାହେଲା, ପୁରସ୍କାର ଉତ୍ସବରେ ନୋବେଲ ପୁରସ୍କାର ବିଜେତାମାନେ ନିମନ୍ତ୍ରିତ ଅତିଥି ଭାବେ ଯୋଗଦିଅନ୍ତି।

କିଛି ଦିନ ତଳେ ୨୦୨୫ ଆଇଜି ନୋବେଲ ପ୍ରଦାନ ଉତ୍ସବ ହାର୍ଭାଡ୍ ବିଶ୍ୱବିଦ୍ୟାଳୟର ସ୍ୟାଣ୍ଡର୍ସ ଥିଏଟରରେ ଅନୁଷ୍ଠିତ ହୋଇଛି। ଏବର୍ଷ ଆଇଜି ନୋବେଲ ବିଜେତାମାନଙ୍କ ମଧ୍ୟରେ ଅଛନ୍ତି ଦୁଇ ଭାରତୀୟ। ଇଞ୍ଜିନିୟରିଂ ଡିଜାଇନ ଶ୍ରେଣୀରେ ବିକାଶ କୁମାର ଓ ସାର୍ଥକ ମିତ୍ତଲଙ୍କୁ ମିଳିଛି ଆଇଜି ନୋବେଲ। ଜୋତାରୁ ବାହାରୁଥିବା ଦୁର୍ଗନ୍ଧ ଓ ଏହାର କାରଣ ସଂପର୍କରେ ଅନୁଧାନ କରିବା ସହ ଏହାର ନିରାକରଣ ପାଇଁ ବିଶେଷ ସ୍ୱତନ୍ତ୍ର ଓ ସୁ-ର୍‌ୟାକ୍ ଡିଜାଇନ ପାଇଁ ବିକାଶ ଓ ସାର୍ଥକଙ୍କୁ ମିଳିଛି ଆଇଜି ନୋବେଲ। ଶିବ ନାଦର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ବିକାଶ କୁମାର ଓ ତାଙ୍କ ପୂର୍ବତନ ଛାତ୍ର ସାର୍ଥକ ମିତ୍ତଲ ଡିଜାଇନ ଦୃଷ୍ଟିକୋଣରୁ ଜୋତାର ଦୁର୍ଗନ୍ଧ ଦୂର ପାଇଁ ସ୍ୱତନ୍ତ୍ର ସୁ-ର୍‌ୟାକ୍‌ର ପରିକଳ୍ପନା କରିଥିଲେ। ସୁ-ରେକରେ ସେମାନେ ଏକ ଅଲଟ୍ରା ଭାଓଲେଟ୍ ଲ୍ୟାମ୍ପ ଲଗାଇଥିଲେ। ଏହି ଲ୍ୟାମ୍ପ ୱାଟର ଫିଲଟରର ସ୍ୱଚ୍ଛତା ପାଇଁ ବି ବ୍ୟବହାର କରାଯାଏ। ଏଭଳି ବୈଷୟିକ କୌଶଳ ଦ୍ୱାରା ଜୋତା ଭିତରେ ଥିବା ବ୍ୟାକଟେରିଆ ସବୁ ମରିଯାଆନ୍ତି, ଯାହା ଫଳରେ ଆଉ ଦୁର୍ଗନ୍ଧ ହୁଏ ନାହିଁ। ଏମିତ ତ ଭାରତର ପ୍ରକୃତ ନୋବେଲ ପୁରସ୍କାର ବିଜେତାଙ୍କ ସଂଖ୍ୟା ନଗଣ୍ୟ, କିନ୍ତୁ ଆଇଜି ନୋବେଲ ବିଜୟୀ ଭାରତୀୟଙ୍କ ସଂଖ୍ୟା ବେଶ୍ ଅଧିକ। ବିକାଶ ଓ ସାର୍ଥକଙ୍କ ବିଜୟ ହେଉଛି ଭାରତର ୨୨ତମ ଆଇଜି ନୋବେଲ।

ଏ ବର୍ଷ ଆଉ ବିଭିନ୍ନ ଦେଶର ଅନେକ ଅଜବ ଓ କୌତୁହଳପୂର୍ଣ୍ଣ ଗବେଷଣାକୁ ମିଳିଛି ଆଇଜି ନୋବେଲ। ଜର୍ମାନୀର କ୍ଲିନିକାଲ ସାଇକୋଲୋଜିଷ୍ଟ ଜେସିକା ବର୍ଥମ୍ୟାନଙ୍କୁ ଶାନ୍ତି ପାଇଁ ମିଳିଛି ଆଇଜି ନୋବେଲ। ତାଙ୍କୁ ଯେଉଁଥିପାଇଁ ଶାନ୍ତି ପୁରସ୍କାର ମିଳିଲା, ତାହାର କାରଣ ମଧ୍ୟ ବଡ ଅଜବ ଓ ହାସ୍ୟାସ୍ପଦ। ମଦ୍ୟପାନ କଲେ ଲୋକେ ଇଂରାଜୀ ଓ ଅନ୍ୟ ବିଦେଶୀ ଭାଷା ଭଲରୂପେ କହିପାରନ୍ତି ବୋଲି ବର୍ଥମ୍ୟାନ ଗବେଷଣା କରିଥିଲେ।

ଆଉ ଏଥର ସାହିତ୍ୟର ଆଇଜି ନୋବେଲ ମରଣୋତ୍ତର ଭାବେ ଆମେରିକାର ୱିଲିୟମ ବିନ୍‌ଙ୍କୁ ଦିଆଯାଇଛି। ଆମେରିକାର କଲମ୍ବିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଥିବା ବିନ୍ ନିଜ ଅଙ୍ଗୁଳିର ନଖ କେମିତି ବଢ଼ିଲା, ସେ ନେଇ ସେ ବର୍ଷେ କି ଦୁଇ ବର୍ଷ ନୁହେଁ, ଦୀର୍ଘ ୩୫ ବର୍ଷ ଧରି ଗବେଷଣା କରିଥିଲେ। ପିଜା ଖାଉଥିବା ଝିଟିପିଟିଙ୍କ ସଂପର୍କରେ ଗବେଷଣା କରିଥିବାରୁ ନାଇଜେରିଆ, ଟୋଗୋ, ଇଟାଲୀ ଓ ଫ୍ରାନ୍ସର ଗବେଷକମାନଙ୍କୁ ମିଳିତ ଭାବେ ଦିଆଯାଇଛି ଆଇଜି ନୋବେଲ। ନ୍ୟୁଟ୍ରିସନ ଶ୍ରେଣୀରେ ଏମାନେ ପୁରସ୍କୃତ ହୋଇଛନ୍ତି।

ରସୁଣ ଖାଉଥିବା ମାଆମାନଙ୍କ ଛୁଆମାନେ ଅଧିକ ସ୍ତନ୍ୟପାନ କରନ୍ତି ବୋଲି ଆମେରିକାର ଜୁଲି ମିନେଲା ଓ ଗୋରି ବ୍ୟୁଚାମ୍ପ ଗବେଷଣା କରିଥିଲେ। ଏହି ଗବେଷଣା ପାଇଁ ଶିଶୁ ଯତ୍ନ ଶ୍ରେଣୀରେ ଉଭୟଙ୍କୁ ମିଳିଛି ପୁରସ୍କାର। ଗାଇମାନଙ୍କୁ ମଶାମାଛି ଓ ଅନ୍ୟ କୀଟପତଙ୍ଗଙ୍କ ଦାଉରୁ ମୁକ୍ତି ଦେବାକୁ ଜାପାନର ବୈଜ୍ଞାନିକମାନେ ଏକ ଅଜବ ଉପାୟ ବାହାର କରିଥିଲେ। ଗାଇଙ୍କ ଶରୀରରେ ଜେବ୍ରାଙ୍କ ଭଳି ଗାର ଆଙ୍କିଦେଲ ମଶାମାଛି ସେମାନଙ୍କୁ ହଇରାଣ କରିବେ ନାହିଁ। ଏହି 'ଜେବ୍ରା କାଓ' ଗବେଷଣା ପାଇଁ ଜାପାନୀ ବୈଜ୍ଞାନିକଙ୍କୁ ମିଳିଛି ଆଇଜି ନୋବେଲ।

ବିଜେତାମାନଙ୍କୁ ଦିଆଯାଉଥିବା ପୁରସ୍କାର ମଧ୍ୟ ଅଜବ। ଏକ ୧୦ ଟ୍ରିଲିୟନ ଜିମ୍ବାୱେ ଡଲାର ନୋଟ୍ ଆଇଜି ନୋବେଲ ବିଜେତାମାନଙ୍କୁ ଦିଆଯାଏ। ଏହା ବୁଝାଏ ଯେ, ପୁରସ୍କାର ରାଶି ଅପେକ୍ଷା ଗବେଷଣା ହିଁ ଗୁରୁତ୍ୱପୂର୍ଣ୍ଣ।

ଏ ଯାଏଁ କେବଳ ଜଣେ ମାତ୍ର ବୈଜ୍ଞାନିକ ଉଭୟ ଆଇଜି ନୋବେଲ ଓ ପ୍ରକୃତ ନୋବେଲ ପୁରସ୍କାର ପାଇଛନ୍ତି। ସେ ହେଲେ ପଦାର୍ଥ ବିଜ୍ଞାନୀ ସାର୍ ଆଣ୍ଡ୍ରେ ଜିମ୍। ୨୦୦୦ ମସିହାରେ ସାର୍ ଆଣ୍ଡ୍ରେ ପ୍ରଥମେ ଆଇଜି ନୋବେଲ ପାଇଥିଲେ। ବେଙ୍ଗ ଦେହରେ ଚୁମ୍ବକ ଲଗାଇ ଏହାକୁ ଉଡାଇବା କୌଶଳ ବାହାର କରିଥିବାରୁ ତାଙ୍କୁ ମିଳିଥିଲା ୨୦୦୦ ମସିହାର ଆଇଜି ନୋବେଲ୍। ଏହାର ୧୦ ବର୍ଷ ପରେ ୨୦୧୦ ମସିହାରେ ଗ୍ରାଫିନ୍ ଉପରେ ଗବେଷଣା ପାଇଁ ସାର୍ ଆଣ୍ଡ୍ରେଙ୍କୁ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ମିଳିଥିଲା। ସତରେ, ଆଇଜି ନୋବେଲ ପୁରସ୍କାର ନିଜର ନୀତିରେ ଅଟଳ ରହିଛି। ପ୍ରଥମେ ଲୋକଙ୍କୁ ହସାଅ ଓ ପରେ ଭାବିବାକୁ ଦିଅ- ଏହି ନ୍ୟାୟରେ ବିଜ୍ଞାନ ସହ ସାଧାରଣ ଲୋକଙ୍କୁ ଜଡିତ କରିବାକୁ ପ୍ରୟାସ ଜାରି ରଖିଛି ଏଆଇଆର ପତ୍ରିକା ଓ ଏହାର ସଂପାଦକ ମାର୍କ ଆବ୍ରାହମ୍ସ।




**ଉମା ନଗର, ଲାଞ୍ଜିପଲ୍ଲୀ**

## ମେସିଙ୍କ କାର୍ଯ୍ୟକ୍ରମରେ ବିଭ୍ରାଟ ପ୍ରସଙ୍ଗ

# ପଶ୍ଚିମବଙ୍ଗ କ୍ରୀଡ଼ାମନ୍ତ୍ରୀଙ୍କ ଇସ୍ତଫା



**କୋଲକାତା, ୧୬।୧୨:** ସଲ୍ଟ ଲେକ୍ ଷ୍ଟାଡିୟମରେ ଲିଓନେଲ୍ ମେସିଙ୍କ କାର୍ଯ୍ୟକ୍ରମ ବିଭ୍ରାଟ ପରେ ପଶ୍ଚିମବଙ୍ଗ କ୍ରୀଡ଼ାମନ୍ତ୍ରୀ ଅରୂପ ବିଶ୍ୱାସ ଇସ୍ତଫା ଦେଇଛନ୍ତି। ଶାସକ ଟିଏମସିର ବରିଷ୍ଠ ନେତା କୁଣାଳ ଘୋଷଙ୍କ ଅନୁସାରେ, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଚିଠି ଲେଖି କ୍ରୀଡ଼ା ମନ୍ତ୍ରଣାଳୟ ଦାୟିତ୍ୱରୁ ମୁକ୍ତ କରିବା ପାଇଁ ଅନୁରୋଧ କରିଛନ୍ତି। ବିଶ୍ୱାସ ରାଜ୍ୟ ସରକାରଙ୍କ ଦ୍ୱାରା ସଲ୍ଟ ଲେକ୍ ଷ୍ଟାଡିୟମରେ ଲିଓନେଲ୍ ମେସିଙ୍କ ଗୋଟ୍ ଟୁର୍ କାର୍ଯ୍ୟକ୍ରମ ବେଳେ ହୋଇଥିବା ଅରାଜକତାର ତଦନ୍ତ ନିର୍ଦ୍ଦେଶ ପରେ ଇସ୍ତଫ ହେଇଛନ୍ତି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଲେଖିଥିବା ଚିଠିରେ ବିଶ୍ୱାସ କହିଛନ୍ତି, ସେ ଏହି ଘଟଣାର ମୁକ୍ତ ଓ ନିରପେକ୍ଷ ତଦନ୍ତ ସୁନିଶ୍ଚିତ କରିବା ପାଇଁ ନିଜ ପଦ ଛାଡୁଛନ୍ତି। ମେସି କାର୍ଯ୍ୟକ୍ରମରେ ବିଭ୍ରାଟ ଯୋଗୁ ମନ୍ତ୍ରୀଙ୍କୁ ବହୁ ସମାଲୋଚନା ସହିବାକୁ ପଡ଼ିଥିଲା।

ଉଲ୍ଲଖଯୋଗ୍ୟ ଯେ, ଡିସେମ୍ବର ୧୩ରେ ମେସି କୋଲକାତାରେ ପହଞ୍ଚିବା ପରେ ସଲ୍ଟ ଲେକ୍ ଷ୍ଟାଡିୟମରେ ହଜାର ହଜାର ପ୍ରଶଂସକ ତାଙ୍କୁ ଦେଖିବା ପାଇଁ ଏକାଠି ହୋଇଥିଲେ। କିନ୍ତୁ କିଛି ସମୟ ମଧ୍ୟରେ ଏହା ଏକ ଲଜ୍ଜାଜନକ ଘଟଣାରେ ପରିଣତ ହୋଇଥିଲା। ଷ୍ଟାଡିୟମରେ ଚେୟାର ଏବଂ ବୋତଲ ଫିଙ୍ଗାଯାଇଥିଲା। ବିଶୃଙ୍ଖଳା ଚରମରେ ପହଞ୍ଚିଥିଲା। ମମତାଙ୍କ ସବୁଠୁ ବିଶ୍ୱସ୍ତ ସହଯୋଗୀଙ୍କ ମଧ୍ୟରୁ ଜଣେ ଥିବା ବିଶ୍ୱାସଙ୍କ ଇସ୍ତଫା ସ୍ପଷ୍ଟ କରୁଛି ଯେ ଆଗାମୀ ବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନ ପୂର୍ବରୁ ପାର୍ଟି କୌଣସି ବିବାଦରେ ଫସିବାକୁ ଚାହୁଁନାହିଁ। ଏହି ଘଟଣାର ତଦନ୍ତ ପାଇଁ ଚାରି ସଦସ୍ୟ ବିଶିଷ୍ଟ ଏସଆଇଟି ଗଠନ କରାଯାଇଥିଲା। ଏହି ସମିତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନିର୍ଦ୍ଦେଶରେ ଗଠନ କରାଯାଇଥିଲା। ସମିତିର ଅଧକ୍ଷତା ନ୍ୟାୟମୂର୍ତ୍ତି ରୟ କରୁଛନ୍ତି ଓ ଏଥିରେ ମୁଖ୍ୟ ସଚିବ ମନୋଜ ପନ୍ତ ତଥା ଗୃହ ସଚିବ ନନ୍ଦିନୀ ଚକ୍ରବର୍ତ୍ତୀ ସଦସ୍ୟ ଅଛନ୍ତି। ଅଧିକାରୀମାନେ କହିଛନ୍ତି ଯେ, ରିପୋର୍ଟ ଏସଓପି ଉଲ୍ଲଂଘନ, ମୁଖ୍ୟତଃ ଷ୍ଟାଡିୟମ ଭିତରକୁ ପାଣି ବୋତଲ ନେଇ ଯିବା ନିୟମ ଉପରେ ଗମ୍ଭୀର ପ୍ରଶ୍ନ ଉଠାଯାଇଛି। ସମିତିର ସଦସ୍ୟ କହିଛନ୍ତି, ବର୍ତ୍ତମାନର ନିୟମର ଅନୁସାରେ ଦର୍ଶକଙ୍କୁ ଷ୍ଟାଡିୟମ ଭିତରକୁ ପାଣି ବୋତଲ ନେଇ ଯିବାର ଅନୁମତି ନାହିଁ। ତଥାପି, ଷ୍ଟାଡିୟମ ଭିତରେ ପାଣି ବୋତଲ କିପରି ଉପଲବ୍ଧ ଥିଲା ? ରିପୋର୍ଟ ସୋମବାର ରାତିରେ ହସ୍ତାନ୍ତର କରାଯାଇଥିଲା।

## ବେଙ୍ଗଲ, ରାଜସ୍ଥାନରେ ଏସ୍ଆଇଆର୍ ପରେ ଡ୍ରାଫ୍ଟ ଭୋଟର ତାଲିକା ଜାରି

# କଟିଲା କୋଟିଏରୁ ଊର୍ଦ୍ଧ୍ୱ ଭୋଟରଙ୍କ ନାଁ

ନୂଆଦିଲ୍ଲୀ,୧୬।୧୨: ପଶ୍ଚିମବଙ୍ଗ, ଗୋଆ, ରାଜସ୍ଥାନ, ପୁଡୁଚେରୀ ଏବଂ ଲାକ୍ଷାଦ୍ୱୀପରେ ସ୍ୱତନ୍ତ୍ର ବ୍ୟାପକ ସଂଶୋଧନ (ଏସ୍ଆଇଆର୍)ର ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶ କରିଛନ୍ତି ନିର୍ବାଚନ କମିଶନ। ବେଙ୍ଗଲରେ ଡ୍ରାଫ୍ଟ ଭୋଟର ତାଲିକାରୁ ୫୮ ଲକ୍ଷରୁ ଅଧିକ ଭୋଟରଙ୍କ ନାମ ବାଦ ଦିଆଯାଇଛି। ଏଥିରେ ମୃତ , ସ୍ଥାନାନ୍ତରିତ ଏବଂ ଡୁପ୍ଲିକେଟ ଭୋଟର ଅନ୍ତର୍ଭୁକ୍ତ। ସରକାରୀ ତଥ୍ୟ ଅନୁଯାୟୀ, ପଶ୍ଚିମବଙ୍ଗରେ ନଭେମ୍ବର ୪ ରୁ ଡିସେମ୍ବର ୧୧ ପର୍ଯ୍ୟନ୍ତ ଏସଆଇ ପରେ ଡ୍ରାଫ୍ଟ ଭୋଟର ତାଲିକାରୁ ୫୮ ଲକ୍ଷ ୨୦ ହଜାର ୮୯୮ ନାମ ବାଦ ଦିଆଯାଇଛି। ଫଳରେ ରାଜ୍ୟରେ ଭୋଟରଙ୍କ ସଂଖ୍ୟା ୭ କୋଟି ୬୬ ଲକ୍ଷ ୩୭ ହଜାର ୫୨୯ ରୁ ହ୍ରାସ ପାଇ ୭ କୋଟି ୦୮ ଲକ୍ଷ ୧୬ ହଜାର ୬୩୦ ହୋଇଛି।

ପଶ୍ଚିମବଙ୍ଗର ସ୍ୱତନ୍ତ୍ର ଭୋଟର ତାଲିକା ପର୍ଯ୍ୟବେକ୍ଷକ ସୁବ୍ରତ ଗୁପ୍ତା କହିଛନ୍ତି ଯେ, ଯେଉଁ ଭୋଟରଙ୍କ ନାମ ଡ୍ରାଫ୍ଟ ଭୋଟର ତାଲିକାରେ ନାହିଁ, ସେମାନଙ୍କୁ ଭୟଭୀତ ହେବାର ଆବଶ୍ୟକତା ନାହିଁ। ଯେଉଁ ୩୦ ଲକ୍ଷ ଭୋଟରଙ୍କ ନାମ ୨୦୦୨ ଭୋଟର ତାଲିକା ସହ ମେଳ ଖାଉନାହିଁ, ସେମାନଙ୍କୁ ଶୁଣାଣି ଲାଗି ଡକାଯିବ। ସେମାନଙ୍କୁ ଯୋଗ୍ୟତା ପ୍ରମାଣ କରିବାକୁ ସମୟ ଦିଆଯିବ।



ସେପଟେ ରାଜସ୍ଥାନରେ ଏସ୍ଆଇଆର୍ ପ୍ରକ୍ରିୟା ପରେ ୫ କୋଟି ୪୬ ଲକ୍ଷ ୫୬ ହଜାର ୨୧୫ ଭୋଟରଙ୍କ ମଧ୍ୟରୁ ପ୍ରାୟ ୪୨ ଲକ୍ଷ ଭୋଟରଙ୍କ ନାମ ଡ୍ରାଫ୍ଟ ଭୋଟର ତାଲିକାରୁ ବାଦ ଦିଆଯାଇଛି। ରାଜସ୍ଥାନରେ ମୋଟ ୫ କୋଟି ୪ ଲକ୍ଷ ୭୧ ହଜାର ୩୯୬ ଭୋଟର ଫର୍ମ ଦାଖଲ କରିଛନ୍ତି। ୪୧ ଲକ୍ଷ ୮୪ ହଜାର ୮୧୯ ଜଣ ଫର୍ମ ପୂରଣ କରିନାହାନ୍ତି। ଇସିଆଇ ଅନୁଯାୟୀ, ୮.୭୫ ଲକ୍ଷ ଭୋଟର ମୃତ ଏବଂ ୨୯.୬ ଲକ୍ଷ ଭୋଟର ସ୍ଥାନାନ୍ତରିତ କିମ୍ବା ଅନୁପସ୍ଥିତ ଥିବା ଜଣାପଡିଛି। ପ୍ରାୟ ୧୧ ଲକ୍ଷ ଭୋଟର ଅଛନ୍ତି ଯେଉଁମାନଙ୍କୁ ସେମାନଙ୍କର ଡକ୍ୟୁମେଣ୍ଟ ଦାଖଲ କରିବାକୁ ନୋଟିସ ଜାରି କରାଯିବ। ଜୟପୁର ଜିଲ୍ଲାରେ ସର୍ବାଧିକ ସଂଖ୍ୟକ ଭୋଟରଙ୍କ ନାମ ବାଦ ଦିଆଯାଇଛି।

ଗୋଆର ମୋଟ ୧ ୦,୮୪,୯୯୨ ଭୋଟରଙ୍କ ମଧ୍ୟରୁ ପ୍ରାୟ ୧୦୦,୦୦୦ ଭୋଟରଙ୍କ ନାମ ଡ୍ରାଫ୍ଟ ଭୋଟର ତାଲିକାରୁ ବାଦ ଦିଆଯାଇଛି। ଗୋଆର ମୋଟ ୧ ୧, ୮୫ , ୦୩୪ ଭୋଟରଙ୍କ ମଧ୍ୟରୁ ୧୦, ୮୪ , ୯୯୨ ଜଣ ସେମାନଙ୍କର ଫର୍ମ ଦାଖଲ କରିଛନ୍ତି। ରାଜ୍ୟର ୧ ଲକ୍ଷ ୪୨ ଜଣଙ୍କ ନାମ ଡ୍ରାଫ୍ଟ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇନାହିଁ। ଡ୍ରାଫ୍ଟ ତାଲିକା ପ୍ରକାଶିତ ହେବା ପରେ ଯୋଗ୍ୟ ଭୋଟରମାନେ ଡିସେମ୍ବର ୧୬, ୨୦୨୫ ରୁ ଜାନୁଆରୀ ୧୫, ୨୦୨୬ ପର୍ଯ୍ୟନ୍ତ ପୁନଃ ଆବେଦନ କରିପାରିବେ। ଲାକ୍ଷାଦ୍ୱୀପରେ ଏସ୍ଆଇଆର୍ ପ୍ରକ୍ରିୟା ନଭେମ୍ବର ୪ ତାରିଖରେ ଆରମ୍ଭ ହୋଇ ଡିସେମ୍ବର ୧୧ ପର୍ଯ୍ୟନ୍ତ ଜାରି ରହିଥିଲା। ଏହି ସମୟ ମଧ୍ୟରେ, ୫୭,୮୧୩ ଭୋଟରଙ୍କ ମଧ୍ୟରୁ ୫୬, ୩୮୪ ଜଣ ସେମାନଙ୍କର ଫର୍ମ ଦାଖଲ କରିଛନ୍ତି। ଅର୍ଥାତ୍ ନୂତନ ଡ୍ରାଫ୍ଟ ତାଲିକାରେ ୧୪୨୯ ଜଣଙ୍କ ନାମ ବାଦ ଦିଆଯାଇଛି। ଡ୍ରାଫ୍ଟ ତାଲିକା ପ୍ରକାଶିତ ହେବା ପରେ, ଯୋଗ୍ୟ ଭୋଟରମାନେ ଜାନୁଆରୀ ୧୫, ୨୦୨୬ ପର୍ଯ୍ୟନ୍ତ ପୁନଃ ଆବେଦନ କରିପାରିବେ।

## ନ୍ୟାଶନାଲ ହେରାଲ୍ଡ ମାମଲା

# କୋର୍ଟରେ ସୋନିଆ, ରାହୁଲଙ୍କ ବଡ଼ ବିଜୟ

ନୂଆଦିଲ୍ଲୀ, ୧୬।୧୨: ସୋନିଆ-ରାହୁଲଙ୍କୁ ବଡ଼ ଆଶ୍ୱସ୍ତି। ନ୍ୟାଶନାଲ ହେରାଲ୍ଡ ମାମଲାରେ ଗାନ୍ଧୀ ପରିବାରକୁ କୋର୍ଟରୁ ବଡ଼ ବିଜୟ ମିଳିଛି। ଦିଲ୍ଲୀର ରାଉସ ଆଭେନ୍ୟୁ କୋର୍ଟ ଇଡି ଦ୍ୱାରା ଦାଖଲ ଚାର୍ଜସିଟକୁ ଗ୍ରହଣ କରିବାକୁ ମନା କରିଦେଇଛନ୍ତି। କୋର୍ଟଙ୍କ ଏହି ନିଷ୍ପତ୍ତି ସୋନିଆ-ରାହୁଲଙ୍କ ପାଇଁ ବଡ଼ ବିଜୟ ବୋଲି କୁହାଯାଉଛି।




### ଇଡି ଚାର୍ଜସିଟକୁ ଗ୍ରହଣ କଲେନି ଅଦାଲତ

କୋର୍ଟ କହିଛନ୍ତି ଯେ, ରାହୁଲ ଏବଂ ସୋନିଆଙ୍କ ବିରୋଧରେ ମନି ଲଣ୍ଡରିଂ ସମ୍ବନ୍ଧୀୟ ମାମଲାକୁ ଗ୍ରହଣ କରାଯାଇ ପାରିବନାହିଁ। କାରଣ ଅପରାଧ ବାବଦରେ କୌଣସି ବିଧିବଦ୍ଧ ଏଫଆଇଆର ଦାଖଲ ହୋଇନାହିଁ। ପିଏମଏଲଏ ଆକ୍ଟ ଅନୁସାରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ପୂର୍ବରୁ ଇଡି ଏଫଆଇଆର ରୁଜୁକରିବା ବାଧ୍ୟତାମୂଳକ ଅଟେ। କୋର୍ଟ ଆହୁରି ମଧ କହିଛନ୍ତି ଯେ, ଯେଉଁ ଏଫଆଇଆର ଆଧାରରେ ମନି ଲଣ୍ଡରିଂ ମାମଲାର ତଦନ୍ତ ହୋଇଥାନ୍ତା ତାହା ଏବେସୁଦ୍ଧା ଦାଖଲ ହୋଇନାହିଁ। ସିବିଆଇ ଏଯାଏଁ ଏଫଆଇଆର ରୁଜୁ ନେଇ ପ୍ରକ୍ରିୟା ଆରମ୍ଭ କରିନି। ଇଡି ମଧ ବିନା କୌଣସି ଏଫଆଇଆରରେ ତଦନ୍ତକୁ ଆଗକୁ ବଢାଇ ଦେଇଛି। କୋର୍ଟ ଏପରି ତଦନ୍ତକୁ ଗ୍ରହଣ କରିବେ ନାହିଁ। ବିନା ଏଫଆଇଆରରେ କୌଣସି ମାମଲାର ତଦନ୍ତ ଆଗକୁ ବଢିପାରିବ ନାହିଁ। କୌଣସି ବ୍ୟକ୍ତିଗତ ଏପଆଇଆର ଆଧାରରେ ମନି ଲଣ୍ଡରିଂ ମାମଲା ବେଆଇନ ଅଟେ। ତେବେ କୋର୍ଟ କେବଳ ମାମଲାର ବୈଧତା ଉପରେ ଶୁଣାଣି କରିଛନ୍ତି। ଅଭିଯୁକ୍ତ ଦୋଷୀ ନା ନାହିଁ ସେନେଇ ରାୟ ଦିଆଯାଇନାହିଁ। ଏହା କହିସାରି ଇଡି ଦ୍ୱାରା ଦାଖଲ ମାମଲାକୁ ଗ୍ରହଣ କରିବାକୁ ଅଦାଲତ ମନା କରିଦେଇଛନ୍ତି।

# ନିଜ ଗାଡ଼ିରେ ମୋଦୀଙ୍କୁ ମ୍ୟୁଜିୟମ ନେଲେ ଜୋର୍ଡାନ ଯୁବରାଜ

ମୁମ୍ବାଇ ୧୬।୧୨ : ଡ୍ରାଇଭର ସାଜିଲେ ଜୋର୍ଡାନ ଯୁବରାଜ। ଗାଡିରେ ଗଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଜୋର୍ଡାନ ସଂଗ୍ରହାଳୟକୁ ମୋଦୀଙ୍କୁ ଯୁବରାଜ ନିଜେ ଗାଡ଼ି ଚଳାଇ ନେଲେ। ଭାଇରାଲ ହେଉଛି ଜୋର୍ଡାନ ସରକାରୀ ଗସ୍ତ ସମୟର ଫଟୋ। ମଙ୍ଗଳବାର ଅମ୍ମାନରେ ପ୍ରଧାନମନ୍ତ୍ରୀଙ୍କ ବ୍ୟସ୍ତବହୁଳ କାର୍ଯ୍ୟସୂଚୀର ଏହି ଗସ୍ତ ଥିଲା। ପ୍ରଫେଟ ମହମ୍ମଦଙ୍କ ୪୨ତମ ପିଢ଼ିର ବଂଶଧର ଭାବରେ ବିବେଚିତ ଯୁବରାଜ ଅଲ ହୁସେନ



ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହିତ ଗସ୍ତ ସମୟରେ ଉପସ୍ଥିତ ଥିଲେ। ଜୋର୍ଡାନ ସଂଗ୍ରହାଳୟ ପରିଦର୍ଶନ ପ୍ରଧାନମନ୍ତ୍ରୀଙ୍କ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଥିଲା। ବୈଦେଶିକ ମନ୍ତ୍ରଣାଳୟର ସଚିବ ଡକ୍ଟର ନୀନା ମାଲହୋତ୍ରା ଏକ ସ୍ୱତନ୍ତ୍ର ବ୍ରିଫିଂରେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦୀ ଯୁବରାଜଙ୍କ ସହିତ ସଂଗ୍ରହାଳୟ ପରିଦର୍ଶନ କରିଛନ୍ତି।

ଗସ୍ତ ସମୟରେ ଶକ୍ତି, ଡିଜିଟାଲ ପ୍ରଯୁକ୍ତିବିଦ୍ୟା, ଜଳ ପରିଚାଳନା, ସଂସ୍କୃତି ଏବଂ ଲୋକସମ୍ପର୍କ ସହିତ ଜଡିତ ଅନେକ ଚୁକ୍ତିନାମା ଚୂଡ଼ାନ୍ତ ହୋଇଛି। ପୂର୍ବରୁ, ପ୍ରଧାନମନ୍ତ୍ରୀ ମୋଦୀ ଭାରତ-ଜୋର୍ଡାନ ବ୍ୟବସାୟ ଫୋରମକୁ ସମ୍ବୋଧିତ କରିଥିଲେ। ଯେଉଁଥିରେ ଉଭୟ ଦେଶର ପ୍ରମୁଖ ବ୍ୟବସାୟ ନେତାମାନେ ଯୋଗ ଦେଇଥିଲେ। ଏହି ଫୋରମର ଲକ୍ଷ୍ୟ ଭାରତ ଏବଂ ଜୋର୍ଡାନ ମଧ୍ୟରେ ଆର୍ଥିକ ସହଯୋଗକୁ ଆହୁରି ମଜବୁତ କରିବା ଥିଲା। ଗସ୍ତ ପରେ, ପ୍ରଧାନମନ୍ତ୍ରୀ ମୋଦୀ ସୋସିଆଲ ମିଡିଆରେ କହିଥିଲେ ଯେ, ଜୋର୍ଡାନ ଗସ୍ତର ଫଳାଫଳ ଭାରତ-ଜୋର୍ଡାନ ସମ୍ପର୍କକୁ ବିସ୍ତାର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଅର୍ଥପୂର୍ଣ୍ଣ ପଦକ୍ଷେପ ଥିଲା। ନବୀକରଣୀୟ ଶକ୍ତିଠାରୁ ଡିଜିଟାଲ ନବସୃଜନ ପର୍ଯ୍ୟନ୍ତ ଚୁକ୍ତିନାମା ଦୁଇଦେଶ ମଧ୍ୟରେ ବୃଦ୍ଧି ପାଉଥିବା ସହଭାଗୀତାର ଗଭୀରତାକୁ ପ୍ରତିଫଳିତ କରେ।

# ଲୋକସଭାରେ ‘ଭିବି-ଜି ରାମ୍ ଜି’ ବିଲ୍ ଆଗତ

ନୂଆଦିଲ୍ଲୀ, ୧୬।୧୨: ଲୋକସଭାରେ ମନରେଗା ନାମ ପରିବର୍ତ୍ତନ ବିଲ୍ ଆଗତ ହୋଇଛି। ଆଗତ ହୋଇଛି ‘ଭିବି-ଜି ରାମ ଜି’ ବିଲ୍। ‘ବିକଶିତ ଭାରତ-ଗ୍ୟାରେଣ୍ଟି ଫର୍ ଆଣ୍ଡ ଆଜୀବିକା ମିଶନ-ଗ୍ରାମୀଣ’ ଉପସ୍ଥାପନ କରିଛନ୍ତି କୃଷିମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ। ଏହି ବିଲ୍‌କୁ କଂଗ୍ରେସ ଏବଂ ଟିଏମ୍‌ସିର ଜୋରଦାର ବିରୋଧ



### କଂଗ୍ରେସ ଓ ଟିଏମ୍‌ସିର ପ୍ରବଳ ବିରୋଧ

କରିଛନ୍ତି। ରାହୁଲ ଗାନ୍ଧୀ ବିଜେପିକୁ ସମାଲୋଚନା କରି ମହାତ୍ମା ଗାନ୍ଧୀଙ୍କ ନାମ ପରିବର୍ତ୍ତନକୁ ଦଳ ଗ୍ରହଣ କରିପାରୁନାହିଁ ବୋଲି କହିଛନ୍ତି। ଆରମ୍ଭରୁ ବିଜେପି ମହାତ୍ମା ଗାନ୍ଧୀଙ୍କୁ ବିରୋଧ କରିଆସିଛି। ଏହି ଘଟଣାକୁ ନେଇ ଲୋକସଭାରେ ହୋ ହଲ୍ଲା ଦେଖିବାକୁ ମିଳିଛି। କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ସଂସଦ ବାହାରେ ଏକ ପ୍ରତିବାଦ ଶୋଭାଯାତ୍ରାର ବାହାରିଛନ୍ତି। ସେ କହିଛନ୍ତି, ସତ କଥା ହେଉଛି ଯୋଜନାର ନାମ ପରିବର୍ତ୍ତନ କରିବା ଆଳରେ ସେମାନେ ଏହାକୁ ବାତିଲ କରିବାକୁ ଚାହୁଛନ୍ତି। ମନରେଗା ଆଇନକୁ ବଦଳାଇବା ଯେଉଁ ନୂତନ ବିଲ୍ ଆସିଛି, ତାହା ଗ୍ରାମୀଣ ଶ୍ରମିକଙ୍କ କାମ କରିବାର ଅଧିକାରକୁ ଦୁର୍ବଳ କରିବ। ଏହି ବିଲ୍ ସମ୍ବିଧାନ ବିରୋଧୀ।

ଗ୍ରାମାଞ୍ଚଳର ଲୋକାମାନଙ୍କୁ ସରକାରଙ୍କ ତରଫରୁ ବାର୍ଷିକ ୧୦୦ ଦିନର କାମ ଯୋଗାଇବାକୁ ୟୁପିଏ ସରକାର ମହାତ୍ମା ଗାନ୍ଧୀ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା ବା ମନରେଗା ଲାଗୁ କରିଥିଲେ। ଏବେ ଏନଡିଏ ସରକାର ଏହି ଯୋଜନାର ନାମ ସହ କିଛି ନିୟମ ମଧ ପରିବର୍ତ୍ତନ କରିବାକୁ ଯୋଜନା କରିଛନ୍ତି ସରକାର। ମନରେଗା ୨୦୦୬ ମସିହାରେ ଲାଗୁ ହୋଇଥିଲା। ସେବେଠାରୁ ଏପର୍ଯ୍ୟନ୍ତ ଏହି ଯୋଜନାରେ ୧୧.୭୪ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ସରକାର ଏହି ଯୋଜନାକୁ ବଦଳାଇବାକୁ ଦୁଇଟି ଯୁକ୍ତି ଉପସ୍ଥାପନ କରିଛନ୍ତି। ସରକାର କହିଛନ୍ତି କି, ଏହି ଯୋଜନା ଲାଗୁ ହେବା ବେଳେ ଗ୍ରାମାଞ୍ଚଳରେ ବେରୋଜଗାରୀ ଦର ସରକାରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ଥିଲା। ୨୦୧୧-୧୨ ରେ ଗ୍ରାମୀଣ ବେରୋଜଗାରୀ ଦର ୨୫.୭ ପ୍ରତିଶତ ଥିଲା। ୨୦୨୩-୨୪ ରେ ଏହା ହ୍ରାସ ପାଇ ୪.୮୬ ପ୍ରତିଶତ ହୋଇଛି। ଏହାସହ ସବୁ ପ୍ରଚେଷ୍ଟା ପରେ ବି ଏହି ଯୋଜନାରେ ଦୁର୍ନୀତି କମିବାର ନାଁ ନେଉନି। ୨୦୨୪-୨୫ରେ ଏହି ଯୋଜନାରେ ୧୯୪ କୋଟି ଟଙ୍କା ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି।

## ପହଲଗାମ ଆକ୍ରମଣ ମାମଲା

# ଲସ୍କର ଆତଙ୍କୀ ଥିଲା ମାଷ୍ଟରମାଇଣ୍ଡ

ନୂଆଦିଲ୍ଲୀ,୧୬।୧୨: ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ସୋମବାର ପହଲଗାମ ଆତଙ୍କବାଦୀ ଆକ୍ରମଣ ମାମଲାରେ ସାତ ଜଣ ଅଭିଯୁକ୍ତଙ୍କ ବିରୁଦ୍ଧରେ ଏକ ଚାର୍ଜସିଟ୍ ଦାଖଲ କରିଛି। ପାକିସ୍ତାନ ସ୍ଥିତ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈଏବା ଏବଂ ଏହାର ଛାମୁଆ ସଂଗଠନ, ଦି ରେଜିଷ୍ଟାନ୍ସ ଫ୍ରଣ୍ଟର ନାମ ଏଥିରେ ରହିଛି।

ଏନଆଇଏ ଏହି ମାମଲାରେ ଏକ ଆଇନଗତ ସଂସ୍ଥା ଭାବରେ ଏଲଇଟି/ଟିଆରଏଫକୁ ଚାର୍ଜସିଟ୍ କରିଛି। ଏଜେନ୍ସି ଅନୁଯାୟୀ, ଏହି ସଂଗଠନ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ଆତଙ୍କବାଦୀଙ୍କୁ ସମସ୍ତ ସୁବିଧା ଏବଂ ନିର୍ଦ୍ଦେଶ ଦେଇଥିଲା। ଚାର୍ଜସିଟ୍‌ରେ ପାକିସ୍ତାନରେ ରହୁଥିବା ଆତଙ୍କବାଦୀ ହ୍ୟାଣ୍ଡଲର ସାଜିଦ ଜଟ୍ଟର ନାମ ମଧ ରହିଛି। ଜମ୍ମୁରେ ଥିବା ଏନ୍ଆଇଏର ସ୍ୱତନ୍ତ୍ର କୋର୍ଟରେ ୧,୫୯୭ ପୃଷ୍ଠାର ଏହି ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଏନଆଇଏ ଜୁଲାଇ ୨୦୨୫ରେ ଶ୍ରୀନଗରର ଦାଚିଗାମ ଅଞ୍ଚଳରେ ଅପରେସନ ମହାଦେବ ସମୟରେ ସୁରକ୍ଷା ବାହିନୀ ଦ୍ୱାରା ନିହତ ହୋଇଥିବା ତିନି ଜଣ ପାକିସ୍ତାନୀ ଆତଙ୍କବାଦୀଙ୍କ ନାମ ମଧ ରଖିଛି। ଏହି ଆତଙ୍କବାଦୀଙ୍କ ପରିଚୟ ଫୈସଲ ଜଟ୍ଟ ଓରଫ ସୁଲେମାନ ଶାହ, ହବିବ ତାହିର ଓରଫ ଜିବ୍ରାନ ଏବଂ ହମଜା ଆଫଗାନି ଭାବରେ ହୋଇଛି। ଏନଆଇଏ ଭାରତୀୟ ନ୍ୟାୟ ସଂହିତା ୨୦୨୩, ଅସ୍ତ୍ରଶସ୍ତ୍ର ଆଇନ ୧୯୫୯ ଏବଂ ୟୁଏପିଏ ୧୯୬୭ର ଧାରା ଅନୁଯାୟୀ ଏଲଟିଇ/ଟିଆରଏଫ୍ ଏବଂ ଚାରି ଆତଙ୍କବାଦୀଙ୍କ ବିରୁଦ୍ଧରେ ଅଭିଯୋଗ ଦାଖଲ କରିଛି। ଏନଆଇଏ କହିଛି ଯେ, ପ୍ରାୟ ଆଠମାସଧରି ଚାଲିଥିବା ତଦନ୍ତରୁ ଜଣାପଡ଼ିଛି ଯେ, ଆକ୍ରମଣ ସମ୍ପୂର୍ଣ୍ଣ ଭାବରେ ପାକିସ୍ତାନରେ ଯୋଜନାବଦ୍ଧ ଥିଲା। ଏହି ମାମଲାରେ ଦୁଇ ସ୍ଥାନୀୟ ଅଭିଯୁକ୍ତ, ପରଭେଜ ଅହମ୍ମଦ ଏବଂ ବଶିର ଅହମ୍ମଦ ଜୋଥାଦକୁ ମଧ ଚାର୍ଜସିଟ୍ କରାଯାଇଛି। ଆତଙ୍କବାଦୀଙ୍କୁ ଆଶ୍ରୟ ଦେବା ଅଭିଯୋଗରେ ଉଭୟଙ୍କୁ ଜୁନ୍ ୨୨ରେ ଗିରଫ କରାଯାଇଥିଲା। ପଚରାଉଚରାରେ ସେମାନେ ଆକ୍ରମଣରେ ସମ୍ପୃକ୍ତ ତିନି ସଶସ୍ତ୍ର ଆତଙ୍କବାଦୀଙ୍କୁ ଚିହ୍ନି ଥିଲେ। ସେମାନେ ପାକିସ୍ତାନୀ ନାଗରିକ ଏବଂ ଏଲଇଟି ସହିତ ଜଡିତ ଥିବା ସ୍ପଷ୍ଟ କରିଥିଲେ । ମାମଲାର ଅଧିକ ତଦନ୍ତ ଜାରି ରହିଥିବା ଏନଆଇଏ ସ୍ପଷ୍ଟ କରିଛି।

# ବଣ୍ଡି ବିଚ୍ ଗୁଳିକାଣ୍ଡର ହାଇଦ୍ରାବାଦ ଲିଙ୍କ୍

ନୂଆଦିଲ୍ଲୀ,୧୬।୧୨: ଅଷ୍ଟ୍ରେଲିଆ ବଣ୍ଡି ବିଚ୍ ଗଣହତ୍ୟା ସାରା ଦୁନିଆ ସ୍ତବ୍ଧ କରିଛି। ମାନବତା ଉପରେ ଏଭଳି ଜଘନ୍ୟ ଆକ୍ରମଣକୁ ସବୁଠି ନିନ୍ଦା କରାଯାଉଛି। ଏହାରି ଭିତରେ ହତ୍ୟାକାରୀଙ୍କ ପରିଚୟକୁ ନେଇ ଭିନ୍ନ ଭିନ୍ନ ଦାବି ହେଉଛି। ଦୁଇ ହତ୍ୟାକାରୀ ବାପା-ପୁଅ ଥିବା ସ୍ପଷ୍ଟ ହୋଇସାରିଛି। ରିପୋର୍ଟ ଅନୁସାରେ ବଣ୍ଡି ବିଚ୍ ଗଣହତ୍ୟାରେ ସାମିଲ ସାଜିଦ୍ ଆକ୍ରମ ଭାରତର ମୂଳ ବାସିନ୍ଦା ଥିଲା ଏବଂ ୧୯୯୮ରେ ଅଷ୍ଟ୍ରେଲିଆ ପଳାୟନ କରିଥିଲା। ତେବେ ପୁଅ ନାଭିଦ୍ ଆକ୍ରମ ଅଷ୍ଟ୍ରେଲିଆରେ ଜନ୍ମିତ। ଘଟଣା ଦିନ ସୁରକ୍ଷା କର୍ମୀଙ୍କ ଗୁଳିରେ ଜଣେ ହତ୍ୟାକାରୀ ସାଜିଦର ମୃତ୍ୟୁ ହୋଇଥିଲା। ୫୦ ବର୍ଷୀୟ ସାଜିଦ୍ ଆକ୍ରମର ସମ୍ପର୍କ ତେଲଙ୍ଗାନାର ହାଇଦ୍ରାବାଦ ସହ ରହିଛି। କେବଳ ଏତିକି ନୁହେଁ, ସେ ଅନେକ ଥରେ ଭାରତ ମଧ୍ୟ ଯିବା ଆସିବା କରିଥିଲା। ରିପୋର୍ଟରେ ଦାବି କରାଯାଇଛି ଯେ, ସାଜିଦ ପୁରୁଣା ହାଇଦ୍ରାବାଦର ଏବଂ ସେଠାରେ ତା’ର ସମ୍ପର୍କୀୟ ଏବେ ବି ଅଛନ୍ତି। ଶେଷ ଥର ପାଇଁ ସେ ୨୦୨୨ରେ ଭାରତ ଆସିଥିଲା।

ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଅଲବାନିଜ ସିଡନୀ ବଣ୍ଡି ବିଚ୍ ଘଟଣାକୁ ଆତଙ୍କବାଦୀ ଆକ୍ରମଣ ଘୋଷଣା କରିଛନ୍ତି। ଅଷ୍ଟ୍ରେଲିଆ ଅଧିକାରୀ କହିଛନ୍ତି, ଦୁଇ ଆକ୍ରମଣକାରୀଙ୍କ ବିଷୟରେ ଅଧିକ ତଥ୍ୟ ପାଇଁ ଭାରତ ସହ ଯୋଗାଯୋଗ କରାଯାଇଛି। ସାଜିଦ ଗତ ୨୭ ବର୍ଷ ମଧ୍ୟରେ ତିନିଥର ଭାରତ ଯାଇଥିବା ଜଣାପଡ଼ିଛି। ଅନ୍ୟପଟେ ଦୁହେଁ ଗତ ମାସରେ ଦେଶକୁ ଯାତ୍ରା କରିଥିଲେ। ସାଜିଦ ଭାରତୀୟ ପାସପୋର୍ଟରେ ଯାତ୍ରା କରିଥିଲା।

# ଲୁଥ୍ରା ବ୍ରଦର୍ସ ଗିରଫ

ନୂଆଦିଲ୍ଲୀ,୧୬।୧୨: ଦିଲ୍ଲୀରେ ପହଞ୍ଚିଲେ ଗୋଆ ନାଇଟ୍ କ୍ଲବ୍ ଅଗ୍ନିକାଣ୍ଡ ଅଭିଯୁକ୍ତ ଲୁଥ୍ରା ବ୍ରଦର୍ସ। ସେମାନଙ୍କୁ ଥାଇଲ୍ୟାଣ୍ଡର ବ୍ୟାଙ୍କକରୁ ନିର୍ବାସନ ପରେ ଗିରଫ କରାଯାଇଛି। ରିପୋର୍ଟରୁ ଗୁରୁବାର ଥାଇଲ୍ୟାଣ୍ଡରେ ସେମାନଙ୍କୁ ଗିରଫ କରାଯିବା ପରେ ଉଭୟଙ୍କ ଫଟୋ ସାମ୍ନାକୁ ଆସିଛି। ଗୌରବ ଲୁଥ୍ରା ଏବଂ ସୌରଭ ଲୁଥ୍ରା ରିମାଣ୍ଡ ପ୍ରକ୍ରିୟା ପାଇଁ ପଟିଆଲା ହାଉସ୍



କୋର୍ଟରେ ହାଜର ହେବେ। ଡିସେମ୍ବର ୬ରେ ନର୍ଥ ଗୋଆର ଆରପୋରାରେ ଥିବା ସେମାନଙ୍କ ‘ବିର୍ଚ ବାଇ ରୋମିଓ ଲେନ୍’ ନାଇଟ୍ କ୍ଲବରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଏହା ପରେ ଦୁଇ ଭାଇମାନେ ଥାଇଲ୍ୟାଣ୍ଡ ପଳାଇ ଯାଇଥିଲେ। ଏହି ଦୁଃଖଦ ଘଟଣାରେ ୨୫ ଜଣଙ୍କର ମୃତ୍ୟୁ ହୋଇଥିଲା।

ସୂଚନାନୁସାରେ, ଗୋଆ ପୁଲିସର ଅନୁରୋଧ ରକ୍ଷା କରି ବୈଦେଶିକ ମନ୍ତ୍ରୀ ଲୁଥ୍ରା ବ୍ରଦର୍ସଙ୍କ ପାସପୋର୍ଟକୁ ରଦ୍ଦ କରିଥିଲେ। ତେଣୁ ଉଭୟେ ଥାଇଲାଣ୍ଡର ଫୁକେଟ ସହରରୁ ବାହାରକୁ ଯାଇପାରିନଥିଲେ। ସେଠାରେ ତାଙ୍କୁ ଥାଇ ପୁଲିସ ଅଟକ ରଖିଥିଲା। ଗୋଆ ପୁଲିସ କହିଥିଲା ଯେ, ଘଟଣା ପରେ ସୌରଭ ଏବଂ ଗୌରବ ଅତି ଚାଲାକ ହୋଇ ଦେଶ ଛାଡି ପଳାଇଥିଲେ। ପରେ ସେମାନଙ୍କ ପାସପୋର୍ଟକୁ ସସପେଣ୍ଡ୍ କରାଯାଇଥିଲା। ଇଣ୍ଟରପୋଲ୍ ଏବଂ କୁଟନୈତିକ ମାଧ୍ୟମରେ ସେମାନଙ୍କୁ ଭାରତ ପ୍ରତ୍ୟାର୍ପଣ ସହଜ ହୋଇଥିଲା।

# କଂଗ୍ରେସ ସାଂସଦଙ୍କୁ କ୍ଷମା ମାଗିଲେ ଏୟାର ଇଣ୍ଡିଆ ସିଇଓ

ନୂଆଦିଲ୍ଲୀ, ୧୬।୧୨: କଂଗ୍ରେସ ସାଂସଦଙ୍କୁ କ୍ଷମା ମାଗିଲେ ଏୟାର ଇଣ୍ଡିଆ ସିଇଓ। ବିମାନରେ ଯାତ୍ରା ସମୟରେ ସାମ୍ନା କରିଥିବା ଅସୁବିଧା ଘଟଣାରେ କଂଗ୍ରେସ ସାଂସଦ କେସି ବେଣୁଗୋପାଳଙ୍କୁ ବିମାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ୟାମ୍ପବେଲ୍ ୱିଲସନ୍ କ୍ଷମା ମାଗିଛନ୍ତି। ରିପୋର୍ଟ ଅନୁସାରେ, ଅଗଷ୍ଟ




### ମଝି ଆକାଶରେ ଅସୁବିଧା ଭୋଗିଥିଲେ ନେତା

ମାସରେ କଂଗ୍ରେସ ନେତା କେସି ବେଣୁଗୋପାଳଙ୍କ ସମେତ ଅନ୍ୟ କିଛି ସାଂସଦ ଥିରୁବନ୍ତପୁରମରୁ ଦିଲ୍ଲୀ ଯାତ୍ରା କରୁଥିଲେ। ଏୟାର ଇଣ୍ଡିଆ ବିମାନରେ ଯାତ୍ରା କରିବା ବେଳେ ସାଂସଦମାନେ ନାନା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ତେବେ ଏହି ପ୍ରସଙ୍ଗ ସଂସଦରେ ଉଠିଥିଲା। ଲୋକସଭା ବାଚସ୍ପତି କଂଗ୍ରେସ ସାଂସଦଙ୍କ ଅଭିଯୋଗକୁ ଗୁରୁତର ସହ ନେଇଥିଲେ। ଯାହା ପରେ ଏୟାର ଇଣ୍ଡିଆର ସିଇଓଙ୍କ ସହ ଅନ୍ୟ ଅଧିକାରୀଙ୍କୁ ମାମଲାରେ ନୋଟିସ କରାଯାଇଥିଲା। ସାଂସଦ କିମ୍ବା ସାଧାରଣ ଲୋକଙ୍କ ସୁରକ୍ଷା ସହ ସାଲିସ କରାଯିବ ନାହିଁ ବୋଲି ବାଚସ୍ପତି ରୋକଠୋକ ଶୁଣାଇଥିଲେ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ସମସ୍ତ ଅଭିଯୋଗକୁ ଏୟାର ଇଣ୍ଡିଆ ମିଛ ବୋଲି କହିଥିଲା। ଯାହା ପରେ ସଂସଦରେ ବିଶେଷାଧିକାର ହନନ ନୋଟିସ ଆଗତ ହୋଇଥିଲା। ଶେଷରେ କମ୍ପାନୀ ମୁଣ୍ଡ ନୁଆଁଇଛି। କମ୍ପାନୀର ସିଇଓ ଘଟଣାକୁ ନେଇ କ୍ଷମା ମାଗିଛନ୍ତି। ବିମାନ କର୍ତ୍ତୃପକ୍ଷ ନିଜେ ଭୁଲ ସ୍ୱୀକାର କରିବା ସହ ଭବିଷ୍ୟତରେ ଯେପରି ସମାନ ଘଟଣାର ପୁନରାବୃତ୍ତି ନହୁଏ ସେଦିଗରେ ଧ୍ୟାନ ଦେବେ ବୋଲି କହିଛନ୍ତି।

## ସୁରକ୍ଷାକର୍ମୀ-ଆତଙ୍କବାଦୀ ମୁହାଁମୁହିଁ

# ଏସ୍ଓଜି ଯବାନ ସହିଦ

ଶ୍ରୀନଗର, ୧୬।୧୨: ଜମ୍ମୁ-କାଶ୍ମୀରରେ ଯବାନ-ଆତଙ୍କବାଦୀ ଏନକାଉଣ୍ଟର। ସହିଦ ହେଲେ 'ଏସଓଜି କମାଣ୍ଡୋ। ଜମ୍ମୁ-କାଶ୍ମୀରର ଉଦ୍ଧମପୁରରେ ସୁରକ୍ଷାକର୍ମୀ ଏବଂ ଆତଙ୍କବାଦୀ ମୁହାଁମୁହିଁ ହୋଇଛନ୍ତି। ଏବେବି ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି । ରିପୋର୍ଟ ଅନୁସାରେ, ଉଦ୍ଧମପୁରରେ ସୋହନ୍ ଗାଁରେ ସୋମବାର କିଛି ଆତଙ୍କବାଦୀ ଲୁଚି ରହିଥିବା ଖବର ମିଳିଥିଲା। ତିନି ଜଣ ଆତଙ୍କବାଦୀ ଏକ ଜଙ୍ଗଲରେ



ଲୁଚିଥିଲେ। ଗୁଇନ୍ଦା ସୂଚନା ଆଧାରରେ ସ୍ଥାନୀୟ ପୁଲିସ ଏବଂ ଏସଓଜି ପକ୍ଷରୁ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। ତେବେ ସୁରକ୍ଷାକର୍ମୀଙ୍କୁ ଦେଖି ଆତଙ୍କବାଦୀମାନେ ପ୍ରଥମେ ଗୁଳି ଚଳାଇଥିଲେ। ଏହାପରେ ଯବାନମାନେ ଏହାର ଜବାବ ଦେଇଥିଲେ। ତେବେ ଏଥିରେ ଜଣେ ଏସଓଜି ଯବାନ ସହିଦ ହୋଇଛନ୍ତି। ସହିଦ ହୋଇଥିବା ଯବାନ ହେଲେ ଅମଜାଦ୍ ପଠାନ୍। ତାଙ୍କୁ ଗୁଳି ବାଜିବା ପରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ଅମଜାଦଙ୍କୁ ମୃତ ଘୋଷଣା କରିଥିଲେ। ଜମ୍ମୁ ଆଇଜି ଭୀମ୍ ସେନ୍ ଟୁଟି କହିଛନ୍ତି ଯେ, ଗୁଇନ୍ଦା ରିପୋର୍ଟ ମିଳିବା ପରେ ଏନକାଉଣ୍ଟର କରାଯାଇଥିଲା। ଅପରେସନରେ ସେନା, ସିଆରପିଏଫ, ସ୍ଥାନୀୟ ପୁଲିସ ଏବଂ ଏସଓଜି ସାମିଲ ଥିଲେ। ଏବେବି ସର୍ଚ୍ଚ ଅପରେସନ ଜାରି ରହିଛି। ଖୁବ୍ ଶୀଘ୍ର ଆତଙ୍କବାଦୀଙ୍କୁ ନିପାତ କରାଯିବ ବୋଲି ସେ କହିଛନ୍ତି।

## ଭାରତର ସାହସ, ଶକ୍ତି, ପରାକାଷ୍ଠାର ଦିନ

# ୧୯୭୧ ଯୁଦ୍ଧକୁ ପୂରିଲା ୫୪ ବର୍ଷ

ନୂଆଦିଲ୍ଲୀ ୧୬।୧୨: ପାନେ ପାଇଥିଲା ପାକିସ୍ତାନ। ଡିସେମ୍ବର ୧୬ରେ ଭାରତ ଇତିହାସରେ ଏକ ସ୍ୱର୍ଣ୍ଣିମ ଦିନ। ଭାରତର ସାହସ, ଶକ୍ତି, ପରାକାଷ୍ଠାର ଦିନ। ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧକୁ ଆଜି ପୂରିଛି ୫୪ ବର୍ଷ। ବିଜୟ ଦିବସ ଭାରତର ବୀରତ୍ୱ, ସମର୍ପଣ ଏବଂ ସାମରିକ ଦକ୍ଷତାର ପ୍ରତୀକ। ଡିସେମ୍ବର ୧୬, ୧୯୭୧ରେ ପାକିସ୍ତାନୀ ସେନା ଭାରତୀୟ ସେନା ଏବଂ ମୁକ୍ତି ବାହିନୀ (ବାଂଲାଦେଶୀ ସ୍ୱାଧୀନତା ସଂଗ୍ରାମୀ) ନିକଟରେ ଆତ୍ମସମର୍ପଣ କରିଥିଲେ।

ବିଶ୍ୱ ଏକ ନୂତନ ରାଷ୍ଟ୍ର ବାଂଲାଦେଶର ଜନ୍ମ ଦେଖିଥିଲା। ଏହି ବିଜୟ କେବଳ ଏକ ଭୂରାଜନୈତିକ ସଫଳତା ନୁହେଁ, ବରଂ ମାନବୀୟ ମୂଲ୍ୟବୋଧ, ସ୍ୱାଧୀନତା ଏବଂ ନ୍ୟାୟର ବିଜୟ ମଧ ଥିଲା। ଏହି ଐତିହାସିକ ଯୁଦ୍ଧରେ, ଭାରତୀୟ ସେନା ଆଧୁନିକ ଅସ୍ତ୍ରଶସ୍ତ୍ର ସହିତ ଦକ୍ଷ ରଣନୀତି ପ୍ରଦର୍ଶନ କରିଥିଲେ। ହଜାର ହଜାର ଭାରତୀୟ ସୈନିକ ସର୍ବୋଚ୍ଚ ବଳିଦାନ ଦେଇଥିଲେ। ବଙ୍ଗାଳୀ ଜନସଂଖ୍ୟା ଉପରେ ପାକିସ୍ତାନୀସେନା ଦ୍ୱାରା କରାଯାଇଥିବା ଅତ୍ୟାଚାର, ଶରଣାର୍ଥୀଙ୍କ ବିପୁଳ



ପ୍ରବେଶ ଏବଂ ମାନବିକ ଅଧିକାର ଉଲ୍ଲଂଘନ ସୁରକ୍ଷା ଏବଂ ମାନବିକ ଦୃଷ୍ଟିକୋଣରୁ ଭାରତ ପାଇଁ ଏକ ଗମ୍ଭୀର ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା।

ଡିସେମ୍ବର ୩, ୧୯୭୧ରେ ପାକିସ୍ତାନ ପଶ୍ଚିମ ଫ୍ରଣ୍ଟରେ ଥିବା ଭାରତୀୟ ବାୟୁସେନା ଘାଟି ଉପରେ ଏକ ଅତର୍କିତ ବିମାନ ଆକ୍ରମଣ କରିଥିଲା, ଯାହା ପରେ ଭାରତ ଆନୁଷ୍ଠାନିକ ଭାବରେ ଯୁଦ୍ଧରେ ପ୍ରବେଶ କରିଥିଲା। ମାତ୍ର ୧୩-୧୪ ଦିନ ମଧ୍ୟରେ, ଭାରତୀୟ ସେନା ଏକ ନିର୍ଣ୍ଣାୟକ ବିଜୟ ହାସଲ କରିଥିଲା।

ଏହି ଯୁଦ୍ଧରେ ବ୍ୟବହୃତ ହୋଇଥିଲା ମୁଖ୍ୟ ଅସ୍ତ୍ରଶସ୍ତ୍ର ଟ୍ୟାଙ୍କ। ଏହି ଯୁଦ୍ଧରେ ସେନା ଟି-୫୫ ଏବଂ ଟି-୫୪ ଟ୍ୟାଙ୍କ ବ୍ୟବହାର କରିଥିଲା। ଏହି ସୋଭିଏତ୍-ଉତ୍ପନ୍ନ ଟ୍ୟାଙ୍କଗୁଡ଼ିକ ଭାରତୀୟ ସଶସ୍ତ୍ର ବାହିନୀର ମେରୁଦଣ୍ଡ ଥିଲା। ସେମାନଙ୍କର ଗୁଳିଶକ୍ତି ଏବଂ ସୁରକ୍ଷା ପଶ୍ଚିମ ଫ୍ରଣ୍ଟରେ, ବିଶେଷକରି ରାଜସ୍ଥାନ ଏବଂ ପଞ୍ଜାବ ସେକ୍ଟରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ବ୍ରିଟିଶ-ଉତ୍ପନ୍ନ ସେଞ୍ଚୁରିଆନ୍ ଟ୍ୟାଙ୍କଗୁଡ଼ିକ ଅସାଧାରଣ ଭାବରେ ଭଲ ପ୍ରଦର୍ଶନ କରିଥିଲା, ବିଶେଷକରି ଶକରଗଡ଼ ଏବଂ ପଶ୍ଚିମ ସେକ୍ଟରରେ, ପାକିସ୍ତାନୀ ଟ୍ୟାଙ୍କ ବିରୁଦ୍ଧରେ ନିର୍ଣ୍ଣାୟକ ପ୍ରମାଣିତ ହୋଇଥିଲା। ଏଏମଏକ୍ସ-୧୩ ହାଲୁକା ଟ୍ୟାଙ୍କ କଷ୍ଟକର ଭୂମିରେ ଉପଯୋଗୀ ଥିଲା, ବିଶେଷକରି ଯେଉଁଠାରେ ଭାରୀ ଟ୍ୟାଙ୍କ ବ୍ୟବହାର କରିବା କଷ୍ଟକର ଥିଲା।

# ଇଥିଓପିଆରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସ୍ୱାଗତ

## ବିମାନବନ୍ଦରରୁ ନିଜେ ଗାଡ଼ି ଚଲାଇ ହୋଟେଲ ନେଲେ ପିଏମ୍ ଅଲି



ନୂଆଦିଲ୍ଲୀ,୧୬।୧୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୋର୍ଡାନ ଗସ୍ତ ଶେଷ କରି ଇଥିଓପିଆ ରାଜଧାନୀ ଆଦିସ୍ ଆବାବା ପହଞ୍ଚିଛନ୍ତି। ରାଜଧାନୀ ଆଦିସ ଆବାବାର ବିମାନବନ୍ଦରରେ ଇଥିଓପିଆ ପ୍ରଧାନମନ୍ତ୍ରୀ ଓବି ଅହମ୍ମଦ ଅଲି ଆଲିଙ୍ଗନ କରି ପ୍ରଧାମନ୍ତ୍ରୀ ମୋଦୀଙ୍କୁ ସ୍ୱାଗତ କରିଥିଲେ।

ଏହାପରେ ଅବି ଅହମ୍ମଦ ଅଲି ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ହୋଟେଲ ଯାଏ ନିଜେ କାର୍ ଚଲାଇ ନେଇଥିଲେ। ଇଥିଓପିଆ ପ୍ରଧାନମନ୍ତ୍ରୀ ଅବି ଅହମ୍ମଦ ଅଲିଙ୍କ ନିମନ୍ତ୍ରଣରେ ଦୁଇଦିନିଆ ସରକାରୀ ଗସ୍ତରେ ଅଛନ୍ତି ପିଏମ୍ ମୋଦୀ। ଏହା ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରଥମ ଇଥିଓପିଆ ଗସ୍ତ ଅଟେ।

ପ୍ରଧାନମନ୍ତ୍ରୀଙ୍କ ଇଥିଓପିଆ ଗସ୍ତ ପୂର୍ବରୁ ବିଦେଶ ମନ୍ତ୍ରଣାଳୟ କହିଥିଲା, ଏହି ଯାତ୍ରା ଗ୍ଲୋବାଲ୍ ସାଉଥରେ ସହଯୋଗୀ ଭାବେ ଭାରତ ଓ ଇଥିଓପିଆ ମଧ୍ୟରେ ଗଭୀର ବନ୍ଧୁତା ଓ ଦ୍ୱିପାକ୍ଷିକ ସହଯୋଗକୁ ବଢ଼ାଇବା ଦିଗରେ ମିଳିତି ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଛି।

ଉଲ୍ଲେଖଯୋଗ୍ୟ ଯେ, ଇଥିଓପିଆର ନିଜର ପ୍ରଥମରେ ପ୍ରଧାନମନ୍ତ୍ରୀ ମୋଦୀ ସଂସଦର ମିଳିତ ଅଧିବେଶନକୁ ସମ୍ବୋଧିତ କରିବେ।

ଏହି ସମୟରେ ସେ ଲୋକତନ୍ତ୍ର ଜନନୀ ରୂପେ ଭାରତର ଯାତ୍ରା ଓ ଗ୍ଲୋବାଲ୍ ସାଉଥ୍ ପାଇଁ ଭାରତ-ଇଥିଓପିଆ ସହଭାଗିତାର କଣ ଉଦ୍ଦେଶ୍ୟ ରଖୁଛି, ତାହା ଉପରେ ନିଜ ମତ ରଖିବେ। ଇଥିଓପିଆରେ ରହୁଥିବା ଭାରତୀୟ ସମୁଦାୟ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ଉତ୍ସାହିତ ଅଛି। ଏହି ଗସ୍ତରେ ଭାରତ-ଇଥିଓପିଆ ମଧ୍ୟରେ ସ୍ୱାସ୍ଥ୍ୟ, ଶିକ୍ଷା ଓ ବ୍ରିକ୍ସ ସହଯୋଗକୁ ବଢ଼ାଇବା ନେଇ ଆଶା କରାଯାଉଛି।

# ଭାଙ୍ଗୁଛି ଲାଲଗଡ଼, ବିଶ୍ୱାସ ଜିତୁଛି ପ୍ରଶାସନ




## ୩୪ ମାଓବାଦୀଙ୍କ ଆତ୍ମସମର୍ପଣ
## ମୁଣ୍ଡରେ ଥିଲା ୮୪ ଲକ୍ଷର ପୁରସ୍କାର

ମାଲକାନଗିରି,୧୬।୧୨(ସଂଚାର ବ୍ୟୁରୋ): ହିଂସା ଛାଡ଼ି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି ୩୪ ଜଣ ମାଓବାଦୀ। ମାଲକାନଗିରି ଜିଲ୍ଲା ସୀମାନ୍ତବର୍ତ୍ତୀ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ସକ୍ରିୟ ଥିବା ଏହି ମାଓବାଦୀମାନେ ହିଂସା ପଥ ତ୍ୟାଗ କରିଛନ୍ତି। ଏମାନେ ସମସ୍ତେ ବିଜାପୁରର ବରିଷ୍ଠ ସିଆରପିଏଫ୍ ଓ ପୁଲିସ୍ ଅଧିକାରୀଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୭ ଜଣ ମହିଳା କ୍ୟାଡର ଓ ୨୭ ଜଣ ପୁରୁଷ କ୍ୟାଡର ଅଛନ୍ତି। ସେମାନଙ୍କ ମୁଣ୍ଡରେ ୮୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ମାଓ ସଙ୍ଗଠନର ଡିକେଏସଜେଡ୍‌ସି, ତେଲେଙ୍ଗାନା ରାଜ୍ୟ କମିଟି ଓ ଏଓବି ଡିଭିଜନର ମାଓବାଦୀମାନେ ଏହି ଆତ୍ମସମର୍ପଣରେ ସାମିଲ ରହିଛନ୍ତି। ସେମାନଙ୍କ ମଧ୍ୟରେ ୩୪ ଜଣ କ୍ୟାଡର୍‌ଙ୍କ ମଧ୍ୟରେ କେରଲପାଲ କ୍ଷେତ୍ର କମିଟି ଡିଭିସିଏମ୍, ଏସିଏମ୍, ସିଏନ୍‌ଏମ୍ ଭଳି ବହୁ କ୍ୟାଡର୍ ମାଓବାଦୀ ଥିବା ଜଣାପଡ଼ିଛି। ଏହି ମାଓବାଦୀମାନେ ଆତ୍ମସମର୍ପଣ କରିବା ପରେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ତୁରନ୍ତ ୫୦ ହଜାର ଟଙ୍କାର ସହାୟତା ଯୋଗାଇ ଦିଆଯାଇଥିଲା। ଏଥିସହ ଛତିଶଗଡ଼ ସରକାରଙ୍କ ପକ୍ଷରୁ ଧାର୍ଯ୍ୟ ପୁନର୍ବାସୀ ନୀତି ଅନୁସାରେ ସମସ୍ତଙ୍କୁ ଅନ୍ୟାନ୍ୟ ସୁବିଧାସୁଯୋଗ ଯୋଗାଇ ଦିଆଯିବ ବୋଲି ବିଜାପୁର ଏସ୍‌ପି ଜିତେନ୍ଦ୍ର କୁମାର ଯାଦବ କହିଛନ୍ତି। ଏଥିସହ ସେ ଏବେ ବି ହିଂସାତ୍ମକ ପନ୍ଥା ସହ ଜଡ଼ିତ ରହିଥିବା ମାଓବାଦୀମାନଙ୍କୁ ଅସ୍ତ୍ର ତ୍ୟାଗ କରିବାକୁ ପରାମର୍ଶ ଦେଇଥିଲେ। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ମୁଖ୍ୟତଃ ସାଉଥ୍ ସବ୍-ଜୋନାଲ୍ ବ୍ୟୁରୋ ଅଧୀନରେ କାର୍ଯ୍ୟ କରୁଥିଲେ। ସେମାନଙ୍କ ମଧ୍ୟରେ ପାଣ୍ଡୁ ପୁନେମ୍ (୪୫), ରୁକ୍‌ନି ହେମଲା (୨୫), ଦେବା ଉଇକା (୨୨), ରାମଲାଲ୍ ପୋୟାମ୍ (୨୭) ଓ ମୋଟୁ ପୁନେମ୍ (୨୧) ପ୍ରମୁଖ ଥିବା ବେଳେ ଏମାନଙ୍କ ମୁଣ୍ଡରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ୮ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ରହିଥିଲା। ସୂଚନାଯୋଗ୍ୟ ଯେ ଛତିଶଗଡ଼ ସରକାର କ୍ରମାଗତ ଭାବେ ପୁନର୍ବାସ ନୀତିକୁ ସୁଦୃଢ଼ କରିଆସିଥିବାରୁ ଗତ ଦୁଇ ବର୍ଷ ମଧ୍ୟରେ କେବଳ ଦାନ୍ତେୱାଡା ଜିଲ୍ଲାରେ ୮୨୪ ଜଣ ଓ ସମଗ୍ର ରାଜ୍ୟରେ ୨୨୦୦ରୁ ଊର୍ଦ୍ଧ୍ୱ ମାଓବାଦୀ ଆତ୍ମସମର୍ପଣ କରିସାରିଛନ୍ତି।




# ମେଳା ପୂର୍ବରୁ ହେବ ଗଙ୍ଗାସାଗର ସେତୁର ଶିଳାନ୍ୟାସ



କୋଲକାତା,୧୬।୧୨ (ସଂଚାର ବ୍ୟୁରୋ): ଗଙ୍ଗାସାଗର ମେଳା ପୂର୍ବରୁ ବହୁ ପ୍ରତୀକ୍ଷିତ ଗଙ୍ଗାସାଗର ସେତୁର ଶିଳାନ୍ୟାସ ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମୁଡିଗଙ୍ଗା ନଦୀ ଉପରେ ନିର୍ମିତ ଏହି ସେତୁର ଶିଳାନ୍ୟାସ କରିବେ। ନବାନ୍ନର ସୂତ୍ର ଅନୁସାରେ, ମୁଖ୍ୟମନ୍ତ୍ରୀ ଗଙ୍ଗାସାଗର ମେଳା ପୂର୍ବରୁ ଗଙ୍ଗାସାଗର ଗସ୍ତ କରିବେ ଏବଂ ସେହି ସମୟରେ ଶିଳାନ୍ୟାସ କାର୍ଯ୍ୟକ୍ରମ ସମାପ୍ତ ହେବ। ଗଙ୍ଗାସାଗର ମେଳା ସମ୍ପର୍କରେ ସୋମବାର ମୁଖ୍ୟମନ୍ତ୍ରୀ ନବାନ୍ନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ। ନବାନ୍ନ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗଙ୍ଗାସାଗର ସେତୁ ନିର୍ମାଣ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ହୋଇସାରିଛି। ରାଜ୍ୟ ସରକାରଙ୍କ ଦ୍ୱାରା ଡକାଯାଇଥିବା ଟେଣ୍ଡର ପ୍ରକ୍ରିୟା ମଧ ସମାପ୍ତ ହୋଇଛି। ଫଳସ୍ୱରୂପ, ପ୍ରଶାସନିକ ଏବଂ ବୈଷୟିକ ଦିଗ ଦୃଷ୍ଟିରୁ ପ୍ରକଳ୍ପଟି ବହୁତ ଅଗ୍ରଗତି କରିଛି। ପ୍ରଶାସନ ବିଶ୍ୱାସ କରେ ଯେ ମୁଡିଗଙ୍ଗା ନଦୀ ଉପରେ ଏକ ସ୍ଥାୟୀ ସେତୁ ନିର୍ମାଣ ହେଲେ ଗଙ୍ଗାସାଗର ଏବଂ ମୁଖ୍ୟଭୂମି ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥାରେ ଏକ ଆମୂଳଚୂଳ ପରିବର୍ତ୍ତନ ଆସିବ। ଏପର୍ଯ୍ୟନ୍ତ ଫେରି-ଭିତ୍ତିକ ଯାତ୍ରା ଯୋଗୁଁ ତୀର୍ଥଯାତ୍ରୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ନୂତନ ସେତୁ ନିର୍ମାଣ ଦ୍ୱାରା ସେହି ସମସ୍ୟା ବହୁ ପରିମାଣରେ ହ୍ରାସ ପାଇବ ବୋଲି ଆଶା କରାଯାଉଛି।

## ମେସିଙ୍କ ଗସ୍ତ ବେଳେ ବିଶୃଙ୍ଖଳା ଘଟଣା

# ଏସ୍‌ଆଇଟି ତଦନ୍ତ ସହ ଛାନଭିନ ଜାରି

କୋଲକାତା,୧୬।୧୨(ସଂଚାର ବ୍ୟୁରୋ): ଯୁବ ଭାରତୀ କ୍ରୀଡ଼ାଙ୍ଗନରେ ଲିଓନେଲ ମେସିଙ୍କ ଗସ୍ତକୁ ନେଇ ହୋଇଥିବା ବିଶୃଙ୍ଖଳା ଏବଂ ଅନିୟମିତତାର ତଦନ୍ତକୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଗଠିତ କମିଟି ତ୍ୱରାନ୍ୱିତ କରିଛି। ଅବସରପ୍ରାପ୍ତ ବିଚାରପତି ଅସୀମ କୁମାର ରାୟଙ୍କ ନେତୃତ୍ୱରେ କମିଟିର ସଦସ୍ୟମାନେ ରବିବାର ପଡ଼ିଆ ଏବଂ ଗ୍ୟାଲେରୀର ଅନେକ ଅଂଶ ପରିଦର୍ଶନ କରିଥିଲେ। ମଙ୍ଗଳବାର ସକାଳେ ତଦନ୍ତର ଅଗ୍ରଗତି ସମୀକ୍ଷା କରିବା ପାଇଁ ଏକ ବୈଠକ ପରେ ପୂର୍ବତନ ବିଚାରପତି ରାୟ କହିଛନ୍ତି ଯେ ମେସିଙ୍କ ଗସ୍ତ ଦିନ କିଏ କେଉଁ ଡ୍ୟୁଟିରେ ଥିଲେ ତାହା ଜାଣିବା ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକଠାରୁ ବିସ୍ତୃତ ସୂଚନା ମଗାଯାଇଛି। ଏହା ସହିତ, ଘଟଣାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତ ଦଳ ବା 'ଏସ୍‌ଆଇଟି' ଗଠନ କରିବାକୁ ପରାମର୍ଶ ଦିଆଯାଇଛି। କମିଟି କ୍ଷେତ୍ର ପରିଚାଳନା, ସୁରକ୍ଷା ଏବଂ ସମନ୍ୱୟରେ ଥିବା ତ୍ରୁଟିଗୁଡ଼ିକର ତଦନ୍ତ କରୁଛି। ତଦନ୍ତକାରୀମାନେ କହିଛନ୍ତି ଯେ, ଆବଶ୍ୟକୀୟ କାଗଜପତ୍ର ସଂଗ୍ରହ ଏବଂ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଭୂମିକା ଯାଞ୍ଚ କରିବା ପରେ ହିଁ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସାଂସ୍କୃତିକ ଓ ଶୈକ୍ଷିକ ବିନିମୟ କାର୍ଯ୍ୟକ୍ରମ




ଭୁବନେଶ୍ୱର,୧୬।୧୨ (ସଂଚାର ବ୍ୟୁରୋ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଆଜି ଉଭୟ ସାଂସ୍କୃତିକ ଓ ଶୈକ୍ଷିକ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମାର୍ଦ୍ଧରେ ସିକ୍କିମ ବିଶ୍ୱବିଦ୍ୟାଳୟ ସହ ମିଳିତ ଆନୁକୂଲ୍ୟରେ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସିକ୍କିମ୍ ବିଶ୍ୱବିଦ୍ୟାଳୟର ସଙ୍ଗୀତ ବିଭାଗୀୟ ମୁଖ୍ୟ ଡ. ବିଲମ୍ବିତା ବାଣୀସୁଧା ଓ ସହକାରୀ ପ୍ରଫେସର ସମିଧା ବେଦବାଳାଙ୍କ ନିର୍ଦ୍ଦେଶନାରେ ସିକ୍କିମ୍ କଳାକାରମାନେ ସିତାର ଓ ବେହେଲାର ଯୁଗଳବନ୍ଦୀ, ଭକ୍ତିସଙ୍ଗୀତ ଓ ସିକ୍କିମର ଲୋକପ୍ରିୟ ଲୋକସଙ୍ଗୀତ ପରିବେଷଣ କରିଥିବା ବେଳେ ଓଡ଼ିଶାର ଲୋକପ୍ରିୟ ଛଉନୃତ୍ୟ ପ୍ରଦର୍ଶନ ହୋଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧରେ ବିଶ୍ୱବିଦ୍ୟାଳୟ ଓ ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ଓ ଟେକ୍ନୋଲୋଜିର ମିଳିତ ଆନୁକୂଲ୍ୟରେ ଏକ ଶୈକ୍ଷିକ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

'ଓଡ଼ିଶାର କଳା ଓ କାରିଗରୀର ମୂଲ୍ୟ ଦୃଷ୍ଟି : ଆହ୍ୱାନ ଓ ସୁଯୋଗ' ଶୀର୍ଷକ ବିଶେଷଜ୍ଞ ଅଧିବେଶନରେ ସୃଷ୍ଟି ଏକାଡେମୀର ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ଦାଶ ଓଡ଼ିଶାର କଳାକୃତିଗୁଡ଼ିକ କେମିତି ବିଶ୍ୱସ୍ତରରେ ପହଞ୍ଚିପାରିବ ସେ ସଂପର୍କରେ ଆଲୋକପାତ କରିଥିଲେ। ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଓ ପରିଚୟ ସହିତ ଆମ କଳା ଓ କାରିଗରୀର ପ୍ରଚାର ଓ ପ୍ରସାର ନିମନ୍ତେ ସମସାମୟିକ କଳାକାରମାନଙ୍କ ସମ୍ମୁଖରେ ରହିଥିବା ଆହ୍ୱାନ ଓ ସୁଯୋଗ ବିଷୟରେ ସେ ସୁବିସ୍ତୃତ ଆଲୋଚନା କରିଥିଲେ।

ସହଯୋଗୀ ପ୍ରଫେସର ଡ. ଶିଶିର ରଞ୍ଜନ ଦାଶ ତାଙ୍କ ବକ୍ତବ୍ୟରେ ଓଡ଼ିଶାର କାରିଗରୀ କଳାକୃତିଗୁଡ଼ିକର ଡିଜିଟାଲ ମାର୍କେଟିଂର ଆବଶ୍ୟକତା ଓ ସୁଯୋଗ ସଂପର୍କରେ ତଥ୍ୟଭିତ୍ତିକ ବକ୍ତବ୍ୟ ରଖିଥିଲେ।

କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏହି ସାଂସ୍କୃତିକ ଓ ଶୈକ୍ଷିକ କାର୍ଯ୍ୟକ୍ରମର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀମାନଙ୍କର ସାଂସ୍କୃତିକ ଓ ଶୈକ୍ଷିକ ବିକାଶ ଜରିଆରେ ଆମ ଓଡ଼ିଶାର କଳା, ସଂସ୍କୃତି ଓ ଅସ୍ମିତା ବିଶ୍ୱ ଦରବାରରେ ଅଧିକ ବିକଶିତ ରୂପରେ ପ୍ରସାରିତ ହୋଇପାରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ସ୍ୱାଗତ ଭାଷଣ ଦେବା ସହ ସିକ୍କିମର କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଡିଜି ରାଜୀବ କୁମାରଙ୍କୁ ସମନ

## ● ୨୪ ଘଣ୍ଟା ମଧ୍ୟରେ ଉତ୍ତର ଦେବାକୁ ନିର୍ଦ୍ଦେଶ

କୋଲକାତା,୧୬।୧୨(ସଂଚାର ବ୍ୟୁରୋ): ରାଜ୍ୟ ପୁଲିସ ଡିଜି ରାଜୀବ କୁମାରଙ୍କୁ ସମନ କରାଯାଇଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନିର୍ଦ୍ଦେଶରେ ଗଠିତ ତଦନ୍ତ କମିଟି ତାଙ୍କୁ ସମନ କରିଛି। ଅବସରପ୍ରାପ୍ତ ବିଚାରପତି ଅସୀମ କୁମାର ରାୟଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ତାଙ୍କୁ ସମନ କରିଛି ଏବଂ ୨୪ ଘଣ୍ଟା ମଧରେ ଉତ୍ତର ଦେବାକୁ କୁହାଯାଇଛି। ବହୁ ଅଧିକାରୀଙ୍କୁ ସମନ କରାଯାଇଛି, ତେବେ ଏଭଳି ଭାବରେ ରାଜୀବ କୁମାରଙ୍କୁ ସମନ କରିବାର ଘଟଣା କେବେ ଘଟିଛି କେହି ମନେ କରି ପାରୁନାହାଁନ୍ତି। ଗତ ଶନିବାର ଫୁଟବଲ ଖେଳାଳି ଲିଓନେଲ ମେସିଙ୍କ ଉପସ୍ଥିତିରେ ବିଶୃଙ୍ଖଳାର ଚିତ୍ର ସାମ୍ନାକୁ ଆସିଥିଲା। ମେସିଙ୍କୁ ନଦେଖି ପାରିବାରୁ କ୍ରୋଧିତ ଜନତା ଷ୍ଟାଡିୟମରେ ଭଙ୍ଗାରୁଜା କରିଥିଲେ। କିଛି ମିନିଟ୍ ମଧରେ ସମ୍ପୂର୍ଣ୍ଣ ଷ୍ଟାଡିୟମ ନଷ୍ଟ ହୋଇଯାଇଥିଲା। ଘଟଣା ଦିନ ମେସି ପଡ଼ିଆରେ ପ୍ରବେଶ କରିବା ପୂର୍ବରୁ ରାଜୀବ କୁମାର ଉପସ୍ଥିତ ଥିଲେ। ଘଟଣା ପରେ ଡିଜି ଏକ ସାମ୍ବାଦିକ ସମ୍ମିଳନୀ ମଧ କରିଥିଲେ। ଏଥର ରାଜ୍ୟ ପୁଲିସ ଡିଜି ରାଜୀବ କୁମାରଙ୍କୁ ଏହି ଘଟଣାରେ ପଚରାଉଚରା ପାଇଁ ଡକାଯାଇଛି।

# ୫୦ ତୃଣମୂଳ କର୍ମୀ ବିଜେପିରେ ସାମିଲ

କୋଲକାତା,୧୬।୧୨(ସଂଚାର ବ୍ୟୁରୋ): ନିର୍ବାଚନ ପୂର୍ବରୁ ତୃଣମୂଳକୁ ଲାଗିଛି ଏକ ବଡ଼ ଝଟକା। ୫୦ ଜଣ ତୃଣମୂଳ କର୍ମୀ ଏବଂ ସମର୍ଥକ ତୃଣମୁଳ ଶିବିର ଛାଡି ବିଜେପିରେ ଯୋଗ ଦେଇଛନ୍ତି। ଏହାକୁ ନେଇ ଜିଲ୍ଲାର ରାଜନୈତିକ ମହଲରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ବିଜେପି ଦଳୀୟ କାର୍ଯ୍ୟାଳୟରେ ଘାଟାଲର ବିଜେପି ବିଧାୟକ ଶୀତଳ କପଟ ତୃଣମୂଳର କର୍ମୀମାନଙ୍କୁ ବିଜେପିର ଦଳୀୟ ପତାକା ପ୍ରଦାନ କରିଥିଲେ। ଯୋଗଦାନ ଉତ୍ସବରେ ବ୍ଲକରୁ ବିଜେପି ନେତା ଏବଂ କର୍ମୀଙ୍କ ଏକ ଗୋଷ୍ଠୀ ମଧ ଉପସ୍ଥିତ ଥିଲେ। ତେବେ ଶାସକ ଶିବିରର ନେତାମାନେ ସମଗ୍ର ଘଟଣାକୁ ବିଶେଷ ଧ୍ୟାନ ଦେବାକୁ ଅନିଚ୍ଛୁକ। ବିପରୀତରେ, ସେମାନେ ପଦ୍ମ ଶିବିର ବିରୁଦ୍ଧରେ ସ୍ୱର ଉଠାଇଛନ୍ତି। ବିଧାୟକ ଶୀତଳ କପଟ କହିଛନ୍ତି, ଘାଟାଲର ଖାଡାର ପୌରସଭା ଏବଂ ଘାଟାଲର ଘାଟାଲ ପୌରସଭାର ବହୁ ସକ୍ରିୟ ତୃଣମୂଳ କର୍ମୀ ବିଜେପିରେ ଯୋଗ ଦେଇଛନ୍ତି। ୨୫ଟି ପରିବାରର ପ୍ରାୟ ୫୦ ଜଣ ଆମ ଦଳରେ ଯୋଗ ଦେଇଛନ୍ତି।

# ପୁସ୍ତକ ମହୋତ୍ସବକୁ ଷ୍ଟଡି ଟୁରରେ ଆସୁଛନ୍ତି ଛାତ୍ରଛାତ୍ରୀ



ଭୁବନେଶ୍ୱର,୧୬।୧୨(ସଂଚାର ବ୍ୟୁରୋ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ହେଉଛି ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ। ବହି କିଣିବା ପାଇଁ ପୁସ୍ତକପ୍ରେମୀଙ୍କ ଭିଡ଼ ଜମୁଥିବା ବେଳେ ଷ୍ଟଡ଼ି ଟୁରରେ ପୁସ୍ତକ ମହୋତ୍ସବକୁ ବୁଲିବାକୁ ଆସୁଛନ୍ତି ଛାତ୍ରଛାତ୍ରୀ। ରାଜ୍ୟର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପକ୍ଷରୁ ଏହି ଷ୍ଟଡ଼ି ଟୁରର ଆୟୋଜନ କରାଯାଉଛି। ଆଜି ଯାଜପୁର ସ୍ଥିତ ପ୍ରୟାସ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀମାନେ ଷ୍ଟଡ଼ିଟୁରରେ ପୁସ୍ତକ ମହୋତ୍ସବ ବୁଲିବାକୁ ଆସି ବିଭିନ୍ନ ବହି କିଣିବା ସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶାର ମହିଳା ସ୍ୱାଧୀନତା ସଂଗ୍ରାମୀ ଓ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୀବନୀକୁ ଆଧାର କରି ନିର୍ମିତ ହୋଇଥିବା ପାଭିଲିୟନ ବୁଲି ଦେଖିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଅର୍ପିତା ପ୍ରଧାନ କହିଛନ୍ତି ଯେ, ସପ୍ତମ ରାଜ୍ୟ ପୁସ୍ତକ ମହୋତ୍ସବ ହେଉଛି ଓଡ଼ିଶାର ସର୍ବବୃହତ ପୁସ୍ତକ ମହୋତ୍ସବ। ବିଦ୍ୟାଳୟର ପାଠ୍ୟପୁସ୍ତକ ଠାରୁ ଆରମ୍ଭ କରି ସବୁ ଲେଖକମାନଙ୍କର ଗଳ୍ପ, କବିତା, ଉପନ୍ୟାସ ପୁସ୍ତକ ଏଠାରେ ଉପଲବ୍ଧ ହେଉଛି।ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପୁସ୍ତକ ପଠନର ଅଭ୍ୟାସକୁ ପ୍ରୋତ୍ସାହିତ କରିବା ସହ ସେମାନଙ୍କ ମଧ୍ୟରେ ସୃଜନାତ୍ମକ କଳାର ବିକାଶ କରିବା ନିମନ୍ତେ ବିଦ୍ୟାଳୟ ପକ୍ଷରୁ ଏହି ଷ୍ଟଡ଼ି ଟୁରର ଆୟୋଜନ କରାଯାଇଛି, ଯାହା ଛାତ୍ରଛାତ୍ରୀମାନଙ୍କୁ ଏକ ନିଆରା ଅନୁଭୂତି ପ୍ରଦାନ କରିଛି। ଅପର ପକ୍ଷରେ ଧାର୍ମିକ ପୁସ୍ତକ କିଣିବା ପାଇଁ ଶ୍ରୀ ମନ୍ଦିର ପ୍ରଶାସନ ଓ ଗୀତାପ୍ରେସ ଗୋରଖପୁର ଦ୍ୱାରା ନିର୍ମିତ ହୋଇଥିବା ଷ୍ଟଲରେ ବୟୋଜ୍ୟେଷ୍ଠ ପାଠକମାନଙ୍କର ବେଶ୍ ଭିଡ଼ ଦେଖିବାକୁ ମିଳୁଛି। ଚଳିତ ଥର ୫୫୦ଟି ଷ୍ଟଲ ନିର୍ମାଣ ହେବା ସହ ୨୦୦ରୁ ଊର୍ଦ୍ଧ୍ୱ ପ୍ରକାଶକ ପୁସ୍ତକ ମହୋତ୍ସବରେ ଅଂଶଗ୍ରହଣ କରିଛନ୍ତି।

# ବିଷାକ୍ତ ଫଳ ଖାଇ ୧୧ ଶିଶୁ ଅସୁସ୍ଥ

କୋଲକାତା,୧୬।୧୨(ସଂଚାର ବ୍ୟୁରୋ): ବାଦାମ ପରି ଦେଖିବାକୁ ସ୍ଥାନୀୟ ଶିଶୁମାନେ ଗଛରୁ ଫଳଟି ତୋଳିଲେ। ସେମାନେ ଜାଣିପାରିଲେ ନାହିଁ ଯେ ଏହା ବାଦାମ ନୁହେଁ, ବରଂ ବିଷାକ୍ତ ଫଳ। ଦକ୍ଷିଣ ୨୪ ପ୍ରଗଣାରେ ସେହି ଫଳ ଖାଇବା ପରେ ୧୧ ଜଣ ଶିଶୁ ଅସୁସ୍ଥ ହୋଇପଡ଼ିଲେ। ସମସ୍ତଙ୍କୁ ଡାଇମଣ୍ଡ ହାରବର ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ସୂତ୍ର ଅନୁଯାୟୀ, ସୋମବାର ଅପରାହ୍ନରେ, ଦକ୍ଷିଣ ୨୪ ପ୍ରଗଣାର ମନ୍ଦିରବଜାର ଥାନା ଅନ୍ତର୍ଗତ ବଳଦେବପୁର ଗ୍ରାମର ୧୧ ଜଣ ଶିଶୁ ରାସ୍ତା କଡ଼ରେ ଥିବା ଏକ ପଡ଼ିଆରେ ଖେଳୁଥିଲେ। ସେହି ସମୟରେ ସେମାନଙ୍କ ନଜର ରାସ୍ତା କଡ଼ରେ ଥିବା ଏକ ଗଛ ଉପରେ ପଡ଼ିଥିଲା। ସେମାନେ ସେହି ଗଛରୁ ଫଳ ଛିଣ୍ଡାଇ ଖାଇଦେଇଥିଲେ। ଏହା ପରେ, ସେମାନଙ୍କର ବାନ୍ତି ହେବା, ପେଟ ଯନ୍ତ୍ରଣା ହେବା ଏବଂ ନିଶ୍ୱାସ ନେବାରେ କଷ୍ଟ ହେବା ଆରମ୍ଭ ହୋଇଥିଲା। ଶିଶୁମାନଙ୍କ ଶାରୀରିକ ଅବସ୍ଥା ଖରାପ ହେବା ଦେଖି ପରିବାର ସଦସ୍ୟମାନେ ଭୟଭୀତ ହୋଇଯାଇଥିଲେ। ସେମାନଙ୍କୁ ମଥୁରାପୁର ଗ୍ରାମୀଣ ଡାକ୍ତରଖାନାକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ, ପରିସ୍ଥିତିର ଗମ୍ଭୀରତାକୁ ବୁଝି ଡାକ୍ତରମାନେ ରାତିରେ ୧୧ ଜଣ ଶିଶୁଙ୍କୁ ଡାଇମଣ୍ଡ ହାରବର ମେଡିକାଲ କଲେଜକୁ ପଠାଇଥିଲେ। ଶିଶୁମାନେ ବର୍ତ୍ତମାନ ସେଠାରେ ଚିକିତ୍ସାଧୀନ ଅଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୬୨୬୩...

ବୟନଶିଳ୍ପ, ପର୍ଯ୍ୟଟନ ଆଦି କ୍ଷେତ୍ରରେ ନିବେଶ ଆସିଛି। ଆଜିଠାରୁ ଫାର୍ମା କ୍ଷେତ୍ରରେ ମଧ୍ୟ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଆମର ଶିଳ୍ପ ସମଗ୍ର ବିଶ୍ୱର ଶିଳ୍ପ ସହ ଯୋଡ଼ି ହେଉ ଏବଂ ସମଗ୍ର ବିଶ୍ୱର ଶିଳ୍ପ କ୍ଷେତ୍ରରେ ଓଡ଼ିଶା ନିଜର ପରିଚୟ ସୃଷ୍ଟି କରିବା ଆମର ଲକ୍ଷ୍ୟ। ଫାର୍ମା କ୍ଷେତ୍ର ଉପରେ ଆଲୋକପାତ କରି ସେ କହିଲେ ଯେ ଗତ ଦେଢ଼ ବର୍ଷ ମଧ୍ୟରେ ଆମେ ରାଜ୍ୟର ଶିଳ୍ପ ନୀତି ଏବଂ ଫାର୍ମା ନୀତିରେ ଆବଶ୍ୟକୀୟ ପରିବର୍ତ୍ତନ ଆଣିଛୁ। ଆମର ଫାର୍ମା ନୀତି ଦେଶର ସର୍ବୋତ୍ତମ ନୀତି ମଧ୍ୟରୁ ଅନ୍ୟତମ। ନୂଆ ଫାର୍ମା ନୀତିରେ ଗବେଷଣା, ପୁଞ୍ଜି ନିବେଶ, ଭିତ୍ତିଭୂମି ନିର୍ମାଣ, ନିଯୁକ୍ତି ଇତ୍ୟାଦି ଏହି କ୍ଷେତ୍ରର ପ୍ରତ୍ୟେକ ଅଂଶକୁ ପ୍ରୋତ୍ସାହନ ଦିଆଯାଇଛି ବୋଲି ସେ କହିଛନ୍ତି। ଆଗାମୀ କିଛି ବର୍ଷ ମଧ୍ୟରେ ଓଡ଼ିଶାର ଫାର୍ମା କ୍ଷେତ୍ର ନୂତନ ଶିଖର ଛୁଇଁବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିବା ସହ ଗୁଣବତ୍ତା ଓ ମୂଲ୍ୟ ଦୃଷ୍ଟିରୁ ଓଡ଼ିଶାର ଫାର୍ମା ଉତ୍ପାଦ ବିଶ୍ୱରେ ସବୁଠାରୁ ଆକର୍ଷଣୀୟ ହେବ ଏବଂ ମେଡ-ଟେକ୍ ଉତ୍ପାଦନରେ ମଧ୍ୟ ଏହା ଓଡ଼ିଶାର ସୁନାମ ହେବ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଫାର୍ମା ଶିଳ୍ପ ଯାହା ଆବଶ୍ୟକ କରେ, ରାଜ୍ୟ ସରକାର ସବୁକିଛି ଦେବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ଓଡ଼ିଶାର ପରିବେଶ ସମ୍ପୂର୍ଣ୍ଣ ଶିଳ୍ପ ଅନୁକୂଳ, ଯାହା ଶିଳ୍ପ ପାଇଁ ଆବଶ୍ୟକ, ସବୁକିଛି ଓଡ଼ିଶାରେ ଉପଲବ୍ଧ ରହିଛି। ଓଡ଼ିଶାରେ ଦେଶର ସର୍ବାଧିକ ଖଣିଜ ପଦାର୍ଥ, ୩ଟି ପ୍ରମୁଖ ବନ୍ଦର, ୨ଟି ବାଣିଜ୍ୟିକ ବିମାନବନ୍ଦର, ୫୭୫ କିମି ପରିବ୍ୟାପ୍ତ ଉପକୂଳ, ଉନ୍ନତ ରେଳ ଓ ସଡ଼କ ନେଟୱାର୍କ, ଅତିରିକ୍ତ ବିଦ୍ୟୁତ୍, ପର୍ଯ୍ୟାପ୍ତ ଜଳର ଉପଲବ୍ଧତା ସହ ତାଲିମପ୍ରାପ୍ତ ମାନବଶକ୍ତି ମଧ୍ୟ ଅଛି। ଏଣୁ ଓଡ଼ିଶା ପୂର୍ବ ଭାରତର ମାନ୍ୟୁଫାକ୍ଚରିଂ ହବ୍ ହେବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ଶ୍ରୀ ମାଝୀ କହିଛନ୍ତି।

କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଛନ୍ତି ଯେ ଓଡ଼ିଶା ଫାର୍ମା ସମ୍ମିଳନୀ-୨୦୨୫ ରାଜ୍ୟର ବିକାଶ-କେନ୍ଦ୍ରିତ ଶିଳ୍ପାୟନ ରଣନୀତିକୁ ପ୍ରତିଫଳିତ କରୁଛି। ପ୍ରଗତିଶୀଳ ନୀତି, ସମର୍ପିତ ଶିଳ୍ପ ପାର୍କ, ଦକ୍ଷ ମାନବ ସମ୍ବଳ ସହ ଓଡ଼ିଶା ଏବେ ଔଷଧ ଓ ଚିକିତ୍ସା ଉପକରଣ ନିର୍ମାତାଙ୍କ ପାଇଁ ଏକ ପ୍ରକୃଷ୍ଟ ପରିବେଶ ସୃଷ୍ଟି କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଶିଳ୍ପ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ସଚିବ ଅଶ୍ୱତୀ ଏସ୍ ଧନ୍ୟବାଦ ଦେଇଛନ୍ତି।

### ଉଷୁନା...

ଖରିଫ ଓ ରବି ଋତୁ ପାଇଁ ଓଡ଼ିଶାର ଧାନ ସଂଗ୍ରହ ପରିମାଣକୁ ୫୦ ଲକ୍ଷ ମେଟ୍ରିକ ଟନରୁ ୫୮ ଲକ୍ଷ ମେଟ୍ରିକ ଟନ ବୃଦ୍ଧି କରାଯାଇଛି। ଏଥିପାଇଁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ଏହି ଧାନ ସଂଗ୍ରହ ପରିମାଣ ବୃଦ୍ଧି ରାଜ୍ୟର ଚାଷୀ ସମାଜର ଆତ୍ମବିଶ୍ୱାସକୁ ବଢ଼ାଇବା ସହ ସୁରୁଖୁରୁରେ ସଂଗ୍ରହ କାର୍ଯ୍ୟକୁ ସୁନିଶ୍ଚିତ କରିଛି। ତେବେ ଓଡ଼ିଶାରେ ବିଶେଷ ଭାବେ ଉଷୁନା ଚାଉଳ ଅଧିକ ଉତ୍ପାଦନ ହେଉଥିବା ବେଳେ ୨୦୨୫-୨୬ ଖରିଫ ଋତୁ ପାଇଁ ସଂଗ୍ରହ କାର୍ଯ୍ୟ ଆରମ୍ଭ ହୋଇଯାଇଥିବାରୁ ଉଷୁନା ଚାଉଳର ତୁରନ୍ତ ଉଠାଣ ନିତ୍ୟାନ୍ତ ଜରୁରୀ।

ଏହି ପରିପ୍ରେକ୍ଷୀରେ, କେନ୍ଦ୍ରୀୟ ପୁଲ ଅଧୀନରେ ଉଭୟ ଖରିଫ ଓ ରବି ଋତୁ ପାଇଁ ଓଡ଼ିଶାର ଉଷୁନା ଚାଉଳ ଉଠାଣ ପରିମାଣକୁ ବର୍ତ୍ତମାନର ୨୦ ଲକ୍ଷ ମେଟ୍ରିକ୍ ଟନକୁ ବଢ଼ାଇ ୨୫ ଲକ୍ଷ ମେଟ୍ରିକ୍ ଟନ କରିବା ପାଇଁ ଅନୁରୋଧ କରିଛନ୍ତି। ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ଦ୍ୱାରା ବଳକା ଥିବା ଏହି ଉଷୁନା ଚାଉଳର ଶୀଘ୍ର ଉଠାଣ ହେଲେ ଓଡ଼ିଶାର ଚାଷୀମାନେ ବିଶେଷ ଭାବରେ ଲାଭବାନ ହେବେ ଏବଂ ଜାତୀୟ ଖାଦ୍ୟ ନିରାପତ୍ତା ବ୍ୟବସ୍ଥା ଆହୁରି ମଜବୁତ୍ ହେବ।

### ମୋହନ...

ଲୋକସଭା ସହ ବିଜେପି ହାତରେ ୧୧ଟି ଆସନ ଥିବା ବେଳେ ଗୋଟିଏରେ ବିଜେଡି ଓ ଗୋଟିଏ କଂଗ୍ରେସ ଖାତାକୁ ଯାଇଛି। ଗତ ନିର୍ବାଚନର ଏହି ଫଳାଫଳ ସାଙ୍ଗକୁ ରାଜ୍ୟ ସ୍ତରରେ ବିଜେଡିର ଗୋଷ୍ଠି କନ୍ଦଳର ଫାଇଦା ନେବାକୁ ବିଜେପି ଅଣ୍ଟା ଭିଡିଛି। ଦେଢ ବର୍ଷରେ ମୁଖ୍ୟମନ୍ତ୍ରୀ ଚାରି ଥର ଗସ୍ତ କରି ପ୍ରାୟ ୫୦ ହଜାର କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଛନ୍ତି। ଆସନ୍ତାକାଲି ମଧ୍ୟ ସେ ବ୍ରହ୍ମପୁରର ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୨ତମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ। ସେପଟେ ଜିଲ୍ଲାର ବିଜେଡି ନେତାମାନେ ଆଉ କେହି ସଙ୍ଗଠନ ଦାୟିତ୍ୱ ନେବାକୁ ଆଗ୍ରହୀ ନୁହଁନ୍ତି। ନିଜେ ନବୀନ ମଧ୍ୟ ନିଜ ହୋମ ଡିଷ୍ଟ୍ରିକ୍ଟକୁ ଯାଉନାହାଁନ୍ତି। ବିଜେଡି ଉପରୁ କର୍ମୀ ଓ ଭୋଟର ବି ଆସ୍ଥା ହରାଉଛନ୍ତି। କାରଣ ୧୮ ମାସ ହେଲା ଦଳର ରାଜନୈତିକ କାର୍ଯ୍ୟକ୍ରମ ବି ମାନ୍ଦା ପଡିଯାଇଛି। ସ୍ଥିତି ଏମିତି ହୋଇଛି ଯେ ନବୀନଙ୍କ ଗଡ଼ ଏବେ ମୋହନଙ୍କ ଗଡ଼ ହେବାକୁ ଯାଉଛି।

### ଭକ୍ତଙ୍କ...

ଭଳି ନେତାଙ୍କୁ ଖାଲି ଅଣଦେଖା କଲେନାହିଁ, ନୂଆପଡ଼ାରେ ପ୍ରଚାର ପାଇଁ ସେମାନଙ୍କ ଡାକିବାକୁ ବି ଉଚିତ୍ ମଣିଲେ ନାହିଁ। ସବୁଆଡୁ ସମାଲୋଚନାର ଶିକାର ହେବା ପରେ ବାଧ୍ୟବାଧକତାରେ ବରିଷ୍ଠ ନେତାଙ୍କୁ ନୂଆପଡ଼ା ଯିବା ପାଇଁ କହିଥିଲେ। ଭକ୍ତଙ୍କ ପାଇଁ ଦଳରେ ଏକାଧିକ ଗୋଷ୍ଠୀ ସୃଷ୍ଟି ହେବାରେ ଲାଗିଛନ୍ତି ଓ କେନ୍ଦ୍ରୀୟ ନେତୃତ୍ୱ ଏଥିପ୍ରତି ଦୃଷ୍ଟି ନଦେଲେ ଖୁବ୍‌ଶୀଘ୍ର ଦଳରେ ମହାଭାରତ ଆରମ୍ଭ ହେବ ବୋଲି ଖୋଲାଖୋଲି ଭାବେ କର୍ମୀମାନେ କହିବା ଆରମ୍ଭ କରିଦେଇଛନ୍ତି।

### ଉପଭୋକ୍ତାଙ୍କଠୁ...

ବିଜୁଳି କିଣୁଥିଲା ବେଳେ ଓଇଆରସି ଓ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ସ୍ମାର୍ଟ ମିଟର ନାଁରେ ଗ୍ରାହକମାନେ ଅଧିକ ବିଜୁଳି ବିଲ୍ ଦେବାକୁ ବାଧ୍ୟ ହେଉଛନ୍ତି। ସରବରାହଜନିତ କ୍ଷତି ଜାତୀୟ ସ୍ତରରେ ୧୬ ପ୍ରତିଶତ ଥିବା ବେଳେ ଓଡ଼ିଶାରେ ଏଟିସି କ୍ଷତି ପରିମାଣ ୧୯.୫୩ ପ୍ରତିଶତ। କମ୍ପାନୀମାନଙ୍କର ଦୁର୍ନୀତି ଓ ଅପାରଗତା ଯୋଗୁଁ ଏ ବାବଦରେ ବର୍ଷକୁ ହାରାହାରି ୭୫୦ କୋଟି ଟଙ୍କାର ଅଧିକ ବୋଝ ଉପଭୋକ୍ତା ସହୁଛନ୍ତି ବୋଲି ମହାସଂଘ ଅଭିଯୋଗ କରିଛି। ମଙ୍ଗଳବାର ଅତିରିକ୍ତ ସୁରକ୍ଷା ଜମାରାଶି ନୋଟିସ ପ୍ରତ୍ୟାହାର ଦାବି କରି ମହାସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ଓଇଆରସି ଅଧୀକ୍ଷକଙ୍କ ଉଦ୍ଦେଶ୍ୟରେ ସଚିବ ପ୍ରିୟବ୍ରତ ପଟ୍ଟନାୟକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ମହାସଂଘ କହିଛି ଯେ ଅତିରିକ୍ତ ସୁରକ୍ଷା ଜମାରାଶି ସାଧାରଣ ଗ୍ରାହକଙ୍କ ପାଇଁ ଜିଜିଆ କର ସଦୃଶ। ଏହାକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଓଇଆରସି ପକ୍ଷରୁ ନିର୍ଦ୍ଦେଶ ଦେବାକୁ ମହାସଂଘ ଦାବି କରିଛି।

### ଠକ ଦମ୍ପତିଙ୍କୁ...

ଝରଣାଙ୍କ ଘର କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଞ୍ଚଳର ଟାଙ୍ଗର ଗାଁରେ ହୋଇଥିବା ବେଳେ ସେମାନେ ତାଳଚେର ଓ ଭୁବନେଶ୍ୱରରେ ଥିବା ଅଫିସ ବନ୍ଦ କରି ଅଚାନକ ଫେରାର ହୋଇଯାଇଥିଲେ। ଏହାପରେ ନିବେଶକମାନେ ଠକାମୀର ଶିକାର ହୋଇଥିବା ଜାଣିବା ପରେ ନିବେଶକମାନେ ଇଓଡବ୍ଲ୍ୟୁର ଦ୍ୱାରସ୍ଥ ହୋଇଥିଲେ। ମାମଲାରେ ତଦନ୍ତ କରି ଇଓଡବ୍ଲ୍ୟୁ ଉଭୟଙ୍କୁ ଉତ୍ତରପ୍ରଦେଶରୁ ଗିରଫ କରିବା ସହ ଟ୍ରାଞ୍ଜିଟ ରିମାଣ୍ଡରେ ଓଡ଼ିଶା ଆଣିଥିବା ଜଣାପଡ଼ିଛି।

### ରେଡ୍...

ମୁଖ୍ୟ ଅଭିଯୁକ୍ତ ହାପି ଭୋଇ ଓରଫ ଜୋକର ହାପି ନାଁରେ ୨୦ରୁ ଊର୍ଦ୍ଧ୍ୱ ମାମଲା ରହିଛି। କିଛିଦିନ ତଳେ ଜେଲ୍‌ରୁ ବାହାରି ଏଭଳି ଜଘନ୍ୟ କାଣ୍ଡ ଘଟାଇଥିଲା ଅଭିଯୁକ୍ତ। ତାକୁ ଧରିବା ପାଇଁ ଶିଶୁପାଳଗଡ଼ସ୍ଥିତ ତା' ଘରେ ଚଢ଼ାଉ କରିଛି ପୁଲିସ। ପୂର୍ବରୁ ଏହି ମାମଲାରେ ୨ ଜଣଙ୍କୁ ଗିରଫ କରାଯାଇସାରିଛି। ମିଳିଥିବା ସୂଚନାନୁସାରେ, ଗତ ୧୦ ତାରିଖରେ ନିଜ ପୁରୁଷ ବନ୍ଧୁଙ୍କ ସହ ଯାଉଥିବା ବେଳେ ୩ ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ। ସୁନା ଚେନ୍, ଟଙ୍କା ଛଡ଼ାଇବାକୁ ଚେଷ୍ଟା କରିଥିଲେ। ସବୁ ନେବା ପରେ ମନ ଶାନ୍ତି ହୋଇନଥିଲା। ବୟଫ୍ରେଣ୍ଡ ସମ୍ମୁଖରେ ନାବାଳିକାଙ୍କୁ ଗଣଦୁଷ୍କର୍ମ କରିଥିଲେ। ଏହି କେସରେ ପୂର୍ବରୁ ୨ ଜଣଙ୍କୁ ଗିରଫ କରାଯାଇଛି। ରେଡ୍ ଫ୍ଲାଗ ଅନ୍ତର୍ଭୁକ୍ତ ହେବା ପରେ ସ୍ୱତନ୍ତ୍ର ଭାବେ ଏହି ମାମଲାର ତଦନ୍ତ ହେବ। ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟଠାରୁ ଆରମ୍ଭ କରି ଦଣ୍ଡବିଧାନ ଯାଏଁ ପ୍ରକ୍ରିୟାକୁ ଅପେକ୍ଷାକୃତ ତ୍ୱରିତ କରାଯିବ। ପୂର୍ବରୁ ଗୋପାଳପୁର ଗଣଦୁଷ୍କର୍ମ ମାମଲାକୁ ମଧ୍ୟ ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କରାଯାଇଥିଲା।

### ଅସନ୍ତୁଷ୍ଟ...

ରହିଥିବାର ସୂଚନା ମିଳୁଛି। କାରଣ ଭକ୍ତ ଓଡ଼ିଶା ଦାୟିତ୍ୱ ନେବାପରେ ଯେଉଁମାନଙ୍କୁ ଧୀରେ ଧୀରେ ନିଜ ପାଖରୁ ଦୂରେଇ ଦେଇଛନ୍ତି ଓ ଯେଉଁମାନଙ୍କୁ ଅଣଦେଖା କରୁଛନ୍ତି ସେମାନେ ମୋକିମଙ୍କ ସହ ଯୋଗାଯୋଗରେ ଥିବା ନେଇ ଏବେ ଆଲୋଚନା ଜୋର ଧରିଛି। ହେଉଥିବା ଆଲୋଚନା ଅନୁଯାୟୀ ନୂଆବର୍ଷରେ ନୂଆଦଳ ଗଢି ମୋକିମ କଟକରେ ପାୱାର ସୋ କରିବେ। ନୂଆ ବର୍ଷରେ ଶକ୍ତି ପ୍ରଦର୍ଶନ କରିବା ପରେ ପୌର ନିର୍ବାଚନ ପାଇଁ ତାଙ୍କର ଅଭିଯାନ ଆରମ୍ଭ କରିବେ। ମୋକିମଙ୍କର ଅନେକ ସମର୍ଥକ କଟକ ସହରରେ ଥିବାରୁ ସେମାନଙ୍କ ବଳରେ କଟକ ପୌରାଞ୍ଚଳ ଦଖଲ ପାଇଁ ତାଙ୍କର ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟରେ ଯଦି ମୋକିମ ସଫଳ ହେବେ ତେବେ ରାଜ୍ୟରେ କଂଗ୍ରେସର ବିକଳ୍ପ ହେବା ସହ ଅନେକ କଂଗ୍ରେସ ନେତାଙ୍କୁ ନିଜ ପକ୍ଷକୁ ନେଇଯିବେ ବୋଲି କୁହାଯାଉଛି।

### ଜୀଅନ୍ତା...

ଡେଇଁ ପଡି ନିଜ ଜୀବନ ବଞ୍ଚାଇଥିଲେ। କିନ୍ତୁ ଅନେକ ଯାତ୍ରୀ ବସ୍ ଭିତରେ ହିଁ ଫସି ଯାଇଥିଲେ। ଫଳରେ ସେମାନଙ୍କ ମଧ୍ୟରୁ ଅନେକ ମୃତାହତ ହୋଇଛନ୍ତି।

ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା କିଛି ବ୍ୟକ୍ତିଙ୍କ କହିବାନୁସାରେ, କୁହୁଡିରେ କିଛି ଦେଖାଯାଉ ନଥିଲା। ଫଳରେ କାର୍ ଏବଂ ବସ୍ ମଧ୍ୟରେ ଧକ୍କା ହୋଇଥିଲା। ଏହାପରେ ନିଆଁ ଲାଗିଯାଇଥିଲା। ଯେଉଁଥିରେ ୫ରୁ ଅଧିକ ଲୋକ ଜିଅନ୍ତା ଜଳିଯାଇଥିଲେ। ଏହାସହ ଅନେକ ଆହତ ମଧ୍ୟ ହୋଇଛନ୍ତି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ଗ୍ରୀନ୍ ସବୁଠୁ...

କାର୍ତ୍ତିକ ଶର୍ମା ୧୪.୨୦ କୋଟି ଟଙ୍କାରେ ଚେନ୍ନାଇ ସୁପର୍ କିଙ୍ଗସରେ ସାମିଲ୍ ହୋଇ ଏ କ୍ଷେତ୍ରରେ ଦାମୀ ଅନ୍‌କ୍ୟାପ୍ଡ ଖେଳାଳି ହୋଇଛନ୍ତି। ଆହୁରି କଶ୍ମୀରର ଆକ୍ୱିବ୍ ଦର୍ ଓ ମଙ୍ଗେଶ ଯାଦବ ଯଥାକ୍ରମେ ଦିଲ୍ଲୀ କ୍ୟାପିଟାଲ୍ସ ଓ ଆର୍‌ସିବିରେ ସାମିଲ୍ ହେବା ସହ କୋଟିପତି ଖେଳାଳି ହୋଇପାରିଛନ୍ତି। ତା'ଛଡ଼ା ଚେନ୍ନାଇ ସୁପର୍ କିଙ୍ଗ୍‌ସର ପେସର୍ ସିଂହଳୀ ବୋଲର୍ ମାଥିଶା ପାଥିରାନାଙ୍କୁ ମଧ୍ୟ ୧୮ କୋଟି, ଲିଆମ୍ ଲିଭିଙ୍ଗଷ୍ଟୋନ୍ ୧୩ କୋଟି, ମୁସ୍ତାଫିଜୁର୍ ରହମାନ୍ ୯.୨୦ କୋଟିରେ ଯଥାକ୍ରମେ କେକେଆର୍, ସନ୍‌ରାଇଜର୍ସ ହାଇଦ୍ରାବାଦ ଓ କେକେଆର୍‌ରେ ସ୍ଥାନ ପାଇଛନ୍ତି। ଆଜିର ମିନି ଅକ୍ସନରେ ୧୦ଟି ଟିମ୍ ୨୧୫.୪୫ କୋଟି ଟଙ୍କା ଖର୍ଚ୍ଚ କରି ୨୯ ଜଣ ବିଦେଶୀ ଖେଳାଳିଙ୍କ ସମେତ ୭୭ ଖେଳାଳିଙ୍କୁ ଖରିଦ୍ କରିଛନ୍ତି।

## ତାନଶ୍ରୀ ପାଣିଗ୍ରାହୀଙ୍କୁ ଉତ୍କଳ କନ୍ୟା ଉପାଧି



ମୟୂରଭଞ୍ଜ,୧୬।୧୨ (ସଂଚାର ବ୍ୟୁରୋ): କଳା ଶିକ୍ଷା ସାହିତ୍ୟ ସଂସ୍କୃତିର ଅନନ୍ୟ ମାଟି ହେଉଛି ଭଞ୍ଜମାଟି ବଡ଼ସାହି। ମୟୂରଭଞ୍ଜଠାରେ ୪୬ତମ ରାଜ୍ୟସ୍ତରୀୟ ବାଣୀପୀଠ ମହୋତ୍ସବ ପାଳନ ହୋଇଯାଇଛି। ଏହି ସଂସଦର ପ୍ରତିଷ୍ଠାତା ଡକ୍ଟର କୁମାର ବାବୁଲିଙ୍କ ଅଧ୍ୟକ୍ଷତା ଓ ସଭାପତି ପ୍ରାକ୍ତନ ଅଧକ୍ଷ ଓ ସୁସାହିତ୍ୟିକ ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ କବିତା ପାଠ, ପତ୍ରିକା ଉନ୍ମୋଚନ ଓ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ପୂର୍ବତନ ସାଂସଦ ଡକ୍ଟର ପ୍ରସନ୍ନ ପାଟଶାଣୀ, ମୁଖ୍ୟବକ୍ତା ଭାବରେ ପ୍ରାକ୍ତନ ଅଧକ୍ଷା ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା, ସ୍ୱତନ୍ତ୍ର ଅତିଥି ରୂପେ ଡକ୍ଟର ଦୟାସିନ୍ଧୁ ପରିଡା,ସମ୍ମାନିତ ବକ୍ତା ଉଦଳା ଅଧକ୍ଷା କବି ପ୍ରମିଳା ପଣ୍ଡା, ଅତିଥି ଅଧକ୍ଷା ଡଃ ଅସୀମା ପଣ୍ଡା, ଅତିଥି ବହିଘର ସଭାପତି କବି ଅଭୟ ଦାସ, ସମୟର ଚକ୍ର ସମ୍ପାଦକ ସର୍ବେଶ୍ୱର ଦାସ, ବରେଣ୍ୟ ଅତିଥି ସୁସାହିତ୍ୟିକ ଓ ଶିକ୍ଷାବିତ ଡଃ ନାରାୟଣ ଚନ୍ଦ୍ର ସେନାପତି ଇତ୍ୟାଦି ବିଭିନ୍ନ ଜିଲ୍ଲାରୁ ସୁସାହିତ୍ୟିକ ମାନେ ଯୋଗ ଦେଇଥିଲେ। ସମସ୍ତଙ୍କ ଉପସ୍ଥିତିରେ ପୂର୍ବତନ ସାଂସଦ ଓ କବି ପ୍ରସନ୍ନ ପାଟଶାଣୀଙ୍କ କରକମଳରେ ଡଃ ତାନଶ୍ରୀ ପାଣିଗ୍ରାହୀଙ୍କୁ ପ୍ରତିଭା ସ୍ୱର୍ଣ୍ଣ ପଦକ, ଟ୍ରଫି, ଅଙ୍ଗବାସ, ମାନପତ୍ର ସହିତ ଉତ୍କଳକନ୍ୟା ଉପାଧି ପ୍ରଦାନ କରାଯାଇଛି। ଶ୍ରୀମତୀ ପାଣିଗ୍ରାହୀ ପୂର୍ଣ୍ଣଚନ୍ଦ୍ରପୁର ମୟୂରଭଞ୍ଜର ଆଡ଼ଭୋକେଟ ଶିବବ୍ରତ ମହାପାତ୍ରଙ୍କ ସହଧର୍ମିଣୀ ଓ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ବାଲିଆ, ବାଲେଶ୍ୱରର ଆଚାର୍ଯ୍ୟା ଭାବେ କାର୍ଯ୍ୟରତା। ଉକ୍ତ କାର୍ଯ୍ୟକ୍ରମରେ କବି ସସ୍ମିତା ଦାଶଙ୍କ ସହ କବିତା ମଞ୍ଚରେ ସୁନ୍ଦର ସଂଯୋଜନା କରି ମଧ ଶ୍ରୋତାମାନଙ୍କୁ ସେ ମୁଗ୍ଧ କରିଥିଲେ। ଏହି ମର୍ଯ୍ୟାଦାଜନକ ଉପାଧି ପ୍ରାପ୍ତ ପାଇଁ ସମସ୍ତେ କବି ତାନଶ୍ରୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

# ପରିଚୟ ଖୋଜୁଛି ଡାକବଙ୍ଗଳା

### ଭାଙ୍ଗିରୁଜି ଗଲାଣି ଆସବାବ ପତ୍ର, ପ୍ରଶାସନର ନାହିଁ ଦୃଷ୍ଟି

### ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ଅଫିସର ଆସିଲେ ରହିବାକୁ ସ୍ଥାନ ନାହିଁ



କାକଟପୁର/ଅସ୍ତରଙ୍ଗ,୧୬।୧୨ (ସଂଚାର ବ୍ୟୁରୋ): ମାଟିରେ ମିଶିବାକୁ ବସିଲାଣି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସମ୍ମୁଖରେ ଥିବା ପୂର୍ତ୍ତ ବିଭାଗ ଡ଼ାକବଙ୍ଗଳା। ଦିନେ ନୌବାଣିଜ୍ୟର ମୂକ ସାକ୍ଷୀ ଥିଲା, ହେଲେ ଏବେ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ।

ଖବର ମୁତାବକ, କେନ୍ଦ୍ର ତଥା ରାଜ୍ୟ ରାଜନୀତିରେ ପୁରୀ ଜିଲ୍ଲା ଅସ୍ତରଙ୍ଗର ସ୍ୱତନ୍ତ୍ର ସ୍ଥାନ ରହିଛି। ରାଜ୍ୟ ସରକାରଙ୍କ ଅତିଥି ବିଶେଷ କରି ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ସଦସ୍ୟ ତଥା ଅନ୍ୟାନ୍ୟ ଅଫିସର ଗସ୍ତରେ ଆସିଲେ ସାମୟିକ ବିଶ୍ରାମ ନେବା ପାଇଁ ଅସ୍ତରଙ୍ଗ ବ୍ଲକ ସମ୍ମୁଖରେ ଥିବା କେନ୍ଦ୍ରସ୍ଥଳରେ ପୂର୍ତ୍ତ ବିଭାଗ ପକ୍ଷରୁ ଏକ ଡାକବଙ୍ଗଳା ନିର୍ମାଣ କରାଯାଇଥିଲା। କିନ୍ତୁ ଦୀର୍ଘ ବର୍ଷ ହେବ ଏହି ଡାକବଙ୍ଗଳାଟି ଜଙ୍ଗଲ ଭ୍ରମ ସୃଷ୍ଟି କରିବା ସହ କୋଠା ଗୁଡିକ ଜରାଜୀର୍ଣ୍ଣ ହୋଇଗଲାଣି। ଚତୁପାର୍ଶ୍ୱ ଗଛ ଲତା ସହ ସରୀସୃପ ପ୍ରାଣୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସରକାରୀ ସ୍ତରରେ ରକ୍ଷଣାବେକ୍ଷଣ ଅଭାବରୁ ଘରଗୁଡିକ ବିପଦ ସଂକୁଳ ଅବସ୍ଥାରେ। ଡାକବଙ୍ଗଳାର ମୂଲ୍ୟବାନ କବାଟ, ଝରକା ସମେତ ଅନ୍ୟାନ୍ୟ ଆସବାବପତ୍ର ଉଇ ଖାଇ ଭାଙ୍ଗିରୁଜି ଗଲାଣି। କାନ୍ଥ ଓ ଛାତରୁ ସିମେଣ୍ଟ ଖସିବାର ଲାଗିଛି। ଚାରି ପାଖରେ ଅନାବନା ଗଛ ଓ ବଣବୁଦାରେ ପରିପୂର୍ଣ୍ଣ ହୋଇ ସ୍ଥାନଟି ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି।

ସେହିପରି ପୂର୍ତ୍ତ ବିଭାଗ ପକ୍ଷରୁ କିଛି ବର୍ଷ ତଳେ ଅସ୍ତରଙ୍ଗ ପଂଚାୟତକୁ ହସ୍ତାନ୍ତର ହୋଇଥିବା ଜ୍ଞାନଦେବୀ କଲ୍ୟାଣୀ ମଣ୍ଡପ କୌଣସି କାମରେ ଲାଗୁନି। ପୂର୍ବତନ ମନ୍ତ୍ରୀ ସ୍ୱର୍ଗତଃ ସୁରେନ୍ଦ୍ରନାଥ ନାୟକଙ୍କ ସମୟରେ ମଣ୍ଡପର ଶୁଭ ଦିଆଯାଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମା'ଙ୍କ ନାଁରେ କଲ୍ୟାଣୀ ମଣ୍ଡପଟି ନାମିତ ହୋଇଥିଲା। ମାତ୍ର ମଣ୍ଡପଟି ଦୀର୍ଘ ବର୍ଷ ବିତିଗଲେ ମଧ କାର୍ଯ୍ୟକ୍ଷମ ହୋଇପାରିନାହିଁ। ହେଲେ ଅସ୍ତରଙ୍ଗ ଅଂଚଳରେ ଡାକବଙ୍ଗଳା ନିଜ ପରିଚୟ ଖୋଜୁଛି। କେବେ ସରକାରଙ୍କ ଶୁଭ ଦୃଷ୍ଟି ପଡିବ ତାହା ସମସ୍ତଙ୍କ ନଜର।

## ଅଧାପକଙ୍କୁ ବଦଳି ପାଇଁ ଅଭିଭାବକ ମହଲର ଦାବି

ଛତ୍ରପୁର,୧୬।୧୨ (ସଂଚାର ବ୍ୟୁରୋ): ଗଞ୍ଜାମ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ଅଧାପକ ମହେନ୍ଦ୍ର ସେଠିଙ୍କ ବଦଳିକୁ ନେଇ ଅଭିଭାବକ ମହଲରେ ଚର୍ଚ୍ଚା ତୀବ୍ର ହୋଇଛି। ପୂର୍ବରୁ ମଧ ନିଜର ରୋମାଣ୍ଟିକ ଆଚରଣକୁ ନେଇ ଚର୍ଚ୍ଚାରେ ଥିବା ଏହି ଅଧାପକ, ପୁଣି ଏକ ବିବାଦୀୟ ଘଟଣାକୁ ନେଇ ସମାଲୋଚନାର ସମ୍ମୁଖୀନ ହୋଇଛନ୍ତି।

ସୂଚନା ଅନୁଯାୟୀ, କଲେଜ ସମୟରେ ଅଧାପକ ଜଣେ ଛାତ୍ରୀଙ୍କ ସହ ବାଇକ ରାଇଡ ଯାଇଥିବା ଘଟଣା ସାମ୍ନାକୁ ଆସିବା ପରେ ଅଭିଭାବକମାନଙ୍କର ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବତନ ଛାତ୍ର ସଂସଦ ସଭାପତି ବାଦଲ କୁମାର ପ୍ରଧାନ କଲେଜର ଶୈକ୍ଷିକ ପରିବେଶ ନଷ୍ଟ ହେଉଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ, ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ଶିକ୍ଷାଗତ ଶୃଙ୍ଖଳା ରକ୍ଷା ପାଇଁ, ଗଞ୍ଜାମ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ କଲେଜ ଅଧକ୍ଷାଙ୍କୁ ଉକ୍ତ ଅଧାପକଙ୍କୁ ଶୀଘ୍ର ଅନ୍ୟତ୍ର ବଦଳି କରିବା ପାଇଁ ପୂର୍ବରୁ ଦାବୀ ପତ୍ର ପ୍ରଦାନ କରାଯାଇଛି।

ଅଧାପକ ସେଠିଙ୍କ ଏହା ପ୍ରଥମ ଘଟଣା ନୁହେଁ। ପୂର୍ବରୁ ଜଣେ ଛାତ୍ରୀଙ୍କ ସହ ଅସଦାଚରଣ ଓ ପ୍ରେମ ନିବେଦନ ଅଭିଯୋଗରେ ଥାନାରେ ଏତେଲା ଦାଖଲ ହୋଇଥିବା ସୂଚନା ମିଳିଛି, ପରେ ଦୁଇ ପକ୍ଷରେ ସମାଧାନ ହୋଇଥିବା କୁହାଯାଉଛି। ସେହିପରି, ଜଣେ ସହକର୍ମୀ ଅଧାପିକାଙ୍କୁ ଅଶ୍ଳୀଳ ମନ୍ତବ୍ୟ କରିଥିବା ଅଭିଯୋଗ ନେଇ କଥା ଡିସିପ୍ଲିନ୍ ମ୍ୟାନେଜମେଣ୍ଟ ପର୍ଯ୍ୟନ୍ତ ପହଞ୍ଚିଥିଲା।

# ଗରିବ ବୃଦ୍ଧବୃଦ୍ଧାଙ୍କ ଭତ୍ତା ଟଙ୍କା ଖାଉଛି କିଏ ?



### ଚରମ ସୀମାରେ ବାଙ୍ଗୋର ପଞ୍ଚାୟତରେ ଭତ୍ତା କେଲେଙ୍କାରୀ

ଆନନ୍ଦପୁର,୧୬।୧୨ (ସଂଚାର ବ୍ୟୁରୋ): ନିଜର ଭତ୍ତା ଟଙ୍କା ପାଇଁ ପଞ୍ଚାୟତ ଠାରୁ ପ୍ରଶାସନ ପର୍ଯ୍ୟନ୍ତ ଗୁହାରି କରି ଥକି ଗଲେଣି। କିନ୍ତୁ ଆଜି ପର୍ଯ୍ୟନ୍ତ କିଛିବି ମିଳିନି ସୁଫଳ। ଏହେଉଛି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ହାଟଡିହି ବ୍ଲକ ବାଙ୍ଗରୋ ପଂଚାୟତ ଦୃଶ୍ୟ। ବୃଦ୍ଧ ବୃଦ୍ଧା ଓ ଦିବ୍ୟାଙ୍ଗମାନଙ୍କର ଦୀର୍ଘ ପାଞ୍ଚ ମାସରୁ ଉର୍ଦ୍ଧ୍ୱ ହେବ ଭତ୍ତା ବନ୍ଦ ରହିଛି।

ସେମାନଙ୍କର ରୋଜଗାର କହିଲେ ସ୍ଥାନୀୟ ଜଙ୍ଗଲରୁ କାଠ ଓ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ଦୁଇ ପଇସା କମେଇବା। ସେଥିରେ ନିଜ ପରିବାର ଚାଲିବା ସମ୍ଭବ ପରନୁହେଁ। ସେହି ଗ୍ରାମରେ ରହିଛି ଅନେକ ମୌଳିକ ସମସ୍ୟା। ସେଥିମଧ୍ୟରୁ ପାଉଥିବା ନିଜର ନାର୍ଯ୍ୟ ସରକାରୀ ଭତ୍ତାରୁ ମଧ ଅନେକ ହିତାଧିକାରୀ ଏବେ ବଞ୍ଚିତ। ଏମାନଙ୍କ ଭିତରେ ଅଛନ୍ତି ପାଗିଳି ମୁଦୁଲି, କୌଶଲ୍ୟା ନାଇକ, ଲିଜା ନାଇକ, ଗୌରାଙ୍ଗ ନାଇକ, ଅନୁରିଧ ମାଝୀ, ବାସନ୍ତୀ ପଢ଼ିହାରି, ଉମା ନାହାକ, ମାଗୁଣି ମହାକୁଡ଼, ଗୌରୀ ନାଇକ। ଏହିମାନେ ଭତ୍ତା ପାଉଥିଲେ ହେଲେ ପାଞ୍ଚ ମାସ ହେଲା ଭତ୍ତା ପାଇବାରୁ ଏମାନେ ବଞ୍ଚିତ। ଅନ୍ୟପଟେ ଆଦିବାସୀ ଅଧ୍ୟୁଷିତ ଅଶିକ୍ଷିତ ଲୋକ ତେଣୁ ତାଙ୍କ ଗୁହାରି କେହି ଶୁଣୁ ନାହାଁନ୍ତି ବୋଲି ଦୁଃଖର ସହ ଏମାନେ କହିଛନ୍ତି।

ଏ ସମ୍ପର୍କରେ ବହୁବାର ସରପଞ୍ଚଙ୍କ ଏବଂ ପଞ୍ଚାୟତର ପିଇଓ ଠାରୁ ଆରମ୍ଭ କରି ବ୍ଲକ୍ ପ୍ରଶାସନ ପର୍ଯ୍ୟନ୍ତ ଗୁହାରି କରିଥିଲେ ମଧ ଦୁଃଖ ଓ ପରିତାପର ବିଷୟ ଏମାନଙ୍କୁ କୌଣସି ସୁଫଳ ମିଳିନାହିଁ । ଏ ସମ୍ପର୍କରେ ଆନନ୍ଦପୁର ଉପଖଣ୍ଡ ସାମାଜିକ ସୁରକ୍ଷା ବିଭାଗର ଅଧିକାରୀଣି ପ୍ରତିମା ଦଣ୍ଡପାଟଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିଥିଲୁ। ତାଙ୍କ କହିବା କଥା ଏଭଳି ଘଟଣା ତାଙ୍କ ନଜରକୁ ଆସିନି। ଯଦି ଏମିତି କିଛି ହୋଇଛି ତେବେ ଏହାର ତଦନ୍ତ ହୋଇ ସମସ୍ୟା ସମାଧାନ ହେବ। ତେବେ ଦେଖିବାକୁ ବାକି ରହିଲା ଏହି ହିତାଧିକାରୀ ମାନେ ପୁଣି କେବେଠୁ ତାଙ୍କର ଭତ୍ତା ଟଙ୍କା ପାଉଛନ୍ତି।

## ବିପୁଳ ପରିମାଣର ଚୋରା ଦେଶୀମଦ ଜବତ




ନବରଙ୍ଗପୁର,୧୬।୧୨ (ସଂଚାର ବ୍ୟୁରୋ): ଜିଲ୍ଲାପାଳ ଡ଼କ୍ଟର ମହେଶ୍ୱର ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ତଥା ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ, ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଓ ନବରଙ୍ଗପୁର ଅବକାରୀ ଥାନା ଅଧିକାରୀ ଅଶେଷ କୁମାର ନାୟକଙ୍କ ନେତୃତ୍ୱରେ ନବରଙ୍ଗପୁର ଥାନା ଅନ୍ତର୍ଗତ ସେମିଲିଗୁଡା ଗ୍ରାମରେ ଚଢ଼ାଉ କରି, ଜଣେ ମହିଳାଙ୍କ ନିକଟରୁ ୧୯ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରାଯାଇଛି। ସେହିପରି ନବରଙ୍ଗପୁର ଥାନା ଅନ୍ତର୍ଗତ ଜାନକୀ ନଗର ଗ୍ରାମରେ ଚଢ଼ାଉ କରି ଜଣେ ମହିଳାଙ୍କ ନିକଟରୁ ୧୭ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ ସହ ୧୦୦ ଲିଟର ପୋଚ ଓ ଗରମ ପୋଚ ୨୦ ଲିଟରକୁ ଘଟଣାସ୍ଥଳରେ ନଷ୍ଟ କରିଦିଆଯାଇଛି। ଦୁଇ ମହିଳାଙ୍କୁ ଗିରଫ କରି ମାନ୍ୟବର ଏସଡିଜିଏମଙ୍କ ଅଦାଲତରେ ହାଜର କରାଯାଇଛି। ଏଥିସହିତ ଖାତିଗୁଡା ଥାନା ଅନ୍ତର୍ଗତ ଫଟାଗୁଡା ଗ୍ରାମରେ ଚଢ଼ାଉ କରି ଜଣେ ମହିଳାଙ୍କ ନିକଟରୁ ୧୭ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଓ ଖଣ୍ଡୁଗୁଡା ଗ୍ରାମରେ ଚଢ଼ାଉ କରି ଜଣେ ବ୍ୟକ୍ତିଙ୍କ ନିକଟରୁ ୨୨ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରାଯାଇଛି। ସହିପରି କୋଡୀଙ୍ଗା ଥାନା ଅନ୍ତର୍ଗତ ମୋଦିନାୟକ ଗୁଡା ଗ୍ରାମରେ ଚଢ଼ାଉ କରି ଜଣେ ବ୍ୟକ୍ତିଙ୍କ ନିକଟରୁ ୨୪ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରିବା ସହ ମାନଙ୍କୁ ମାନ୍ୟବର ଏସଡିଜିଏମଙ୍କ ଅଦାଲତରେ ହାଜର କରାଯାଇଛି।

# ଯାଜପୁର ଆର୍‌ଟିଓରେ ଦଲାଲ୍‌ରାଜ୍




ଯାଜପୁର,୧୬।୧୨ (ସଂଚାର ବ୍ୟୁରୋ): ଯାଜପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ) ଆଜି ଯାଜପୁରବାସୀଙ୍କ ପାଇଁ ସେବାର ଆଶା ନୁହେଁ, ବରଂ ଦଲାଲୀ ଶାସନର ଭୟଙ୍କର ପରିଚୟ। ଏଠାରେ ନିୟମ ନୁହେଁ, ଚାଲେ ଦର; ଅନଲାଇନ୍ ପ୍ରକ୍ରିୟା ନୁହେଁ, ଚାଲେ ସମ୍ପର୍କ, ସରକାରୀ ରସିଦ୍ ନୁହେଁ, ଚାଲେ ଅଘୋଷିତ ଟଙ୍କା। ଡ୍ରାଇଭିଂ ଲାଇସେନ୍ସ ହେଉ କି ଗାଡ଼ି ରେଜିଷ୍ଟ୍ରେସନ୍, ଦଲାଲ ବିନା କାମ ହେଉନଥିବା କଥା ଏବେ ସାଧାରଣ ଅନୁଭବ।

୫ଟି, ମୋ ସରକାର ଭଳି ଆକର୍ଷଣୀୟ ସ୍ଲୋଗାନ୍‌ରେ ବିଜେଡି ସରକାର ଶାସନ କରିଥିଲା। କିନ୍ତୁ ଯାଜପୁର ଆର୍‌ଟିଓ ଭଳି କାର୍ଯ୍ୟାଳୟଗୁଡ଼ିକରେ ସେହି ସ୍ଲୋଗାନ୍ କାର୍ଯ୍ୟକାରୀ ହେବାର ଦେଖିବାକୁ ମିଳିଲା ନାହିଁ। ଦଲାଲ ମଜବୁତ ହେଲେ, ଅଧିକାରୀମାନେ ନିରବ ରହିଲେ, ଆଉ ସାଧାରଣ ଲୋକ ଦୁଇହାତରେ ଲୁଟି ହେଲେ।

ସବୁଠୁ ଗୁରୁତର ପ୍ରଶ୍ନ ଆର୍‌ଟିଓ ପରିସରରେ ଦଲାଲମାନେ କାହାର ଆଶୀର୍ବାଦରେ ଏତେ ନିର୍ଭୟ? ଯଦି ଏହା ଅଧିକାରୀଙ୍କ ଅଜ୍ଞାନ, ତେବେ ସେହିଟା ଭୟଙ୍କର ଅଯୋଗ୍ୟତା। ଯଦି ସଚେତନ ନିରବତା, ତେବେ ସେହିଟା ଖୋଲା ଦୁର୍ନୀତି। ଏହି ଦଲାଲୀ ବ୍ୟବସ୍ଥାର ଜଞ୍ଜାଳ ଯାଜପୁରବାସୀ ଭୋଗୁଛନ୍ତି। ଯାଜପୁରର ସରକାରୀ ବ୍ୟବସ୍ଥା ବୁଝା ସୁଝା କରୁଥିବା କିଛି ମାମଲାତିକାର ମାସିକିଆ ଆର୍‌ଟିଓ ଅଫିସରୁ ଚାନ୍ଦା ନେଇ ଚୁପ ରହୁଥିବା ଅଭିଯୋଗ ହେଉଛି, ତେବେ ପରିବର୍ତ୍ତନ କେବଳ ଶବ୍ଦରେ ସୀମିତ ରହିଯିବା ଭଳି ଲାଗୁଛି। ସରକାର ଏଥିପ୍ରତି ଦୃଷ୍ଟି ଦେଇ ଯାଜପୁର ଆର୍‌ଟିଓକୁ ଦଲାଲମୁକ୍ତ କରିବା ପାଇଁ ଦାବି ହେଉଛି।

## ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତାକୁ ବିରୋଧ କରି ବିଡିଓଙ୍କୁ ଦାବିପତ୍ର

### ୨୩ରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣ ବିକ୍ଷୋଭ ଚେତାବନୀ



ନୀଳଗିରି,୧୬।୧୨ (ସଂଚାର ବ୍ୟୁରୋ): ନୀଳଗିରି ବ୍ଲକରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଅନିୟମିତତା, ଭତ୍ତା ଓ ରେସନକାର୍ଡ ବଣ୍ଟନରେ ପକ୍ଷପାତ ନୀତିକୁ ବିରୋଧ କରି ନୀଳଗିରି ବିଜେଡ଼ି ପକ୍ଷରୁ ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକଙ୍କ ନେତୃତ୍ୱରେ ବିଡ଼ିଓ ବିକ୍ରମ କେଶରୀ ପରିଡ଼ାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନା ଯୋଗ୍ୟ ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ଚୟନ ଓ ବିଭାଗୀୟ କାର୍ଯ୍ୟ ସମ୍ପାଦନରେ ବିଶେଷ ଭାବେ ବ୍ଲକ ଅଧକ୍ଷାଙ୍କ ସହିତ ବିଜେଡ଼ି ଜନପ୍ରତିନିଧି ମାନଙ୍କୁ ସମ୍ପୂର୍ଣ୍ଣ ଉପେକ୍ଷା କରାଯାଉଛି ବୋଲି ଅଭିଯୋଗହୋଇଛି । ଅନୁରୂପ ଭାବେ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ସମୟରେ ବରିଷ୍ଠ ନାଗରିକ, ବିଧବା, ବିକଳାଙ୍ଗ ଓ ଅନ୍ୟାନ୍ୟ ଭତ୍ତା ପାଇବାର ହକ୍‌ଦାର ଥିବା ଲୋକମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଗୁରୁତ୍ୱ ଦିଆଯାଉ ନାହିଁ । କେଉଁ ଅଦୃଶ୍ୟ ଚାପର ବଶବର୍ତ୍ତି ହୋଇ ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ରେସନକାର୍ଡ ପ୍ରଦାନ ନକରି ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ଏଣୁ ଏହାର ପ୍ରତିବାଦରେ ଆସନ୍ତା ୨୩ ତାରିଖ ମଙ୍ଗଳବାର ଦିବା ୧୧ ଘଟିକା ସମୟରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ନେଇ ବାଲେଶ୍ୱର ଜିଲ୍ଲାପାଳ, ସି.ଡି.ଓ ଏବଂ ଜେଡ୍.ପି. ବାଲେଶ୍ୱର, ନୀଳଗିରି ଉପ-ଜିଲ୍ଲାପାଳ, ନୀଳଗିରି ଏସ୍.ଡି.ପି.ଓ, ଆଇ.ଆଇ. ସିଙ୍କ ଅବଗତି ନିମନ୍ତେ ଦିଆଯାଇଛି।

## ଶ୍ମଶାନରେ ଶବ ସହ ଜୀବନ ଥିବା ସନ୍ଦେହ: ଗୁଜବ ପରେ ପ୍ରବଳ ଭିଡ଼



ଛତ୍ରପୁର,୧୬।୧୨ (ସଂଚାର ବ୍ୟୁରୋ): ଗଞ୍ଜାମ ଥାନା ଅଞ୍ଚଳରେ ଏକ ରୋଚକ ଘଟଣା ଦେଖିବାକୁ ମିଳିଛି। ଗଞ୍ଜାମ ଏନଏସି ଅନ୍ତର୍ଗତ ପୁଇଁତଳା ଗ୍ରାମର ରାଜେନ୍ଦ୍ର ରଥ ଅସୁସ୍ଥ ହୋଇ ସମ୍ ମେଡିକାଲରେ ଚିକିତ୍ସାଧୀନ ଥିଲେ। କିନ୍ତୁ ଆଜି ସକାଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରମ୍ପରାଗତ ରୀତି ଅନୁସାରେ ତାଙ୍କର ଶବକୁ ଘରକୁ ଅଣାଯାଇ ଗ୍ରାମବାସୀ, ସମ୍ପର୍କୀୟ ଓ ପରିବାର ଶବକୁ ନିକଟସ୍ଥ ଜେଟି ଘର ପାଖରେ ଦାହ ପାଇଁ ନେଇଥିଲେ। କିନ୍ତୁ ପରେ, ଶ୍ମଶାନରେ ଥିବା ସମୟରେ ଶବ ସହ ଜୀବନ ଥିବା ସନ୍ଦେହ ହେବାରୁ, ସମ୍ପର୍କୀୟ ଓ ପରିବାର ତାଙ୍କୁ ଛତ୍ରପୁର ମେଡିକାଲକୁ ନେଇଥିଲେ। ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଏହି ଘଟଣାର ଖବର ଗ୍ରାମରେ ଗୁଜବ ରୂପେ ପ୍ରସାରିତ ହେବା ପରେ ଅଞ୍ଚଳରେ ଭିଡ଼ ଏବଂ ଚାଞ୍ଚଲ୍ୟ କିଛି ସମୟ ପାଇଁ ଦେଖାଯାଇଥିଲା।

## ସ୍ଥାନୀୟ ଅପାତକାଳୀନ ବୈଠକ




ପାରାଦୀପ,୧୬।୧୨ (ସଂଚାର ବ୍ୟୁରୋ): ପାରାଦୀପ ଶିଳ୍ପାଞ୍ଚଳର ସ୍ଥାନୀୟ ଅପାତକାଳୀନ ସଭା ପାରାଦୀପ ସର୍କିଟ୍ ହାଉସଠାରେ ଅନୁଷ୍ଠିତ ହୋଇଯାଇଅଛି। ୨୦୧୮ ପରେ ଏହି ସଭା ପ୍ରଥମ ଥର ପାଇଁ ଅନୁଷ୍ଠିତ କରାଯାଇଅଛି। ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ, ପାରାଦୀପ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଏହି ସଭାରେ ସଦସ୍ୟ ସଚିବ, ଏଲସିଜି ଓ ସହ ନିର୍ଦ୍ଦେଶକ, କାରଖାନା ଏବଂ ବାଷ୍ପୀତ୍ର, ଚନ୍ଦ୍ର ଶେଖର ବେହେରା, ମନୋଜ କୁମାର ପଣ୍ଡା, ଉପ-ନିର୍ଦ୍ଦେଶକ, କାରଖାନା ଏବଂ ବାଷ୍ପୀତ୍ର, କଟକ ଡିଭିଜନ, ଶ୍ରୀ ଅଭିଷେକ ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ, ପାରାଦୀପ ପୌରପାଳିକା, ବିଜୁ ମେମୋରିଆଲ୍ ହସ୍ପିଟାଲର ଡାକ୍ତର, କୁଜଙ୍ଗ ଅଗ୍ନିଶମ କେନ୍ଦ୍ରର ଷ୍ଟେସନ୍ ଅଫିସର, କାରଖାନାର ପ୍ରତିନିଧିମାନଙ୍କ ସହ ଅନ୍ୟାନ୍ୟ ସ୍ଥାନୀୟ ଅପାତକାଳୀନ ଏଲ୍‌ଜିସି ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ସଭାର ଉଦ୍ଦେଶ୍ୟ ଜିଲ୍ଲାସ୍ତରର ଆପତ୍କାଳୀନ ପ୍ରସ୍ତୁତିକୁ ମଜବୁତ କରିବା, ରସାୟନିକ ଶିଳ୍ପ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିବା ଏବଂ ସମସ୍ତ ସଂପୃକ୍ତ ପକ୍ଷମାନଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା

## ଅଯୋଧ୍ୟା ନଗର ରାସ୍ତା ନିର୍ମାଣ ପାଇଁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ




ବୋରିଗୁମ୍ମା,୧୬।୧୨ (ସଂଚାର ବ୍ୟୁରୋ): ବୋରିଗୁମ୍ମା ସହର ଦିନ କୁ ଦିନ ଜନସଂଖ୍ୟା ବୃଦ୍ଧି ସହ ସାହି, ଗଳି ବୃଦ୍ଧି ପାଇବାରେ ଲାଗିଛି। କିଛି ସାହି ଗଳିରେ ନୂତନ ରାସ୍ତା ନିର୍ମାଣ ହୋଇଥିବା ବେଳେ କିଛି ଜନବସତି ଥିବା ସାହିରେ ବ୍ଲକ ପ୍ରଶାସନର ଆଢୁଆଳରେ ରହିଯାଇଛି, ଯାହାଫଳରେ ନୂତନ ରାସ୍ତାଟିଏ ନାହିଁ।

ଦୁଲ୍ଲାଗୁଡା ରୋଡ଼ ନିକଟସ୍ଥ ଅଯୋଧ୍ୟା ନଗର-୩ ନମ୍ବର ସାହିରେ ଭଲ ରାସ୍ତାଟିଏ ନାହିଁ। ଏହି ସାହିକୁ ଲାଗି ନୂତନ ଭାବେ ଗଢି ଉଠିଥିବା ଲକ୍ଷ୍ମୀ ବିହାର ସାହି ରହିଛି। ଯାହାଫଳରେ ଉଭୟ ସାହିରେ ବସବାସ କରୁଥିବା ଲୋକେ ଭଲ ରାସ୍ତା ନ ଥିବାରୁ ହାଇରାଣ ହେଉଥିବା ଅଭିଯୋଗ ହେଉଛି। ବର୍ଷା ଦିନେ ରାସ୍ତାରେ ପାଣି ଜମିବା ସହ କାଦୁଅରେ ଲୋକେ ଯିବାଆସିବା କରୁଛନ୍ତି। ତେବେ ଅଯୋଧ୍ୟା ନଗର-୩ ବାସିନ୍ଦା ଏକତ୍ରିତ ହୋଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକଙ୍କୁ ନୂତନ ରାସ୍ତା ନିର୍ମାଣ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ବିଡ଼ିଓ ଶ୍ରୀ ପଟ୍ଟନାୟକ ତୁରନ୍ତ ଅଯୋଧ୍ୟା ନଗର-୩ ନମ୍ବର ସାହି ରେ ଖୁବଶୀଘ୍ର ନୂତନ ରାସ୍ତା ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

ବିଡ଼ିଓ ମହାଶୟଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ କନିଷ୍ଠ ଯନ୍ତ୍ରୀ ଅଯୋଧ୍ୟା ନଗର-୩ ନମ୍ବର ସାହିକୁ ଆସି ରାସ୍ତାର ଅବସ୍ଥା ତଦାରଖ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବିଷ୍ଣୁ ନାୟକ, ପ୍ରକାଶ ଚନ୍ଦ୍ର ମିଶ୍ର, ପ୍ରତାପ ସାହୁ, ଟୁନା ନାୟକ, ପ୍ରଫୁଲ୍ଲ ସ୍ୱାଇଁ, କେ.ସାକିଲି ଦୋରା ପ୍ରମୁଖ ଉପସ୍ଥିତ ଥିଲେ।

## ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ମାଗଣା ଲାପଟପ ବଣ୍ଟନ



ଫୁଲବାଣୀ,୧୬।୧୨ (ସଂଚାର ବ୍ୟୁରୋ): ଆଜି ଜିଲ୍ଲାପାଳଙ୍କ ସଦଭାବନା ଗୃହରେ ଦୃଷ୍ଟିବାଧିତ +୩ ଛାତ୍ରଛାତ୍ରୀଙ୍କୁ ମାଗଣା ଲାପଟପ ଭିନ୍ନକ୍ଷମ ଶାସକ୍ତିକରଣ ବିଭାଗ ପକ୍ଷରୁ କନ୍ଧମାଳ ଜିଲ୍ଲାପାଳ ଶ୍ରୀବେଦ ଭୂଷଣ ଦ୍ୱାରା ବଣ୍ଟନ କରାଯାଇଛି । ଜିଲ୍ଲାର ୭ ଜଣ ଦୃଷ୍ଟିବାଧିତ ଛାତ୍ର ଛାତ୍ରୀଙ୍କୁ ଏହି ଲାପଟପ ଦିଆଯାଇଛି। ଏହି ଛାତ୍ରଛାତ୍ରୀମାନେ ବିଭାଗୀୟ ପୋର୍ଟାଲରେ ଆବେଦନ କରିଥିଲେ। ଯେଉଁମାନେ ୪୦ ପ୍ରତିଶତରୁ ଅଧିକ ଦୃଷ୍ଟିବାଧିତ ଥିଲେ। ଆଜି କନ୍ଧମାଳ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଛାତ୍ର ଛାତ୍ରୀଙ୍କୁ ପ୍ରଦାନ କରାଯାଇଛି ।

## କୁଶୁପୁର ଐତିହାସିକ ସାପ୍ତାହିକ ହାଟର ପୁନରୁଦ୍ଧାର ପାଇଁ ଦାବି




ନିମାପଡ଼ା(ଗୋପ),୧୬।୧୨ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲାର ଗୋପ ବ୍ଲକ କୁଶୁପୁର ଗ୍ରାମର ଗ୍ରାମବାସୀମାନେ ବ୍ରିଟିଶ ଉପନିବେଶ ଶାସନ କାଳରେ 'ମହାଜନୀ ପ୍ରଣାଳୀ' ଅଧୀନରେ ସ୍ଥାପିତ ତାଙ୍କର ଐତିହାସିକ ସାପ୍ତାହିକ ହାଟକୁ ପୁନରୁଦ୍ଧାର କରିବା ପାଇଁ ପ୍ରଶାସନଙ୍କ ନିକଟରେ ଦାବି କରିଛନ୍ତି। ବିଏସଏନଏଲ୍‌କୁ ଆବଣ୍ଟିତ ଜମି ସଂପର୍କିତ ବିବାଦକୁ ନେଇ ଏହା ତୃତୀୟ ଆବେଦନ। ବର୍ତ୍ତମାନ ଏହି ଜମି ଅବ୍ୟବହୃତ ଅବସ୍ଥାରେ ପଡ଼ିରହିଥିବାରୁ ଗ୍ରାମର ସାଂସ୍କୃତିକ ଓ ଅର୍ଥନୈତିକ ଜୀବନ ଗଭୀର ଭାବେ ପ୍ରଭାବିତ ହେଉଛି। ଏହି ଆବେଦନରେ ସରକାରଙ୍କ 'ଆକାଂକ୍ଷା ହାଟ' ଯୋଜନାର ଡିଜିଟାଲ୍ ସୁବିଧା ସହ ହାଟକୁ ସମନ୍ୱୟ କରି ଏକ ଡିଜିଟାଲ୍ ଇ-ମାର୍କେଟ୍ ପ୍ଲାଟଫର୍ମ ସହ ଯୋଡ଼ିବା ପ୍ରସ୍ତାବ ମଧ ରହିଛି।

ଏହି ଡିଜିଟାଲ୍ ସୁବିଧା ମାଧ୍ୟମରେ କୃଷକ ଆୟ ବୃଦ୍ଧି, ଉତ୍ପାଦର ଗୁଣମାନ ସୁଧାର, ମୂଲ୍ୟ ସ୍ଥିରତା ଓ ଦୂରସ୍ଥ ବଜାରରେ ପହଞ୍ଚ ଭଳି ଲାଭ ମିଳିବ। 'ଏହି ଜମି ଫେରାଇ ଦିଆଯାଇଲେ, ଆମ ଐତିହ୍ୟ ସୁରକ୍ଷିତ ହେବା ସହ ସମଗ୍ର ଅଞ୍ଚଳର କୃଷକମାନଙ୍କ ଜୀବିକାରେ ବଡ଼ ସୁଧାର ଆସିବ। ଆମେ ପୁନର୍ବାର ପ୍ରଶାସନଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରୁଛୁ' ବୋଲି କୁଶୁପୁର ଗ୍ରାମର ବିଜେପି କୃଷକ ମୋର୍ଚ୍ଚାର ରାଜ୍ୟ ସଚିବ ପ୍ରଶାନ୍ତ ସ୍ୱାଇଁ (ଲୁଲୁ) କହିଛନ୍ତି। ଏହି ଆବେଦନ ପୁରୀ ଜିଲ୍ଲାପାଳ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରୀୟ ମନ୍ତ୍ରୀମାନଙ୍କୁ ପ୍ରେରଣ କରାଯାଇଛି। ପ୍ରଶାସନଙ୍କ ପକ୍ଷରୁ ଶୀଘ୍ର ଏକ ସକାରାତ୍ମକ ପ୍ରତିକ୍ରିୟା ଆସିବ ବୋଲି ଆଶା କରାଯାଉଛି।

# ଅବଧି ସରିବା ପରେ ବି ଠିକାଦାର କରୁଛନ୍ତି ରାସ୍ତା ନିର୍ମାଣ

### ସରକାରୀ ଜାଗାରୁ ମାଟି ଖୋଳି ରାସ୍ତାରେ ଲଗାଉଛନ୍ତି



ଆନନ୍ଦପୁର,୧୬।୧୨ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ୨୦ନଂ ଜାତୀୟ ରାଜପଥ ଠାରୁ କୁମୁଣିଆଁ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଛି। ତେବେ ଏହି ରାସ୍ତା ମରଣଯନ୍ତା ପାଲଟିଥିବା ବେଳେ ଯାତାୟତରେ ଅସୁବିଧା ହେବା ସହିତ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ରାସ୍ତା ନିର୍ମାଣ ପାଇଁ ବହୁବାର ମଧ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ତେବେ ଏହି ରାସ୍ତାର ଦୈର୍ଘ୍ୟ ୧.୬୫୦ କିମି ହୋଇଥିବା ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ (ଦୁଇ କୋଟି ତେର ଲକ୍ଷ ଛସ୍ତରି ହଜାର ନଶହ ଶତାବନ) ଟଙ୍କା ମଞ୍ଜୁର ହୋଇଥିଲା। ଟେଣ୍ଡର ମାଧ୍ୟମରେ ଠିକାଦାରକୁ ରାସ୍ତା ନିର୍ମାଣ ପାଇଁ ୦୩.୦୪.୨୦୨୫ରେ ଆଦେଶ ମିଳିଥିବା ବେଳେ କାର୍ଯ୍ୟ ଶେଷ କରିବା ପାଇଁ ୦୨.୧୦.୨୦୨୫ ଅବଧି ରହିଥିଲା। ତେବେ କାର୍ଯ୍ୟ ଶେଷ ତାରିଖରୁ ଆଜି ପର୍ଯ୍ୟନ୍ତ ଅଦ୍ୟାବଧି ଦୁଇ ମାସ ବିତିଯାଇଥିଲେ ମଧ ରାସ୍ତା ନିର୍ମାଣ କାମ ଠିକାଦାର ସାରି ପାରିଲା ନାହିଁ। ଯେହେତୁ ଅବଧି ସରିଯାଇଚି ଠିକାଦାର ତରବରିଆ ଭାବେ ନିମ୍ନମାନର ରାସ୍ତା ନିର୍ମାଣ କରୁଥିବା ଅଭିଯୋଗ ହୋଇଛି। ତେବେ ନିମ୍ନମାନର ରାସ୍ତା ନିର୍ମାଣକୁ ନେଇ ଏବେ ଅସନ୍ତୋଷ ପ୍ରକାଶ ପାଇଛି।

ରାସ୍ତାରୁ ମାତ୍ର ୫୦ମିଟର ଦୂରରୁ ଜେସିବି ଲଗାଇ ମାଟି ଉଠାଉଥିବା ଦେଖିବାକୁ ମିଳିଛି। ମାଟି ଉଠାଉଥିବା ସ୍ଥାନକୁ ଠିକାଦାର ୧୫ଫୁଟ୍ ଗାଡ଼ କରି ଖୋଳି ନେଇଯାଇଥିବାରୁ ଗାଈଗୋରୁଙ୍କ ପ୍ରତି ବିପଦ ଦେଖାଦେଇଛି। ମାଟିଉଠା ବିଷୟରେ ଘଷିପୁରା ତହସିଲଦାର ଅଭୟ କୁମାର ସ୍ୱାଇଁଙ୍କୁ ପଚାରିବାରୁ ସେ କହିଛନ୍ତି ଏ ବିଷୟରେ ମୁଁ ଅବଗତ ଅଛି ଏବଂ ଖଣି ବିଭାଗକୁ ଅବଗତ କରାଇଛି। ଖଣି ବିଭାଗକୁ ତହସିଲଦାର ଜଣାଇ କାମ ସାରି ଦେଇ ଠିକାଦାରକୁ ମାଟି ଉଠାଇବାକୁ ସୁଯୋଗ ଦିଆଯାଉଛି କି ବୋଲି ପ୍ରଶ୍ନ ଉଠିଛି। ତେବେ ଠିକାଦାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉଛି କି ନାହିଁ ତାହା ଦେଖିବାକୁ ବାକି ରହିଲା।

## ବ୍ଲକସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ

ନବରଙ୍ଗପୁର,୧୬।୧୨ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲାର ବଡ଼ମସିଗାଁ ଠାରେ ଆଜି ବ୍ଲକ ସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦଘାଟିତ ହୋଇଛି। ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସାଂସଦ ଖେଳ ଉତ୍ସବର ଶୁଭାରମ୍ଭ କରିଛନ୍ତି। ସ୍ଥାନୀୟ ଗ୍ରାମ ଦେବତୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ କ୍ରୀଡା ମଶାଲ ପ୍ରଜ୍ୱଳିତ କରାଯାଇଥିଲା। ନବରଙ୍ଗପୁର ବିଡ଼ିଓ ଡ ସୁନୀଲ ଖରାଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ସାଂସଦ ଖେଳ ମହୋତ୍ସବର ଜିଲ୍ଲା ସଂଯୋଜକ ଅର୍ଜୁନ ତ୍ରିପାଠୀ, ସମାଜସେବୀ କୁଞ୍ଜ ବିହାରୀ ଦାସ, କୋର୍ କମିଟି ସଦସ୍ୟ ଜ୍ୟୋତି ରଞ୍ଜନ କଂସ, ବଡମସୀ ଗାଁ ସରପଞ୍ଚ କମଲେଶ୍ୱରି ନାୟକ, ଶର୍ମିଷ୍ଠା ଦେଓ, ସନ୍ତୋଷ ପାତ୍ର, ଅନ୍ୟାନ୍ୟ ସରପଞ୍ଚ ଓ ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



୩ ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ଖେଳ ମହୋତ୍ସବ ରେ କ୍ରିକେଟ, ଫୁଟବଲ, ଭଲିବଲ, ୧୦୦ ମିଟର, ୨୦୦ ମିଟର, କବାଡି, ଖୋକ, କୌତୁକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେବ।

## 'ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ - ୨୦୨୫' ଉପସ୍ଥାପିତ

# ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ସଶକ୍ତ କରିବ: କେନ୍ଦ୍ରମନ୍ତ୍ରୀ

- ସମନ୍ୱିତ ଏକାଡେମିକ୍ ମାନଦଣ୍ଡ ମାଧ୍ୟମରେ ଉଚ୍ଚଶିକ୍ଷାରେ ଉତ୍କର୍ଷତା ଆଣିବ
- ଉଚ୍ଚଶିକ୍ଷାରେ ପରିବର୍ତ୍ତନ ସହ ଜାତୀୟ ଶିକ୍ଷାନୀତି କଳ୍ପନାକୁ ଆଗେଇ ନେବ
- ଛତ୍ରଛାତ୍ରୀଙ୍କ କଲ୍ୟାଣ ସହ ଭବିଷ୍ୟତ ପାଇଁ ଯୁବକମାନଙ୍କୁ ପ୍ରସ୍ତୁତ କରିବ
- ମ୍ୟୁଚୁଆଲ ରେକଗନାଇଜେସନ ସହ ଦକ୍ଷତା ଓ ଉଦ୍ୟମିତାକୁ ପ୍ରୋତ୍ସାହିତ କରିବ



**ନୂଆଦିଲ୍ଲୀ/ଭୁବନେଶ୍ୱର, ୧୬।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଲୋକସଭାରେ 'ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ - ୨୦୨୫' ଉପସ୍ଥାପନ କରିବା ପରେ ନୂଆଦିଲ୍ଲୀ ଠାରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି। ସେ ଏହି ବିଲ୍ ଉପରେ କହିଛନ୍ତି, ଦେଶରେ ଶିକ୍ଷା କ୍ଷେତ୍ରରେ ଅନେକ ସଂସ୍କାର ଅଣାଯାଉଥିବା ବେଳେ 'ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ - ୨୦୨୫' ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ସ୍ୱାୟତ୍ତତା ପ୍ରଦାନ କରିବା ସହ ସଶକ୍ତ କରିବ। ଏହି ବିଲ୍ ର ଉଦ୍ଦେଶ୍ୟ ହେଉଛି ପ୍ରଭାବଶାଳୀ ସମନ୍ୱୟ ଏବଂ ମାନଦଣ୍ଡର ନିର୍ଦ୍ଧାରଣ ମାଧ୍ୟମରେ ଭାରତର ଉଚ୍ଚ ଶିକ୍ଷା ଅନୁଷ୍ଠାନ ଗୁଡ଼ିକୁ ଉତ୍କର୍ଷତା ହାସଲ କରିବା ପାଇଁ ସଶକ୍ତ କରିବା। ଏହି ବିଧେୟକର ମୁଖ୍ୟ ଲକ୍ଷ୍ୟ ହେଉଛି ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟାନ୍ୟ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ଶିକ୍ଷାଦାନ, ଶିକ୍ଷଣ, ଗବେଷଣା ତଥା ଉଦ୍ଭାବନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବା ପାଇଁ ଶକ୍ତିଶାଳୀ କରିବା ଏବଂ ଏକ ସୁଦୃଢ଼ ଓ ସ୍ୱଚ୍ଛ ମାନ୍ୟତା ତଥା ସ୍ୱୟଂଶାସନ ବ୍ୟବସ୍ଥା ମାଧ୍ୟମରେ ଉତ୍କର୍ଷକୁ ପ୍ରୋତ୍ସାହିତ କରିବା। ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ମାନଦଣ୍ଡ ସ୍ଥିର କରିବା, ନିୟମାବଳୀରେ ସମନ୍ୱୟ ରକ୍ଷା କରିବା ଏବଂ ଉତ୍କର୍ଷତା, ସ୍ୱୟଂଶାସନ ଓ ସ୍ୱଚ୍ଛ ମାନ୍ୟତାକୁ ପ୍ରୋତ୍ସାହିତ କରିବା ପାଇଁ 'ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ' ପ୍ରତିଷ୍ଠା କରିବା। ସେ କହିଛନ୍ତି ଯେ ଏହି ଆଇନ ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟାନ୍ୟ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ସ୍ୱାଧୀନ ସ୍ୱ-ପରିଚାଳିତ ଅନୁଷ୍ଠାନ ହେବା ପାଇଁ ସୁବିଧା ଯୋଗାଇବାକୁ ଚେଷ୍ଟା କରିବ।

ଏହି ବିଲ୍ ତିନୋଟି ପରିଷଦ ସହିତ ଏକ ଶୀର୍ଷ ସଂସ୍ଥା ଭାବରେ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ପ୍ରତିଷ୍ଠା ପାଇଁ ବ୍ୟବସ୍ଥା କରେ। ବିକଶିତ ଭାରତ ଶିକ୍ଷା ବିନିୟମନ ପରିଷଦ (ରେଗୁଲେଟରୀ କାଉନସିଲ), ବିକଶିତ ଭାରତ ଶିକ୍ଷା ଗୁଣବତ୍ତା ପରିଷଦ (ଆକ୍ରିଡେସନ କାଉନସିଲ) ଏବଂ ବିକଶିତ ଭାରତ ଶିକ୍ଷା ମାନକ ପରିଷଦ (ଷ୍ଟାଣ୍ଡାର୍ଡ କାଉନସିଲ)।

ଏହି ବିଲ୍ ମ୍ୟୁଚୁଆଲ ରେକଗନାଇଜେସନ, ମଲଟି ଡିସିପ୍ଲିନାରୀ, ଇଣ୍ଟର ଡିସିପ୍ଲିନାରୀ, ସହ ଦକ୍ଷତା ଓ ଉଦ୍ୟମିତାକୁ ପ୍ରୋତ୍ସାହିତ କରିବ।

## ବିଜେଡି ବିଧାୟକ ଭୁଲିଗଲେ ଶାଳୀନତା

- ମଞ୍ଚ ଉପରେ ଅପଶବ୍ଦ ବ୍ୟବହାର କରୁଛନ୍ତି ନେତା

**ଭୁବନେଶ୍ୱର, ୧୬।୧୨ (ସଂଚାର ବ୍ୟୁରୋ):** ବିଜେପି କର୍ମୀଙ୍କୁ ବିଜେଡି ବିଧାୟକଙ୍କ ଅସଭ୍ୟ ଭାଷାରେ ଗାଳିଗୁଲଜ। ଅବସର ଥିଲା ନବରଙ୍ଗପୁର ଜିଲ୍ଲାର ସାଂସ୍କୃତିକ ମହୋତ୍ସବ ମଣ୍ଡେଇ। ମଞ୍ଚରେ ଥିଲେ ନେତା, ମନ୍ତ୍ରୀ ଓ ବିଧାୟକ। ତଳେ ବସି ଶୁଣୁଥିଲେ ଦର୍ଶକ। ଏତିକି ବେଳେ ସ୍ଥାନୀୟ ପ୍ରଶାସନ ବିରୋଧରେ ଅସନ୍ତୋଷ ଝାଡ଼ିଥିଲେ ଡାବୁଗାଁ ବିଧାୟକ। ଯାହାର ପ୍ରତିବାଦ କରିଥିଲେ ମଞ୍ଚତଳେ ଥିବା ବିଜେପି କର୍ମୀ। ଆଉ ତା ପରେ ବିଧାୟକ ମନୋହର ରାନ୍ଧାରୀ ନିଜର ହିତାହିତ ଜ୍ଞାନ ଭୁଲି ଯାଇଥିଲେ।

ଜଣେ ଜନପ୍ରତିନିଧି ହୋଇ ଜନସାଧାରଣଙ୍କ ସମ୍ମୁଖରେ ଏଭଳି ଅପଶବ୍ଦ ପ୍ରୟୋଗ କରିଛନ୍ତି ଯେ, ତାକୁ ଶବ୍ଦରେ ବଖାଣିବା ବି ସମ୍ଭବ ନୁହେଁ। ବାକ୍ ଶାଳୀନତା ଭୁଲି ଯାଇଛନ୍ତି ବିଧାୟକ। ସର୍ବସମ୍ମୁଖରେ ନିଜ ତୁଣ୍ଡରେ ସଞ୍ଜମତା ରକ୍ଷା କରିବାକୁ ଉଚିତ୍ ମନେ କରିନାହାନ୍ତି। ନିଜ ବକ୍ତବ୍ୟ ରଖିବା ସମୟରେ ତାଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ କରି ଜିଲ୍ଲା ପ୍ରଶାସନ ଉପରେ ବର୍ଷିଥିଲେ। ବିଜେଡି ବିଧାୟକ ନିଜକୁ ବାଘ ଛୁଆ ବୋଲି ସମ୍ବୋଧନ କରିବା ସହ ପରୋକ୍ଷରେ ମଞ୍ଚରେ ଉପସ୍ଥିତ ବିଜେପି ନେତାଙ୍କୁ ଛେଳି ଛୁଆ ବୋଲି ଇଙ୍ଗିତ କରିଥିଲେ। ଯାହାକୁ ନେଇ ପରିବେଶ ଉତ୍ତେଜନାପୂର୍ଣ୍ଣ ହୋଇଥିଲା। କାରଣ ମଞ୍ଚ ତଳେ ଥିବା ବିଜେପି କର୍ମୀ ତାଙ୍କୁ ଦୃଢ଼ ପ୍ରତିବାଦ କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ବିଧାୟକ ରାନ୍ଧାରୀ ନିଜ ଭାଷାଗତ ଶାଳୀନତା ଭୁଲି, ଅଶ୍ଳୀଳ ଭାଷାରେ ବିଜେପି କର୍ମୀଙ୍କୁ ଗାଳିଗୁଲଜ କରିଥିଲେ। କିଛି ସମୟ ପରେ ନିଜ ଅଭିଭାଷଣ ରଖିବାକୁ ଆସି ଗଣଶିକ୍ଷା ମନ୍ତ୍ରୀ ମଧ ବିଧାୟକ ରାନ୍ଧାରୀଙ୍କ ବକ୍ତବ୍ୟକୁ ନିନ୍ଦା କରିଥିଲେ। ଅଭିଯୋଗର କାଉଣ୍ଟର କରି ବିଜେଡି ଶାସନର ୨୪ ବର୍ଷରେ ଯାହା ବିକାଶ ହୋଇନଥିଲା, ବର୍ତ୍ତମାନ ୧୭ ମାସରେ ଜିଲ୍ଲାର ତାଠାରୁ ଅଧିକ ବିକାଶ ହୋଇଥିବା ଯୁକ୍ତି ବାଢ଼ିଥିଲେ।

## ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ

- ଅମିତ ହାତ୍ୟାକାଣ୍ଡ ମାମଲା

**ପଟ୍ଟାମୁଣ୍ଡାଇ, ୧୬।୧୧ (ସଂଚାର ବ୍ୟୁରୋ):** ରାଜନୈତିକ ହିଂସାରେ ଜୀବନ ଯାଇଥିବା ଆଳି ବ୍ଲକର ସହିରା ଗ୍ରାମର ୪୩ ବର୍ଷୀୟା ଅମିତ କୁମାର ପାତ୍ରଙ୍କ ପରିବାରକୁ ଦୀର୍ଘ ଦୁଇବର୍ଷ ୮ ମାସ ପରେ ମିଳିଛି ନ୍ୟାୟ। ପଟ୍ଟାମୁଣ୍ଡାଇ ଏଡିଜେ କୋର୍ଟ ସେହି ଗ୍ରାମର ଅଭିଯୁକ୍ତ ରଶ୍ମିରଞ୍ଜନ ରାଉଳକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ରଶ୍ମିରଞ୍ଜନକୁ ୩୦୨ ଦଫାରେ ଆଜୀବନ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦେୟ ହେଲେ ଅତିରିକ୍ତ ଦୁଇବର୍ଷ କାରାଦଣ୍ଡ ଓ ୩୨୪ ଦଫାରେ ଦୁଇବର୍ଷ ସଶ୍ରମ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା କରିଛନ୍ତି ଅତିରିକ୍ତ ଜିଲ୍ଲା ଦୌରାଜଜ କୋର୍ଟ। ୨୪ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ବିଚାରପତି ଏହି ରାୟ ଶୁଣାଇଛନ୍ତି। ଗତ ୨୦୨୩ ଏପ୍ରିଲ ମାସ ୧୪ ତାରିଖ ପଣା ସଂକ୍ରାନ୍ତି ଦିନ ଦହିଅଣ୍ଟା ଗ୍ରାମରେ ଏକ ଭୋଜିଖାଇ ହାତ ଧୋଇବା ସମୟରେ ଅଭିଯୁକ୍ତ ସହିରା ଗ୍ରାମର ରଶ୍ମିରଞ୍ଜନ ରାଉଳ ରାଜନୈତିକ ହିଂସା ପାଇଁ ଅତର୍କିତ ଭାବେ ଏକ ଛୁରୀରେ ତାଙ୍କ ଛାତିକୁ ବାରମ୍ବାର ଆଘାତ କରିଥିଲା। ଫଳରେ ସେହି ସ୍ଥାନରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣା ସ୍ଥଳରୁ ଦୋଷୀ ରଶ୍ମିରଞ୍ଜନ ଖସି ପଳାଇଥିଲା। ୨୦୨୩ ଏପ୍ରିଲ ମାସ ୧୬ ତାରିଖରେ ତାଙ୍କ ଶ୍ୱଶୁର ଘରେ ଛକି ରହିଥିବା ବେଳେ ଆଳି ପୁଲିସ ଅଧ ରତିରେ ତାଙ୍କୁ ଗିରଫ କରିଥିଲା। ସେବେଠୁ ବାରିମୂଳ ଜେଲରେ ରଶ୍ମିରଞ୍ଜନଙ୍କୁ ରଖା ଯାଇଥିଲା। ଦୋଷୀ ସାବ୍ୟସ୍ତ କରିଛି କୋର୍ଟ। ରାୟ ଆସିବ ପରେ ସତ୍ୟର ଜୟ ବୋଲି କୋହଭରା କଣ୍ଠରେ କହିଛନ୍ତି ମୃତ ଅମିତଙ୍କ କକା।

## ହୋମ୍‌ଗାର୍ଡ ପରୀକ୍ଷା: ୧୮୭ ପଦବି ପାଇଁ ୯ ହଜାରରୁ ଉର୍ଦ୍ଧ୍ୱ ପ୍ରାର୍ଥୀ

# ଭାଗନେଲେ ଏମବିଏ, ଏମସିଏ ଡିଗ୍ରିଧାରୀ



**ସମ୍ବଲପୁର, ୧୬।୧୧ (ସଂଚାର ବ୍ୟୁରୋ):** ସମ୍ବଲପୁର ପୁଲିସ ଦ୍ୱାରା ମଙ୍ଗଳବାର ଆୟୋଜିତ ହୋମଗାର୍ଡ ନିଯୁକ୍ତି ପରୀକ୍ଷାରେ ଅନେକ ଉଚ୍ଚଶିକ୍ଷିତ ପ୍ରାର୍ଥୀ ଉପସ୍ଥିତ ଦେଖିବାକୁ ମିଳିଛି। ଯଦିଓ ଏହି ଚାକିରି ପାଇଁ ନ୍ୟୁନତମ ଶିକ୍ଷାଗତ ଯୋଗ୍ୟତା କେବଳ ପଞ୍ଚମ ଶ୍ରେଣୀ ଆବଶ୍ୟକ। ତଥାପି ୨୪ଟି ପୁଲିସ ଷ୍ଟେସନରେ ମାତ୍ର ୧୮୭ଟି ହୋମଗାର୍ଡ ପଦବି ପାଇଁ ଆଶ୍ଚର୍ଯ୍ୟଜନକ ଭାବେ ୯ ହଜାର ଉର୍ଦ୍ଧ୍ୱ ପ୍ରାର୍ଥୀ ଉପସ୍ଥିତ ହୋଇଥିବା ନେଇ ସୂଚନା ଦେଇଛନ୍ତି ହୋମଗାର୍ଡ ଡିଏସପି ବିଲକିସ୍ ବାନୋ ବିବି।

ଆବେଦନକାରୀଙ୍କ ଶିକ୍ଷାଗତ ଯୋଗ୍ୟତାସ୍ତର ଆଶ୍ଚର୍ଯ୍ୟଜନକ। କାରଣ ଅନେକ ସ୍ନାତକ, ଇଞ୍ଜିନିୟର, ଏମବିଏ, ଏମସିଏ, ଡିପ୍ଲୋମା, ଆଇଟିଆଇ ଏବଂ କମ୍ପ୍ୟୁଟର ବିଜ୍ଞାନଧାରୀ ଅଟନ୍ତି। ଏହି ଚାକିରିରେ ଦୈନିକ ମଜୁରୀ ୬୧୨ ଟଙ୍କା ଯାହା ମାସିକ ୧୮ ହଜାର ୩୬୦ ଟଙ୍କା। ମୋଟେଇ ବେତନ ଏବଂ ମୌଳିକ ଯୋଗ୍ୟତା ମାନଦଣ୍ଡ ସତ୍ତ୍ୱେ ନିଯୁକ୍ତି ଅଭିଯାନରେ ଉପସ୍ଥିତି ଯୁବକମାନଙ୍କ ମଧ୍ୟରେ ବିଶେଷକରି ଉଚ୍ଚଶିକ୍ଷା ଡିଗ୍ରିଧାରୀଙ୍କ ମଧ୍ୟରେ ଚାକିରି ପାଇଁ ବଢ଼ୁଥିବା ଅନୁସନ୍ଧାନକୁ ପ୍ରତିଫଳିତ କରିଛି। ସମ୍ବଲପୁର ଜିଲ୍ଲାରେ ପୁଲିସ ଗାଡ଼ି ଚାଳକ ଓ କମ୍ପ୍ୟୁଟର କାର୍ଯ୍ୟ ପାଇଁ ଏହି ପଦବି ସୃଷ୍ଟି କରାଯାଇଥିଲା, ଯାହାର ଶିକ୍ଷାଗତ ଯୋଗ୍ୟତା ପଞ୍ଚମ ଶ୍ରେଣୀ ରଖା ଯାଇଥିଲା। କିନ୍ତୁ ଆଜିର ପରୀକ୍ଷାରେ ଉଚ୍ଚଶିକ୍ଷିତ ପ୍ରାର୍ଥୀ ଯୋଗଦେଇ ପ୍ରମାଣ କରିଛନ୍ତି ରାଜ୍ୟରେ ନିଯୁକ୍ତିର ଘୋର ଅଭାବ ରହିଛି। ଯେଉଁଥି ପାଇଁ ଉଚ୍ଚଶିକ୍ଷିତ ପ୍ରାର୍ଥୀମାନେ ହୋମଗାର୍ଡ ନିଯୁକ୍ତିରେ ନିଜକୁ ସାମିଲ କରିଛନ୍ତି। ଏହି ନିଯୁକ୍ତି ପ୍ରକ୍ରିୟା ଜମାଦାରପାଲି ଏୟାର୍ ଷ୍ଟ୍ରିପ୍ ସକାଳୁ ଆରମ୍ଭ ହୋଇଥିଲା। ସକାଳ ୬ଟାରୁ ରିପୋର୍ଟିଂ ସମୟ ଥିବା ବେଳେ ପିଲାମାନଙ୍କୁ ପଡ଼ିଆ ଭିତରକୁ ୯ଟା ସମୟରେ ପ୍ରବେଶ କରିବା ପାଇଁ ଦିଆଯାଇଥିଲା। ପରେ ୧୦.୩୦ରେ ପିଲାଙ୍କୁ ପରୀକ୍ଷା ପ୍ରଶ୍ନପତ୍ର ଦିଆଯାଇଥିଲା। ଏଥି ସହିତ ୨୦ ନମ୍ବର ପାଇଁ ୩୦ ମିନିଟର ପାରାଗ୍ରାଫ୍ ଲେଖିବାକୁ ସମୟ ଦିଆଯାଇଥିଲା। ଏହାପରେ ଏକ ଘଣ୍ଟା ପାଇଁ ୩୦ ନମ୍ବରର ସାଧାରଣ ଜ୍ଞାନ ପରୀକ୍ଷା ହୋଇଥିଲା।

## ପୀତବାସ ପଣ୍ଡା ହତ୍ୟା ମାମଲା

# ବିକ୍ରମ ଓ ପିଣ୍ଟୁଙ୍କ ସମେତ ୫ଜଣଙ୍କ ଜାମିନ୍ ଖାରଜ





**ବ୍ରହ୍ମପୁର, ୧୬।୧୨ (ସଂଚାର ବ୍ୟୁରୋ):** ବିଜେପି ନେତା ତଥା ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡରେ ଗିରଫ ହୋଇଥିବା ପୂର୍ବତନ ବ୍ରହ୍ମପୁର ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡା, ପୂର୍ବତନ ମେୟର ଶିବଶଙ୍କର ଦାସ ଓରଫ ପିଣ୍ଟୁଙ୍କ ସମେତ ୫ଜଣଙ୍କ ଜାମିନ ଆବେଦନ ଖାରଜ ହୋଇଛି। ଏମାନଙ୍କ ଜାମିନ ଆବେଦନ ଏଡିଜେ-୩ କୋର୍ଟ ଖାରଜ କରିଛନ୍ତି। ସୂଚନାଯୋଗ୍ୟ, ପୀତାବାସ ହତ୍ୟାକାଣ୍ଡର ୧୭ ଦିନ ପରେ ବ୍ରହ୍ମପୁର ପୁଲିସ ରହସ୍ୟ ଉନ୍ମୋଚନ କରିବା ସହ ଏହି ମାମଲାରେ ୧୨ ଜଣଙ୍କୁ ଗିରଫ କରିଥିଲା। ହତ୍ୟାକାଣ୍ଡରେ ପୂର୍ବତନ ବ୍ରହ୍ମପୁର ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡା, ପୂର୍ବତନ ମେୟର ଶିବଶଙ୍କର ଦାସ ଓରଫ ପିଣ୍ଟୁଙ୍କୁ ପୁଲିସ ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ଦର୍ଶାଇଛି। ଜାମିନ ନାମଞ୍ଜୁର ପରେ ସମସ୍ତ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବ୍ରହ୍ମପୁର ଏସ୍‌ପି ଡା. ଶରବଣା ବିବେକ ଏମ୍ ହତ୍ୟା ଷଡ଼ଯନ୍ତ୍ର ଠାରୁ ଆରମ୍ଭ କରି ଅଭିଯୁକ୍ତଙ୍କ ଭୂମିକା ଉପରେ ବିସ୍ତୃତ ତଥ୍ୟ ରଖିଥିଲେ। ପୀତବାସଙ୍କୁ ହତ୍ୟା କରିବାକୁ ବହୁ ଆଗରୁ ଯୋଜନା ହୋଇଥିଲା। ଏଥିପାଇଁ ହିଞ୍ଜିଳିର ବିପିନ ସ୍ୱାଇଁ ବିହାରୀ ସାର୍ପସୁଟର୍ ଶିଶୁପାଳ କୁମାର ପାଶ୍ୱାନ ଓ କୁନ୍ଦନ କୁମାରଙ୍କୁ ଯୋଗାଡ଼ କରିଥିଲା। ସେମାନେ ସେପ୍ଟେମ୍ବର ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ବ୍ରହ୍ମପୁର ଅଳକାପୁରୀ ଅଞ୍ଚଳର ଶୂନ୍ୟ ଦାସଙ୍କ ଘରେ ଭଡ଼ାରେ ରହିଥିଲେ। ହିଞ୍ଜିଳିର ବିପିନ ଓ ବଡ଼ଗଡ଼ର ସୀମାଞ୍ଚଳ ନାୟକ ଏମାନଙ୍କ ସହ ମିଶି ରେକି କରିଥିଲେ।

## ବିଚାରାଧୀନ କଏଦୀଙ୍କ ମୃତ୍ୟୁ

**ବାଲିଗୁଡ଼ା, ୧୬।୧୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ହୋଇଛି। ବାଲିଗୁଡ଼ା ଉପ କାରାଗାରରେ ବିଚାରାଧୀନ କଏଦୀଙ୍କ ଛାତିରେ ଯନ୍ତ୍ରଣା ହେବାରୁ ଜେଲ୍ କର୍ତ୍ତୃପକ୍ଷ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ କଏଦୀ ଟିକାବାଲି ଥାନା ବଡ଼ିମୁଣ୍ଡା ଅଞ୍ଚଳର ହେରଦ ଦିଗାଳ। ହେରଦ ଗତ ୨୦୨୫ ଅକ୍ଟୋବର ମାସରେ ଜି.ଉଦୟଗିରି ଜେଲରୁ ବାଲିଗୁଡ଼ା ଉପକାରାଗାରକୁ ଆସିଥିଲେ।

## ଏନ୍‌କାଉଣ୍ଟରରେ କୁଖ୍ୟାତ ଅପରାଧୀ ବୁଦ୍ଧିଆ ଗୁରୁତର

**ଭଦ୍ରକ, ୧୬।୧୨ (ସଂଚାର ବ୍ୟୁରୋ):** ଜଣେ ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ଭଦ୍ରକ ପୁଲିସ ଏନ୍‌କାଉଣ୍ଟର କରିଛି। ଭଦ୍ରକ ଏସପି ମନୋଜ ରାଉତ ଏନେଇ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ଚରମ୍ପା ମାଲଗୋଦାମ ଅଞ୍ଚଳରେ ଡକାୟତି କରିବାକୁ ଆସିଥିବା କମଳାକାନ୍ତ ଦାସକୁ ଟାଉନ ପୁଲିସ ଏନ୍‌କାଉଣ୍ଟର କରିଛି। ଅପରାଧୀର ଗୋଡ଼ରେ ଗୁଳି ବାଜି ଥିବାବେଳେ ସେ ଗୁରୁତର ଭାବରେ ଆହତ ହୋଇଛି। ତାକୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। କମଳାକାନ୍ତ ନିକଟରୁ ଅଫୁଟା ଗୁଳି ଜବତ ହୋଇଛି। କମଳାକାନ୍ତ ପ୍ରଥମେ ପୁଲିସ ଉପରକୁ ୪ ରାଉଣ୍ଡ ଗୁଳି ଚଳାଇଥିଲା। ଏହାର ପାଲଟା ଜବାବ ଦେଇ କମଳାକାନ୍ତକୁ ଗୋଟିଏ ରାଉଣ୍ଡ ଗୁଳିମାଡ଼ ହୋଇଥିଲା। କମଳାକାନ୍ତର ଅନ୍ୟ ସହଯୋଗୀ ଫେରାର ଅଛି। କମଳାକାନ୍ତ ଆଜି ବ୍ୟାଙ୍କ ଓ ସୁନା ଦୋକାନ ଡକାୟତି କରିବା ପାଇଁ ଯୋଜନା କରିଥିଲା। ଚରମ୍ପା ମାଲଗୋଦାମ ଅଞ୍ଚଳରେ ସୁନା ଦୋକାନରେ ଡକାୟତି କରିବାକୁ ଆସିଥିବା ବାଲେଶ୍ୱର ଜିଲ୍ଲା ସୋର ବ୍ଲକ୍ ଅନ୍ତର୍ଗତ ମଧୁସୂଦନପୁର ପଞ୍ଚାୟତର ବୁଢ଼େଇ ଗ୍ରାମର ଦୁର୍ଦ୍ଧାନ୍ତ ଡକାୟତ ବୁଦ୍ଧିଆ ଓରଫ କମଳାକାନ୍ତ ଦାସକୁ ଟାଉନ ପୁଲିସ ଏନ୍ କାଉଣ୍ଟର କରିଛି। ଏହି ଘଟଣାରେ ପୁଲିସର ତଦନ୍ତକାରୀ ଟିମ୍ ତନାଘନା ଆରମ୍ଭ କରିଛି।। ସହରର ବିଭିନ୍ନ ସ୍ଥାନରେ ଭଦ୍ରକ ଟାଉନ ଆଇଆଇସି ପ୍ରଭାଂଶୁ ମିଶ୍ରଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଉଛି। କମଳାକାନ୍ତ ନାଆଁରେ ବାଲେଶ୍ୱର ଜିଲ୍ଲାର ଅଧିକାଂଶ ଥାନାରେ ବହୁ ମାମଲା ରହିଛି।

## ମା' ତାରିଣୀଙ୍କ ହୁଣ୍ଡିରୁ ମିଳିଲା ୨୯,୭୨,୫୧୬ ଟଙ୍କା



**କେନ୍ଦୁଝର, ୧୬।୧୨ (ସଂଚାର ବ୍ୟୁରୋ):** କେନ୍ଦୁଝରର ରାଷ୍ଟ୍ରଦେବୀ ମା' ତାରିଣୀଙ୍କ ହୁଣ୍ଡିମାନଙ୍କରେ ଥିବା ଭକ୍ତଙ୍କ ଭେଟି ହିସାବରେ ଆସିଥିବା ଟଙ୍କା, ସୁନା ଓ ରୁପା ଖୋଲାଯାଇ ଗଣତି କରାଯାଇଛି। ମନ୍ଦିର ପରିସରରେ ଥିବା ୧୩ଟି ହୁଣ୍ଡିର ଗଣତି ହୋଇଥିବା ଜଣାପଡିଛି। ଏଥିରୁ ୨୯ ଲକ୍ଷ ୭୨ ହଜାର ୫୧୬ ଟଙ୍କା ମିଳିଛି। ଏହା ଛଡ଼ା ୧୭ଗ୍ରାମ ୮୮୦ ମିଲିଗ୍ରାମ ସୁନା, ୨୪୦ମିଲିଗ୍ରାମ ରୁପା ମଧ ମିଳିଛି। ୮୭୬ଗ୍ରାମ ହୁଣ୍ଡିରୁ ମିଳିଛି। ଦେବୋତ୍ତର ବିଭାଗର ଡିଭିଜନାଲ ଇନ୍ସପେକ୍ଟର ଦକ୍ଷିଣ କୁମାର ମାରାଣ୍ଡି, ଦେବୋତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଂଜୀବ କୁମାର ମହାପାତ୍ର, ପୁଲିସ କର୍ମଚାରୀ ମଦନମୋହନ ପୃଷ୍ଟିଙ୍କ ଉପସ୍ଥିତିରେ ଏହି ଗଣତି କାର୍ଯ୍ୟ ହୋଇଥିଲା। ମନ୍ଦିରର ବରିଷ୍ଠ କର୍ମଚାରୀ ଅବନୀ ଜେନା, ହରେକୃଷ୍ଣ ପଲେଇ, ଶରତ ବେହେରା, ମହେଶ୍ୱର ସାହୁ, ରଞ୍ଜନ ସାହୁ, ଅରୁଣ କୁମାର ନାୟକ, ଶ୍ରୀକାନ୍ତି ଦେହୁରୀ, ନବୀନ ମହାନ୍ତି, କାଳନ୍ଦୀ ମହାନ୍ତି, ତୁଷାରକାନ୍ତି ରାଉତ, ଲକ୍ଷ୍ମୀଧର ମହାନ୍ତି, ଦେବଦତ ବଳ, ପରମେଶ୍ୱର ବଳ, ସନାତନ ନାଏକ, ତରଣୀସେନ ରାଉତ, ତୁଷାରକାନ୍ତ ରାଉତ, ସନିଆ ମୁଖୀ, ବ୍ୟାଙ୍କ କର୍ମଚାରୀ ଉପସ୍ଥିତ ଏବଂ ପୋଲିସ ମଧ ଉପସ୍ଥିତ ରହି ଗଣତି କାର୍ଯ୍ୟରେ ସାହାଯ୍ୟ କରିଥିଲେ।

## ଭିଜିଲାନ୍ସ ପଞ୍ଝାରେ କନିଷ୍ଠ ଯନ୍ତ୍ରୀ

- ଆଲୋକୀକରଣ ଅର୍ଥକୁ ହେରଫେର କରିଥିଲେ



**କେନ୍ଦ୍ରାପଡ଼ା, ୧୬।୧୨ (ସଂଚାର ବ୍ୟୁରୋ):** ୯ଲକ୍ଷ ୭୦ ହଜାର ଟଙ୍କା ହେରଫେର କରିବା ଘଟଣାରେ କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ କନିଷ୍ଠ ଯନ୍ତ୍ରୀ ରତ୍ନେଶ ପାଣ୍ଡେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଶ୍ରୀ ପାଣ୍ଡେଙ୍କୁ ଗିରଫ କରାଯିବା ପରେ ଭିଜିଲାନ୍ସ ବିଭାଗ ଅଧିକାରୀ ତାଙ୍କୁ କଟକ ନେଇଯାଇଛନ୍ତି। କଟକ ଭିଜିଲାନ୍ସ ଥାନାରେ ତାଙ୍କ ବିରୋଧରେ ୩୫/୨୦୨୫ରେ ଏକ ମାମଲା ରୁଜୁ ହୋଇଛି। ଶ୍ରୀ ପଣ୍ଡା ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ଜାଗାରେ ଆଲୋକୀକରଣ କରିବା ପାଇଁ ସରକାରୀ ଖାତାରୁ ନିଜ ଆକାଉଣ୍ଟକୁ ୯ଲକ୍ଷ ୭୦ହଜାର ଟଙ୍କା ନେଇଯାଇଥିଲେ। ୨୦୨୩-୨୪ ଆର୍ଥିକ ବର୍ଷରେ ସେ ଏହି ଟଙ୍କା ନେଇଥିଲେ ମଧ ଏହାକୁ କାର୍ଯ୍ୟରେ ଲଗାଇ ନଥିଲେ। ତେଣୁ ତାଙ୍କ ବିରୋଧରେ ବିଭିନ୍ନ ବ୍ୟକ୍ତିଙ୍କ ପକ୍ଷରୁ କଟକ ଭିଜିଲାନ୍ସ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ଭିଜିଲାନ୍ସ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଶ୍ରୀ ପଣ୍ଡାଙ୍କ ବିରୋଧରେ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତରୁ ଜଣାପଡିଥିଲା ଯେ, କନିଷ୍ଠ ଯନ୍ତ୍ରୀ ଶ୍ରୀ ପାଣ୍ଡେଙ୍କର ଭାରତୀୟ ଷ୍ଟେଟ ବ୍ୟାଙ୍କ ପିପିଲି ଶାଖାରେ ଏକ ଆକାଉଣ୍ଟ ରହିଛି। ସେହି ଆକାଉଣ୍ଟକୁ ଶ୍ରୀ ପଣ୍ଡା ୯ ଲକ୍ଷ ୭୦ ହଜାର ଟଙ୍କା ଟ୍ରାନ୍ସଫର କରିଛନ୍ତି। କିନ୍ତୁ ଟଙ୍କାକୁ ଷ୍ଟ୍ରୀଟ ଲାଇଟ ଲଗାଇବାରେ ବିନିଯୋଗ ନକରି ନିଜେ ହଡ଼ପ କରିଦେଇଛନ୍ତି।

## ୧୯୨ ଗ୍ରାମ ଧଳାଜହର ଜବତ, ଜଣେ ଗିରଫ

- ମୂଲ୍ୟ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା
- ସ୍ମାଟଫୋନ ସହ ୧୭ଶହ ଟଙ୍କା ଜବତ



**କାକଟପୁର/ଅସ୍ତରଙ୍ଗ, ୧୬।୧୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ନିମାପଡା ଅବକାରୀ ଥାନା ପୁଲିସକୁ ସଫଳତା ମିଳିଛି। ୨୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଧଳାଜହର ଜବତ ହୋଇଛି। ଅବକାରୀ ପୁଲିସ ଏହି ଘଟଣାରେ ଜଣକୁ ଗିରଫ କରିଛି। ଗିରଫ ଯୁବକ ଜଣକ ଅସ୍ତରଙ୍ଗ ବ୍ଲକ ଖଣ୍ଡାସାହି ଗ୍ରାମର ପ୍ରତାପ ନାୟକ (୪୩)। ତେବେ ପ୍ରତାପଙ୍କ ନିକଟରୁ ୧୯୨ଗ୍ରାମର ଧଳା ଜହର ଜବତ କରିଛି ଅବକାରୀ ବିଭାଗ।

ବିଶେଷସୂତ୍ରରୁ ଖବର ପାଇଁ ପୁରୀ ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡା ଅବକାରୀ ଥାନା ଅଧିକାରୀ ପ୍ରଭାକର ସେଠୀ ଙ୍କ ନେତୃତ୍ୱରେ ଏକ ଟିମ୍ ମଙ୍ଗଳବାର ମଧ୍ୟାହ୍ନରେ ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଖଣ୍ଡାସାହି -ତାଳଦା ପୋଲ ପାର୍ଶ୍ୱବର୍ତ୍ତୀ ଦେବୀ ନଦୀ କେନାଲ ରାସ୍ତା ନିକଟରେ ଚଢ଼ାଉ କରି ପ୍ରତାପ ନାୟକ (୪୩)ଙ୍କୁ ଗିରଫ କରି ଧଳାଜହର ଜବତ କରିବାରେ ସକ୍ଷମ ହୋଇଛନ୍ତି। ପ୍ରତାପଙ୍କ ନିକଟରୁ ୧୯୨ଗ୍ରାମ ଧଳା ଜହର ଜବତ କରିଥିବା ବେଳେ ଯାହାର ଆନୁମାନିକ ମୂଲ୍ୟ ୨୦ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଅନୁମାନ କରାଯାଇଛି। ଏହା ସହ ଅଭିଯୁକ୍ତଠାରୁ ଏକ ସ୍ମାର୍ଟଫୋନ ସହ ୧୭ଶହ ଟଙ୍କା ଜବତ କରିଥିଲା ଅବକାରୀ ପୁଲିସ। ଏ ନେଇ ଅବକାରୀ ଥାନା କେସ ନମ୍ବର ୭୯/୨୫-୨୬ରେ ଏନଡ଼ିପିଏସ ମାମଲା ରୁଜୁ କରି କୋର୍ଟ ଚାଲଣ କରି ଜାମିନ ନାମଞ୍ଜୁର ହେବାରୁ ନିମାପଡା ଉପକାରାଗାରକୁ ପଠାଯାଇଛି।

## ବିଦ୍ୟାଳୟରୁ ଚାଉଳ ହଡ଼ପ ଘଟଣା

# ଫାଟକରେ ତାଲା ମାରି ଅଭିଭାବକଙ୍କ ପ୍ରତିବାଦ



**ଖଣ୍ଡପଡ଼ା, ୧୬।୧୨ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଶିଖରପୁର ଉଚ୍ଚ ବିଦ୍ୟାଳୟରୁ ଚାଉଳ ହଡ଼ପ ଘଟଣାରେ ତାତିଲେ ଅଭିବାବକ। ଫଳରେ ବିଦ୍ୟାଳୟ ଫାଟକରେ ତାଲା ମାରି ପ୍ରତିବାଦ କରିବା ସହିତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଅଭିଭାବକ ଓ ସ୍ଥାନୀୟ ଜନତା। ମିଳିଥିବା ସୂଚନା ଅନୁଯାୟୀ ଗତ ଦୁଇଦିନ ହେବ ବିଦ୍ୟାଳୟରୁ ପଞ୍ଚାୟତର ପୂର୍ବତନ ସରପଞ୍ଚ ବାଇକ ଯୋଗେ ଚାଉଳ ବୋହିବା ଘଟଣାର ଭିଡିଓ ଭାଇରାଲ ହୋଇଥିଲା। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହିତ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଥିଲେ ସ୍ଥାନୀୟ ବାସିନ୍ଦା।

ତେବେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ ଆଳରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଘଣ୍ଟ ଘୋଡ଼ାଯାଉଥିବା ବେଳେ ଘଟଣା ଚପାଇବାକୁ ଉଦ୍ୟମ ହେଉଥିବା ଅଭିଯୋଗ କରି ଆଜି ବହୁ ଅଭିଭାବକ ବିଦ୍ୟାଳୟ ଫାଟକରେ ତାଲା ମାରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ୧୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ତିନି ଗିରଫ



**ଜଗତସିଂହପୁର, ୧୬।୧୨ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲାରେ ୨୮ କେଜି ଗଞ୍ଜେଇ ଜବତ ହୋଇଛି। ଜଗତସିଂହପୁର ଜିଲ୍ଲା ପୁଲିସ ଏସପିଙ୍କ ନିର୍ଦ୍ଦେଶରେ 'ଅପରେସନ କ୍ଲିନ' ଜରିଆରେ ମିଳିଛି ସଫଳତା। ବିରିଡି ଥାନା ଠାରେ ପୁଲିସ ପାଟ୍ରୋଲିଂ ବେଳେ ଗଞ୍ଜେଇ ବ୍ୟବସାୟୀ ରାକେଟକୁ ଧରିବାରେ ସଫଳ ହୋଇଛି। ୨୮ କେଜି ଗଞ୍ଜେଇ ସହିତ ଏକ କାର , ୪ ଟି ମୋବାଇଲ ଫୋନ ସହ ତିନି ଜଣଙ୍କୁ ଗିରଫ କରିଛି ବିରିଡି ପୁଲିସ। ତିନିଜଣ ଯାକ କନ୍ଧମାଳର ଗଞ୍ଜେଇ ବେପାରୀ ବୋଲି ଜଣାପଡ଼ିଛି। ଏଥିନେଇ ବିରିଡି ଥାନାରେ ଏସଡିପିଓ ଓ ଥାନା ଆଇଆଇସି ଏକ ସାମ୍ବାଦିକ ସମିଳନୀରେ କହିଛନ୍ତି। ଏହି ଗଞ୍ଜେଇକୁ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଜାଗାରେ ବେପାରୀମାନଙ୍କୁ ବିକ୍ରି କରନ୍ତି। ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ। ଆସାମୀମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

## ଉଦ୍ଧାର ନାବାଳିକା ଗଲା ଶିଶୁଯତ୍ନ ପ୍ରତିଷ୍ଠାନ

**ଜୟପୁର, ୧୬।୧୨ (ସଂଚାର ବ୍ୟୁରୋ):** ଜୟପୁର ଇରିଗେସନ କଲୋନୀରେ ରବିବାର ନାବାଳିକା ଝିଅକୁ ବଳିଦେବା ପାଇଁ ମା' ଉଦ୍ୟମ କରିଥିବା ଘଟଣାରେ ଶିଶୁମଙ୍ଗଳ ସମିତି ନିର୍ଦ୍ଦେଶ କ୍ରମେ ନାବାଳିକାକୁ କୋରାପୁଟ୍ ସ୍ଥିତ ଶିଶୁ ଯତ୍ନ ପ୍ରତିଷ୍ଠାନରେ ରଖାଯାଇଛି। ରବିବାର ଟାଉନଥାନା ପୁଲିସ ଇରିଗେସନ କଲୋନୀରୁ ନାବାଳିକାକୁ ଉଦ୍ଧାର କରିବା ପରେ ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସା କରିଥିଲା। ଚିକିତ୍ସା ପରେ ଶିଶୁମଙ୍ଗଳ ସମିତି କର୍ମୀ ତପସ୍ୱିନୀ ପାଢ଼ି ଓ ଦୁଇ ସୁପରଭାଇଜର ପଦ୍ମିନୀ ଭତ୍ରା ଓ ମିନତୀ ଖେମୁଣ୍ଡୁ ଆସି ଝିଅ ଏବଂ ୨ ପୁଅଙ୍କୁ ଆସି କୋରାପୁଟ ଶିଶୁ ମଙ୍ଗଳ ବିଭାଗରେ ଦାଖଲ କରି ଶିଶୁ ଯତ୍ନ ପ୍ରତିଷ୍ଠାନରେ ରଖିଛନ୍ତି। ଆସନ୍ତା ୨ଦିନ ପରେ ଝିଅକୁ କାଉନସିଲିଙ୍ଗ କରିବା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ତପସ୍ୱିନୀ ପାଢ଼ି ସୂଚନା ଦେଇଛନ୍ତି।

## ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ପାଇଁ ପ୍ରସ୍ତୁତି ବୈଠକ

- ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବୈଠକ
- ଜାନୁଆରୀ ମାସକୁ ଜାତୀୟ ସଡ଼କ ସୁରକ୍ଷା ମାସ ଭାବେ ପାଳନ କରାଯିବ
- ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ଗ୍ରହଣ ହେବ ବିଭିନ୍ନ ପଦକ୍ଷେପ



**ଭୁବନେଶ୍ୱର, ୧୬।୧୨ (ସଂଚାର ବ୍ୟୁରୋ):** ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ ଜାନୁଆରୀ ପହିଲାରୁ ୩୧ ତାରିଖ ଯାଏଁ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ପାଇଁ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟ ନିଷ୍ପତ୍ତି ନେଇଛି। ଏହିକ୍ରମରେ ଆମ ରାଜ୍ୟରେ ଏହି କାର୍ଯ୍ୟକ୍ରମର ସଫଳତାର ସହ ଆୟୋଜନ ପାଇଁ ଏକ ପ୍ରାଥମିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପରିବହନ ଆୟୁକ୍ତ ଓ ବିଭାଗୀୟ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏହି ମାସ ପାଳନ ନେଇ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟ ଦ୍ୱାରା ଆସିଥିବା ନିର୍ଦ୍ଦେଶାବଳୀକୁ ସଠିକ ସମନ୍ୱୟ ସହ କିଭଳି କାର୍ଯ୍ୟକାରୀ କରାଯିବ ସେ ସଂପର୍କରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ସେହିଭଳି ସଡ଼କ ଦୁର୍ଘଟଣା ହ୍ରାସ ନେଇ ଅନ୍ୟ ପଦକ୍ଷେପ ସଂପର୍କରେ ମଧ ଆଲୋଚନା ହୋଇଥିଲା। ବିଶେଷକରି, ଦୁର୍ଘଟଣା ସଂଖ୍ୟାରେ ଆଗୁଆ ଥିବା ସାତଟି ଜିଲ୍ଲାକୁ ବିଶେଷ ପ୍ରାଧାନ୍ୟ ଦେଇ ରଣନୀତି ଆଧାରରେ କାର୍ଯ୍ୟକ୍ରମ ହାତକୁ ନେବାକୁ ନିଷ୍ପତ୍ତି ହୋଇଛି। ସେହିଭଳି ସଡ଼କ ସୁରକ୍ଷାକୁ ସଶକ୍ତ କରିବାକୁ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମର ଫଳାଫଳ ଏବଂ ଏହି ଆଧାରରେ ନୂଆ ପଦକ୍ଷେପ ଗ୍ରହଣ କରିବାକୁ ଆଲୋଚନା ହୋଇଛି।

## ଦୁର୍ଘଟଣାରେ ସ୍ୱାମୀ-ସ୍ତ୍ରୀ ଗୁରୁତର

**ଭଦ୍ରକ, ୧୬।୧୨ (ସଂଚାର ବ୍ୟୁରୋ):** ଧାମନଗର ଥାନା ଅନ୍ତର୍ଗତ ମହୂରା ଛକ ନିକଟରେ ମଙ୍ଗଳବାର ଅପରାହ୍ନ ସମୟରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ମୋଟର ସାଇକେଲ ଓ କାର ମଧରେ ଧକ୍କା ହେବାରୁ ମୋଟର ସାଇକେଲ ଚାଳକ ସହ ତାଙ୍କ ସ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି। ଆହତ ଦୁଇଜଣ ହେଲେ ଭଗବାନପୁର ପଞ୍ଚାୟତ ଅନ୍ତର୍ଗତ ପଳିକିରି ଗ୍ରାମର ପବିତ୍ର ଜେନା ଓ ତାଙ୍କ ସ୍ତ୍ରୀ ପ୍ରତିମା ବେହେରା। ଦୁର୍ଘଟଣାରେ ସ୍ୱାମୀଙ୍କ ହାତ ଗୋଡ ମାଡ଼ ହୋଇଥିବା ବେଳେ ସ୍ତ୍ରୀର ଛାତିରେ ଗୁରୁତର ଆଘାତ ଲାଗିଛି। ସୂଚନା ଅନୁଯାୟୀ, ପବିତ୍ର ଜେନା ତାଙ୍କ ସ୍ତ୍ରୀଙ୍କୁ ନେଇ ମୋଟର ସାଇକେଲରେ ଭଦ୍ରକ ଆଡୁ ପଳିକିରି ଗାଁକୁ ଆସୁଥିବା ବେଳେ ଧାମନଗର ଆଡୁ ଆସୁଥିବା ଏକ କାର ସହ ମହୂରା ଓ ଧାମନଗର ଛକ ମଧବର୍ତ୍ତୀ ସ୍ଥାନରେ ଧକ୍କା ହୋଇଥିଲା।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ







ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୩୩,୮୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୨୨,୭୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୩,୮୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୨୨,୭୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୩୩,୮୬୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୨୨,୭୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୩୪,୦୧୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୨୨,୮୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୪,୭୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୩,୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୩୩,୮୬୦ ଓ ୧,୨୨,୭୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୯୯,୧୦୦ ଟଙ୍କା ହୋଇଛି।




ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୯ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି।

# ବର୍ଷକରେ ଅମ୍ବାନୀ-ଅଦାନୀଙ୍କ ସମ୍ପତ୍ତିଠୁ ମସ୍କଙ୍କ ଅଧିକ ଆୟ

ନୂଆଦିଲ୍ଲୀ,୧୬।୧୨: ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏଲନ ମସ୍କ ଇତିହାସ ରଚିଛନ୍ତି। ସେ ବିଶ୍ୱର ପ୍ରଥମ ବ୍ୟକ୍ତି ହୋଇଛନ୍ତି ଯାହାଙ୍କ ମୋଟ ସମ୍ପତ୍ତି ୬୦୦ ବିଲିୟନ (ପ୍ରାୟ ୫୪ ଲକ୍ଷ କୋଟି ଟଙ୍କା) ଡଲାର ଅତିକ୍ରମ କରିଛି। ଗତ ୨୪ଘଣ୍ଟା ମଧରେ ତାଙ୍କର ସମ୍ପତ୍ତି ୧୬୭ ବିଲିୟନ ଡଲାର ବୃଦ୍ଧି ପାଇଛି। ମସ୍କଙ୍କ ସମ୍ପତ୍ତିରେ ଏହି ଆଶ୍ଚର୍ଯ୍ୟଜନକ ବୃଦ୍ଧି ତାଙ୍କ ରକେଟ ନିର୍ମାଣକାରୀ କମ୍ପାନି ସ୍ପେସଏକ୍ସର ବର୍ଦ୍ଧିତ ମୂଲ୍ୟ ଯୋଗୁଁ ହୋଇଥିବା ଜଣାଯାଇଛି। ଏହି କାରଣରୁ ସେ ବିଶ୍ୱର ଅନ୍ୟ ସମସ୍ତ କୋଟିପତିଙ୍କୁ ପଛରେ ପକାଇ ଦେଇଛନ୍ତି। ମୁକେଶ ଅମ୍ବାନୀ ଏବଂ ଗୌତମ ଆଦାନୀଙ୍କ ମୋଟ ସମ୍ପତ୍ତିଠାରୁ ମସ୍କ କେବଳ ଚଳିତ ବର୍ଷରେ ଅଧିକ ଆୟ କରିଛନ୍ତି।

ବ୍ଲୁମବର୍ଗ ବିଲିୟନେୟର୍ସ ଇଣ୍ଡେକ୍ସ ଅନୁଯାୟୀ, ଏଲନ ମସ୍କଙ୍କ ସମ୍ପତ୍ତି ପ୍ରାୟ ୬୩୮ ବିଲିୟନ (ପ୍ରାୟ ୫୮ଲକ୍ଷ କୋଟି ଟଙ୍କା) ଡଲାରରେ ପହଞ୍ଚିଛି। ଏହି ସମ୍ପତ୍ତି ସହିତ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ପାଲଟିଛନ୍ତି। ଆଜି ପର୍ଯ୍ୟନ୍ତ କାହାର ସମ୍ପତ୍ତି ଏତେ ବୃଦ୍ଧି ପାଇନଥିଲା। ତେଣୁ ଏବେ ମସ୍କ ୫୮ଲକ୍ଷ କୋଟି ଟଙ୍କାର ମାଲିକ ହୋଇ ଇତିହାସ ରଚିଛନ୍ତି।

ଏଲନ୍ ମସ୍କଙ୍କ ଆୟର ମୁଖ୍ୟ ଉତ୍ସ ହେଉଛି ତାଙ୍କର କମ୍ପାନି ଟେସଲା, ସ୍ପେସ୍ଏକ୍ସ, ଏକ୍ସ, ଏକ୍ସଏଆଇ ଇତ୍ୟାଦି। ଟେସଲା ଏବଂ ସ୍ପେସ୍ଏକ୍ସରୁ ସେ ଅଧିକ ଟଙ୍କା ରୋଜଗାର କରନ୍ତି। ତାଙ୍କ ସମ୍ପତ୍ତି ବୃଦ୍ଧିରେ ଟେସଲା ଏବଂ ସ୍ପେସ୍ଏକ୍ସର ଯୋଗଦାନ ବେଶ୍ ଅଧିକ। ସେ ଟେସଲାର ପ୍ରାୟ ୧୩% ଏବଂ ସ୍ପେସ୍ଏକ୍ସର ୪୨% ମାଲିକ। ସ୍ପେସ୍ଏକ୍ସର ମୂଲ୍ୟରେ ସାମ୍ପ୍ରତିକ ବୃଦ୍ଧି ତାଙ୍କ ସମ୍ପତ୍ତି ବୃଦ୍ଧିର ମୁଖ୍ୟ କାରଣ। ମସ୍କ ଟେସଲାରୁ ପାରମ୍ପରିକ ଦରମା ପାଆନ୍ତି ନାହିଁ। ତାଙ୍କର କ୍ଷତିପୂରଣ କମ୍ପାନିର ସେୟାର ଉପରେ ଆଧାରିତ। ଟେସଲାର ସେୟାର ବିକ୍ରି କରିବା ପରିବର୍ତ୍ତେ, ସେ ସେଗୁଡ଼ିକୁ ଋଣ ପାଇଁ ବନ୍ଧକ ରଖନ୍ତି, ଯାହା ତାଙ୍କୁ ତାଙ୍କର ସେୟାର ବଜାୟ ରଖିବାରେ ସାହାଯ୍ୟ କରେ।

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ କେବଳ ଭାରତରେ ନୁହେଁ ବରଂ ଏସିଆର ସବୁଠାରୁ ଧନୀ ବ୍ୟକ୍ତି। ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଗୌତମ ଆଦାନୀ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ୨୦୨୫ ପାଇଁ ଏଲନ୍ ମସ୍କଙ୍କ ଆୟ ଅମ୍ବାନୀ ଏବଂ ଆଦାନୀଙ୍କ ମିଳିତ ସମ୍ପତ୍ତିକୁ ଅତିକ୍ରମ କରିଛି। ଅମ୍ବାନୀଙ୍କ ସମ୍ପତ୍ତି ୧୦୬ ବିଲିୟନ ଡଲାର ଏବଂ ଆଦାନୀଙ୍କ ମୋଟ୍ ସମ୍ପତ୍ତି ପ୍ରାୟ ୮୫ ବିଲିୟନ ଡଲାର। ଏହାକୁ ମିଶାଇଲେ ସେମାନଙ୍କର ମିଳିତ ସମ୍ପତ୍ତି ୧୯୧ ବିଲିୟନ ଡଲାର ହେବ। ଅନ୍ୟପକ୍ଷରେ, ମସ୍କ ଏହି ବର୍ଷ ୨୦୫ ବିଲିୟନ ଡଲାର ରୋଜଗାର କରିଛନ୍ତି। କେବଳ ଗତ ୨୪ ଘଣ୍ଟା ମଧରେ ମସ୍କଙ୍କ ସମ୍ପତ୍ତି ୧୬୭ ବିଲିୟନ ଡଲାର ବୃଦ୍ଧି ପାଇଛି।



# ୨୦୩୦ରେ ଅବସର ନେବାକୁ ଥିବା ପ୍ରାଇଭେଟ କର୍ମଚାରୀଙ୍କ ପେନସନ ଫାଇଦା

ନୂଆଦିଲ୍ଲୀ,୧୬।୧୨:ପ୍ରାଇଭେଟ କ୍ଷେତ୍ରର କର୍ମଚାରୀମାନେ ପ୍ରାୟତଃ ସେମାନଙ୍କର ବାର୍ଦ୍ଧକ୍ୟ ସୁରକ୍ଷା ବିଷୟରେ ଚିନ୍ତିତ ଥାଆନ୍ତି। ତଥାପି, ଯଦି ଆପଣଙ୍କର ପିଏଫ କଟାଯାଏ, ତେବେ ନିରାଶ ହେବାର କୌଣସି ଆବଶ୍ୟକତା ନାହିଁ। କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫଓ)ର ଇପିଏସ ଯୋଜନା ବେସରକାରୀ କର୍ମଚାରୀମାନଙ୍କ ପାଇଁ ଏକ ବରଦାନ। ଯଦି ଆପଣ ଆଗାମୀ କିଛି ବର୍ଷ ମଧରେ ଅବସର ନେବାକୁ ଯୋଜନା କରୁଛନ୍ତି, ଧରାଯାଉ 2030 ରେ, ତେବେ ଆମେ ଆପଣଙ୍କୁ କହିବୁ ଯେ ଅବସର ପରେ ଆପଣ ପ୍ରତି ମାସରେ ପ୍ରକୃତରେ କେତେ ପେନସନ ପାଇବେ।

ପ୍ରଥମେ, ପେନସନ ଟଙ୍କା କେଉଁଠାରୁ ଆସିଥାଏ ତାହା ବୁଝିବା ଗୁରୁତ୍ୱପୂର୍ଣ୍ଣ। ଯେତେବେଳେ ପ୍ରତି ମାସରେ ଆପଣଙ୍କ ଦରମାରୁ ପିଏଫ ଟଙ୍କା କଟାଯାଏ, ସେତେବେଳେ ଏକ ଅଂଶ ଆପଣଙ୍କର ଭବିଷ୍ୟନିଧି ପାଣ୍ଠି (ଇପିଏଫ) ରେ ଜମା କରାଯାଏ ଏବଂ ଅନ୍ୟ ଅଂଶ କମ୍ପାନୀ ଦ୍ୱାରା ଯୋଗଦାନ କରାଯାଏ। କମ୍ପାନୀର ଅବଦାନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ କର୍ମଚାରୀ ପେନସନ ଯୋଜନା (ଇପିଏସ) ରେ ଯାଏ। ଏହି ସଂଗୃହିତ ପୁଞ୍ଜି ପରେ ପେନସନରେ ପରିଣତ ହୁଏ। ତଥାପି, ଏଥିପାଇଁ କିଛି ସର୍ତ୍ତ ଅଛି। ପେନସନ ପାଇଁ ଯୋଗ୍ୟ ହେବା ପାଇଁ, ଆପଣଙ୍କର ଅତି କମରେ ୧୦ ବର୍ଷର ସେବା (ପେନସନଯୋଗ୍ୟ ସେବା) ଥିବା ଆବଶ୍ୟକ। ସାଧାରଣତଃ ୫୮ ବର୍ଷ ବୟସରେ ପୂର୍ଣ୍ଣ ପେନସନ ମିଳିଥାଏ, କିନ୍ତୁ ଯଦି ଇଚ୍ଛା ହୁଏ, ତେବେ ଆପଣ ୫୦ ବର୍ଷ ବୟସରୁ ହ୍ରାସିତ ପେନସନ ପାଇବା ଆରମ୍ଭ କରିପାରିବେ। ପେନସନ ଗଣନା ସୂତ୍ର ଜଟିଳ ଶୁଭିପାରେ, କିନ୍ତୁ ଏହା ବହୁତ ସରଳ। ଇପିଏଫଓ ଦ୍ୱାରା (ପେନସନଯୋଗ୍ୟ ଦରମା ସ ମୋଟ ସେବା ବର୍ଷ)/୭୦।

ଏହା ମନେ ରଖିବା ଗୁରୁତ୍ୱପୂର୍ଣ୍ଣ ଯେ ପେନସନ ଗଣନା ପାଇଁ ଆପଣଙ୍କର ସର୍ବାଧିକ ଦରମା ସୀମା (ମୌଳିକ ଦରମା+ଡିଏ) ପ୍ରତି ମାସରେ ୧୫,୦୦୦ ବୋଲି ବିବେଚନା କରାଯାଏ। ଏହାର ଅର୍ଥ ହେଉଛି ଯଦିଓ ଆପଣଙ୍କର ମୌଳିକ ଦରମା ଏହାଠାରୁ ଅଧିକ, ତଥାପି ଗଣନା ୧୫,୦୦୦ ଉପରେ ଆଧାରିତ ହେବ। ସେବା ବର୍ଷ ହେଉଛି ଆପଣ ଇପିଏସରେ ଯୋଗଦାନ କରିଥିବା ବର୍ଷ ସଂଖ୍ୟା।

ଆସନ୍ତୁ ଏକ ସରଳ ଉଦାହରଣ ସହିତ ଏହି ସମ୍ପୂର୍ଣ୍ଣ ଗଣିତକୁ ବୁଝିବା। ଧରାଯାଉ କନହୈୟା ନାମକ ଜଣେ କର୍ମଚାରୀ ୨୦୩୦ରେ ଅବସର ନେବାକୁ ଯାଉଛନ୍ତି। ସେହି ସମୟ ସୁଦ୍ଧା, ତାଙ୍କର ମୋଟ ସେବା ୨୫ ବର୍ଷ ହେବ। ପେନସନ ଗଣନା ପାଇଁ ସର୍ବାଧିକ ଦରମା ୧୫,୦୦୦ ସ୍ଥିର ହୋଇଥିବାରୁ, କନହାଇୟାର ପେନସନ ନିମ୍ନଲିଖିତ ଭାବରେ ଗଣନା କରାଯିବ। ୧୫,୦୦୦ (ବେତନ)x ୨୫ (ବର୍ଷ) ୬୭୦=5,357 (ପ୍ରାୟ)। ଏହା ଅନୁଯାୟୀ, ଅବସର ପରେ ପ୍ରାୟ ୫,୩୫୭ ମାସିକ ପେନସନ ପାଇବେ। ଆଉ ଏକ ଅସୁବିଧା ଅଛି: ଜଣେ ୫୮ ବର୍ଷ ବୟସରେ ପହଞ୍ଚିବା ପର୍ଯ୍ୟନ୍ତ ଅପେକ୍ଷା ନ କରନ୍ତି ଏବଂ ୫୦ ବର୍ଷ ବୟସରେ ତାଙ୍କର ପେନସନ ପାଇବା ଆରମ୍ଭ କରନ୍ତି, ତେବେ ସେ ପ୍ରତିବର୍ଷ ୪% କମ ପେନସନ ପାଇବେ। ତଥାପି, ଯଦି ସେ ୫୮ ବର୍ଷ ବଦଳରେ ୬୦ ବର୍ଷ ବୟସ ପର୍ଯ୍ୟନ୍ତ ତାଙ୍କର ଅବସରକୁ ସ୍ଥଗିତ ରଖନ୍ତି, ତେବେ ତାଙ୍କର ପେନସନ ପରିମାଣ ବୃଦ୍ଧି ପାଇବ। ସମ୍ପ୍ରତି, ଶ୍ରମ ଏବଂ ନିଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଶୋଭା କରାଣ୍ଡଲାଜେ ସଂସଦକୁ ସୂଚନା ଦେଇଛନ୍ତି ଯେ ଇପିଏଫଓ ଉଚ୍ଚ ପେନସନ ପାଇଁ ପ୍ରାପ୍ତ ଆବେଦନର ପ୍ରାୟ ୯୯ ପ୍ରତିଶତ ପ୍ରକ୍ରିୟାକରଣ କରିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରି ବିଭାଗ ଦ୍ରୁତ ଗତିରେ କାର୍ଯ୍ୟ କରୁଛି। ଏହା ବ୍ୟତୀତ, ସରକାର ସ୍ପଷ୍ଟ କରିଛନ୍ତି ଯେ ନୂତନ ସାମାଜିକ ସୁରକ୍ଷା ସଂହିତା ଲାଗୁ ହେବା ପରେ, ୧୫,୦୦୦ ଟଙ୍କା ଦରମା ସୀମାରୁ ଅଧିକ ଅବଦାନ ସ୍ୱେଚ୍ଛାକୃତ ହେବ, ଅର୍ଥାତ ଏହା କର୍ମଚାରୀ ଏବଂ କମ୍ପାନୀର ଇଚ୍ଛା ଉପରେ ନିର୍ଭର କରିବ।




# ଲକ୍ଷେ ୩୫ ପାର୍ କଲା ସୁନାଦର

## ବର୍ଷକରେ ୫୭ ହଜାର ମହଙ୍ଗା

## ରୁପା ଦର ୨ଲକ୍ଷ ୧୫ ହଜାର ଟଙ୍କା

ଭୁବନେଶ୍ୱର,୧୬।୧୨: ସୁନା ଏବଂ ରୁପା ଦର ଏବେ ରେକର୍ଡ ସ୍ତରରେ। ବିଭିନ୍ନ ପ୍ରକାର ଭୁ-ରାଜନୈତିକ ସମସ୍ୟା ମଧ୍ୟରେ ଉଭୟ ଧାତୁ ଆଡ଼କୁ ଆକର୍ଷିତ ହେଉଛନ୍ତି ନିବେଶକ। ଫଳରେ ଧାତୁ ଦ୍ରବ୍ୟ ମହଙ୍ଗା ହୋଇ ରେକର୍ଡ ସ୍ତରରେ ପହଞ୍ଚିଛି। ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ୧୦ ଗ୍ରାମ ପିଛା ୨୪ ଏବଂ ୨୨ କ୍ୟାରେଟ୍ ସୁନା ଦରରେ ଯଥାକ୍ରମେ ୧୪୭୦ ଟଙ୍କା ଏବଂ ୧୩୫୦ ଟଙ୍କା ବୃଦ୍ଧି ଘଟିଛି। ଫଳରେ ଉଭୟ ଯଥାକ୍ରମେ ୧,୩୫,୩୮୦ ଟଙ୍କା ଏବଂ ୧,୨୪,୧୦୦ ଟଙ୍କା ହୋଇଛି। ଅନ୍ୟପକ୍ଷରେ, କିଲୋଗ୍ରାମ ପିଛା ରୁପା ୫୦୦୦ ଟଙ୍କା ମହଙ୍ଗା ହୋଇ ୨,୧୫,୦୦୦ ଟଙ୍କାରେ ପହଞ୍ଚିଥିବା ଜଣାପଡ଼ିଛି।



ଚଳିତବର୍ଷ ଏଯାବତ୍ ସୁନା ଦର ୫୭,୦୦୦ ଟଙ୍କାରୁ ଅଧିକ ମହଙ୍ଗା ହୋଇଛି। ସୁନା ଦର ବଢ଼ିବାର ଅନେକ ପ୍ରମୁଖ କାରଣ ରହିଛି। ରୁଷ-ୟୁକ୍ରେନ୍ତ ଯୁଦ୍ଧ ଏବଂ ବିଶ୍ୱବ୍ୟାପୀ ଅଶାନ୍ତି ମଧରେ ନିବେଶକ ସୁନାରେ ନିବେଶ କରିବାକୁ ସୁରକ୍ଷିତ ମଣୁଛନ୍ତି। ଏହା ଫଳରେ ଧାତୁର ଚାହିଦା ବୃଦ୍ଧି ପାଉଛି, ଯାହାକି ଦରବୃଦ୍ଧିର ପ୍ରମୁଖ କାରଣ। ସେହିଭଳି ଚୀନ୍ ଭଳି ଦେଶ ନିଜ ରିଜର୍ଭ ବ୍ୟାଙ୍କରେ ସୁନା ଭରିଚାଲିଛି। ଏହା ଗୋଟିଏ ବର୍ଷରେ ପ୍ରାୟ ୯୦୦ ଟନ୍‌ରୁ ଉଦ୍ଧ୍ୱର୍ ସୁନା କିଣୁଛି, ଯାହାକି ସୁନା ଦରକୁ ଉପରମୁହାଁ କରୁଛି।

ବିଶ୍ୱବ୍ୟାପୀ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଡଲାର ଉପରୁ ନିର୍ଭରତା କମ୍ କରିବାକୁ ଚାହାନ୍ତି। ସେଥିପାଇଁ ନିଜ ଭଣ୍ଡାରରେ ସୁନା ଭାଗ ଲଗାତର ବଢ଼ାଉଛନ୍ତି। ଏହିଭଳି ଭାବେ ସୁନାର ଚାହିଦା ବୃଦ୍ଧି ସହିତ ଦର ଦ୍ରୁତ ବେଗରେ ବଢ଼ିଚାଲିଛି।

କିପ୍ଟୋ ଦରରେ ଏବେ ଉତ୍ଥାନ ପତନ ଲାଗିରହିଛି। ଏଭଳି କ୍ଷେତ୍ରରେ କିଛି ନିବେଶକ ସୁନାରେ ଟଙ୍କା ଲଗାଉଛନ୍ତି। ସେହିଭଳି ଗତ କିଛି ସମୟ ହେବ ଭାରତରେ ସେୟାର ବଜାରରେ ଅନିଶ୍ଚିତତା ସୁନା ଆଡ଼କୁ ନିବେଶକଙ୍କୁ ଟାଣୁଛି। ଏହା ମଧ ସୁନା ଦର ବଢ଼ିବାର ଅନ୍ୟତମ ପ୍ରମୁଖ କାରଣ। ବିବାହ ଋତୁ ଆରମ୍ଭ ହେବା ଦ୍ୱାରା ସୁନା ଚାହିଦା ବୃଦ୍ଧି ପାଇଛି। ଏହା ଧାତୁକୁ ମହଙ୍ଗା କରୁଛି। କେଡିଆ ଆଡ୍ଭାଇଜରୀର ନିର୍ଦ୍ଦେଶକ ଅଜୟ କେଡିଆ କୁହନ୍ତି, ଭୁରାଜନୈତିକ ସମସ୍ୟା ଲାଗିରହିଛି। ଫଳରେ ସୁନା ଉପରମୁହାଁ ରହିଛି।

# ପ୍ରତିବର୍ଷ ନାଗରିକତ୍ୱ ଛାଡୁଛନ୍ତି ୨ ଲକ୍ଷ ଭାରତୀୟ

## ୫ ବର୍ଷରେ ବିଦେଶରେ ଅବସ୍ଥାପିତ ହେଲେଣି ୯ ଲକ୍ଷ ନାଗରିକ

ନୂଆଦିଲ୍ଲୀ, ୧୬।୧୨: ଭାରତୀୟ ନାଗରିକତ୍ୱ ଛାଡୁଥିବା ଲୋକଙ୍କ ସଂଖ୍ୟା ବଢ଼ିଚାଲିଛି। ଗତ ୫ ବର୍ଷରେ ପାଖାପାଖି ୯ ଲକ୍ଷ ଭାରତୀୟ ସେମାନଙ୍କ ନାଗରିକତ୍ୱ ପରିତ୍ୟାଗ କରିଥିବା ବହିର୍ବ୍ୟାପାର ମନ୍ତ୍ରାଳୟ ପ୍ରଦତ୍ତ ତଥ୍ୟରୁ ଜଣାପଡ଼ିଛି। ରାଜ୍ୟସଭାରେ ଉତ୍ତର ରଖି ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କିର୍ତ୍ତୀ ବର୍ଦ୍ଧନ ସିଂହ କହିଛନ୍ତି ଯେ, ୨୦୧୧ରୁ ୨୦୨୪ ମଧ୍ୟରେ ପ୍ରାୟ ୨୧ ଲକ୍ଷ ଭାରତୀୟ ବିଦେଶୀ ନାଗରିକତ୍ୱ ଗ୍ରହଣ କରିଛନ୍ତି। ୨୦୨୧ରୁ ଏହି ସଂଖ୍ୟା ବଡ଼ ଆକାରରେ ବଢ଼ିଥିବା ସେ ପ୍ରକାଶ କରିଛନ୍ତି। ୨୦୨୦ ମହାମାରୀ ବର୍ଷରେ ଏହି ସଂଖ୍ୟା ୮୫,୦୦୦କୁ ଖସିଥିଲା। ଏହାର ପରବର୍ତ୍ତୀ ବର୍ଷ ଅର୍ଥାତ୍ ୨୦୨୧ରେ ସଂଖ୍ୟା ପାଖାପାଖି ୨ ଲକ୍ଷକୁ ବୃଦ୍ଧି ପାଇଥିଲା। ପ୍ରତିବର୍ଷ ହାରାହାରି ୨ ଲକ୍ଷ ଭାରତୀୟ ସେମାନଙ୍କ ନାଗରିକତ୍ୱ ଛାଡୁଥିବା ରାଜ୍ୟସଭା ପ୍ରଦତ୍ତ ତଥ୍ୟରୁ ଜଣାପଡ଼ିଛି। ତେବେ ସୁରକ୍ଷା ଚିନ୍ତା କାରଣରୁ ଗତ ୩ ବର୍ଷରେ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରୁ ୫,୯୪୫ ଭାରତୀୟଙ୍କୁ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି।



## ପୂର୍ବଶତ୍ରୁତାରୁ ଗଣ୍ଡଗୋଳ, ତିନି ଗୁରୁତର



**ନୀଳଗିରି, ୧୬।୧୨ (ସଂଚାର ବ୍ୟୁରୋ):** କିଛି ମାସ ପୂର୍ବରୁ ୨ ପକ୍ଷଙ୍କ ମଧ୍ୟରେ ସାମାନ୍ୟ ଗଣ୍ଡଗୋଳ ସହ ଧମକ ଚମକ୍ ହୋଇଥିଲା। ଶେଷରେ ଦୁଇ ଭାଇ ଅପର ପକ୍ଷର ବଂଶ ନିପାତ୍ କରିଦେବାର ଧମକ ଦେଇଥିଲେ। ଶେଷରେ ଆଜି ଅର୍ଥାତ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୫.୨୫ମିନିଟ ସମୟରେ ଦୁଇ ଭାଇ ବଦଲା ନେଇଥିବା ବେଳେ ଗଣ୍ଡଗୋଳରେ ତିନି ଜଣ ଗୁରୁତର ହୋଇଥିବାର ଦେଖିବାକୁ ମିଳିଛି।

ସୂଚନା ଯୋଗ୍ୟ ଖଣ୍ଟାପଡା ଥାନା ଅନ୍ତର୍ଗତ ନରହରିପୁର ଗ୍ରାମର ଅନନ୍ତ ରାଉତର ପୁଅ କାହ୍ନୁ ଚରଣ ରାଉତ(୩୫ ) ନିଜ ବାଇକ୍ ଯୋଗେ ସନ୍ଧ୍ୟା ୫.୨୫ମିନିଟ ସମୟରେ ନିଳଗିରି ଆସୁଥିବା ବେଳେ ଶେରଗଡ଼ ନିଳଗିରି ରାସ୍ତାର ଖଜିରା ଛକ ନିକଟରେ ନିଳଗିରି ଥାନା ଅନ୍ତର୍ଗତ ତଳ କାହାଳିଆ ଗ୍ରାମର ଭାସ୍କର ପାତ୍ରର ଦୁଇ ପୁଅ ତପନ ପାତ୍ର(୨୮) ଓ ମହେଶ୍ୱର ପାତ୍ର(୨୬) କାହ୍ନୁକୁ ଅଟକାଇ ବାଉଁଶ ଠେଙ୍ଗାରେ ବାଡେଇବାରୁ କାହ୍ନୁ ମଧ ଦୁଇ ଭାଇଙ୍କୁ ବାଡେଇ ଥିଲା। ଫଳରେ କାହ୍ନୁର ମୁଣ୍ଡ ଫାଟି ଥିବା ବେଳେ ଦୁଇ ଭାଇ ଙ୍କର ମୁଣ୍ଡ ଓ ମୁହଁରେ ଆଘାତ ଲାଗିଥିବାରୁ ତିନି ଜଣଙ୍କୁ ନିଳଗିରି ମେଡିକାଲକୁ ଅଣା ଯାଇଛି। କାହ୍ନୁ ରାଉତ ଗୁରୁତର ହେବାରୁ ବାଲେଶ୍ୱରର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି।

# ଶିକ୍ଷାବର୍ଷ ସରିବାକୁ ବସିଲାଣି, ପିଲାଙ୍କୁ ମିଳୁନି ପୋଷାକ

**ଯାଜପୁର, ୧୬।୧୨ (ସଂଚାର ବ୍ୟୁରୋ):** ଶିକ୍ଷାବର୍ଷ ୨୦୨୫–୨୬ ସମାପ୍ତିକୁ ମାତ୍ର ଦୁଇମାସ ବାକି ରହିଥିବାବେଳେ ଜିଲ୍ଲାର ହାଇସ୍କୁଲଗୁଡ଼ିକରେ ୟୁନିଫର୍ମ ବଣ୍ଟନ ବିଳମ୍ବ ଏବେ ଗମ୍ଭୀର ଚିନ୍ତାର କାରଣ ହୋଇଉଠିଛି। ଆଜି ପର୍ଯ୍ୟନ୍ତ ପ୍ରାୟ ୩୫ ପ୍ରତିଶତ ଛାତ୍ରଛାତ୍ରୀ ନୂଆ ୟୁନିଫର୍ମ ପାଇନଥିବାବେଳେ ସେମାନେ ପୁରୁଣା ପୋଷାକ ପିନ୍ଧି ସ୍କୁଲକୁ ଯିବାକୁ ବାଧ ହେଉଛନ୍ତି। ଏହାକୁ ନେଇ ଅଭିଭାବକ ଓ ଶିକ୍ଷକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଜିଲ୍ଲାର ୪୫୨ଟି ହାଇସ୍କୁଲରେ ନବମ ଓ ଦଶମ ଶ୍ରେଣୀରେ ମୋଟ ୫୪,୦୬୫ ଛାତ୍ରଛାତ୍ରୀ ଅଧ୍ୟୟନରତ। ସରକାରୀ ତଥ୍ୟ ଅନୁଯାୟୀ, ଏପର୍ଯ୍ୟନ୍ତ ୨୯୮ଟି ବିଦ୍ୟାଳୟର ୩୫,୫୫୮ ଜଣ ଛାତ୍ରଛାତ୍ରୀଙ୍କୁ ମାତ୍ର ୟୁନିଫର୍ମ ବଣ୍ଟନ ସମ୍ପୂର୍ଣ୍ଣ ହୋଇଛି। ଅବଶିଷ୍ଟ ୧୫୪ଟି ହାଇସ୍କୁଲର ୧୮,୫୦୦ରୁ ଅଧିକ ପିଲା ଆଜି ପର୍ଯ୍ୟନ୍ତ ନୂଆ ପୋଷାକ ପାଇବାରୁ ବଞ୍ଚିତ ରହିଛନ୍ତି। ବ୍ଲକ୍‌ଭିତ୍ତିକ ତଥ୍ୟ ଅନୁଯାୟୀ ବଡ଼ଚଣାରେ ୪,୦୮୨, ବରୀରେ ୯୫୮, ବିଂଝାରପୁରରେ ୧,୦୫୭, ଦାନଗଦୀରେ ୧,୮୩୬, ଦଶରଥପୁରରେ ୧,୦୦୮, ଧର୍ମଶାଳାରେ ୩,୬୭୫, ଯାଜପୁରରେ ୧,୫୫୬, କୋରେଇରେ ୧,୫୦୮, ରସୁଲପୁରରେ ୨,୬୩୦ ଓ ସୁକିନ୍ଦାରେ ୬୯୭ ଜଣ ଛାତ୍ରଛାତ୍ରୀ ଏପର୍ଯ୍ୟନ୍ତ ୟୁନିଫର୍ମ ପାଇନଥିବା ଜଣାପଡ଼ିଛି। ୟୁନିଫର୍ମ ବଣ୍ଟନ ପାଇଁ ମୋଟ ୫ କୋଟି ୪୦ ଲକ୍ଷ ୬୫ ହଜାର ଟଙ୍କା ଆବଶ୍ୟକ ଥିଲା। ତେବେ ବ୍ୟୟ କମାଇବା ନାଁରେ କାଟଛାଟ ପରେ ମାତ୍ର ୪ କୋଟି ୮୧ ଲକ୍ଷ ୯ ହଜାର ୭୫ ଟଙ୍କା ମୁକ୍ତ କରାଯାଇଥିବାରୁ ପୋଷାକ ପ୍ରସ୍ତୁତି ଓ ଯୋଗାଣ ପ୍ରକ୍ରିୟା ଅସ୍ଥିର ହୋଇପଡ଼ିଛି ବୋଲି ଜଣାପଡ଼ିଛି।

> **୧୫୪ ହାଇସ୍କୁଲରେ ଅଟକିଛି ୟୁନିଫର୍ମ ବଣ୍ଟନ**
> **ବୃଦ୍ଧି ପାଉଛି ଅସନ୍ତୋଷ**

ପୋଷାକ ପ୍ରସ୍ତୁତି ଓ ବଣ୍ଟନ ଦାୟିତ୍ୱ ଏସ୍‌ଏଚ୍‌ଜି (ସ୍ୱୟଂସାହାୟକ ଗୋଷ୍ଠୀ) ମାନଙ୍କୁ ଦିଆଯାଇଥିଲେ ମଧ ଅର୍ଥ ମିଳିବାରେ ବିଳମ୍ବ ଓ ସାମଗ୍ରୀ ମୂଲ୍ୟ ବୃଦ୍ଧି ଯୋଗୁଁ ଅନେକ ସ୍ଥାନରେ କାମ ଅଟକି ରହିଛି। ଡିସେମ୍ବର ପରେ ଦଶମ ଶ୍ରେଣୀର ଅଧିକାଂଶ ଛାତ୍ରଛାତ୍ରୀ ସ୍କୁଲ ନ ଆସୁଥିବାରୁ, ଏବେ ପୋଷାକ ବଣ୍ଟନର ଯୁକ୍ତିସଙ୍ଗତତାକୁ ନେଇ ମଧ ପ୍ରଶ୍ନ ଉଠିଛି। ସୂଚନା ଅନୁଯାୟୀ ରାଜ୍ୟ ସରକାରଙ୍କ 'ଛାତ୍ରଛାତ୍ରୀ ପରିଧାନ ଯୋଜନା' ଅଧୀନରେ ଗତ ଦୁଇ ବର୍ଷ ଧରି ନବମ ଓ ଦଶମ ଶ୍ରେଣୀର ପିଲାମାନଙ୍କୁ ମାଗଣାରେ ଦୁଇ ହଳ ୟୁନିଫର୍ମ, ହଳେ ହାଉସ୍ ଡ୍ରେସ ଓ ଜୋଡ଼ା ଜୋତା ପ୍ରଦାନ କରାଯାଉଛି। ପ୍ରତି ଛାତ୍ର ଅଥବା ଛାତ୍ରୀ ପାଇଁ ୧,୦୦୦ ଟଙ୍କା ବଣ୍ଟନକାରୀ ସଂସ୍ଥାକୁ ଦେବା ନିଷ୍ପତ୍ତି ହୋଇଥିଲେ ମଧ, ବାସ୍ତବ ମାଟିରେ ଯୋଜନା ଏବେ ଅଧୁରା ରହିଯାଇଛି। ଯଦି ଶିକ୍ଷାବର୍ଷ ଶେଷ ହେବା ପୂର୍ବରୁ ବାକି ପିଲାମାନଙ୍କୁ ୟୁନିଫର୍ମ ମିଳିନପାରେ, ତେବେ ଏହା ସରକାରୀ ଯୋଜନାର ସଫଳତା ଉପରେ ଗୁରୁତର ପ୍ରଶ୍ନ ଚିହ୍ନ ଉଠାଇବ ବୋଲି ଶିକ୍ଷାବିତ ମହଲରେ ମତ ପ୍ରକାଶ ପାଇଛି।

## ଜିଲ୍ଲା କରଣ ସମାଜର ସାଧାରଣ ଅଧିବେଶନ ଅନୁଷ୍ଠିତ




**କେନ୍ଦ୍ରାପଡ଼ା, ୧୬।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା କରଣ ସମାଜ ପକ୍ଷରୁ ସ୍ଥାନୀୟ ଗରାପୁରସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଠାରେ ଜିଲ୍ଲାର ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଅକ୍ଷୟ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲ୍ଲା କରଣ ସମାଜର ବରିଷ୍ଠ ପଦାଧିକାରୀ ରମାନାଥ ମହାନ୍ତି, ସଚିନନ୍ଦନ ଦାସ, ଅନନ୍ତ ଚରଣ ଦାସ, ବସନ୍ତ କୁମାର ଦାସ, ବିଭୁତି ଭୂଷଣ ଦାସ, ଦେବେନ୍ଦ୍ର ନାଥ ମହାନ୍ତି, ଶଶିଭୂଷଣ ପଟ୍ଟନାୟକ, ରମେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ସଂଗଠନର ସମୃଦ୍ଧି ସମ୍ପର୍କରେ ଆଲୋଚନା କରି ମତାମତ ରଖିଥିଲେ। ଆଗାମୀ ଦିନରେ ଜିଲ୍ଲାର ବିଭିନ୍ନ ବ୍ଲକରେ ଥିବା କରଣ ଲୋକମାନଙ୍କର ବହୁବିଧ ସମସ୍ୟାକୁ ସମାଜ ପକ୍ଷରୁ ସମାଧାନ କରାଯାଇ ସଂଗଠନକୁ ବ୍ୟାପକ କରାଯିବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା।

ଶେଷରେ ଜିଲ୍ଲା କରଣ ସମାଜର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଜିଲ୍ଲା କରଣ ସମାଜର ସଭାପତି ଭାବେ ସୁଧାଂଶୁ ଶେଖର ରାୟ, ସାଧାରଣ ସମ୍ପାଦକ ଭାବେ ଲୋହିତ କୁମାର ମହାନ୍ତି, କାର୍ଯ୍ୟକାରୀ ସଭାପତିଭାବେ ଶରତ ଚନ୍ଦ୍ର ମହାନ୍ତି, ମାତୃଦତ୍ତ ମହାନ୍ତି, ଚିତ୍ତରଞ୍ଜନ ଚୌଧୁରୀ, ଆଶୁତୋଷ ମହାନ୍ତି, ଉପସଭାପତି ଭାବେ କୈଳାସ ମହାନ୍ତି, ନିଖିଳ ମହାନ୍ତି, ଅଶ୍ୱିନୀ ମହାନ୍ତି ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ସେହିପରି ସଂଗଠନ ସମ୍ପାଦକ ଭାବେ ବିଚିତ୍ର ମହାନ୍ତି ଓ କୋଷାଧ୍ୟକ୍ଷ ଭାବେ ଶୈଳେନ୍ଦ୍ର ମହାନ୍ତିଙ୍କୁ ସମାଜ ପକ୍ଷରୁ ମନୋନୀତ କରାଯାଇଥିଲା। ଏହି ବୈଠକରେ କେନ୍ଦ୍ରାପଡ଼ା, ଆଳି, ପଟ୍ଟାମୁଣ୍ଡାଇ, ରାଜକନିକା, ମହାକାଳପଡ଼ା, ମାର୍ଶାଘାଇ, ଗରଦପୁର, ପାଟକୁରା ଆଦି ବ୍ଲକରୁ ବହୁ କରଣ ବ୍ୟକ୍ତି ବିଶେଷ ଯୋଗ ଦେଇ ଥିଲେ ।

## ଗୋରୁ ଚାଲାଣ ବେଳେ ଗାଡ଼ି ଦୁର୍ଘଟଣାଗ୍ରସ୍ତ; ଗୋଟେ ଗାଈ ମୃତ, ଦଶ ଉଦ୍ଧାର

**ବାରିପଦା, ୧୬।୧୨ (ସଂଚାର ବ୍ୟୁରୋ):** ଗତକାଲି ବିଳମ୍ବିତ ରାତ୍ରିରେ ମୟୁରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ପୋଲିସ କୌଣସି ସୂତ୍ରରୁ ଖବର ପାଇ ଏକ ଗୋରୁବୋଝେଇ ପିକଅପ ଭ୍ୟାନକୁ ପିଛା କରିବାରୁ ପିକଅପ ଭ୍ୟାନଟି ମହୁଲିଆ ଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଗାଡ଼ିରେ ଥିବା ମୋଟ ଏଗାରଟି ଗୋରୁ ମଧ୍ୟରୁ ଗୋଟିଏ ଗୋରୁର ମୃତ୍ୟୁ ଘଟିଥିବାବେଳେ ଆଉ ଦଶ ଗୋଟି ଗୋରୁକୁ ପୋଲିସ ଉଦ୍ଧାର କରିଅଛି। ପିକଅପ ଭ୍ୟାନର ଡ୍ରାଇଭର ଫେରାର ହୋଇଯାଇଥିବାବେଳେ ହେଲପରକୁ ପୋଲିସ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଅଛି। ସୂଚନା ଯୋଗ୍ୟକି, ଏହିପରି ପ୍ରତ୍ୟେକ ଦିନ ଅତି ନିର୍ଦ୍ଦୟଭାବେ ଗୋରୁ ଗୁଡିକୁ ଗାଡି ଭିତରେ ପୁରାଇ ବେଆଇନ ଭାବେ ମୟୁରଭଞ୍ଜ ଜିଲାରୁ ପଶ୍ଚିମବଙ୍ଗକୁ ବେପାରୀମାନେ ଚାଲାଣ କରୁଛନ୍ତି। ବିଶେଷକରି ବାମନଘାଟି ଉପଖଣ୍ଡର ବିଭିନ୍ନ ଅଞ୍ଚଳରୁ ପ୍ରତ୍ୟେକ ଦିନ ଅନେକ ଗୋରୁ ବେଆଇନ ଭାବେ ବିଭିନ୍ନ ଗାଡ଼ିରେ ଚାଲାଣ ହେଉଅଛି। ତେଣୁ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଗୋପ୍ରେମୀ ମାନଙ୍କ ପକ୍ଷରୁ ଦାବୀ କରାଯାଇଅଛି।

## ଓଷ୍ଟାର ବ୍ଲକସ୍ତରୀୟ ଶିଶୁ ଉତ୍ସବ




**ମାର୍ଶାଘାଇ, ୧୬।୧୨ (ସଂଚାର ବ୍ୟୁରୋ):** ମାଧ୍ୟମିକ ସ୍କୁଲ ଶିକ୍ଷକ ସଙ୍ଘ(ଓଷ୍ଟା) ମାର୍ଶାଘାଇ ବ୍ଲକ ଶାଖା ଆନୁକୂଲ୍ୟରେ ବ୍ଲକସ୍ତରୀୟ ଶିଶୁ ଉତ୍ସବ ସୋମବାର ପିକରାଳି କପିଳମୁନି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଉଦଘାଟନ ଉତ୍ସବରେ କେନ୍ଦ୍ରାପଡ଼ା ବ୍ଲକ ଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଓଷ୍ଟାର ପ୍ରାକ୍ତନ ଜିଲ୍ଲା ସମ୍ପାଦକ ତପନ କୁମାର ସିଂ, ନିର୍ମଳ କୁମାର ନାୟକ, ଭଗବାନ ସାହୁ, ଜିଲ୍ଲା ଯୁଗ୍ମ ସମ୍ପାଦିକା ସରୋଜିନୀ ସ୍ୱାଇଁ, ବିଦ୍ୟାଳୟ ପଞ୍ଚସଖା ସେତୁ କମିଟି ସଭାପତି ଗନ୍ଧର୍ବ ଚରଣ ମହାପାତ୍ର, ଶିକ୍ଷାବିତ ମାଧବ ଚରଣ ନାୟକ, ଓଷ୍ଟା ବ୍ଲକ ଯୁଗ୍ମ ସମ୍ପାଦକ ରଞ୍ଜନ କୁମାର ସ୍ୱାଇଁ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଲେଖା ପରିଡା ପ୍ରମୁଖ ଅତିଥି ଭାବେ ମଞ୍ଚାସିନ ଥିଲେ। ଅପରାହ୍ନର ଉଦଯାପନୀ ଉତ୍ସବରେ ପରକୁଳା ସରପଞ୍ଚ ଇଂ ଦୀପ୍ତି ରଞ୍ଜନ ମହାପାତ୍ର, ଓଷ୍ଟା ଜିଲ୍ଲା ସଭାପତି ଅଶୋକ କୁମାର ପରିଡା, ଓଷ୍ଟା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ମହାପାତ୍ର, ପ୍ରାକ୍ତନ ଜିଲ୍ଲା ଯୁଗ୍ମ ସମ୍ପାଦକ ନବଘନ ମହାରଣା, ମାର୍ଶାଘାଇ ବ୍ଲକ ଏବିଇଓ ହିରଣ୍ୟ କୁମାର ବାରିକ, ମହାକାଳପଡ଼ା ବ୍ଲକ ଓଷ୍ଟା ସଙ୍ଘ ସମ୍ପାଦକ ରଘୁନାଥ ଦାସ, ସାମ୍ବାଦିକ ପ୍ରମୋଦ କୁମାର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱଜିତ ଦାସ ପ୍ରମୁଖ ଯୋଗଦେଇଥିଲେ। ଉଭୟ ସଭାରେ ଓଷ୍ଟାର ମାର୍ଶାଘାଇ ବ୍ଲକ ସଭାପତି ବିଜୟ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ। ଓଷ୍ଟା ବ୍ଲକ ସମ୍ପାଦକ ପ୍ରସନ୍ନ କୁମାର ପରିଡା ମଞ୍ଚ ପରିଚାଳନା କରିଥିଲେ।

**ଖବର ପ୍ରସାରଣର ୩ ମାସ ପରେ ନିଦ ଭାଙ୍ଗିଲା**

## ଅସ୍ତରଙ୍ଗ ବଜାରରେ ପାଦଚଲା ପାଟ୍ରୋଲିଂ ଆରମ୍ଭ କଲା ପୁଲିସ



**କାକଟପୁର/ଅସ୍ତରଙ୍ଗ, ୧୬।୧୨ (ସଂଚାର ବ୍ୟୁରୋ):** ଗତ କିଛି ମାସ ହେଲା ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଞ୍ଚଳରେ ଅପରାଧୀମାନେ ସକ୍ରିୟ ହେବାକୁ ଲାଗିଛନ୍ତି। ବଜାର କିମ୍ବା ଗ୍ରାମାଞ୍ଚଳର ପ୍ରମୁଖ ଅଞ୍ଚଳ ଗୁଡିକରେ ମଧ ଚୋରି ଏବଂ ଛୀନତାଇ ଘଟଣା ଘଟୁଛି। କେଉଁଠି ବନ୍ଧୁକ ଦେଖାଇ ଦାଦା ବଟି ମଗାଯାଉଛି ତ ଆଉ କେଉଁଠି ଦିନଦ୍ୱିପ୍ରହରରେ ସୁନା ଚେନ ଲୁଟିଲେଣି ଆଉ କେଉଁଠି ମାରଣାସ୍ତ୍ର ଆକ୍ରମଣ କଲେଣି। ଗୋଟିଏ ଅପରାଧ ଘଟିବା ପରେ ଅପରାଧୀଙ୍କ ପଛରେ ଗୋଡ଼ାଉଛି ପୁଲିସ। କିନ୍ତୁ ଅପରାଧ ରୋକିବା ପାଇଁ ଯେଉଁ ପଦକ୍ଷେପ ଗୁଡିକ ଗ୍ରହଣ କରିବା ଆବଶ୍ୟକ, ସେ ନେଇ କୌଣସି ଗୁରୁତ୍ୱ ଦିଆଯାଉ ନାହିଁ। ଯାହାକୁ ନେଇ ସେପ୍ଟେମ୍ବର ୧୫ତାରିଖରେ ଖବର ପ୍ରକାଶିତ ପରେ ଦୀର୍ଘ ୩ମାସ ପରେ ଅସ୍ତରଙ୍ଗରେ ସୋମବାର ସନ୍ଧ୍ୟାରେ ନିମାପଡା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀଙ୍କ ନେତୃତ୍ୱରେ ଅସ୍ତରଙ୍ଗ ଥାନାଧିକାରୀ ଦୁର୍ଗା ଚରଣ ମହାପାତ୍ର, କାକଟପୁର ଥାନାଧିକାରୀ ବସନ୍ତ ସାହୁ ସମେତ ପୁଲିସ ତରଫରୁ ପାଦଚଲା ପାଟ୍ରୋଲିଂ ହୋଇଛି।

## ୧୯୭୭ ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

**ମାର୍ଶାଘାଇ, ୧୬।୧୨ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ପିକରାଳି କପିଳମୁନି ଉଚ୍ଚବିଦ୍ୟାଳୟ ୧୯୭୭ ମସିହା ମାଟ୍ରିକ ବ୍ୟାଚ ପୁରାତନ ଛାତ୍ର ଛାତ୍ରୀ ମାନଙ୍କ ବନ୍ଧୁମିଳନ ଉତ୍ସବ ରବିବାର ପିକରାଳି କପିଳମୁନି ଆଶ୍ରମରେ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ୟାଚର ପୁରାତନ ଛାତ୍ର ପ୍ରମୋଦ କୁମାର ଦାସ, କବିନ୍ଦ୍ର ଦାସଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉମାକାନ୍ତ ପଣ୍ଡା, ତପନ ଲେଙ୍କା, ଅଶୋକ ପ୍ରଧାନ, ଗୋବର୍ଦ୍ଧନ ବେହେରା, ସତ୍ୟାନନ୍ଦ ମହାନ୍ତି, ନୃସିଂହ ଚରଣ ରଥ, ଧ୍ରୁବ ଚରଣ ପଣ୍ଡା, କୁମରମଣି ପଣ୍ଡା, କୈଳାସ ବେହେରା, ସତ୍ୟଭାମା ବେହେରା, ମିନତୀ ପଣ୍ଡା, ମଞ୍ଜୁଲତା, ଉର୍ବଶୀ ପରିଡା ପ୍ରମୁଖ ଯୋଗ ଦେଇଥିଲେ ।




## ବ୍ଲକ୍‌ସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ପାଇଁ ପ୍ରସ୍ତୁତି ବୈଠକ

**କଳାହାଣ୍ଡି, ୧୬।୧୨ (ସଂଚାର ବ୍ୟୁରୋ):** ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୬ ପାଇଁ କଲମପୁର ବ୍ଲକ ମିଶନ ଶକ୍ତି ସଭାଗୃହରେ ବିଡିଓ ବିଜୟ ମାଣ୍ଡାଙ୍ଗିଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷର ଆୟବ୍ୟୟ ଉପରେ ଆଲୋଚନା ହୋଇଥିଲା। ଗତବର୍ଷର କମିଟିକୁ ଭାଙ୍ଗି ନୂତନ କମିଟି ଗଠନ ପାଇଁ ଉପସ୍ଥିତ ପ୍ରାୟ ସମସ୍ତ ସଦସ୍ୟଙ୍କ ମହଲରେ ଦାବି ହୋଇଥିଲା। କାର୍ଯ୍ୟକ୍ରମ ପଞ୍ଚାୟତସ୍ତରରେ ଆୟୋଜିତ ହୋଇ ପରେ ବ୍ଲକସ୍ତରକୁ ପହଞ୍ଚିବା କଥା, କିନ୍ତୁ କଲମପୁର ଅଞ୍ଚଳରେ ଗତ ବର୍ଷ ଗୋଟିଏ ପଞ୍ଚାୟତ ବ୍ୟତିତ ଅନ୍ୟ ପଞ୍ଚାୟତ ମାନେ ପଞ୍ଚାୟତସ୍ତରୀୟ ଉତ୍ସବ ପାଳନ କଲେ ନାହିଁ। ଫଳରେ କାର୍ଯ୍ୟକ୍ରମରେ ତାଳମେଳ ରହି ନ ଥିଲା।




ଅନ୍ୟପକ୍ଷେ କିଛି ଲୋକ କମ ଦାମରେ ବ୍ୟବସ୍ଥିତ ସାମଗ୍ରୀ ମୁଲଚାଲ କରି ମୁନାଫା ହାସିଲ କରିଥିବା ଭଳି ଅଭିଯୋଗ ହୋଇଥିବା ବେଳେ ଯୋଜନା ଭିତ୍ତିକ ହୋଇ ନ ପାରିବା ପଛରେ କିଛି ଲୋକଙ୍କ ବ୍ୟକ୍ତିଗତ ସ୍ୱାର୍ଥ ଜଡିତ ବୋଲି ବୈଠକରେ କୁହାଯାଇଛି। ଏଥିରେ ମୁଖ୍ୟ କମିଟି, ଅର୍ଥ କମିଟି, ଖାଦ୍ୟ କମିଟି, ସାଂସ୍କୃତିକ କମିଟି ଭଳି ବିଭିନ୍ନ କମିଟି ଗଠନ କରାଯାଇଛି। ବ୍ଲକ ପ୍ରଶାସନର ଆହ୍ୱାନକ୍ରମେ ବ୍ଲକସ୍ତରୀୟ ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ। କଲମପୁର ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବୁଦ୍ଧିଜୀବୀ, ଓ ଜନ ପ୍ରତିନିଧି ମାନେ ଉପସ୍ଥିତ ଥିଲେ। କଲମପୁର ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଘନଶ୍ୟାମ ନାଏକ ଉତ୍ସବ ପାଳନ ତାରିଖ ଘୋଷଣା କରିଥିଲେ। ଆସନ୍ତା ଜାନୁଆରୀ ମାସ ୯, ୧୦ଓ ୧୧ତାରିଖ ତିନି ଦିନ ଉତ୍ସବ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ଆସନ୍ତା ୧୮ ତାରିଖ ଦିନ ପୁଣି ବୈଠକ ବସି ଚୁଡାନ୍ତ ରୂପରେଖ ପ୍ରସ୍ତୁତ କରାଯିବ ବୋଲି ବିଡ଼ିଓ ମତ ପ୍ରକାଶ କରିଛନ୍ତି।

## କେଭିଏସ୍‌ର ପ୍ରତିଷ୍ଠା ଦିବସ ସଫଳତାର ସହ ପାଳିତ




**ଫୁଲବାଣୀ, ୧୬।୧୨ (ସଂଚାର ବ୍ୟୁରୋ):** ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, କନ୍ଧମାଳରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ୬୩ତମ ପ୍ରତିଷ୍ଠା ଦିବସ ଉତ୍ସବ ଆଜି ପ୍ରଭାତ ୯.୩୦ ରୁ ୧୧.୧୫ ପର୍ଯ୍ୟନ୍ତ ଉତ୍ସାହ ଓ ଆଡମ୍ବର ସହ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ଆରମ୍ଭ ମୁଖ୍ୟ ଅତିଥି ଶ୍ରୀ ଗଦାଧର ପାତ୍ର, ବିଶେଷ ଅତିଥି ଶ୍ରୀମତୀ କଳ୍ପଲତା ସାହୁ ଏବଂ ବିଦ୍ୟାଳୟର ପ୍ରାଚାର୍ଯ୍ୟ ମହୋଦୟ ଶ୍ରୀ ନରେଶ ଚନ୍ଦ୍ର ଜିନାଟାଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ସହିତ ହୋଇଥିଲା । ପ୍ରାଚାର୍ଯ୍ୟ ମହୋଦୟ ଶ୍ରୀ ନରେଶ ଚନ୍ଦ୍ର ଜିନାଟାଙ୍କ ଦ୍ୱାରା ଅତିଥିମାନଙ୍କୁ ଭବ୍ୟ ସ୍ୱାଗତ ସହ ସ୍କାଉଟ୍ ଓ ଗାଇଡ୍ ରଙ୍ଗିନ ପାର୍ଟି ଦ୍ୱାରା କରାଯାଇଥିଲା। ପରେ ପ୍ରାଚାର୍ଯ୍ୟ ମହୋଦୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହ ସଂସ୍ଥାର ଶିକ୍ଷାଗତ ସଫଳତା ଓ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ।

ମୁଖ୍ୟ ଅତିଥି ଶ୍ରୀ ଗଦାଧର ପାତ୍ରଙ୍କ ଉପସ୍ଥିତିରେ ଏବଂ ପ୍ରଧାନଶିକ୍ଷକଙ୍କ ସହଯୋଗରେ ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଦର୍ଶକମାନଙ୍କୁ ମନୋରଞ୍ଜନ କରିଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନ ସହ ସ୍ୱାଗତ କରାଯାଇଥିଲା।

## କନ୍ଧମାଳ ଗସ୍ତରେ ଅବକାରୀ ବିଭାଗର ପ୍ରମୁଖ ଶାସନ ସଚିବ

**ଫୁଲବାଣୀ, ୧୬।୧୨ (ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କର ଅବକାରୀ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଭାସ୍କର ଜ୍ୟୋତି ଶର୍ମା ୩ ଦିନିଆ କନ୍ଧମାଳ ଗସ୍ତରେ ଆସିଛନ୍ତି ।

ଏହି ଅବସରରେ ଫିରିଙ୍ଗିଆର ଜୟ ହନୁମାନ ଗୃପ, ମାଣ୍ଡିପଡାର ଅଙ୍ଗନବାଡି କେନ୍ଦ୍ର ଓ ମାଣ୍ଡିପଡାର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ବନ୍ଧଗଡ଼ର କସମ, ସାରଙ୍ଗଡର ଟ୍ୟାଙ୍କ, କୁଡୁତୁଲି ଏସ୍ ଏସ୍ ଡି ବିଦ୍ୟାଳୟ ଓ ହଷ୍ଟେଲ ଏବଂ ଫୁଲବାଣୀ ବସଷ୍ଟାଣ୍ଡ ସ୍ଥିତ ଆହାରକେନ୍ଦ୍ର ଆଦି ସ୍ଥାନ ଗସ୍ତ କରି ଏହାର କାର୍ଯ୍ୟକାରିତା ଏବଂ କିପରି ଜନସାଧାରଣ ଏହାର ପୂର୍ଣ୍ଣମାତ୍ରାରେ ଲାଭ ପାଇପାରିବେ ସେ ବିଷୟରେ ଅଧିକାରୀ ଓ କର୍ମକର୍ତ୍ତା ମାନଙ୍କ ସହ ଆଲୋଚନା କରିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍ ଭାବନା ସଭା ଗୃହରେ ଆୟୋଜିତ ବୈଠକରେ ଯୋଗଦେଇ ସରକାରଙ୍କର ବିଭିନ୍ନ ଯୋଜନାର ଏବଂ ଉନ୍ନୟନମୂଳକ ତଥା ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମ ବିଷୟରେ ଜିଲ୍ଲାର ବରିଷ୍ଠ ଅଧିକାରୀ ଓ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ।

**ଧାନ ଉଠାଣରେ ବିଳମ୍ବ ନେଇ ତାତିଲେ ଚାଷୀ**

## ମଣ୍ଡି ଅଧିକାରୀ ଓ କର୍ମଚାରୀଙ୍କୁ ପକାଇଲେ ତାଲା

**କଳାହାଣ୍ଡି, ୧୬।୧୨ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ତମ୍ବାଛଡା ମଣ୍ଡିରେ ଧାନ ଉଠାଣରେ ବିଳମ୍ବ ନେଇ ଚାଷୀ ତାତିଛନ୍ତି। ଉତ୍ୟକ୍ତ ଚାଷୀ ମଣ୍ଡି ପରିସରରେ ଧାରଣାରେ ବସିବା ସହ ମଣ୍ଡି ଦାୟିତ୍ୱରେ ଥିବା ନୋଡାଲ ଅଫିସର, ମଣ୍ଡି ଅଧିକାରୀ ଓ ଧାନ କ୍ରୟ ଦାୟିତ୍ୱରେ ଥିବା ସ୍ୱୟଂସହାୟକ ଗୋଷ୍ଠୀ ମହିଳା ଙ୍କୁ ମଣ୍ଡି ଅଫିସରେ ତାଲା ପକାଇ ଦେଇଥିବା ସୂଚନା ମିଳିଛି।



ମିଳିଥିବା ସୂଚନା ଅନୁସାରେ, ତମ୍ବାଛଡା ଠାରେ ଗତ ୧୧ ତାରିଖରେ ପୂଜାପାଠ କରାଯାଇ ମଣ୍ଡି ଉଦ୍‌ଘାଟନ କରାଯାଇଥିଲା। ହେଲେ ୫ଦିନ ବିତିଯାଇ ଥିଲେ ମଧ୍ୟ ଆଜି ଯାଏ ଗୋଟିଏ ବସ୍ତା ଧାନ ଉଠା ଯାଇ ନାହିଁ। ଏହାର ପ୍ରତିବାଦରେ ଅଞ୍ଚଳ ର ଶତାଧିକ ଚାଷୀ ମଣ୍ଡି ଅଧିକାରୀ ଓ କର୍ମଚାରୀଙ୍କୁ ତାଲା ପକାଇ ଦେଇଥିଲେ। ପରେ ନୋଡାଲ ଅଫିସର ହେମନ୍ତ କୁମାର ରାଉତ ଧାନ ଉଠାଇବା ନେଇ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା। ହେଲେ ମଙ୍ଗଳବାର ମଣ୍ଡିରୁ ଧାନ ନ ଉଠିଲେ ଧର୍ମଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚାଷୀ ସମୀର ପଟ୍ଟଯୋଶୀ, ଶାନ୍ତ ପଟ୍ଟଯୋଶୀ, କତିନ୍ଦ୍ର ଗୋପାଳ, ବିଭୁଦତ୍ତ ପାତ୍ର, ଅକୁ ପଟ୍ଟଯୋଶୀଙ୍କ ସମେତ ଶତାଧିକ ଚାଷୀ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ମଣ୍ଡିରେ ତମ୍ବାଛଡ଼ା, ମାଟିଆ, ତେଲି ପଲାସ, ଖନାତରା ଓ ତରଞ୍ଜା ଗ୍ରାମର ୪୯୪ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଛନ୍ତି। ପଞ୍ଜୀକୃତ ଚାଷୀକ ଠାରୁ ୨୬ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଧାର୍ଯ୍ୟ କରାଯାଇଛି। ବର୍ତ୍ତମାନ ଉକ୍ତ ମଣ୍ଡିରେ ୧୦ ହଜାର କୁଇଣ୍ଟାଲ ଧାନ ଚାଷୀ ଆଣି ରଖିଥିଲେ ହେଁ ଟ୍ୟାଗ ହୋଇଥିବା ମିଲର୍ସଙ୍କ ଦେଖାନାହିଁ ବୋଲି ଚାଷୀ ଅଭିଯୋଗ କରିଛନ୍ତି ।

## ତୀର୍ଥଯାତ୍ରାରେ ଯିବେ ୧୯୬ ଜଣ ବରିଷ୍ଠ ନାଗରିକ

**ବାରିପଦା, ୧୬।୧୨ (ସଂଚାର ବ୍ୟୁରୋ):** ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ରାଜ୍ୟର ବରିଷ୍ଠ ନାଗରିକ ବିଶେଷ କରି ଯେଉଁ ମାନେ ଆର୍ଥିକ ସ୍ୱଚ୍ଛଳତା ତଥା ଅନ୍ୟାନ୍ୟ ଆନୁସଙ୍ଗିକ ସମସ୍ୟା ହେତୁ ତୀର୍ଥ ଯାତ୍ରାରୁ ବଂଚିତ ହେଉଥିଲେ ସେମାନେ ବିଭିନ୍ନ ତୀର୍ଥ ସ୍ଥାନ ଦର୍ଶନ କରିବା ପାଇଁ ସୁଯୋଗ ପାଉଛନ୍ତି। ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲା ପର୍ଯ୍ୟଟନ ବିଭାଗ ତରଫରୁ ୨୦୨୫-୨୬ ବର୍ଷ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଜିଲ୍ଲାରୁ ୧୯୬ ଜଣ ବରିଷ୍ଠ ନାଗରିକ ଏହି ତୀର୍ଥ ଯାତ୍ରା ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ୦୬-୦୧-୨୦୨୬ରୁ ୧୨-୦୧-୨୦୨୬ ପର୍ଯ୍ୟନ୍ତ ତୀର୍ଥ ଯାତ୍ରାରେ ରାମେଶ୍ୱରମ - ମଦୁରାଇ ଯିବାକୁ ଥିବାବେଳେ ଆସନ୍ତା ୦୬-୦୧-୨୦୨୬ ତାରିଖରେ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋନୀତ ହୋଇଥିବା ବରିଷ୍ଠ ନାଗରିକ ମାନଙ୍କୁ ଆଣି ସକାଳ ୮ଘଟିକା ସୁଦ୍ଧା ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷ ଠାରେ ପହଞ୍ଚାଇବା ବ୍ୟବସ୍ଥା କରିବେ।

# ତୁରନ୍ତ ଧାନମଣ୍ଡି ଖୋଲିବାକୁ ଦାବି

**ବୋରିଗୁମ୍ମା, ୧୬।୧୨ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ପକ୍ରିୟାରେ ଦେଖା ଦେଇଥିବା ଅଚଳବସ୍ଥାକୁ ଚାଷୀ ଅସନ୍ତୋଷ ଲାଗିରହିଛି। କେଉଁଠି ଟୋକନ ଅବ୍ୟବସ୍ଥା, ମଣ୍ଡି ଅଚଳାବ୍ୟସ୍ଥା ଏବଂ କଟନୀ ଛଟନୀ ବିରୋଧରେ ଆଜି କୋରାପୁଟ ଜିଲ୍ଲା ବିଜୁଜନତାଦଳ କାର୍ଯ୍ୟକାରୀ ସଭାପତି ପ୍ରସାଦ ଚନ୍ଦ୍ର ବିଡ଼ିକା କୋରାପୁଟ ଜିଲ୍ଲା ବୋରିଗୁମ୍ମା ସ୍ଥିତ ସ୍ଥାନୀୟ ଦୋରା କଲ୍ୟାଣ ମଣ୍ଡପ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ କରିଥିଲେ। ଏଥିରେ ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ରମେଶ ବିଷୋୟୀ, ବରିଷ୍ଠ ଚାଷୀ ବିବେକାନନ୍ଦ ପଟନାୟକ, କେ. କେଶବ ରାଓ, ନରେନ୍ଦ୍ର ବିଷୋୟୀ, ପଦ୍ମନାଭ ମିଶ୍ର, ପି. ସୁରେଶ ଯୋଗଦେଇଥିଲେ। ତୁରନ୍ତ ଧାନମଣ୍ଡି ଖୋଲିବା ସହ ଚାଷୀଙ୍କ ଅମଳ ଧାନ କ୍ରୟ କରିବାକୁ ଦାବିକରିଥିଲେ। ଚାଷୀ ମାନେ ସେମାନଙ୍କ ଅମଳ ଧାନକାଟିବା ସହ ମଣ୍ଡିରେ ଧାନ ବିକ୍ରି ପାଇଁ ଅପେକ୍ଷା କରିଛନ୍ତି।

ଧାନ ବିକ୍ରି ଟଙ୍କାରେ ଋଣ ସୁଝିବା ଏବଂ ଆଗାମୀ ରବିଧାନଚାଷ ପାଇଁ ପ୍ରସ୍ତୁତ ହେବା ପାଇଁ ଟଙ୍କାର ଆବଶ୍ୟକତା ରହିଥିବା ଯୋଗୁଁ ପଞ୍ଜିକୃତ ଚାଷୀ ମାନଙ୍କୁ ବିକ୍ରି କରିବାକୁ ସୁଯୋଗ ଦେବାକୁ ଦାବି କରାଯାଇଛି। ପୂର୍ବରୁ ଚାଷୀଙ୍କ ଅମଳ ଧାନ ନିମ୍ନମାନର ଦର୍ଶାଇ କଟନୀ ଛଟନୀ ନାମରେ ଚାଷୀଙ୍କଠାରୁ କିଣ୍ଟାଲ ପିଛା ୩ ରୁ ୫ କିଲୋଗ୍ରାମ ପର୍ଯ୍ୟନ୍ତଦାବି କରୁଛନ୍ତି। ତେଣୁ



### କଟ୍‌ନୀ ଛଟ୍‌ନୀରେ ଚାଷୀଙ୍କୁ ଶୋଷଣ ବନ୍ଦ ହେଉ

ଚଳିତ ବର୍ଷ କଟ୍‌ନୀ ଛଟ୍‌ନୀ ଯୋଗୁଁ ଚାଷୀ ମାନେ ଶୋଷଣ ହେଉଛନ୍ତି। ତେଣୁ କଟ୍‌ନୀ ଛନୀକୁ ତୁରନ୍ତ ବନ୍ଦ କରାଯିବା ସହ କେନ୍ଦ୍ର ସରକାର ଚଳତି ବର୍ଷ କିଣ୍ଟାଲ ପିଛା ୬୯ ଟଙ୍କା ଧାନ ମୂଲ୍ୟ ବୃଦ୍ଧି କରିଛନ୍ତି। ସମସ୍ତ ଚାଷୀଙ୍କ ସରକାରୀ ଧାର୍ଯ୍ୟ କ୍ରିଣ୍ଟାଲ ପିଛା ୨୩୬୯ ଟଙ୍କା ଏବେ ବୋନସ ବାବଦକୁ ୮ଶହ ଟଙ୍କା ଏହିପରି ସମୁଦାୟ ୩୧୬୯ ଟଙ୍କା ଚାଷୀଙ୍କ ଧାନ ବିକ୍ରି ପରେ ତୁରନ୍ତ ବ୍ୟାଙ୍କ ଏକାଉଣ୍ଟ ମାଧମରେ ପ୍ରଦାନ କରିବାକୁ ବୈଠକ ନିଷ୍ପତି ଅନୁଯାୟୀ ସଭାପତି ଶ୍ରୀ ବିଡ଼ିକା ଦାବି କରିଛନ୍ତି ।

ଏହିପରି ଚାଷୀ ଅମଳ ଧାନ ମଣ୍ଡିରେ ଯଥା ସମୟରେ ବିକ୍ରି ହୋଇ ନ ପାରିଲେ ଏହାର ସୁଯୋଗ ନେଇ କିଛି ଅସାଧୁ ଧାନ ବ୍ୟବସାୟୀ ଏବଂ ମହାଜନ ମାନେ ସରକାରୀ ଧାର୍ଯ୍ୟ ଠାରୁ ପ୍ରାୟ ୫ ଶହରୁ ଏକ ହଜାର ଟଙ୍କା ପର୍ଯ୍ୟନ୍ତ କମ୍ ମୂଲ୍ୟରେ ଧାନ କ୍ରୟ କରିବା ସହ ଚାଷୀଙ୍କୁ ଶୋଷଣ କରୁଥିବା ନେଇ ଅଭିଯୋଗ କରିଛନ୍ତି।

## ସାଲେପୁର କଲେଜ ପ୍ରାଣୀବିଜ୍ଞାନ ବିଭାଗ ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ

**ସାଲେପୁର, ୧୬।୧୨ (ସଂଚାର ବ୍ୟୁରୋ):** ଆଜି ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ପୁରାତନ ଛାତ୍ରଛାତ୍ରୀଙ୍କ ଏକ ବୈଠକ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ସଙ୍ଗୀତା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ପ୍ରାଣୀବିଜ୍ଞାନ ବିଭାଗୀୟ ମୁଖ୍ୟ ଡଃ ଅଞ୍ଜୁମ୍ ହାସନ ସ୍ୱାଗତ ଭାଷଣ ଦେଇଥିଲେ। ଏହି ବୈଠକରେ ୨୨ରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ବିଭାଗର ଶୈକ୍ଷିକ ବାତାବରଣ ଓ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗୌରାଙ୍ଗ ଚରଣ ନାୟକ, ସୁଜାତା ଦାସଙ୍କ ସମେତ ବିଭାଗୀୟ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସେଣ୍ଟ୍ ଜାଭିଅର ପବ୍ଲିକ ସ୍କୁଲରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା

**ରାଜନଗର, ୧୬।୧୨ (ସଂଚାର ବ୍ୟୁରୋ):** ରାଜନଗରସ୍ଥିତ ସେଣ୍ଟ୍ ଜାଭିଅର ପବ୍ଲିକ ସ୍କୁଲ ପରିସରରେ ଦ୍ୱାଦଶତମ ବିଦ୍ୟାଳୟର ଦ୍ୱାଦଶତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଟିତ ହୋଇଯାଇଛି । ଏହି ପ୍ରତିଯୋଗିତାକୁ ସୁବେଦାର ମେଜର ଗଗନ ବିହାରୀ ସ୍ୱାଇଁ ମହୋଦୟ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ।୧୩ ତାରିଖ ଠାରୁ ୧୫ ତାରିଖ ଯାଏଁ ଏହି ବାର୍ଷିକ କ୍ରିଡ଼ା ପ୍ରତିଯୋଗୀତା ଅନୁଷ୍ଟିତ ହୋଇଥିଲା। ଉଦ୍ଯାପନ ଉତ୍ସବରେ ସୁବେଦାର ମେଜର ଗଗନ ବିହାରୀ ସ୍ୱାଇଁ, ଅବସରପ୍ରାପ୍ତ ସୈନିକ ଅଚ୍ୟୁତାନନ୍ଦ ସ୍ୱାଇଁ, ମାନଗୋବିନ୍ଦ ସ୍ୱାଇଁ ଓ ଇଂଲଣ୍ଡରେ କାର୍ଯ୍ୟରତ ବୈଜ୍ଞାନିକ ପ୍ରିୟବ୍ରତ ପ୍ରଧାନ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିମାନେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିବା ସହିତ ସେମାନଙ୍କୁ କ୍ରୀଡାମନୋଭାବ, ଶିଷ୍ଟାଚାର ଓ ଶାରୀରିକ ସୁସ୍ଥତାର ଗୁରୁତ୍ୱ ସମ୍ପର୍କରେ ପ୍ରେରଣାଦାୟକ ବକ୍ତବ୍ୟ ରଖିଥିଲେ। ଏହି କ୍ରୀଡା ପ୍ରତିଯୋଗିତାରେ ବିଦ୍ୟାଳୟର ଉଦ୍ୟୋକ୍ତା ଓ ପ୍ରତିଷ୍ଠାତା ଦୁର୍ଗାଚରଣ ପ୍ରଧାନ, ଟ୍ରଷ୍ଟି ଶ୍ରୀମତୀ କବିତା ପ୍ରଧାନ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୁକଦେବ ପରିଡାଙ୍କ ସହ ସମସ୍ତ ଶିକ୍ଷକ- ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁସଂଗଠିତ ଓ ଶୃଙ୍ଖଳାବଦ୍ଧ ଭାବେ ସଫଳ କରିଥିଲେ।





## ତାଠୁ ପାଖ ତୁମେ

**ସ୍ୱାଗତିକା ସାହୁ**

ଯୁଲୋଜି ଡିପାର୍ଟମେଣ୍ଟ ରୁ
ଇଂରେଜୀ ଡିପାର୍ଟମେଣ୍ଟ ଖୁବ୍ ପାଖ
ଆଉ ତାଠୁ ପାଖ ତୁମେ....
ତୁମେ ଏକ ଇଂରେଜୀ ଏନସାଇ କ୍ଲୋପିଡିଆ
ଏକକୋଷୀ ଜୀବଠୁ ବହୁକୋଷି
ତା ବର୍ଗ,ଜାତି,ପ୍ରଜାତି
ତା ରୂପ,ରଙ୍ଗ ବର୍ଣ୍ଣନା....
ତୁମ ପାଇଁ ଦୁଇକ ପଣିକିଆ...!
ଚାଲି ଆସିଲେ ଲାଗେ ଯେମିତି
ରବୀନ୍ଦ୍ରନାଥଙ୍କ ଦର୍ଶନ ତତ୍ତ୍ୱ ଧରି ଆସିଛ

ଘରେ ବସିଲେ ଦେଖନା ସ୍ତ୍ରୀକୁ...
କ୍ରମତ୍ୱ ଦୂରତାର ଠିକଣା ବାଢ଼ି ବସେ
ନେଛା ନେଛା ବେଦରଦୀ ପୁସ୍ତକ...
ଲାଗେ ଗୁରୁ ବୃହସ୍ପତି ତୁମକୁ ଯେମିତି
ସଂସାର ଜାକର ଶିକ୍ଷା ଭାର
ଲଦି ଦେଇଛନ୍ତି .....!
ଭୁରୁ ଭୁରୁ ଶିଶିର ବିନ୍ଦୁର ଛିଟାରେ
ହାତ ଠାରି ଡାକୁ ଥାଏ ରାସ୍ତା କଡ଼ର
ବରଗଛ ପାଖ ନୁଆଁଣିଆ ଚାହା ଦୋକାନ
ଆଉ ତା ଉଷୁମ୍ ଚାହା କେଟିଲ୍ ବାସ୍ନା...
ତଥାପି ଲୋଡ଼ ପ୍ରିୟାର ମୁଲାୟମ ହାତ ଚାହା....!!
ମୁଣ୍ଡ ନୁଆଁଇ ଦୀପଟିଏ ଜଳି ଦେଲାବେଳେ
ତାଙ୍କ ରଙ୍ଗୀନ ଆଲ୍ଟା ବେଟ୍ ଜୀବନର
ଲକ୍ଷ୍ୟ ଆୟୁଷକୁ କାମନା କରି ବସେ...!

ସତରେ ସେ ବୁଝିଲା ସୁଝିଲା
ମାନ ଭାଙ୍ଗି ପାରୁଥିବା ପ୍ରେମିକାଟେ...
ସେ ଏମିତି ଏକ ପୁରୁଷ ଯତ୍ନ ନେବା ବେଳେ
ଲାଗେ ସାକ୍ଷାତ ବାପା ଆଉ....
ଆଉ କାନ୍ଦରେ ଆଉଜିବା ବେଳେ....
ଚେହେରାଠୁ ହୃଦୟ ଲକ୍ଷ୍ୟଗୁଣା ସୁନ୍ଦର
ତେଣୁତ ବିନା କାରଣରେ ମୁଁ ବାନ୍ଧି ହୋଇଯାଏ
ଜନ୍ କିଡ୍ ଙ୍କ କବିତାର ପ୍ରେମିକା ପରି...!
ଯଦିଓ ସେ ରୋମାଣ୍ଟିକ ନୁହନ୍ତି,
ସେ ଯେମିତି ସେମିତି ଭଲ ଲାଗେ
ତାଙ୍କ ଆଖିରେ ମୋ ସବୁ ଯୁଗ ସରେ ଓ ମରେ
ସଜେ ପି.ବି ସେଲିଙ୍କ ରୋମାଣ୍ଟିକ କବିତାର
ଆଜନ୍ମା ପାବନି ନାୟିକା....!
ଅବା ସେକ୍ସ୍ ପିଅରଙ୍କ ନୋଭେଲର
ସାଜେ ମୁଖ୍ୟ  ଭଲପାଇବାର ଚରିତ୍ର
ଭଲ ପାଇବାକୁ ଆହ୍ଲାକରି,
ସଂସାର ବୋଝକୁ ପିଠିରେ ବୋହି
ଅଚିରେ କୂଳ ଲଙ୍ଘିଯାଉ....!

**ଉମରକୋଟ, ନବରଙ୍ଗପୁର**



## ରଷିଛି ଅଭିମାନିନୀ

**ଡଃ ନାରାୟଣ ଚନ୍ଦ୍ର ସେନାପତି**

ସମୁଦ୍ର ଜଳ ବି ଊଣା ହୋଇଯାଏ
ମୋ ପ୍ରିୟାର ସଜ ପ୍ରେମ ପାଖରେ
ଦଣ୍ଡେ ନ ଦେଖିଲେ ପାଗଳିନୀ ସାଜେ
ତା ଆଖିରୁ ମେଂଚେ  ଲୋତକ ଝରେ।

ଟାଣ କଥା ଆଦୌ ସହି ପାରେନା ସେ
ଫାଟିଯାଏ ହୃଦ କାନ୍ଦେ ଧକେଇ
ତା ଆଖିର ଲୁହ ତା ଶୁଖିଲା ମୁହଁ
ଦେଖି ଧୈର୍ଯ୍ୟ ଧରି ପାରେନା ମୁହିଁ।

ତା ଅଳି ଅର୍ଦ୍ଦଳି ଅପୁରା ରହିଲେ
ନାକ ଅଗରେ ତା ଗଜରେ ରାଗ
ଫଁ ଫଁ ହୋଇ ବୁଲୁଥାଏ ଘୁରି
ଲାଗେ ବୈଶାଖ ଟା ହେଲା କି ମାଘ।

ଚୁପ୍ ଚାପ୍ ରହି ଚେଇଁ ଶୋଇଥାଏ
ସତେ କରିଛି କି ମଉନ ବ୍ରତ
କୁହେନା ଶୁଣେନା ଅକ୍ଷର ଟିଏ ବି
ନୀରବକୁ କରି ମିତ ସଙ୍ଗାତ ।

ତାକୁ ନ ଡାକିଲେ ଅଭିମାନ କରେ
କହେ କେତେ କଥା କେଞ୍ଚି ବଙ୍କାଇ
କଥାର ଆଇଁସା ଯେବେ ପାଇଯାଏ
ମୁରୁକି ହସେ ସେ ମୁହଁ ଲୁଚେଇ।

ତା ରୁଷା ଖୋଜଇ ମହଣେ ବେଉସା
ପାଇଲେ ବିମୁଗ୍ଧ ହୁଏ ତା ହୃଦ
ପ୍ରଶଂସା ପାଇଲେ ଖୁସିରେ ପହଁରି
ହୁଏ ମୋ ଉପରେ ଖୁସି ଗଦ ଗଦ।

କିଛି କହୁନି ମୁଁ କେତେଦିନୁ ବୋଲି
ଅଭିମାନିନୀ ମୋ ବସିଛି ରୁଷି
ସରାଗେ ଶୁଣିଲେ ମିଠା କଥା ପଦେ
ଖୁସିରେ ମୋ ପାଶେ ବସିବ ଆସି।

**ଜମ୍ପରା, କେନ୍ଦୁଝର**



## ସମୟ

**ପୁଷ୍ପଲତା ମିଶ୍ର**

ଧରା ଦିଏ ନାହିଁ ସମୟ ଟି ସତେ
ରାତି ଯାଉ ପଛେ ପାହି,
ତା ସୁଅ ରେ ଭାସେ ଅପେକ୍ଷା ନ କରେ
ତାକୁ ଛୁଇଁ ହୁଏ ନାହିଁ।।
ସମୟ କି ଯାଏ ଢେଉ ଖେଳି ଖେଳି
କରେନି କେବେ ଅପେକ୍ଷା,
ବଡ଼ ବଳବାନ ଏହି ତ ସମୟ
ଜୀବନେ ଦିଅଇ ଶିକ୍ଷା ।।
ସମୟ ର ସହ ଚାଲିବା ଶିଖିଲେ
ପାଦେ ପାଦେ ଥାଏ ରହି,
ସମୟ ନଉକା ଯାଏ ଅଙ୍କା ବଙ୍କା
ମନରେ ଥାଏ ସେ ରହି ।।
ଅତି ବଳବାନ ଏହି ଯେ ସମୟ
ଲେଖି ଦିଏ ଭାଗ୍ୟ ଫଳ,
ଝୁମ୍ପୁଡ଼ି ଘରକୁ କରଇ ଉଆସ
ସମୟ ସାଥିରେ ବଳ।।
ସମୟ ର ହାତେ ସରବେ ତ ବନ୍ଧା
ସମୟ ତ ବଳବାନ,
ସମୟ କୁ ଜଗି କର୍ମ କରିଗଲେ
ଆନନ୍ଦେ ବିତେ ଜୀବନ।।

ଭୁବନେଶ୍ୱର
ମୋବାଇଲ୍: ୯୩୩୮୨୯୪୬୫୭



## ହାତ ଛାଡିବନି କେବେ ମୋ ସାଥୀ

**ଡଃ ତାନଶ୍ରୀ ପାଣିଗ୍ରାହୀ**

ତୁମେ ପାଶେ ଥିଲେ ସକାଳ ମୋ ହସେ
ପକ୍ଷୀ ଗାଏ ମଧୁଗୀତି
ତୁମରି ସରାଗେ ବନ୍ଧା ମୋ ଜୀବନ
ସ୍ୱପ୍ନ ହୁଏ ଅସରନ୍ତି...

ଯେବେ ହେଲି ତୁମ ରଙ୍ଗେ ବିଭୋର
 ପାଇଲି ପ୍ରୀତି ମହକ
ଜହ୍ନ ରାଇଜରେ ମୋ ପାଇଁ ତୁମେ
ତୋଳିଲ ନୂଆ ମୂଲକ...

ହୃଦୟରେ ଖେଳେ ପ୍ରୀତିର ଜୁଆର
ପ୍ରଣୟର ବଂଶୀସ୍ୱନ
ଆକାଶ ଛାତିରେ କୁଆଁ ତାରା ହସେ
ଦେଖି ଆମରି ମିଳନ...

ଅବୁଝା ମନ ମୋ ଜମା ବୁଝେ ନାହିଁ
ଟିକେ ଯଦି ଯାଅ ଦୂରେ
ଲୁଚି ଲୁଚି ବସି ତୁମ କଥା ଭାବେ
ନୀରବରେ ମନ ଝୁରେ...

ତୁମ ପାଇଁ କେବେ ସାଜିଛି ମୁଁ ରାଧା
ପାଇଅଛି ଅପବାଦ
ତୁମରି ଭାବନା ନିତି ଛୁଏଁ ମୋତେ
ଚୋରାଅ କେବେ ମୋ ନିଦ...

ସୀମାହୀନ ମୋର ପ୍ରୀତି ଗଭୀରତା
ଆଶା ମୋର ଅସୁମାରୀ
ହାତ ଛାଡିବନି  କେବେ ସାଥୀ ମୋର
ପ୍ରେମରେ ଦିଅ ଭିଜାଇ ।।

**ବାଲେଶ୍ୱର**
**ମୋବାଇଲ୍: ୯୩୩୭୩୦୪୨୯୫**



## ଆଚରଣ ଓ ଉଚ୍ଚାରଣ

**ଡ଼ଃ ଅନୁପମା ବିଶ୍ୱାଳ**

ବଚନ ମଧୁର ଅମୃତର ଧାର
ଭାବଟି କ୍ଷୀର ସାଗର
ମନ ସୁନିର୍ମଳ ଶୁଭ୍ରତାର ଫଳ
ଦିବ୍ୟ ସରଗ ସୁନ୍ଦର।
ଶୁଦ୍ଧ ଆଚରଣ କିଣେ ହୃଦ ମନ
ହୃଦୟେ ପୂରାଏ ରସ
ହେଲେ ଅବା ପର ଲାଗେ ଆପଣାର
ଅଧରେ ଫୁଟାଏ ହସ।
କୋମଳ ସ୍ୱଭାବେ ଭାବନାର ଭାବେ
ଶୁଖିଲା ହୁଅଇ ଓଦା
କଠୋର ପଣିଆ ଅଟେ ପାଣିଚିଆ
ହୋଇ ନ ପାରଇ ନିଦା।
ଯଦି ଉଚ୍ଚାରଣ ହୁଅଇ ମଳିନ
ନଥାଏ ସେଥିରେ ବାସ
ତାରା ଫୁଲ ଫୁଟେ ମଳୟେ ଚହଟେ
ଆତ୍ମାରେ କରଇ ରାସ।
ମିଠା ଖଟା ସିଠା ବାରିଥାଏ ଜିହ୍ୱା
ଏଇ ତ ଅସଲ କଥା
ବିଗିଡିଲେ ରୂପ କୁଆର ଆଳାପ
ଶିରରେ ଆଣଇ ବ୍ୟଥା।
ପ୍ରିୟ ବଚନରେ ହସ ଧାରେ ଧାରେ
ପଥରେ ସୃଜଇ ପ୍ରାଣ
ମରୁଭୂମି ଦେହେ ଫୁଲ ଟିଏ ଫୁଟି
ସଫଳ କରେ ଜୀବନ।
ଦିନ ସରିଯାଏ କଥା ରହିଯାଏ
ଆୟୁଷର ନାହିଁ ମାପ
ଅଳପ ସମୟେ ରହି ଭାବେ ଲୟେ
ଜଳାଅ ଜ୍ଞାନ ପ୍ରଦୀପ।

**ସମ୍ବଲପୁର**



## ଆକାଶବାଣୀ

**ଡ. ଶୁଭେନ୍ଦୁ ମେହେର**

ସେ' ପ୍ରତ୍ୟହ ନିଦରୁ ଉଠାଏ
ବନ୍ଦେ ମାତରମ ଧ୍ୱନିରେ,
ହୃଦୟ କିଣେ,
ବିବିଧତା ମଧରେ ଏକତା ଆଣେ
ଅଭିମନ୍ତ୍ରିତ କରେ
ଦେଶପ୍ରେମର ମଧୁର ମୂର୍ଚ୍ଛନାରେ ।

ବାଣୀକଣ୍ଠ ହୁଅନ୍ତୁ କି' ଭିକାରୀ ବଳ,
ଅରବିନ୍ଦ ମୁଦୁଲି ହୁଅନ୍ତୁ କି'
ପ୍ରଫୁଲ୍ଲ କରଙ୍କ ମଧୁର ସ୍ୱର
ମନ୍ତ୍ରମୁଗ୍ଧ କରେ ମୋ' ହୃଦୟ ଦେଉଳ ।

ସେ'
ଦେଶ ବିଦେଶର ଖବର କୁହେ
ଉପେନ୍ଦ୍ର କୁମାର ପାହାଡ଼ସିଂଙ୍କ
ନିଆରା କଣ୍ଠରେ,
ଅନୁଚିନ୍ତା କୁହେ
ଶଙ୍କର୍ଷଣ ମଙ୍ଗରାଜଙ୍କ
ଥରିଲା ଓଠରେ।

କେବଳ ମୋତେ ନୁହେଁ.....
ସଭିଙ୍କୁ ସେ' ଆଦର କରେ,
ବହୁଜନ ହୀତାୟ
ବହୁଜନ ସୁଖାୟର ସମ୍ୟବାଦ ସ୍ୱରେ ।

ପାର ଅପା ହେଉ କି' ସନା ଭାଇ,
ଚାଷୀଭାଇର ଦିନସାରା
ଅକ୍ଲାନ୍ତ ପରିଶ୍ରମକୁ
ସହଜେ ଦିଅନ୍ତି ଦୂରେଇ ।

ଚିତ୍ତ ମୋହେ ଚିତ୍ତ ଜେନା
ମଧୁର ବଂଶୀସ୍ୱନରେ
କୁହୁକ ଭରେ ହରପ୍ରସାଦ ଚୌରାସିଆ
ଭଜନ ଗାଏ ଶ୍ୟାମସୁନ୍ଦର କର,
ଓଡିଶୀ ସଂଗୀତରେ
ଅକ୍ଷୟ ଆଉ ସିକନ୍ଦର ।

ତା' ପାଇଁ....
ରଙ୍ଗବତୀର ବାସ ଦିଗ୍‌ବିଦିଗ ଛୁଟିଲା
ଜିତେନ୍ଦ୍ର ଜଗତ ଜିତିଲା ।
ଐତିହ୍ୟ, ସଂସ୍କୃତି, ପରମ୍ପରା ହେଉ
କି' ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନଧାରା
ସବୁଠୁ ତା' ଉପସ୍ଥାପନା
ସ୍ୱତନ୍ତ୍ର ନିଆରା ।

ଘରବଇଦ ଠୁ ଡାକ୍ତରୀ ଚିକିତ୍ସା
ସବୁଠି ତାହାର ନାଁ,
ଆଇ ମା'ର କାହାଣୀ ପରି
କିଛି ଅବୁଝା ରହେନା ।

ଶିଶୁଠାରୁ ବୃଦ୍ଧ ପର୍ଯ୍ୟନ୍ତ
ସଭିଙ୍କୁ ମୋହେ ସ୍ୱତନ୍ତ୍ର ଭଙ୍ଗୀରେ,
ଆକାଶ ଛାତିରୁ ଶବ୍ଦ ଦିଅନ୍ତି ଦେବତା
ତେଣୁ ସେ ,
ଶୁଦ୍ଧ ସଙ୍ଗୀତରେ,
ପବିତ୍ର ଭାବନାରେ ।

ଭାଇଚାରାର ଭାବ ଭିତରେ ଛନ୍ଦା ସେ,
ସତ୍ୟ, ଧର୍ମ, ନ୍ୟାୟ ପଥରେ
ନୀରବି ଯାଇ ନଥିବା
କର୍ମଠ ବାଟୋଇ,
ତାକୁ ଛାତିରେ ନ ଧରିଲେ
ନିଦ ଜମା ହୁଏନାହିଁ
ବିଛଣାରେ ପାରେନା ମୁଁ ଶୋଇ ।।

**ଯାଲୋଏ, ସୁବର୍ଣ୍ଣପୁର**



## କବିତା

**ଡ.ଭାରତୀ ହୋତା**

କବିତା...
କିଛି କୋହର
କିଛି  ଲୁହର
କିଛି ଆବେଗର ସାଉଁଟା
ହସ କାନ୍ଦର ସମାହାର ।।

କବିତା ..
 କିଛି ଘଟଣା ଅଘଟଣର
ଆଙ୍କି ଦେଇଥିବା ଅନେକ କ୍ଷତ ଛାତିର
କେତେ ଅବ୍ୟକ୍ତ ଯନ୍ତ୍ରଣା
ଗୁନ୍ଥି ଆଣିଥିବା ଛନ୍ଦର ଛାନ୍ଦର
ଖୋଜି ବୁଲୁଥିବା ଶବ୍ଦ ବ୍ରହ୍ମର
ମୌନ ମୁହଁରେ
ନିଜେ ନିଜର ସମାଧି ସ୍ତୁପରେ
କିଛି ଅଙ୍କୁର ସ୍ୱପ୍ନିଳ ସମ୍ଭବନାର.... ।

କବିତା...
ଅକ୍ଷର ଗୁଡ଼ିକୁ ଧୋଇ ପୋଛି ଲୁହରେ
ଲହୁରେ ଭିଜାଇ ଦେଇଥିବା ଶବ୍ଦପୁଞ୍ଜାର
 ସ୍ୱେଦର ବିନ୍ଦୁ ବିନ୍ଦୁ ଟୋପାରେ
 ମହକେଇ ଦେଇଥିବା  ଧାଡ଼ିଧାଡ଼ି ଅକ୍ଷରର
 ଭାବରେ ବିଭୋର କରିବାକୁ
 କେହି ନା କେହି
 ପାଠକର ଦରଦୀ ଆତ୍ମାକୁ
 ଅର୍ଥରେ, ଅର୍ଥାନ୍ତରରେ... ।

କବିତା....
କାଗଜ ଉପରେ
ଭାବ ଅଭାବର ଶବ୍ଦର ସଜ ବାଜ
ତହିଁରେ ତିକ୍ତ -ମଧୁର
କୋହ-ମୋହର ମୂରୁଜ ,
 କବିତା ଛାତି ତଳେ ଲୁକ୍କାୟିତ
ଡେଣାଲଗା ପ୍ରଜାପତିଙ୍କ ସ୍ୱପ୍ନ ସମାହାର
କିଛିଟା ଆତ୍ମଗ୍ଲାନି,
ନାତିଶୀତୋଷ୍ଣ ପାପ ପୁଣ୍ୟର
କାକର କବର..... ।

କବିତା....
ପ୍ରିୟ ଅପ୍ରିୟ
ଅଙ୍ଗେନିଭା ଅନେକ କ୍ରିୟା ପ୍ରତିକ୍ରିୟାର
ପ୍ରତ୍ୟକ୍ଷ -ପରୋକ୍ଷ ଅନୁଭବ,
ସଫଳ ହେଉ କି ବିଫଳ
ବାସ୍ତବରେ ବଞ୍ଚୁଥିବା ବହୁବିଧ ଜୀବନର
ଚିତ୍ର ଓ ଚରିତ୍ର ସମୂହର ସମାହାର... ।

କବିତା...
ମେଞ୍ଚାଏ ଅନ୍ଧାର ଛାତିତଳର,
ଭଙ୍ଗା ଦଦରା ପଞ୍ଜରା କୋଣ ଅନୁକୋଣର
ସାଉଁଟା ହାହାକାର,
ହୃଦୟ ଅଳିନ୍ଦର ମୁଠାଏ ଅଳନ୍ଧୁ
ମେଘ, ମାଘ, ବୈଶାଖର ବୁଢ଼ିଆଣୀ ଜାଲ... ।

କବିତା....
ଝାଳ ବତୁରା ଲାଞ୍ଛିତ ଭାଗ୍ୟଲେଖ,
ଭାବ ଅଭାବ ଶବ୍ଦର ଶିଖର ସମ୍ମିଳନୀ,
ବେଦନାସିକ୍ତ ଛାୟାପଥ
ଚିତ୍ରିତ ଜହ୍ନରାତି, ପ୍ରେମର ପଦ୍ମ ପୋଖରୀ,
ଆଉ କିଛି ମୂକ ବିଦ୍ରୋହର ଇସ୍ତାହାର... ।

**ଖରିଆର ରୋଡ଼**
**ନୂଆପଡ଼ା**



## ଦର୍ପଣ

**କବି କେଶବ ଚନ୍ଦ୍ର ନାୟକ**

ଧନୀ କି ଗରିବ ନାହିଁ ଭେଦାଭେଦ
ଘରେ  ଘରେ ଶୋଭା ଦର୍ପଣ....
ପିଲା ହେଉ ବୁଢ଼ା ସବୁରି ଆଦର
ଦର୍ପଣରେ ମୁଖ ଦର୍ଶନ.....!!
ସବୁଠି ଛଳନା ଅଛି ପ୍ରବଞ୍ଚନା
ଦର୍ପଣରେ ନାହିଁ ପ୍ରତିବାଦ....
ବୟସର ଛାପ ଅବିକଳ ଦୃଶ୍ୟ
ଦର୍ଶାଏ ସମ୍ମୁଖେ ନିର୍ବିବାଦ....!!
ଦର୍ପଣଟା  ଗଢ଼ା କାଚ ଉପାଦାନେ
ହସ୍ତୁ ଗଲେ ଖସି ହୁଏ ଚୂର୍ଣ୍ଣ....
ଭାଙ୍ଗି ଗଲେ ଆଉ ହୁଏ ନାହିଁ ଯୋଡି
ଧର ଧୀରେ ହୋଇ ସାବଧାନ.....!!
ଦର୍ପଣ ଧରି କେ ସ୍ନାନ ସମାପନେ
ମୁଖ ଶୃଙ୍ଗାରରେ ହୁଏ ମଗ୍ନ....
ନିଜ ଅଙ୍ଗ ରାଗ ସୁସଜ୍ଜିତ କରେ
ଚାହିଁଣ ମୁକୁର କ୍ଷଣ କ୍ଷଣ....!!
ନାରୀର ସୌନ୍ଦର୍ଯ୍ୟ ଆଙ୍କଇ ମୁକୁର
କେଶ ବିନ୍ୟାସର ଚାରୁ ଚିତ୍ର....
ନୟନେ କଜ୍ଜଳ ଅଧରେ ଲାକ୍ଷକ
ପ୍ରଲେପର ବହେଥାଏ ସୂତ୍ର....!!
ରମଣୀ ରତନ କରିଣ ଯତନ
ସୀମନ୍ତେ ସନ୍ତକ ସିନ୍ଦୂରର....
ଲଗାଇ ମଥାରେ ସଧବା ହୁଅଇ
ମୁକୁର ବିମ୍ବିତ ନୟନର....!!
ଯେବେ ସେ ବୈଧବ ବେଶ ଧରେ ନାରୀ
ମୁକୁରକୁ କରେ ଅନାଦର.....
କି ହେବ ବିଧବା ସଜ୍ଜିତ ହୋଇଲେ
ଛାରଖାର ଯେବେ ସୌନ୍ଦର୍ଯ୍ୟର....!!
ନାପିତ ସଯତ୍ନେ ଦର୍ପଣ ସାଇତି
ଦାଢ଼ି ନିଶ କାଟେ ପୁରୁଷର.....
କେଶ କର୍ତ୍ତନରେ ମୁକୁର ସହାୟ
ହୋଇ ଥାଏ ସଦା ଗ୍ରାହକର....!!
ବାରବଧୂ ଦେଖି ବାରବାର ରୂପ
ସଜାଡେ ମୁକୁର କରେ ଧରି....
ଲମ୍ପଟ ରସିକ ନାଗର ଚିତ୍ତକୁ
ଆକର୍ଷେ କଟାକ୍ଷ କରି କରି.....!!
(ସଭାପତି, ଉତ୍କଳ ସାହିତ୍ୟ ସଂସଦ, ମାଲକାନଗିରି)
ମୋବାଇଲ:୯୪୩୭୭୭୯୪୪୭



## ଭାଷାକୁ ନକର କ୍ଷୁଣ୍ଣ

**ବସନ୍ତ କୁମାର ପ୍ରଧାନ**

ଭାଷା ହିଁ ଭାବର ଅଟଇ ବାହକ
ଜାତି ପ୍ରଗତି ଦ୍ୟୋତକ
ଭାଷା ବଞ୍ଚିଲେ ଜାତିଟିଏ ବଞ୍ଚେ
ତାକୁ ନେଇ ଆମ ଟେକ ।

ମାତୃଭାଷାରେ ହିଁ ହୃଦୟ ଆବେଗ
ଶୁଦ୍ଧ ଭାବେ ପରିସ୍ଫୁଟ
ଭାବର ସ୍ୱାଭାବିକ ପ୍ରକାଶରେ
ମାତୃଭାଷା ଅଟେ ଶ୍ରେଷ୍ଠ ।

ମାତୃଭାଷା ର ଉନ୍ନତି ନିମନ୍ତେ
ହେଉ ସମସ୍ତ ଉଦ୍ୟମ
ଭାଷା ଉନ୍ନତି ରେ ଦେଶର ପ୍ରଗତି
ହେଉ ଯେ ହୃଦୟଙ୍ଗମ ।

ଆମ ପୂର୍ବ ସୂରି କେତେ ସାଧ୍ୟ କରି
ରଖିଲେ ଭାରତୀ ଟେକ
କଲମ ମୁନରେ ଗଢ଼ି ଯାଇଛନ୍ତି
କେତେ କଳା କୋଣାରକ  ।

ସମ୍ମାନ ଉପାଧି ଯାହା ବି ମିଳିଛି
ସବୁ ସାଧନା ର ଫଳ
ଆଜି କବିକୁଳ ଶସ୍ତା ସାହିତ୍ୟରେ
ସମ୍ମାନ ପାଇଁ ପାଗଳ ।

ଭାଷା ସାହିତ୍ୟର ଆଜି ଅବନତି
ଶବ୍ଦ ନୁହେଁ ତ୍ରୁଟିଶୂନ୍ୟ
ସଭିଁଙ୍କର ଲକ୍ଷ୍ୟ ହୋଇଲେ ମହତ
ଲଭିବ ଭାଷା ସମ୍ମାନ ।

ଶସ୍ତା ଉପାଧିରେ ଶସ୍ତା ସାହିତ୍ୟରେ
ଭାଷାକୁ ନକର କ୍ଷୁଣ୍ଣ
ସ୍ୱାର୍ଥକୁ ବରଜି ଦେଶ ଜାତି ହିତେ
ରଖ ନିଜ ସ୍ୱାଭିମାନ ।

ଶବ୍ଦ ଗଠନରେ ବର୍ଣ୍ଣ ବସାଣରେ
ନଭୁଲ ନୀତି ନିୟମ
ଭାଷା ସାହିତ୍ୟର ହୋଇଲେ ଉନ୍ନତି
ବଢ଼ିବ ଜାତି ସୁନାମ ।

ଭାଷାରେ ଶୁଦ୍ଧତା ଶାବ୍ଦିକ ବନାନ
ମାତ୍ରା ଫଳା ଯତିପାତ
ଶୁଦ୍ଧ ଓଡ଼ିଆ ଲିଖନ ପଠନେ
କରିବା ଭାଷା ଉନ୍ନତ ।

ବର୍ଣ୍ଣବୋଧ ବ୍ୟାକରଣ ଅଭିଧାନ
ଜ୍ଞାନକୁ କରି ଅର୍ଜନ
ଭାଷା ସୁରକ୍ଷାରେ ସଦା ବ୍ରତୀ ହୋଇ
ବଢ଼ାଇବା ତା ସମ୍ମାନ ।

ଶବ୍ଦ ଅର୍ଥ ଧ୍ୱନି ବର୍ଣ୍ଣ ମାତ୍ରା ଫଳା
ଅଟଇ ଭାଷା ଜୀବନ
ସେଥିପ୍ରତି ସଦା ହୁଅ ସଚେତନ
ଭାଷାକୁ ନକର କ୍ଷୁଣ୍ଣ

ଆମ ଯଶସ୍ୱିନୀ ଓଡ଼ିଆ ଭାଷା ର
ରଖିବା ମାନ ମହତ
ଭାଷା ଭାରତୀକୁ ଅଧୋଗତିରୁ
ରକ୍ଷା ହେଉ ଆମ ବ୍ରତ ।

**ହରିହରପୁର, ଛେଣ୍ଡିପଦା, ଅନୁଗୋଳ**

● ୪୨୮ ଗୋଟି ପରିବାରକୁ ମିଳିଲା ନୂତନ ରାସନ କାର୍ଡ

# ମନ୍ତ୍ରୀଙ୍କ ଦ୍ୱାରା ରାସନ କାର୍ଡ ପ୍ରଦାନର ଶୁଭାରମ୍ଭ



**ବାରିପଦା,୧୬।୧୨ (ସଂଚାର ବ୍ୟୁରୋ):** ଆଜି ବାରିପଦା ପୌରପାଳିକା କାର୍ଯ୍ୟାଳୟ ପରିସରରେ ବାରିପଦା ସହରାଞ୍ଚଳ ଅନ୍ତର୍ଗତ ୨୮ଟି ୱାର୍ଡରେ ଆଦ୍ୟାବଧି ଚିହ୍ନିତ ହୋଇଥିବା ନୂତନ ଯୋଗ୍ୟ ବିବେଚିତ ହିତାଧିକାରୀ ମାନଙ୍କୁ ନୂତନ ରାସନ କାର୍ଡ ବଣ୍ଟନ ନିମନ୍ତେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ, ଡ଼. କୃଷ୍ଣ ଚନ୍ଦ୍ର ମହାପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଉପନଗରପାଳିକା ସୀମା ଦାସ ଯୋଗ ଦେଇଥିଲେ। ପ୍ରାରମ୍ଭରେ ନଗରପାଳ ଶ୍ରୀ ମହାନ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ସହ କହିଥିଲେ ଯେ ବାରିପଦା ପୌରାଞ୍ଚଳର ୨୮ଟି ୱାର୍ଡରେ ଅଦ୍ୟାବଧି ନୂତନ ୪୨୮ଟି ପରିବାରଙ୍କୁ ଯୋଗ୍ୟ ହିତାଧିକାରୀ ଭାବେ ଚିହ୍ନିତ କରାଯାଇଛି ଏବଂ ସେଥି ମଧ୍ୟରୁ ଆଜି ଏହି କାର୍ଯ୍ୟକ୍ରମ ରେ ୧୬୭ ଜଣଙ୍କୁ ମାନ୍ୟବର ମନ୍ତ୍ରୀଙ୍କ ଦ୍ୱାରା ଏହି ନୂତନ ରାସନ କାର୍ଡ ପ୍ରଦାନ କରାଯିବ। ପରବର୍ତ୍ତୀ ସମୟରେ ପର୍ଯ୍ୟାୟ କ୍ରମେ ଅନ୍ୟମାନଙ୍କୁ ଏହି କାର୍ଡ ପ୍ରଦାନ କରାଯିବ। ମୁଖ୍ୟ ଅତିଥି ମନ୍ତ୍ରୀ ଡ଼. ମହାପାତ୍ର ହିତାଧିକାରୀ ମାନଙ୍କୁ ନୂତନ ରାସନ କାର୍ଡ ପ୍ରଦାନ କରିବା ଅବସରରେ କହିଥିଲେ ଯେ, ବାରିପଦା ସହରରେ ଆଗକୁ ଅନେକ କିଛି ଉନ୍ନତି ମୂଳକ କାର୍ଯ୍ୟ କରିବା ପାଇଁ ଯୋଜନା ରହିଛି। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ବାରିପଦା ସହରକୁ ଏକ ସ୍ମାର୍ଟ ସିଟି କରିବା, ସହର ଭିତରେ ଥିବା ଅନେକ ଗୁଡିଏ ପରିତ୍ୟକ୍ତ ପୋଖରୀକୁ ପୁନଃରୁଦ୍ଧାର ସହ ଏହାର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ଏବଂ ରାସ୍ତାଘାଟର ପ୍ରଶସ୍ତିକରଣ ଇତ୍ୟାଦି ଅନେକ ଉନ୍ନତି ମୂଳକ କାର୍ଯ୍ୟ ହେବ ଏବଂ ଏଥିପାଇଁ ସହରବାସୀଙ୍କ ସହଯୋଗ କାମନା କରିଥିଲେ।

● ବିଦ୍ୟୁତ୍ ବିଭାଗର ମନମୁଖୀ କାର୍ଯ୍ୟପାଇଁ

# ୨୬ରେ ନରୁଆ ଛକ ଠାରେ ରାସ୍ତାରୋକ!

**ଜଗତସିଂପୁର,୧୬।୧୨ (ସଂଚାର ବ୍ୟୁରୋ):** ଓ.ପି.ଟି.ସି.ଓ.ଡି.ଏଲ୍ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ଟାଟା ର ବିଦ୍ୟୁତ୍ ଗ୍ରାହକ ମାନଙ୍କୁ ଶୋଷଣ ବିରୁଦ୍ଧରେ ଆସନ୍ତା ୨୬ ରେ ତାରିଖ ଶୁକ୍ରବାର ଦିନ ନରୁଆ ଛକ (ମଣିଜଙ୍ଗା ଠାରୁ ଏରସମା ର ମଝି ରାସ୍ତାରେ ସାଗବାରିଆ ଠାରେ) ରାସ୍ତାରୋକ ଆନ୍ଦୋଳନ ସକାଳୁ ହେବ ବୋଲି ଜଣାପଡ଼ିଛି। କେବଳ ଜଗତସିଂହପୁରରେ ଜିଲ୍ଲା ନୁହେଁ ରାଜ୍ୟ ବାସୀଙ୍କ ଉପରେ ଟାଟା କମ୍ପାନୀ ଅଦାଲତ ନିର୍ଦ୍ଦେଶ କୁ ଅବମାନନା କରି ବିଦ୍ୟୁତ୍ ଗ୍ରାହକ ମାନଙ୍କ ଘରେ ମନଇଚ୍ଛା ସ୍ମାର୍ଟ ମିଟର ଲଗାଇବା ଏବଂ ଆସନ୍ତା ବର୍ଷ ୬ ଜାନୁଆରୀ ଦିନ ମଧ୍ୟରେ ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ କରିବା ପାଇଁ ବାଧ କରିବା, ନହେଲେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ପାଇଁ ଧମକ ଦେବା ବିରୋଧରେ ଏହି ଆନ୍ଦୋଳନ ହେବ। ସେଠାକାର ୧୦ ଟା ପଞ୍ଚାୟତ ର ଜନସାଧାରଣ ଏହି ଆନ୍ଦୋଳନ ରେ ସାମିଲ ହେବେ। ଓ ପରେ ପରେ ରାଜ୍ୟରେ ରେ ତଥା ଜଗତସିଂହପୁର ଜିଲ୍ଲାର ପ୍ରତ୍ୟେକ ଅଞ୍ଚଳରେ ଏହି ଆନ୍ଦୋଳନ କୁ ବ୍ୟାପକ କରିବା କରାଯିବ ବୋଲି ବିଦ୍ୟୁତ୍ ଉପଭୋକ୍ତା ମଞ୍ଚର କାର୍ଯ୍ୟକର୍ତ୍ତା କିଶୋର୍ କୁମାର ଦାସ ଓ ବିଜେଡ଼ି ନେତା ମନୋରଞ୍ଜନ ସାମନ୍ତରାୟ କହିଛନ୍ତି। ଏବଂ ଆହୁରି ମଧ ଦୁହେଁ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଏହି ରାସ୍ତା ରୋକ ରେ ମୁଦା ରହିବ ଯେ:ବିଦ୍ୟୁତ୍ ବଣ୍ଟନ କମ୍ପାନୀ ଟାଟା ର ବିଦ୍ୟୁତ୍ ଗ୍ରାହକ ମାନଙ୍କୁ ଶୋଷଣ ବିରୁଦ୍ଧରେ, ଟାଟା କମ୍ପାନୀ ପାଖରେ ଆମ ଅଞ୍ଚଳ ର ଉଚ୍ଚ ଶିକ୍ଷିତ ପିଲା ଗୋଡି ଶ୍ରମିକ ଭାବେ କାହିଁକି କାମ କରିବେ? ବିଦ୍ୟୁତ୍ ବଣ୍ଟନ କମ୍ପାନୀ ଟାଟା ର ଜୋର ଜବରଦସ୍ତ ସ୍ମାର୍ଟ ମିଟର ଲଗାଇବା ଚଳିବ ନାହିଁ ଯଦି ଲଗାଇଛ ଉଠାଇ ନିଅ, ଟାଟା କମ୍ପାନୀ ଆମକୁ ଶୋଷଣ କରି ଅତିରିକ୍ତ ସିକୁରିଟ୍ ଜମା ନେବା ଚଳିବ ନାହିଁ, ଟାଟା କମ୍ପାନୀ ର କାର୍ଯ୍ୟକାଳ ରାଜ୍ୟରେ ସରିଥିବା ବେଳେ କେଉଁ ଆଧାର ରେ ସରକାର ଆଉ ଥରେ ତାଙ୍କ ସହିତ ଚୁକ୍ତି କରିବାପାଇଁ ରାଜି ଅଛନ୍ତି ଏହାକୁ ନେଇ ଆଗକୁ ରାଜ ରାସ୍ତାରେ ଲଢ଼େଇ ହେବବୋଲି ଶ୍ରୀ ଦାସ ଓ ଶ୍ରୀ ସାମନ୍ତରାୟ କହଛନ୍ତି।

# ଦୁର୍ଗା ମାଧବ ପଟେଲଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳନ



**ସୁନ୍ଦରଗଡ଼,୧୬।୧୨ (ସଂଚାର ବ୍ୟୁରୋ):** ହେମଗିରି ବ୍ଲକ ସ୍ଥିତ ପିଏମଶ୍ରୀ ମାଣିକେଶ୍ୱରୀ ଗଡ଼ତୁମୁଲିଆ ଉଚ୍ଚ ବିଦ୍ୟାଳୟରେ ସ୍ୱର୍ଗତ ଦୁର୍ଗା ମାଧବ ପଟେଲଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ପାଳନ କରାଯାଇଛି। ସେ ଜଣେ ଆଦର୍ଶ ଶିକ୍ଷକ ଥିଲେ ଏବଂ ତାଙ୍କର ଶିକ୍ଷା ପ୍ରତି ଥିବା ଅବଦାନ ଅତୁଳନୀୟ। ଏହି ଅବସରରେ ଆୟୋଜିତ ଏକ ଶ୍ରଦ୍ଧାଞ୍ଜଳୀ ସଭାରେ ମୁଖ୍ୟ ଅତିଥି ଭାବେ ହେମଗିରି ଗୋଷ୍ଠୀ ଶିକ୍ଷା ଅଧିକାରୀ କରୁଣା ସାଗର ପଟେଲ ଯୋଗ ଦେଇ ସ୍ୱର୍ଗତ ପଟେଲ ଜଣେ ଛାତ୍ର ବତ୍ସଳ ଶିକ୍ଷକ ଥିବା ସହିତ ଏକ ଜଣାଶୁଣା ଶିକ୍ଷଜ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ସିଆରସିସି ସଂଜୀବ ନାଏକ ଯୋଗଦେଇ ତାଙ୍କର ଗୁଣଗାନ କରିଥିବା ବେଳେ ସ୍ଥାନୀୟ ପ୍ରଧାନ ଶିକ୍ଷୟତ୍ରୀ ପ୍ରକାଶିନି ପଟେଲ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ। ଏହି ଶ୍ରାଦ୍ଧ ବାର୍ଷିକୀରେ ତାଙ୍କ ପତ୍ନୀ ବିଷ୍ଣୁ ପ୍ରିୟା ପଟେଲ, ପୁଅ ତୁଷାର ପଟେଲ, ଝିଅ ଦୀପା ପଟେଲ, ଶିଖା ପଟେଲ, ରେଖା ପଟେଲଙ୍କ ସମେତ ବୋହୁ କବିତା ପଟେଲ ଓ ଜ୍ୱାଇଁ ରାଜୀବ, ଘନଶ୍ୟାମ, ଅମିତ ଓ ନାତିନାତୁଣୀ ମାନେ ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରଞ୍ଜନ ଚୋଧୁରୀ, ନାରାୟଣ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜୟଙ୍କ ଉଦ୍ଦେଶ୍ୟରେ ସମୂହ ଦୀପଦାନ ଓ ଶ୍ରଦ୍ଧାଞ୍ଜଳି

**ବାଲିପାଟଣା,୧୬।୧୨(ସଂଚାର ବ୍ୟୁରୋ):** ବାଲିପାଟଣା ବାରିଲୋ ଗାଁର ସଫଳ ଚାଷୀ ବିଜୟ କୁମାର ଜେନାଙ୍କ ଆକସ୍ମିକ ବିୟୋଗ ସ୍ଥାନୀୟ ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ସେ ଜଣେ ସଫଳ ଚାଷୀ ନ ଥିଲେ ବରଂ ବିଭିନ୍ନ ଆଧାତ୍ମିକ, ସାମଜିକ ଓ ସାଂସ୍କୃତିକ ପରିଷଦ ସହ ଜଡିତ ଥିଲେ। ଆଜି ସନ୍ଧ୍ୟା ବାଲିପାଟଣା ମହାବୀର ସାଂସ୍କୃତିକ ପରିଷଦ ତରଫରୁ ବଜାର ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବିଜୟଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ ଓ ସମୂହ ଦୀପ ଦାନ କରାଯାଇଛି।ଏହି ଅବସରରେ ଏକ ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା। ମହାବୀର ସାଂସ୍କୃତିକ ପରିଷଦ ସଭାପତି ଖିରୋଦ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପଦେଷ୍ଟା ଶିକ୍ଷାବିତ ନାରାୟଣ ବେହେରା, ଅକ୍ଷୟ କୁମାର ସାହୁ, ଜୟନ୍ତ ଓଝା, ସମ୍ପାଦକ ଆଲୋକ ଆଚାର୍ଯ୍ୟ, ବସନ୍ତ କୁମାର ଦାଶ, ରଞ୍ଜନ ପ୍ରଧାନ, ପୁର୍ଣ ଚନ୍ଦ୍ର ମାହୁନ୍ତ, ସନ୍ତୋଷ ଭୋଳ, ଚିନ୍ତାମଣି କାଶ୍ୟପ, ସୂର୍ଯ୍ୟକାନ୍ତ ମୁଖୀ, ବିଶ୍ୱଜିତ ସାହୁ, ବିବେକାନନ୍ଦ ସାହୁ, ଦିଗବିଜୟ ପରିଡା, ଶିଶୁ ଅନନ୍ତ ମହାବିଦ୍ୟାଳୟ ର ଅବସର ପ୍ରାପ୍ତ ଅଧାପକ ରାଧାକାନ୍ତ ମହାନ୍ତି, ଅଶୋକ ସାହୁ, ଘନ ଶ୍ୟାମ ଭୋଳ, ରାକେଶ କୁମାର ମିଶ୍ର, ସୁବୋଧ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ତଥାପି ଭତ୍ତାରୁ ବଞ୍ଚିତ ନମିତା ଦିଗାଲ



**କନ୍ଧମାଳ,୧୬।୧୨(ସଂଚାର ବ୍ୟୁରୋ):** ସରକାର ବୃଦ୍ଧବୃଦ୍ଧା ମାନଙ୍କ ପାଇଁ ବାର୍ଦ୍ଧକ୍ୟ ଭତ୍ତା, ସ୍ୱାମୀ ପରିତ୍ୟକ୍ତ ମହିଳା ମାନଙ୍କ ପାଇଁ ସ୍ୱାମୀ ପରିତ୍ୟକ୍ତ ଭତ୍ତା, ବିକଳାଙ୍ଗ ମାନଙ୍କ ବିକଳାଙ୍ଗ ଭତ୍ତା ଓ ବିଧବା ମହିଳା ମାନଙ୍କ ପାଇଁ ବିଧବା ଭତ୍ତା ଭଳି ଅନେକ ଯୋଜନା କରିଛନ୍ତି। ହେଲେ ପଞ୍ଚାୟତ ଓ ବ୍ଲକ ପ୍ରଶାସନିକ ଅଧିକାରୀ ମାନଙ୍କ ଅବହେଳା ଯୋଗୁଁ ମିଳି ପାରିନାହିଁ ସ୍ୱାମୀ ପରିତ୍ୟକ୍ତ ଭତ୍ତା। ଏମିତି ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ପଞ୍ଚାୟତ ମଗଡ଼ିଙ୍ଗିଆ ଅଧୀନରେ ଥିବା ଗୁଞ୍ଜିଗାଁ ଗ୍ରାମରୁ ଆସିଛି ଏପରି ଏକ ଅଭିଯୋଗ। ବଣ୍ଡଗୁଡ଼ା ପଞ୍ଚାୟତ ଅଧୀନରେ ଥିବା ଗୁଞ୍ଜିଗାଁ ଗ୍ରାମର ନମିତା ଦିଗାଲ ବୟସ ୩୭। ଆଜକୁ ପ୍ରାୟ ୨୫ ବର୍ଷ ତଳେ ନମିତା ଦିଗାଲ ଙ୍କ ସ୍ୱାମୀ ଗଣେଶ ମଲ୍ଲିକ ଦୁଇଟି ଛୁଆଙ୍କୁ ଛାଡ଼ି ନମିତା ଙ୍କ ଦାୟିତ୍ୱରେ ଛାଡ଼ି ଅନ୍ୟଜଣକୁ ବିବହ କଲେ। ନମିତା ଦିଗାଲ ଙ୍କ ପାଇଁ ସବୁ ରାସ୍ତା ବନ୍ଦ ହୋଇଗଲା।ସେ ନିଜେ କେମିତି ବଞ୍ଚିବେ ସେ ଚିନ୍ତାରେ ଘାଣ୍ଟି ହୋଇଗଲେ। ସରକାର ମାନଙ୍କୁ ଭତ୍ତା ଦେଉଥିବା ଜାଣି ୨୫ ବର୍ଷ ହେଲାଣି ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟକୁ ଦୌଡୁଛନ୍ତି। ହେଲେ ଆଜିଯାଏ ସେ ସ୍ୱାମୀ ପରିତ୍ୟକ୍ତ ଭତ୍ତା ଖଣ୍ଡିକ ପାଇପାରିଲେନାହିଁ। ଏପରି କି ପଞ୍ଚାୟତରେ ମିଳୁଥିବା ପରିତ୍ୟକ୍ତ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ଚଳାଚଳରେ ଅସୁବିଧା ହେବାରୁ ବଣ୍ଡଗୁଡ଼ା ପଞ୍ଚାୟତ ଅଧୀନରେ ଥିବା ଗୁଞ୍ଜିଗାଁ ସାହିର ନିଜେ କରିଥିବା ଭାଙ୍ଗା ଦଦରା ଘରେ ଆଶ୍ରୟ ନେଉଛନ୍ତି।

# ଯନ୍ତ୍ରଣାରେ ଯୁଝୁଛି ଟୁକୁଟୋଲା; ମିଳୁନି ମୌଳିକ ସୁବିଧା



**ସୁନ୍ଦରଗଡ଼,୧୬।୧୨ (ସଂଚାର ବ୍ୟୁରୋ):** ଜିଲ୍ଲାର ଏକ ଖଣି ଅଞ୍ଚଳ । ଏଠାକାର ଖଣିରୁ କୋଟି କୋଟି ଟଙ୍କାର ରାଜସ୍ୱ ପାଉଛି ଓଡ଼ିଶା । ହେଲେ ସ୍ଥାନୀୟ ଲୋକଙ୍କ ଅବସ୍ଥା ଦୀପ ତଳ ଅନ୍ଧାର ଭଳି । ଖଣିରୁ ସରକାରଙ୍କୁ ମିଳୁଛି ପୁଳାପୁଳା ଟଙ୍କା । ହେଲେ ଖଣି ବାହାରେ ମେଞ୍ଚାମେଞ୍ଚା ଯନ୍ତ୍ରଣାରେ ଛଟପଟ ହେଉଛି ମଣିଷ । ଖଣି ଖୋଳାଯାଏ ବିକାଶ ପାଇଁ, ଖଣି ଖୋଳିଲେ ଅଞ୍ଚଳ ଆଗକୁ ବଢ଼ିବ। ରାଜସ୍ୱ ବଳରେ ରାଜ୍ୟ ତଥା ରାଷ୍ଟ୍ରର ବିକାଶ ହେବ । ସେଥିପାଇଁ ସରକାର ପ୍ରକୃତି କୋଳରେ ଥିବା ପାହାଡ଼ ପର୍ବତ, ଘଞ୍ଚ ଜଙ୍ଗଲ, ନଦୀ ନାଳ, ପଶୁ ପକ୍ଷୀ ସମସ୍ତଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଖଣିକୁ ଅନୁମତି ପ୍ରଦାନ କରିଥାନ୍ତି । ହଁ..ଖଣି ଖନନ ହେଲେ ପାଣି, ପବନ, ପରିବେଶ ନଷ୍ଟ ହେବା ସ୍ୱାଭାବିକ । କିନ୍ତୁ ଖଣି କୋଳରେ ଥିବା ଗାଁ ଗୁଡ଼ିକର ଦୁର୍ଦ୍ଦଶା ଯେ କେତେ ବଢ଼ିଯାଏ, ସେ କଥା କିନ୍ତୁ କେବେ କେହି ଆଲୋଚନା କରନ୍ତିନି । ମନ୍ତ୍ରୀ ଆଉ ଅଧିକାରୀମାନେ ଏସି ରୁମରେ ବସି ଅନୁମାନ କରନ୍ତି କି ଖଣି ଅଞ୍ଚଳ ମାନେ ବିପୁଳ ଟଙ୍କା ଏବଂ ଟଙ୍କାରେ ବଳିଆନ ହେଉଥିବେ ଖଣି ଅଞ୍ଚଳବାସୀ। ହେଲେ ପ୍ରକୃତରେ ମାଟି ତଳେ ଯେତେ ପ୍ରାଚୁର୍ଯ୍ୟ, ମାଟି ଉପରେ ସେତିକି ଯନ୍ତ୍ରଣା। ଯାହାକୁ ଦେଖିଲେ ଛାତି ଥରି ଉଠୁଛି । କୋଇଡ଼ାର ଖଣିରୁ ବାର୍ଷିକ ୧୫ ହଜାର କୋଟିରୁ ଅଧିକ ଟଙ୍କାର ରାଜସ୍ୱ ପାଉଛନ୍ତି ସରକାର। ଏତେ ଟଙ୍କା ଦେଉଥିବା କୋଇଡ଼ାରେ ବିକାଶ କିନ୍ତୁ ଏବେ ଆକ୍ତାମାକ୍ତା । ଜିଲ୍ଲା ଖଣିଜ ପାଣ୍ଠି ନେଇ ସରକାର ରଙ୍ଗିନ ସ୍ୱପ୍ନ ଦେଖାଉଛନ୍ତି । ଚିକ୍ ମିକ୍ ଦୁନିଆର ଆଇନା ଧରାଉଛନ୍ତି । କିନ୍ତୁ ସରକାରଙ୍କ ଫାଇଲ ଓ ବାସ୍ତବତା ମଧ୍ୟରେ ଦୂରତା ଯୋଜନ ଯୋଜନ । ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲ୍ଲାର କୋଇଡ଼ା ଖଣି ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ସହ ନଗଡ଼ାରୁ ଆହୁରି ଭୟଙ୍କର ଦୃଶ୍ୟ ସାମ୍ନାକୁ ଆସୁଛି । ଏଠି ଜୀବନ ଜିଇଁବାକୁ ପ୍ରତି ମୁହୂର୍ତ୍ତରେ ସଂଘର୍ଷ କରୁଛନ୍ତି ଏଠାକାର ଅଧିବାସୀ । ଲାଗୁଛି ଯେମିତି ଏମାନଙ୍କୁ ପର କରିଦେଇଛି ପ୍ରଶାସନ, ପର କରିଦେଇଛି ସରକାର ।

# ମିନାବଜାର ଖୋଲିଲା ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ର



**ଯାଜପୁର ରୋଡ଼, ୧୬।୧୨(ସଂଚାର ବ୍ୟୁରୋ):** କୋରେଇର ମିନା ବଜାରରେ ଠାରେ ଆଜି ଖୋଲିଲା ପ୍ରଧାନମନ୍ତ୍ରୀ ଜନ ଔଷଧି କେନ୍ଦ୍ର। ତେବେ ମାନ୍ୟବର ପ୍ରାଧସନମନ୍ତ୍ରୀ ସଦାସର୍ବଦା ଗରିବ କଲ୍ୟାଣକାରି ଯୋଜନା ଉପରେ ଦୃଷ୍ଟି ଦେଉଛନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ଔଷଧି ନିର୍ମାଣ ଓ ପ୍ରଦାନ ଉପରେ ଗୁରୁତ୍ୱ ରୋପ କରି ସାରା ଦେଶରେ ଭାରତୀୟ ଜନ ଔଷଧୀ କେନ୍ଦ୍ର ମାଧମରେ ସ୍ୱଳ୍ପମୂଲ୍ୟରେ ଔଷଧ ଯୋଗାଇ ଦିଆଯାଉଛି। ଏହି ଅବସରରେ କୋରେଇର ମିନାବଜାର ଠାରେ ଆଜି ଏହାର ଏକ ଶାଖା ଖୋଲାଯାଇଥିବା ଦେଖିବାକୁ ମିଳିଛି। ଏହି କେନ୍ଦ୍ରର ପରିଚାଳକ ଏସ.କେ ସାଲାଉଦ୍ଦିନ ଓ ତାଙ୍କ ପରିବାର ଉପସ୍ଥିତ ରହିଥିବା ବେଳେ ଅତିଥି ଭାବେ ସାଦକପୁର ସରପଞ୍ଚ ରବୀନ୍ଦ୍ର ବେହେରା ଯୋଗ ଦେଇ ଅନୁଷ୍ଠାନିକ ଭାବେ ଫିତାକାଟି ଏହି ଷ୍ଟୋରଟିକୁ ଉଦଘାଟନ କରିଥିଲେ। ଏଥି ସହିତ ଏହି ଔଷଧ ଦୋକାନ ଖୋଲିବା ଦ୍ୱାରା କୋରେଇ ବାସି ମାନେ ସ୍ୱାସ୍ଥ୍ୟ କ୍ଷେତ୍ରରେ ବହୁତ ଉପକାର ପାଇବେ ବୋଲି ଆଶା ରଖିଥିବା କହିଥିଲେ। ଏହି ଶୁଭ ଉଦଘାଟନୀ ଉତ୍ସବରେ ନାୟବ ସରପଞ୍ଚଙ୍କ ପ୍ରତିନିଧି ଏସ.କେ. ଉସମାନ, ଏସ.କେ ଯଶିମୁଦ୍ଦିନ, ଏସ.କେ. ଅଫାନ ଅଲ୍ଲୀ, ଏସ.କେ ରିଯାଉଦ୍ଦିନ, ଯତୀନ ଦାସ, ସଦାନନ୍ଦ ଦାସ, ସୁରେନ୍ଦ୍ର ବେହେରା, ଶରତ ପାଢ଼ୀ ଓ ସମିତି ସଭ୍ୟ ଉଦୟ ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରୋପାଇଟରଙ୍କୁ ଧନ୍ୟବାଦ ଦେବା ସହ ଷ୍ଟୋରର ଉର୍ତ୍ତରତୋର କାମନା କରିଥିଲେ।

# ଘରକୁ ରାସ୍ତାଦେବାକୁ ଦାବିକରି ବ୍ୟାସନଗର ତହସିଲ ସମ୍ମୁଖରେ ଧାରଣା




**ଯାଜପୁର ରୋଡ଼, ୧୬।୧୨(ସଂଚାର ବ୍ୟୁରୋ):** ଅତ୍ୟନ୍ତ ଦୁଃଖଦ ଓ ଅମାନବୀୟ ବିଷୟ ଯାଜପୁର ରୋଡ ଏନ.ସି ହାଇସ୍କୁଲର ଜାଗାକୁ ଜବରଦଖଲରୁ ମୁକ୍ତ କରିବାକୁ ଯାଇ ବ୍ୟାସନଗର ତହସିଲ ଓ ଜିଲ୍ଲା ପ୍ରଶାସନ ଲୋକଙ୍କୁ ଥଇଥାନ ନକରି ସେମାନଙ୍କ ଘର ଭାଙ୍ଗି ଦେଇଛନ୍ତି ନେଇ କଥା ଆଲୋଚନା ଚାଲିଛି। ଶୀତ କାକରରେ ଛୁଆ ପିଲା ଧରି ପାଖାପାଖି ୪୦/୫୦ଟି ପରିବାର ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଉଦବେଗର ବିଷୟ ଏହିକି ୪/୫ଟି ପରିବାର ତାଙ୍କ ରେକର୍ଡ ଜାଗାରେ ଘରକରି ପ୍ରାୟ ୫୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେଠାରେ ବସବାସ କରୁଥିଲେ। କିନ୍ତୁ ବର୍ତ୍ତମାନ ତାଙ୍କ ଘର ଦୁଆର ମୁହଁରେ ପ୍ରାଚେରୀ ନିର୍ମାଣ ଚାଲିଛି। ଏବେ ସେମାନେ ଘରୁ ବାହାରି ପାରୁନାହାଁନ୍ତି।

# ପର୍ଯ୍ୟଟନ ସ୍ଥଳରେ ପଡୁଛି ପ୍ଲାଷ୍ଟିକ



**ନୂଆପଡ଼ା,୧୬।୧୨(ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲାର ପର୍ଯ୍ୟଟନ ସ୍ଥଳୀ ପତୋରା ଡ୍ୟାମ୍‌ଠାରେ ସ୍ଥାନୀୟ ଯୁବ ସଂଗଠନ ଯୁବା କି ଦହାଡ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଓ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଠାକୁ ପ୍ରତିଦିନ ନୂଆପଡ଼ା ସମେତ ଅନ୍ୟ ଜିଲା ତଥା ରାଜ୍ୟ ବାହାରୁ ପିକ୍‌ନିକ୍ ପାଇଁ ଆସୁଥିବା ପର୍ଯ୍ୟଟକମାନେ ପ୍ଲାଷ୍ଟିକ ଓ ଅଳିଆ ଆବର୍ଜନା ପକାଉଥିବାରୁ ପରିବେଶ ଦୂଷିତ ହେଉଛି। ଏହାକୁ ଦୃଷ୍ଟିରେ ରଖି ଯୁବା କି ଦିହାଡ ପକ୍ଷରୁ ସଫେଇ ଅଭିଯାନ କରାଯାଉଛି। ସଙ୍ଗଠନର କର୍ମକର୍ତ୍ତାଙ୍କ ଏଭଳି କାର୍ଯ୍ୟ ଦେଖି ଦେଖି ସେଠାକୁ ବୁଲିବାକୁ ଆସିଥିବା ଏକ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷକ ସ୍ୱତଃପ୍ରବୃତ୍ତ ଭାବେ ସଫେଇରେ ସାମିଲ ହୋଇଥିଲେ। ଏହି ସମୟରେ ଶିକ୍ଷକଙ୍କୁ ସମ୍ମାନ ଜଣାଇ ସଂଗଠନ ପକ୍ଷରୁ ଉପହାର ସ୍ୱରୂପ ବିଭିନ୍ନ ଗଛ ଚାରା ପ୍ରଦାନ କରାଯାଇଥିଲା। ଏହି ପର୍ଯ୍ୟଟନ ସ୍ଥଳୀରେ ଜିଲା ପର୍ଯ୍ୟଟନ ବିଭାଗ କିମ୍ବା ଜିଲା ପ୍ରଶାସନ ପକ୍ଷରୁ କୌଣସି ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ନାହିଁ।

# ସାଂସଦ ଖେଳ ମହୋତ୍ସବ

**ବାଲିଆପାଳ,୧୬।୧୨ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ସାଂସଦ ଖେଳ ମହୋତ୍ସବ ଉଦଘାଟିତ ହୋଇଯାଇଛି। ଯୁବ ସାମାଜିକ କର୍ମୀ ଦିଲ୍ଲୀପ କୁମାର ପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ମହୋତ୍ସବରେ ଉଦଘାଟକ ଭାବେ ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାସ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରି ଖେଳର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ଭାବେ ବସ୍ତା ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେପି ନେତା ରବିନ୍ଦ୍ର ନାଥ ଅଣ୍ଡିଆ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମାଜିକ କର୍ମୀ ଅଜୟ ସାହୁ, ଅରବିନ୍ଦ ବେହେରା ଅଦ୍ୱୈତ ବାଗ, ଅନନ୍ତ ବିଶ୍ୱାଳ, ଚିନ୍ମୟ ପାଳ, କ୍ଷିତିଶ ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ମହୋତ୍ସବ ତିନି ଦିନ ବ୍ୟାପୀ ଚାଲୁରହିବ। ବିଭିନ୍ନ ବିଭାଗରେ ପାଞ୍ଚଶହ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ଦୌଡ, ସର୍ଟ୍ ଫୁଟ, ହାଇଜମ୍ପ, ଲଙ୍ଗ୍ ଜମ୍ପ, ଡିସକସ୍ ଥ୍ରୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ରାଜ୍ୟ କ୍ରୀଡ଼ା ପ୍ରତିଯୋଗିତାରେ ୬ ଛାତ୍ରଛାତ୍ରୀ ଆଣିଲେ ୧୧ ମାନପତ୍ର



**ବାଲିଆପାଳ,୧୬।୧୨ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା ଦୁଇ ଦିନିଆ ରାଜ୍ୟ ସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ନୂଆଗାଁ ସ୍ଥିତ ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିରରୁ ବିଭିନ୍ନ ବିଭାଗରେ ଅଂଶ ଗ୍ରହଣ କରିଥିବା ଛଅ ଜଣ ଛାତ୍ରଛାତ୍ରୀ ଏଗାର ଟି ବିଭାଗରେ କୃତିତ୍ୱ ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏନେଇ ମଙ୍ଗଳବାର ପୂର୍ବାହ୍ନରେ ଶିଶୁ ମନ୍ଦିର ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସ୍ଥାୟୀ ସଭାପତି ପ୍ରମଥ କୁମାର ଜେନାଙ୍କ ଅଧକ୍ଷତାରେ ଅତିଥି ଭାବେ ସମ୍ପାଦକ ରଞ୍ଜନ କୁମାର ବେହେରା, ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ, ଗୁରୁଜୀ ଧରଣୀଧର ନାୟକ, ଗୁରୁମା ଶାନ୍ତି ଲତା ଜେନା ପ୍ରମୁଖ ଯୋଗଦେଇ ଥିଲେ। ଖେଳ ଶିକ୍ଷକ ଅଦ୍ୱୈତ ପାଢ଼ୀ ଉପସ୍ଥିତ ରହି ସମସ୍ତ ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରି ଉତ୍ସାହିତ କରିଥିଲେ। ବାଳକ ବିଭାଗର ସଂଜିବ ବିଶ୍ୱାଳ ୧୦୦ ମିଟର ଦୌଡରେ ପ୍ରଥମ, ବାଳିକା ବିଭାଗର ଦୀପାଳୀ ମଣ୍ଡଳ ଉଚ୍ଚ ଡିଆଁରେ ପ୍ରଥମ, ରାଜଶ୍ରୀ ମୈକାପ ୪୦୦ ମିଟର ଦୌଡରେ ପ୍ରଥମ, ପ୍ରାଣକୃଷ୍ଣ ମଣ୍ଡଳ ୧୦୦ ମିଟର ଦୌଡରେ ତୃତୀୟ, ପ୍ରଶାନ୍ତ ମଣ୍ଡଳ ୪୦୦ ମିଟର ଦୌଡରେ ତୃତୀୟ, ପପିସ୍ମିତା ବାରିକ ଡିସକସରେ ଦ୍ୱିତୀୟ ଓ ସଟଫୁଟରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

# ନୟାଗଡ଼ ଷ୍ଟାଡିୟମ୍ ସମ୍ମୁଖରେ ଦୁର୍ଘଟଣା:୧ ମୃତ, ୧ ଗୁରୁତର

**ନୟାଗଡ଼,୧୬।୧୨ (ସଂଚାର ବ୍ୟୁରୋ):** ଦ୍ରୁତ ଗତି ମହାବିପତି। ଶୀତୁଆ ରାତିରେ ଦ୍ରୁତ ଗତିରେ ଯାନବାହାନ ଚଳାଇବା ଯୋଗୁଁ ନୟାଗଡ଼ ଷ୍ଟାଡିୟମ୍ ସମ୍ମୁଖରେ ଏକ ଦୁର୍ଘଟଣା ଘଟିଛି। ସ୍କୁଟି ଓ ବାଇକ୍ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ମୃତ ବ୍ୟକ୍ତି ଜଣଙ୍କ ହେଲେ ସୁରେନ୍ଦ୍ର ପ୍ରଧାନ(୫୩)। ସୂଚନାନୁସାରେ, ନୟାଗଡ଼ ଟାଉନ୍ ଥାନା ଅନ୍ତର୍ଗତ ନବଘନପୁର ପଞ୍ଚାୟତ ଅନ୍ତର୍ଗତ ଗୋପୀନାଥପୁର ଗାଁର ସୁରେନ୍ଦ୍ର ପ୍ରଧାନ ନୟାଗଡ଼ ବଜାରକୁ ରାତି ୮ଟା ସମୟରେ ଯାଉଥିବା ବେଳେ ବିପରୀତ ଦିଗରୁ ଏକ ସ୍କୁଟି ଦ୍ରୁତ ଗତିରେ ଆସି ନୟାଗଡ଼ ଷ୍ଟାଡିୟମ୍ ସମ୍ମୁଖରେ ଧକ୍କା ଦେଇଥିଲା। ଯାହାଫଳରେ ସମସ୍ତେ ଛିଟିକ ପଡ଼ିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ମୁଖ୍ୟ ଚିକିତ୍ସାଳୟରେ ସୁରେନ୍ଦ୍ର ପ୍ରଧାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ତେବେ ଖବର ପାଇ ନୟାଗଡ଼ ପୋଲିସ ମୃତ ଶରୀର ଜବତ କରିବା ସହ ଶବ ବ୍ୟବଚ୍ଛେଦ କରି ଆଜି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

# କାର-ବାଇକ ମୁହାଁମୁହିଁ, ୨ ଗୁରୁତର



**ଧାମନଗର,୧୬।୧୨ (ସଂଚାର ବ୍ୟୁରୋ):** ଧାମନଗର ଥାନା ଅଧିନ ଧାମନଗର ଠାରୁ ଧାମନଗର ଛକ ଯାଉଥିବା ରାଜ୍ୟ ରାଜ ପଥର ମହୁରା ଛକ ଠାରୁ ନିକଟସ୍ଥ ଆଜି ଅପରାହ୍ନ ୩ଟା ସମୟରେ ଘଟିଛି ଏକ ମର୍ମନ୍ତୁଦ ଦୁର୍ଘଟଣା। ଧୁଷୁରୀ ଥାନା ଅଧିନ ବାହରବିଲି ଗୁଲନଗର ଶାସନ ଗ୍ରାମର ଶେଷଦେବ ମିଶ୍ର ଓଡି୦୨ଡି୪୭୩୦ଏକ ମାରୁତି ସୁଜୁକି କାରରେ ନିଜ ସ୍ତ୍ରୀ ସହିତ ଭୁବନେଶ୍ୱର ଯାଉଥିବା ସମୟରେ ଧାମନଗର ଛକ ପୂର୍ବରୁ ମହୁରା ଛକ ନିକଟରେ ଏକ ଟାଟାଏସି ଗାଡି ବାମ ପଟରେ ରାସ୍ତା ଉପରେ ଛିଡା ହୋଇ ଥିବାରୁ ଶେଷଦେବ ମିଶ୍ର ଗାଡିଟିକୁ ସାମାନ୍ୟ ଡାହାଣକୁ କାଟି ଯିବାକୁ ଚେଷ୍ଟା କରୁଥିବା ସମୟରେ ହଠାତ ଆଗ ପଟରୁ ଅର୍ଥାତ ଧାମନଗର ଛକ ପଟରୁ ଧାମନଗର ଥାନା ଅଧିନ ପଳିକିରି ଗ୍ରାମର ପବିତ୍ର ଯେନା ଓଆର୦୫ଏୟୁ୬୮୬୪ଏକ ହିରୋହୁଣ୍ଡା ମୋଟର ସାଇକେଲରେ ନିଜ ସ୍ତ୍ରୀ ସହିତ ଆସୁଥିବା ସମୟରେ ଭରସମ୍ୟ ହରାଇ କାର ଆଗକୁ ଧକ୍କା ଦେବା ଫଳରେ ମୋଟର ସାଇକେଲ ଆରୋହୀ ରବିନ୍ଦ୍ର ଯେନା ଓ ତାଙ୍କ ସ୍ତ୍ରୀ ଉଭୟ ଗୁରୁତର ଭାବରେ ଆଘାତ ହୋଇଥିବାରୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଉଭୟଙ୍କୁ ଆମ୍ବୁଲାନ୍ସ ମାଧ୍ୟମରେ ଭଦ୍ରକ ମେଡିକାଲକୁ ପଠାଇଛନ୍ତି। ଦୁର୍ଘଟଣା ଅତି ଗୁରୁତର ଥିବାରୁ ଉଭୟ ଗାଡିର ସମ୍ମୁଖ ଭାଗ ସଂପୂର୍ଣ୍ଣ ଭାଙ୍ଗି ରୁଜି ନଷ୍ଟ ହୋଇଯାଇଛି।ଉକ୍ତ ଦୁର୍ଘଟଣା ବିଷୟରେ ଖବର ପାଇ ଧାମନଗର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଜାରୀ ରଖିଛି। ତେବେ ଖବର ଲେଖିବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ କିମ୍ବା କୌଣସି ମାମଲା ରୁଜୁ ହୋଇ ନଥିବା ସୂଚନା ମିଳିଛି।

# ଓଡ଼ିଶା-ହିମାଚଳ ପ୍ରଦେଶ କୁଚ ବେହାର ଟ୍ରଫି କ୍ରିକେଟ ଉଦଘାଟିତ

**ବଲାଙ୍ଗୀର,୧୬।୧୨ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମ ଠାରେ ମଙ୍ଗଳବାର ଓଡିଶା-ହିମାଚଳ ପ୍ରଦେଶ କୁଚ ବେହାର ଟ୍ରଫି କ୍ରିକେଟ ମ୍ୟାଚ ଉଦଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ ଓ ସମ୍ମାନିତ ଅତିଥି ଭାବେ ଓସିସି ଟିମ ମ୍ୟାନେଜର ତଥା କୁଚ ବେହାର ଟ୍ରଫି କ୍ରିକେଟ ମନୋନୟନ କମିଟି ସଦସ୍ୟ ସରୋଜ କୁମାର ସାହୁ ଯୋଗଦାନ କରିଥିଲେ। ଅତିଥି ମାନେ ଉଭୟ ଦଳର ଖେଳାଳିମାନଙ୍କ ସହ କରମର୍ଦ୍ଦନ କରି ଶୁଭେଚ୍ଛା ଜଣାଇଥିଲେ। ଉଦ୍‌ଘାଟନୀ ଉତ୍ସବକୁ ଜିଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ଼ ଶ୍ରୀକର ମିଶ୍ର ପରିଚାଳନା କରିଥିଲେ।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି: କମୁଛି ଅଭିଯୋଗ ପତ୍ର ସଂଖ୍ୟା



**ରାଇକିଆ,୧୬।୧୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ରାଇକିଆ ବ୍ଲକ କାର୍ଯ୍ୟାଳୟର ସଭାଗୃହରେ ଜିଲାପାଳ ବେଦ ଭୂଷଣଙ୍କ ଦ୍ୱାରା ଜନସାଧାରଣଙ୍କ ଦାରା ଅଭିଯୋଗ ଗୁଡ଼ିକର ଶୁଣାଣି ଅନୁଷ୍ଠିତ ହୋଇଯାଇଅଛି। ବ୍ଲକର ବିଭିନ୍ନ ପଞ୍ଚାୟତ ରୁ ଜନ ସାଧାରଣଙ୍କ ପକ୍ଷରୁ ମାତ୍ର ୨୬ ଗୋଟି ବ୍ୟକ୍ତିଗତ, ୩ ଗୋଟି ସାମୁହିକ ଏହିପରି ମାତ୍ର ମୋଟ ୨୯ ଗୋଟି ଅଭିଯୋଗ ଗୁଡ଼ିକର ଶୁଣାଣି ହୋଇଥିଲା। ପାଖାପାଖି ତିନିମାସରେ ଥରେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ହେଉଥିବାବେଳେ ଜିଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ସମସ୍ୟାର ସମାଧାନ କରିଥାନ୍ତି । ଗତ କେତୋଟି କାର୍ଯ୍ୟକ୍ରମକୁ ନଜର ଦେଲେ ପୂର୍ବ ବର୍ଷ ମାନଙ୍କ ତୁଳନାରେ ଅଭିଯୋଗ ପତ୍ର ସଂଖ୍ୟା କମିବାରେ ଲାଗିଛି। ଗତ ସେପ୍ଟେମ୍ବର ମାସରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୨୬ ଗୋଟି ସାମୁହିକ ଏବଂ ୧୯ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିଲା । ମାର୍ଚ୍ଚ ମାସରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୭ ଗୋଟି ସାମୁହିକ ଏବଂ ୧୯ଟି ବ୍ୟକ୍ତିଗତ ଅଭିଯୋଗ ଶୁଣାଣୀ ହୋଇଥିଲା।

# ବରିଷ୍ଠ ନାଗରିକର ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ

**ସୁବର୍ଣ୍ଣପୁର,୧୬।୧୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସ୍ଥିତ ବରିଷ୍ଠ ନାଗରିକ ସଂଗଠନର ବାର୍ଷିକୋତ୍ସବ ପାଳନ ସକାଶେ ସୋମବାର କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଅନୁଷ୍ଠାନ ର ସଭାପତି ଡକ୍ଟର ପ୍ରଫୁଲ୍ଲ କୁମାର ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବାର୍ଷିକ ଉତ୍ସବ ପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି। ସ୍ମରଣିକା କମିଟିରେ ସଭାପତିଙ୍କ ସହିତ ଦ୍ୱିତୀକୃଷ୍ଣ ପଣ୍ଡା, ଭୂଷଣ କୁମାର ପାତ୍ର, କୃଷ୍ଣଚନ୍ଦ୍ର ପାଢ଼ୀ, ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ, ଜ୍ଞାନେନ୍ଦ୍ର ତ୍ରିପାଠୀ ରହିଥିବାବେଳେ ଅର୍ଥ କମିଟିରେ ଶ୍ୟାମସୁନ୍ଦର ସେଠୀ, ବାସୁଦେବ ପଣ୍ଡା, ତ୍ରିନାଥ ମିଶ୍ର, ସତ୍ୟ ନାରାୟଣ ନାୟକ, ସୂର୍ଯ୍ୟ ପାଣିଗ୍ରାହୀ ପ୍ରମୁଖ ଙ୍କୁ ମନୋନୀତ କରାଯାଇଛି।ଅତିଥି ଯୋଗାଯୋଗ ପାଇଁ ଡକ୍ଟର ରଥ, ଭୂଷଣ ପାତ୍ର, କୃଷ୍ଣଚନ୍ଦ୍ର ପାଢ଼ୀ, ଦିଲ୍ଲିପ ତ୍ରିପାଠୀ, ଦୟାନିଧି ହୋତା ପ୍ରମୁଖ ରହିଛନ୍ତି।

# ନିର୍ବାଚନ ସଂସ୍କାର ସମ୍ବନ୍ଧୀୟ ଆଲୋଚନା ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ

**ସୁବର୍ଣ୍ଣପୁର,୧୬।୧୨ (ସଂଚାର ବ୍ୟୁରୋ):** ଭାରତୀୟ ଜନତା ପାର୍ଟି ସୁବର୍ଣ୍ଣପୁର ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟ ଠାରେ ଏକ ନିର୍ବାଚନ ସଂସ୍କାର(ଝଓଜ)ସମ୍ବନ୍ଧୀୟ ଆଲୋଚନା ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଭାପତି ବେଣୁଧର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସଭାପତି ତଥା ବରିଷ୍ଠ ନେତା ପ୍ରମୋଦ କୁମାର ମହାପାତ୍ର, କାର୍ଯ୍ୟକାରିଣୀ ସଦସ୍ୟା ତଥା ପୂର୍ବତନ ଜିଲ୍ଲପରିଷଦ ଅଧକ୍ଷ ଉଷା କୁମାରି, ବରିଷ୍ଠ ନେତା ଶରତ କୁମାର ଶତପଥୀ, ବରିଷ୍ଠ ନେତା ରାଧାକାନ୍ତ ମହାକୁର, ପୂର୍ବତନ ବିଧାୟକ ପ୍ରାର୍ଥୀ ଅଶୋକ ପୂଜାରୀ ପ୍ରମୁଖ ମଞ୍ଚାସିନ ଥିଲେ। ନିର୍ବାଚନ ସଂସ୍କାର ବା ସାର୍ ନିର୍ବାଚନ ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା। ଏହା ନୂଆଁ ନୁହଁ। ଏହା ନିର୍ବାଚନ ପୂର୍ବରୁ ଏକ ନିରନ୍ତର ପ୍ରକ୍ରିୟା ବୋଲି ଆଲୋଚନାରେ ମତ ପ୍ରକାଶ ପାଇଥିଲା। ପରେ ଏକ ପ୍ରଶ୍ନୋତ୍ତର ମାଧ୍ୟମରେ ଶ୍ରୋତା ଏବଂ ଆଲୋଚକ ମାନଙ୍କ ମଧ୍ୟରେ ମତ ବିନିମୟ ହୋଇଥିଲା।

# ଏଟିଏମରୁ ପାଇଥିବା ଟଙ୍କା ପୁଲିସକୁ ହସ୍ତାନ୍ତର



**ଧାମନଗର,୧୬।୧୨ (ସଂଚାର ବ୍ୟୁରୋ):** ଏଟିଏମରୁ ପାଇଥିବା ଟଙ୍କା ପୋଲିସକୁ ହସ୍ତାନ୍ତର କରି ସଚ୍ଚୋଟତା ଓ ମାନବିକତାର ଉଦାହରଣ ସୃଷ୍ଟି କରିଛନ୍ତି ଧାମନଗରର ଜଣେ ଯୁବକ। ଧାମନଗର ଥାନା ସାମ୍ନାରେ ଥିବା ଏସ.ବି.ଆଇ ଏଟିଏମ ରେ କେହି ଜଣେ ଅଜଣା ବ୍ୟକ୍ତି ପ୍ରାୟ ୩ ହଜାର ଟଙ୍କା ଛାଡ଼ି ଚାଲିଯାଇଥିଲେ। ଏଟିଏମ ରେ ଟଙ୍କା ପଡ଼ିଥିବା ଦେଖି ଯୁବକ ଜଣକ ସେଗୁଡ଼ିକୁ ନେଇ ସଙ୍ଗେ ସଙ୍ଗେ ଧାମନଗର ପୋଲିସ ଥାନାରେ ପହଞ୍ଚି ପୋଲିସ ପାଖରେ ଜମା କରିଥିଲେ। ଏହି ସଚ୍ଚୋଟ କାର୍ଯ୍ୟ ପାଇଁ ଧାମନଗର ଥାନା ଅଧିକାରୀ ରଞ୍ଜନ କୁମାର ସେଠୀ ଓ ଏଏସଆଇ ସୁଜିତ୍ ରାଉତ ଯୁବକଙ୍କୁ ଧନ୍ୟବାଦ ଜଣାଇଥିଲେ। ପୋଲିସ ସୂଚନା ଅନୁସାରେ ଟଙ୍କାର ମାଲିକଙ୍କ ସଠିକ ପରିଚୟ ମିଳିଲା ପରେ ସେହି ଟଙ୍କା ତାଙ୍କୁ ହସ୍ତାନ୍ତର ଦିଆଯିବ ବୋଲି ଆଇଆଇସି ଶ୍ରୀ ସେଠୀ ସୂଚନା ଦେଇଛନ୍ତି। ଟଙ୍କା ପାଇ ଥାନାରେ ଜମା କରିଥିବା ସଚ୍ଚୋଟ ଯୁବକ ଜଣଙ୍କ ହେଲେ ଧାମନଗର ଥାନା ଅଧୀନ ଦଳାଙ୍ଗ ପଞ୍ଚାୟତର ଜାହାଙ୍ଗୀର ଗ୍ରାମର ଶ୍ରୀନିବାସ ରାଉତ ସେ ମୁମ୍ବାଇରେ ରହି କାମ କରିଛନ୍ତି। କିଛି ଦିନ ତଳେ ଗାଁ ଆସିଛନ୍ତି ଆଜି ଟଙ୍କା ଉଠାଇବା ପାଇଁ ଧାମନଗର ଆସି ଥାନା ସମ୍ମୁଖରେ ଥିବା ଏସବିଆଇ ଏଟିଏମକୁ ଆସିଥିଲେ।